# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୨୮/୨୦୨୨ (୧୬ ପୃଷ୍ଠା) | Sambalpur, Wednesday, December 28/2022 | Page 16 | ₹ 7.00 | ★★

୧୯ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 19 ISSUE 13 | ମୂଲ୍ୟ ₹୭/-




**ୟୁରୋପରେ ସ୍ୱାମୀଙ୍କ ସହ ହଂସିକା**

ତେଲୁଗୁ ଅଭିନେତ୍ରୀ ହଂସିକା ମୋଟୱାନି ସ୍ୱାମୀ ସୋହେଲ କାଥୁରିଆଙ୍କ ସହ ୟୁରୋପରେ ତାଙ୍କ ହନିମୁନ କଟାଉଛନ୍ତି।

୧୦

୧୩

**ନିଶାନ୍ତଙ୍କ ଅପରାଜିତ ଶତକ**

ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ହରିୟାଣାର ନିଶାନ୍ତ ସିନ୍ଧୁ ଅପରାଜିତ ଶତକ ହାସଲ କରିଛନ୍ତି।






ହକି ବିଶ୍ୱକପ ଖେଳିବା ପାଇଁ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବାପରେ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍ । (ରିପୋର୍ଟ : ଖେଳପୃଷ୍ଠା)

## ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକକୁ ଉଡ଼ିବ ବିମାନ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକକୁ ସିଧାସଳଖ ବିମାନ ଉଡ଼ିବ। ସପ୍ତାହକୁ ୩ ଥର ୧୮୬ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ। ଇଣ୍ଡିଗୋ ଏହି ରୁଟରେ ବିମାନ ଚଳାଇବ। ତେବେ ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ଏହାକୁ ଅନୁମୋଦନ କରାଯାଇଛି। ଦୁବାଇ ଗସ୍ତରେ ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାସୀ ଓଡ଼ିଆ ସମ୍ମିଳନୀରେ ଭୁବନେଶ୍ୱରରୁ ୩ଟି ଅନ୍ତର୍ଜାତୀୟ ସହରକୁ ବିମାନ ଚଳାଚଳ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେବ ଆନ୍ତର୍ଜାତିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପର୍ଯ୍ୟଟନ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବିଶେଷକରି ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଉପରେ ବିରାମ ଲାଗି ଯାଇଥିଲା। ପର୍ଯ୍ୟଟନ, ଶିଳ୍ପର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସିଧାସଳଖ ବିମାନ ଚଳାଚଳ ହେଲେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

**ଆଜିର ସମ୍ପାଦକୀୟ** | ଉଲଗ୍ନ ଲୋଭ

# ଓଡ଼ିଶାରେ ପୁଟିନ୍ ବିରୋଧୀଙ୍କ ମୃତ୍ୟୁ

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ



ପାଭେଲ ଆଣ୍ଟୋଭ



ଭ୍ଲାଡିମ୍‌ର ବିଦାନୋଭ

**ରାୟଗଡ଼ା(ସ୍ୱ.ପ୍ର.)/କଟକ ଅଫିସ୍,୨୭।୧୨**

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାକୁ ବୁଲିବାକୁ ଆସିଥିବା ୨ ରୁଷୀୟ ପର୍ଯ୍ୟଟକଙ୍କ ୨ଦିନ ମଧ୍ୟରେ ମୃତ୍ୟୁ ଘଟିବା ଘଟଣା ଏବେ ସନ୍ଦେହ ଘେରକୁ ଆସିଛି। ମୃତକଙ୍କ ମଧ୍ୟରେ ଜଣେ ହେଉଛନ୍ତି ପାଭେଲ ଆଣ୍ଟୋଭ। ସେ ରୁଷିଆର ସାଂସଦ ତଥା ବିଶିଷ୍ଟ ଧନୀ ବ୍ୟବସାୟୀ, ଯିଏକି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଆକ୍ରମଣକୁ ଦୃଢ଼ ସମାଲୋଚନା କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ମୃତ୍ୟୁକୁ ନେଇ ନାନା ଆଲୋଚନା ଜୋର ଧରିଛି। ବିଶେଷକରି ପୁଟିନ ତାଙ୍କ ସମାଲୋଚକଙ୍କୁ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ୟୁକ୍ରେନ୍-ରୁଷିଆ ଯୁଦ୍ଧ ପରଠାରୁ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି, ଯେଉଁମାନେ କି ଯୁଦ୍ଧକୁ ବିରୋଧ କରିଥିଲେ। ଏଭଳି ସ୍ଥିତିରେ ସନ୍ଦେହ ବଢ଼ୁଥିବାରୁ ପାଭେଲ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମ୍‌ର ବିଦାନୋଭଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାର ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ। ଦୁଇ ବିଦେଶୀ ପର୍ଯ୍ୟଟକଙ୍କ ଅପମୃତ୍ୟୁକୁ ନେଇ ରାୟଗଡ଼ା ଥାନାରେ ରୁଜୁ ହୋଇଥିବା ୨ ପୃଥକ୍ ମାମଲା ନଂ.୩୪/୨୦୨୨ ଓ ୩୫/୨୦୨୨ର ତଦନ୍ତ ଭାର ରାଜ୍ୟ କ୍ରାଇମବ୍ରାଞ୍ଚ ହାତକୁ ନେବାକୁ କୁହାଯାଇଥିବା ସମ୍ପର୍କରେ ବଂଶଲ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଏହାପୂର୍ବରୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ମଙ୍ଗଳବାର ରାୟଗଡ଼ା ଆସି ଘଟଣାର ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଲାଣି।

ସୂଚନା ଅନୁସାରେ ପାଭେଲ ଆଣ୍ଟୋଭ, ଭ୍ଲାଡିମିର ବିଦାନୋଭ୍, ତୁରଭ ମିଖାଇଲ ଏବଂ ତାଙ୍କ ସ୍ତ୍ରୀ ପାନାସାଙ୍କୋ ମିତାଲିଆ ଗତ ୧୯ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କ ସହ ଗାଇଡ୍ ଜିତେନ୍ଦ୍ର ସିଂ ମଧ୍ୟ ଆସିଥିଲେ। ସେମାନେ ପ୍ରଥମେ ଦାରିଙ୍ଗବାଡ଼ି ବୁଲିବାକୁ ଯାଇଥିଲେ। ପରେ ୨୧ତାରିଖରେ ରାୟଗଡ଼ାରେ ପହଞ୍ଚି ହୋଟେଲ ସାଇ ଇଣ୍ଟରନ୍ୟାଶନାଲରେ ରହିଥିଲେ। ପାଭେଲ ଏବଂ ବିଦାନୋଭ ରୁମ୍ ନଂ. ୨୦୩ରେ ରହିଥିବାବେଳେ ଅନ୍ୟମାନେ ଆଉ ୨ଟି କୋଠରିରେ ରହିଥିଲେ। ୨୧ତାରିଖ ବିଳମ୍ବିତ ରାତିରେ ପାଭେଲଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ପରଦିନ ସକାଳେ ଅର୍ଥାତ୍ ୨୨ତାରିଖ ସକାଳେ ବିଦାନୋଭ ଅଚେତ ଅବସ୍ଥାରେ ପଡ଼ିଥିବା ନେଇ ଗାଇଡ୍ ଜିତେନ୍ଦ୍ର ହୋଟେଲ କର୍ମଚାରୀଙ୍କୁ ଜଣାଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ୨୩ତାରିଖରେ ରାୟଗଡ଼ା ନିକଟସ୍ଥ ସିରିକିଣାଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଘଟଣାର ଦିନକ ପରେ ଅର୍ଥାତ ୨୪ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପାଭେଲଙ୍କ ମୃତ୍ୟୁ ହୋଇଥିଲା। ହୋଟେଲ ଛାତରୁ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତବେଳେ ଜଣାପଡ଼ିଥିଲେ ହେଁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ପାଭେଲ ରୁଷିଆର ୟୁନାଇଟେଡ୍ ରୁଷିଆ ଦଳର ଜଣେ ବରିଷ୍ଠ ନେତା, ☞ ପୃଷ୍ଠା-୪

## ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ନବୀନ

**ହକି ବିଶ୍ୱକପ୍**

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରସୋର ଚାଲିଛି। ଦ୍ୱିତୀୟ ଥର ପାଇଁ ଓଡ଼ିଶା ଏହି ବିଶ୍ୱକପ୍ ଆୟୋଜନ କରୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରୁଛନ୍ତି। ଏହି କ୍ରମରେ ମଙ୍ଗଳବାର ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ନିମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଶିବରାଜ ସିଂ ଚୌହାନଙ୍କୁ ନିମନ୍ତ୍ରଣପତ୍ର ଦେଇଛନ୍ତି। ସେ ଭୋପାଳରେ ସ୍ୱତନ୍ତ୍ର ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିମନ୍ତ୍ରଣପତ୍ର ସହ ହକି ଜର୍ସି ଓ ରୁପାର ଅଶୋକ ଚକ୍ର ପ୍ରଦାନ କରିଛନ୍ତି। ନବୀନଙ୍କ ନିମନ୍ତ୍ରଣ ସାଦରରେ ଗ୍ରହଣ କରିବା ସହ ନିମନ୍ତ୍ରଣ ପାଇଁ ଶିବରାଜ ସିଂ ଚୌହାନ ଧନ୍ୟବାଦ ଜଣାଇଛନ୍ତି। ଯଥାସମ୍ଭବ ଓଡ଼ିଶା ଆସି ହକି ବିଶ୍ୱକପ୍‌ରେ ସାମିଲ ହେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।






# ଏମ୍ଏସ୍ଏମ୍ଇ ପଲିସି-୨୦୨୨କୁ ମଞ୍ଜୁରୀ

## କ୍ୟାବିନେଟରେ ୧୭ ପ୍ରସ୍ତାବ ଉପରେ ମୋହର

- ଉଦ୍ୟୋଗ ପାଇଁ ଭରପୂର ପ୍ରୋତ୍ସାହନ ବ୍ୟବସ୍ଥା
- ମହିଳା ଉଦ୍ୟୋଗୀ, ପଛୁଆ ଜିଲ୍ଲା ପାଇଁ ୫% ସ୍ୱତନ୍ତ୍ର ପ୍ରୋତ୍ସାହନ
- ଅନୁଦାନପ୍ରାପ୍ତ ସ୍କୁଲକୁ ୭ମ ବେତନ କମିଶନ
- ଏସ୍ଏଚ୍‌ଜି ପାଇଁ ୧୫୦୯ କୋଟିର ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନରେ ବସିଥିବା କ୍ୟାବିନେଟ ବୈଠକରେ ମୋଟ ୧୭ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ବିକାଶ ନୀତି-୨୦୨୨କୁ ଅନୁମୋଦନ କରିଛନ୍ତି। ଏହି ନୀତିରେ ଏମ୍ଏସ୍ଏମ୍ଇ ଉଦ୍ୟୋଗ ପାଇଁ ଭରପୂର ପ୍ରୋତ୍ସାହନ ରାଶି ବ୍ୟବସ୍ଥା କରାଯାଇଛି। ୨୦୧୬ ନୀତିରେ କେବଳ ଏମ୍ଏସ୍ଏମ୍ଇ ପାଇଁ ପୁଞ୍ଜିନିବେଶ ଅନୁଦାନ ବ୍ୟବସ୍ଥା ଥିଲା। ମାତ୍ର ନୂତନ ନୀତିରେ ନୂଆ ଓ ପୂର୍ବରୁ ଥିବା ଉଦ୍ୟୋଗ ପାଇଁ ପୁଞ୍ଜିନିବେଶ ଅନୁଦାନର ବ୍ୟବସ୍ଥା ରହିଛି। ଏହି ଅନୁଦାନ ରାଶିକୁ ଯନ୍ତ୍ରପାତି ଓ କଳକବ୍ଜା ସ୍ଥାପନ ପାଇଁ ହୋଇଥିବା ପୁଞ୍ଜି ବିନିଯୋଗର ଶତକଡ଼ା ୨୫ ପ୍ରତିଶତ ହାରରେ ସର୍ବାଧିକ ୨ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୧କୋଟି ପର୍ଯ୍ୟନ୍ତ ଥିଲା। ସେହିପରି ଅନୁସୂଚିତ ଜାତି, ଜନଜାତି, ଭିନ୍ନକ୍ଷମ, ମହିଳା, ବୈଷୟିକ ଉଦ୍ୟୋଗୀ ମାଲିକାନାରେ ଥିବା ନୂଆ ଓ ପୂର୍ବରୁ ଥିବା ଉଦ୍ୟୋଗ ପାଇଁ ୩୦ ପ୍ରତିଶତ ହାରରେ ସର୍ବାଧିକ ୧.୨୫ କୋଟି ଟଙ୍କାରୁ ୨.୫ କୋଟି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ☞ ପୃଷ୍ଠା-୪

# କୃଷକଙ୍କ ୧୦୨ ପିଲା, ୫୬୮ ନାତୁଣୀନାତି

## ଲାଳନପାଳନ ପାଇଁ ସରକାରଙ୍କୁ ମାଗିଲେ ସହାୟତା

**କାମପାଲ, ୨୭।୧୨**





ଉଗାଣ୍ଡାର ମୁସା ହାସାୟା ଓ ତାଙ୍କ ପରିବାର।

ଛୋଟ ପରିବାର ସୁଖୀ ପରିବାର। ପରିବାର ଯେତେ ଛୋଟ ମୁରବିଙ୍କ ପାଇଁ ଘର ଚଳାଇବା ସେତେ ସହଜ। କ୍ଷୁଦ୍ର ପରିବାରରେ ଖାଦ୍ୟ, ବସ୍ତ୍ର ଏବଂ ବାସଗୃହ ଭଳି ମୌଳିକ ଆବଶ୍ୟକତାର କୌଣସି ଅଭାବ ହୋଇ ନ ଥାଏ। କିନ୍ତୁ ରୋଜଗାର କମିବା ସାଙ୍ଗକୁ ଯଦି ଘରେ ସଦସ୍ୟଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୁଏ ତେବେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼େ। ଏଭଳି ଘଟଣା ଦକ୍ଷିଣ ଆଫ୍ରିକା ଉଗାଣ୍ଡାର ମୁସା ହାସାୟାଙ୍କ କ୍ଷେତ୍ରରେ ଘଟିଛି। ବର୍ତ୍ତମାନର ବ୍ୟୟବହୁଳ ସମୟରେ ମୁସାଙ୍କୁ ତାଙ୍କ ୧୨ ସ୍ତ୍ରୀ, ୧୦୨ ପିଲା ଏବଂ ୫୬୮ ନାତିନାତୁଣୀଙ୍କ ଲାଳନପାଳନ କଷ୍ଟକର ହୋଇପଡ଼ିଛି। ଏ ନେଇ ସେ ସରକାରଙ୍କ ସାହାଯ୍ୟ ଲୋଡ଼ିଛନ୍ତି। ୬୭ ବର୍ଷୀୟ ମୁସା ହାସାହ୍ୟା ପେସାରେ ଜଣେ କୃଷକ। ସ୍ୱଳ୍ପ ଆୟରେ ଏତେବଡ଼ ପରିବାର ଚଳାଇବା ତାଙ୍କ ପକ୍ଷେ ☞ ପୃଷ୍ଠା-୪





ସେପ୍ଟେମ୍ବର ୨୯: ଆମେରିକାର ଫ୍ଲୋରିଡାରେ ଇଆନ୍ ଝଡ଼ରେ କୋଠାଗୁଡ଼ିକ ଭାଙ୍ଗିଯାଇଛି।


ଜୁଲାଇ ୨୨: ଆମେରିକାର କାଲିଫର୍ନିଆସ୍ଥିତ ମାରିପୋସା କାଉଣ୍ଟିରେ ଥିବା ଓକ୍ ଜଙ୍ଗଲରେ ନିଆଁ।


ଜୁନ୍ ୧୮: ବାଂଲାଦେଶର ସିଲ୍‌ହେଟ୍‌ରେ ବନ୍ୟାବେଳେ ଆଶ୍ରୟ ଖୋଜୁଥିବା ବିପନ୍ନମାନେ।

# ୟୁରୋପରେ ନିଆଁ, ୟୁଏଇରେ ବନ୍ୟା



ଜୁଲାଇ ୧୭ରୁ ୨୩ ମଧ୍ୟରେ ୟୁରୋପରେ ଉଚ୍ଚ ତାପମାତ୍ରାର ନକ୍ସା।


ବନ୍ୟା ଯୋଗୁ ୟୁଏଇର ଫୁଜୈରା ସହର ଜଳମଗ୍ନ।

ଘାତକ ଜଳବାୟୁ ପରିବର୍ତ୍ତନ ପୃଥିବୀକୁ ବିପର୍ଯ୍ୟୟମୁହାଁ କରିଛି। ୟୁରୋପୀୟ ଥଣ୍ଡା ରାଷ୍ଟ୍ରଗୁଡ଼ିକରେ ତାପମାତ୍ରା ରେକର୍ଡ ଭାଙ୍ଗିଥିବାବେଳେ ମରୁଭୂମିର ଦେଶ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ମୁଷଳ ଧାରାରେ ବର୍ଷା ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ଦର୍ଶାଇଥିଲା। ଗତ ୨୭ ବର୍ଷର ରେକର୍ଡ ଭାଙ୍ଗି ହୋଇଥିବା ଲଗାଣ ବର୍ଷା ଯୋଗୁ ଜୁଲାଇ ୩୦ରେ ୟୁଏଇର ବହୁ ସହର ଜଳମଗ୍ନ ହୋଇଥିଲା। ବିଶେଷକରି ରାସ୍ ଅଲ୍ ଖୈମାହ, ଶାରଜାହ ଏବଂ ଫୁଜୈରାହ୍ ସହର ଅଧିକ ପ୍ରଭାବିତ ହୋଇଥିଲା। ଏଥିରେ ୭ଜଣଙ୍କ ମୃତ୍ୟୁ ଘଟିଥିଲା। ୟୁଏଇରେ ବର୍ଷା ଓ ବନ୍ୟାର ଅସ୍ୱାଭାବିକ ଚିତ୍ର ଏବଂ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ବ୍ୟାପକ ଚର୍ଚ୍ଚା ହୋଇଥିଲା। ସେହିପରି ୟୁରୋପରେ ହିଟ୍‌ୱେଭ୍ ଯୋଗୁ ଜୁନ ୧୨ରୁ ସେପ୍ଟେମ୍ବର ୧୨ ମଧ୍ୟରେ ପ୍ରାୟ ୨୬ ହଜାର ୩୦୦ ମୃତ୍ୟୁ ଘଟିଥିଲା। ସେଥିମଧ୍ୟରେ ଫ୍ରାନ୍ସରେ ସର୍ବାଧିକ ୧୧ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଜର୍ମାନୀରେ ୮,୧୩୮, ବ୍ରିଟେନ୍‌ରେ ୩,୨୦୦, ସ୍ପେନରେ ୨,୮୯୪, ପର୍ତ୍ତୁଗାଲରେ ୧,୦୬୩ ଜଣଙ୍କ ଜୀବନ ଉଚ୍ଚ ତାପମାତ୍ରା ଯୋଗୁ ଚାଲିଯାଇଥିଲା। ପର୍ତ୍ତୁଗାଲର ପିନ୍‌ହାଓରେ ସର୍ବୋଚ୍ଚ ତାପମାତ୍ରା ୪୭° ସେଲିସିୟସ୍ ରେକର୍ଡ କରାଯାଇଥିଲା। ନରୱେ, ପୋଲାଣ୍ଡ, ଆୟର୍ଲାଣ୍ଡ, କ୍ରୋଏସିଆ, ଆଣ୍ଡୋରା, ଗ୍ରୀସ୍, ହଙ୍ଗେରୀ, ଇଟାଲୀ, ଲିଥୁନିଆ, ନେଦରଲାଣ୍ଡ, ରୋମାନିଆ, ସ୍ଲୋଭାକିଆ, ସ୍ଲୋଭାନିଆ, ସୁଇଜରଲାଣ୍ଡରେ ମଧ୍ୟ ଲୋକେ ଉଚ୍ଚ ତାପମାତ୍ରାରେ କଳବଳ ହୋଇଥିଲେ।

## ଜଳପ୍ରଳୟ

### ପାକିସ୍ତାନରେ ୧୭୩୯ ମୃତ

ଜୁନ୍ ୧୪ରୁ ଅକ୍ଟୋବର ମଧ୍ୟରେ ଭୀଷଣ ମୌସୁମୀ ବର୍ଷା ଯୋଗୁ ପାକିସ୍ତାନରେ ବନ୍ୟା ବିଭୀଷିକା ଦେଖିବାକୁ ମିଳିଥିଲା। ବେଲୁଚିସ୍ତାନ, ସିନ୍ଧ, ଗିଲଗିଟ୍-ବାଲତିସ୍ତାନ, ପାକ୍ ଅଧିକୃତ କଶ୍ମୀର ଏବଂ ପଞ୍ଜାବ ପ୍ରଦେଶର ଦକ୍ଷିଣାଞ୍ଚଳ ବିଶେଷଭାବେ ପ୍ରଭାବିତ ହୋଇଥିଲା। ଏହା ଏତେ ଭୀଷଣ ଥିଲା ଯେ, ୧୭୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩.୨ ଟ୍ରିଲିୟନ ଡଲାର ସମ୍ପତ୍ତି ନଷ୍ଟ ହୋଇଥିଲା।

### ବନ୍ୟାରେ ଉବୁଟୁବୁ ଆସାମ, ବାଂଲାଦେଶ

ମେ' ଶେଷ ଭାଗରେ ଭାରତର ଉତ୍ତର-ପୂର୍ବାଞ୍ଚଳ ଏବଂ ବାଂଲାଦେଶରେ ଭୟଙ୍କର ବନ୍ୟା ସୃଷ୍ଟି ହୋଇଥିଲା। ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରାରେ ସ୍ଥିତି ସଙ୍ଗିନ ହୋଇପଡ଼ିଥିଲା। ଏହି ସମୟରେ ପଡ଼ୋଶୀ ବାଂଲାଦେଶରେ ବନ୍ୟାବିପତ୍ତି ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍ଥାପିତ କରିଥିଲା। ୧୨୨ ବର୍ଷରେ ଏହା ବାଂଲାଦେଶର ସବୁଠୁ ବଡ଼ଧରଣର ଜଳପ୍ରଳୟ ବୋଲି କୁହାଯାଉଛି। ସିଲହଟ୍, ସୁନାମଗଞ୍ଜ ଏବଂ ବ୍ରାହ୍ମନବାରିଆ ସମେତ ଉତ୍ତର ଭାଗ ବନ୍ୟା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଥିଲା। ଅନ୍ୟପକ୍ଷରେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ କ୍ଷତି ଆସାମରେ ଘଟିଥିଲା। ବନ୍ୟାରେ ଭାରତର ୧୭୭ ଏବଂ ବାଂଲାଦେଶର ୧୪୧ ଜଣଙ୍କ ମୃତ୍ୟୁ ଘଟିଥିଲା।



### ବ୍ରାଜିଲରେ ୩୬୫, ନାଇଜେରିଆରେ ୬୧୨ ମୃତ

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବ୍ରାଜିଲରେ ଜାନୁୟାରୀ ୨୮ରୁ ମେ' ମଧ୍ୟରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନରେ ୩୬୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦୦୦ ଲୋକ ବାସହରା ହୋଇଥିଲେ। ସେହିପରି ଜୁନ୍‌ରୁ ନଭେମ୍ବର ମଧ୍ୟରେ ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆର ବିଭିନ୍ନ ସ୍ଥାନରେ ହୋଇଥିବା ବନ୍ୟା ଯୋଗୁ ୬୧୨ ଲୋକଙ୍କ ଜୀବନହାନି ଘଟିଥିଲା। ପ୍ରାୟ ୨ ଲକ୍ଷ ଘର କ୍ଷତିଗ୍ରସ୍ତ ହେବା ଯୋଗୁ ୧୪ ଲକ୍ଷ ଲୋକ ବାସହରା ହୋଇଥିଲେ।

### ଅମରନାଥରେ ବାଦଲଫଟା ବର୍ଷା: ୧୬ ମୃତ

ଜମ୍ମୁ-କଶ୍ମୀରର ଅମରନାଥରେ ଜୁଲାଇ ୮ରେ ବାଦଲଫଟା ବର୍ଷାଯୋଗୁ ୧୬ଜଣଙ୍କ ମୃତ୍ୟୁ ଘଟିଥିଲା। ସେଠାରେ ଫସିଥିବା ପ୍ରାୟ ୧୫ହଜାର ଶ୍ରଦ୍ଧାଳୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା।

### ଅଗଷ୍ଟ ବର୍ଷା, ବନ୍ୟା ଓଡ଼ିଶାର ୨୪ ଜିଲା ପ୍ରଭାବିତ

ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଲଘୁଚାପଜନିତ ଭୀଷଣ ବର୍ଷା ଏବଂ ତଜ୍ଜନିତ ବନ୍ୟା ଯୋଗୁ ଓଡ଼ିଶାର ୨୪ ଜିଲା କ୍ଷତିଗ୍ରସ୍ତ ହୋଇଥିଲା। ବନ୍ୟାରେ ୧ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା। ରାଜଧାନୀ ଭୁବନେଶ୍ୱର ସମେତ ଅନେକ ଗ୍ରାମ ଓ ସହରର ବହୁ ଅଞ୍ଚଳ ଜଳମଗ୍ନ ହୋଇଥିଲା। ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ବୁଢାବଳଙ୍ଗ, ଧନୁଆ, କୁଶଭଦ୍ରା ଆଦି ନଦୀରେ ବନ୍ୟା ଯୋଗୁ ସଂଲଗ୍ନ ଅଞ୍ଚଳରେ ଲୋକେ ପାଣି ଘେରରେ ରହିବା ସହ ବ୍ୟାପକ ଆର୍ଥିକ କ୍ଷତି ସହିଥିଲେ।

## ହିମସ୍ଖଳନ: ୨୯ ପର୍ବତାରୋହୀ ମୃତ

ଉତ୍ତରକାଶୀର ନେହେରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନିୟରିଂର ୬୧ ପର୍ବତାରୋହୀଙ୍କ ଏକ ଟିମ୍ ପ୍ରଶିକ୍ଷଣରେ ହିମାଳୟର ଗଡ଼ୱାଲରେ ଥିବା ଦ୍ରୌପଦୀ କା ଦଣ୍ଡା ଶୃଙ୍ଗକୁ ଯାଇଥିଲେ। ଅକ୍ଟୋବର ୪ରେ ସେମାନେ ଫେରୁଥିବାବେଳେ ହିମସ୍ଖଳନ ହେବାରୁ ଅଧିକାଂଶ ପୋତିହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୨ ପ୍ରଶିକ୍ଷକଙ୍କ ସମେତ ୨୯ଜଣଙ୍କ ମୃତ୍ୟୁ ଘଟିଥିଲା। ସମୁଦ୍ର ପତ୍ତନଠାରୁ ୧୭,୦୦୦ ଫୁଟ୍ ଉଚ୍ଚରେ ଏହି ହିମସ୍ଖଳନ ଘଟିଥିଲା।

## ବରଫ ତଳେ ୭ ସେନା ଅଧିକାରୀଙ୍କ ମୃତ୍ୟୁ

ଅରୁଣାଚଳପ୍ରଦେଶର କାମେଙ୍ଗ୍ ସେକ୍ଟରରେ ଫେବୃୟାରୀ ୬ରେ ହିମସ୍ଖଳନ ଯୋଗୁ ଭାରତୀୟ ସେନାର ୭ ଜଣ ଅଫିସର ନିଖୋଜ ହୋଇଯାଇଥିଲେ। ଉଦ୍ଧାର କାର୍ଯ୍ୟବେଳେ ସେମାନଙ୍କ ମୃତଦେହ ବରଫ ତଳୁ ମିଳିଥିଲା। ସେମାନେ ଏକ ପାଟ୍ରୋଲ ଟିମ୍‌ରେ ସାମିଲ ଥିଲେ।

## ସମୁଦ୍ରରେ ଲାଭା ଉଦ୍‌ଗିରଣ

ଜାନୁୟାରୀ ୧୪ରେ ଟୋଙ୍ଗା ରାଜଧାନୀ ନୁକୁଆ'ଲୋଫାଠାରୁ ପ୍ରାୟ ୬୫ କି.ମି. ଦୂର ହୁଙ୍ଗା-ଟୋଙ୍ଗା-ହୁଙ୍ଗା ହାପାଇ ଦ୍ୱୀପରେ ସମୁଦ୍ର ମଧ୍ୟରେ ଶକ୍ତିଶାଳୀ ଆଗ୍ନେୟଗିର ଉଦ୍‌ଗିରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ, ଏଥିରୁ ସୃଷ୍ଟ ୨୬୦ କିମି ପ୍ରଶସ୍ତ ବିରାଟକାୟ ପାଉଁଶ ବେଲୁନ୍ ୨୦ କି.ମି. ଉଚ୍ଚକୁ ଉଠିଥିଲା। ଟୋଙ୍ଗା ଦ୍ୱୀପରେ ପାଉଁଶ ଏବଂ ପଥର ବର୍ଷା ହୋଇଥିଲା। ଏଥିଯୋଗୁ ୧.୨ ମିଟର ଉଚ୍ଚତାର ସୁନାମି ଲହର ସୃଷ୍ଟି ହୋଇଥିଲା। ଟେଙ୍ଗାଟାପୁ, ନୁକୁଆ'ଲୋଫା ଏବଂ ଆମେରିକାନ୍ ସାମୋଆ ରାଜଧାନୀ ପାଗୋରେ ସୁନାମି ଲହର ମାଡ଼ ହୋଇଥିଲା। ସେହିପରି ଫିଜି ଏବଂ ନ୍ୟୁଜିଲାଣ୍ଡରେ ମଧ୍ୟ ସୁନାମି ଆଲର୍ଟ ଜାରି କରାଯାଇଥିଲା।

## ଟୋଙ୍ଗାରେ ସୁନାମି




ଆଫଗାନିସ୍ତାନ ଗୟାନରେ ଭୂକମ୍ପ

## ଭୂକମ୍ପ

ପୂର୍ବ ବର୍ଷଗୁଡ଼ିକ ତୁଳନାରେ ୨୦୨୨ରେ ଭୂକମ୍ପ ସଂଖ୍ୟା କମିଥିଲେ ମଧ୍ୟ ଚିନ୍ତାଜନକ ଥିଲା। ଆଲୋଚ୍ୟ ବର୍ଷରେ ସାରା ବିଶ୍ୱରେ ୪ରୁ ୭.୭ ମାଗ୍ନିଚ୍ୟୁଡ୍ ମଧ୍ୟରେ ମୋଟ ୮,୪୫୭ ଥର ଭୂକମ୍ପ ହୋଇଥିଲା। ଏଥିମଧ୍ୟରୁ ସେପ୍ଟେମ୍ବର ୧୦ରେ ପପୁଆ ନ୍ୟୁଗିନିଆ ଏବଂ ୧୯ରେ ମେକ୍ସିକୋର ମିଚୋଆକେନ୍ ରାଜ୍ୟରେ ୭.୭ ତୀବ୍ରତାର ଦୁଇଟି ଭୂମିକମ୍ପ ଘଟି ମୋଟ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେରେ ଏହି ବିଦାୟୀ ବର୍ଷରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଆଫଗାନିସ୍ତାନ। ଜୁନ୍ ୨୨ ତାରିଖରେ ଖୋଷ୍ଟରେ ୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ୧,୧୬୩ ଜଣଙ୍କ ଜୀବନ ନେଇଥିଲା। ସେହିପରି ନଭେମ୍ବର ୨୧ରେ ପଶ୍ଚିମ ଜାଭାରେ ଘଟିଥିବା ଭୂକମ୍ପ(୫.୬)ରେ ୩୩୫ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ନଭେମ୍ବର ୯ରେ ପଡ଼ୋଶୀ ରାଷ୍ଟ୍ର ନେପାଳ ମଧ୍ୟ ଭୂକମ୍ପରେ ଥରି ଉଠିଥିଲା।

## ବରଫ ପାଲଟିଲେ ୨୧ ପାକ୍ ପର୍ଯ୍ୟଟକ

ପାକିସ୍ତାନରେ ତୁଷାରପାତ ଗତ ଦଶନ୍ଧିର ରେକର୍ଡ ଭାଙ୍ଗିଥିଲା। ତୁଷାରପାତ ଦେଖିବାକୁ ରିସୋର୍ଟ ସହର ତଥା ପଞ୍ଜାବ ପ୍ରଦେଶର ମୁରିକୁ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ୨୧ ଜଣଙ୍କ ଜାନୁୟାରୀ ୮ରେ ମୃତ୍ୟୁ ଘଟିଥିଲା। ମୁରିର ତାପମାତ୍ରା ବିୟୁକ୍ତ ୮ ଡିଗ୍ରୀ ଥିବାବେଳେ ସେଠାରେ ଅନେକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଫସି ରହିବାରୁ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ଫଳରେ ପ୍ରବଳ ଥଣ୍ଡା ସହି ନ ପାରି କାର୍ ମଧ୍ୟରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୯ ଜଣ ଶିଶୁ ଥିଲେ।

## ମଣିପୁରରେ ଭୂସ୍ଖଳନ: ୫୮ ମୃତ

ଜୁନ୍ ୨୯ ବିଳମ୍ବିତ ରାତିରେ ମଣିପୁରର ନୋନି ଜିଲା ତୁପୁଲ ରେଲୱେ ନିର୍ମାଣ କ୍ୟାମ୍ପରେ ବଡ଼ଧରଣର ଭୂସ୍ଖଳନ ଘଟି ୫୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ରେଲୱେ ନିର୍ମାଣ ସ୍ଥଳୀରେ ମୁତୟନ ହୋଇଥିଲେ। ଭୂସ୍ଖଳନ ଯୋଗୁ ଇଜେଇ ନଦୀପ୍ରବାହ ପଥ ବାଧାପ୍ରାପ୍ତ ହୋଇ ଏକ ଘାଇ ସୃଷ୍ଟି ହୋଇଥିଲା।


ଅଗଷ୍ଟ ୨୪: ଚାଇନାର ଜିଆଙ୍ଗସି ପ୍ରଦେଶ ଲୁସାହାନରେ ମରୁଡ଼ି ଯୋଗୁ ମାଟି ଫାଟି ଆଁ କରିଛି।


ଅଗଷ୍ଟ ୧୬: ଫ୍ରାନ୍ସର ଲୋଇରେ ନଦୀ ଶୁଷ୍କ ହୋଇଥିବାର ଆକାଶମାର୍ଗ ଦୃଶ୍ୟ।


ସେପ୍ଟେମ୍ବର ୨୨: କେନିଆର ଇସିଓଲୋସ୍ଥିତ ଶାବା ନ୍ୟାଶନାଲ ରିଜର୍ଭରେ ଭୂ-କମ୍ପ ଯୋଗୁ ମରିପଡ଼ିଥିବା ଏକ ହାତୀ।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ହକି ବିଶ୍ୱକପ୍ ଟ୍ରଫିକୁ ଖଣ୍ଡୁଆ ପାଟ ଅର୍ପଣ ପୂର୍ବକ ସ୍ୱାଗତ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀକ୍ଷେତ୍ରରେ ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ

**ପୁରୀ ଅଫିସ, ୨୭।୧୨**

ଶ୍ରୀକ୍ଷେତ୍ରରେ ମଙ୍ଗଳବାର ହକି ବିଶ୍ୱକପ୍ ଟ୍ରଫିକୁ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ସମେତ ଜିଲାବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ସକାଳ ୭ଟା ୩୦ରେ ଏକ ଶୋଭାଯାତ୍ରାରେ ସର୍କିଟ ହାଉସଠାରୁ ବେଳାଭୂମିକୁ ଟ୍ରଫି ଅଣାଯାଇଥିଲା। ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ ଟ୍ରଫିକୁ ସ୍ୱାଗତ କରିଥିଲେ। ପରେ ଟ୍ରଫିକୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ନିଆଯାଇଥିଲା। ସେଠାରେ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟଙ୍କ ପକ୍ଷରୁ ଖଣ୍ଡୁଆ ପାଟ ଅର୍ପଣ ସହ ସ୍ୱାଗତ କରାଯାଇଥିଲା।

# ଏନ୍‌ଜିଟି ରାୟ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ

### ଗୋବରୀ ନଦୀ ପ୍ରଦୂଷଣ ପାଇଁ କେନ୍ଦ୍ରାପଡ଼ା ପୌରପାଳିକାକୁ ୨୪ ଲକ୍ଷ ଜରିମାନା ପ୍ରସଙ୍ଗ

**ନୂଆଦିଲ୍ଲୀ,୨୭।୧୨**

ଗୋବରୀ ନଦୀକୁ ଛଡ଼ାଯାଉଥିବା ବର୍ଜ୍ୟଜଳ ନିୟନ୍ତ୍ରଣରେ ବିଫଳତା ପାଇଁ କେନ୍ଦ୍ରାପଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ)ଙ୍କୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ୨୪ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଥିଲେ। ମ୍ୟୁନିସିପାଲିଟି ପକ୍ଷରୁ ଏନ୍‌ଜିଟି ରାୟକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଏହା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି।

ବର୍ଜ୍ୟଜଳ ଯୋଗୁ ଗୋବରୀ ନଦୀ ପ୍ରଦୂଷିତ ହେବାରେ ଲାଗିଛି। ନର୍ଦ୍ଦମା ପାଣି ରୋକିବାରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ବିଫଳ ହୋଇଛି। ଏଥିଯୋଗୁ ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଥିବା ଆବେଦନକାରୀ ରବେୟା ତବସୁମ୍ ନିଜ ପିଟିଶନରେ ଦର୍ଶାଇଥିଲେ। ଏନ୍‌ଜିଟି ଏହାର ଶୁଣାଣି କରି ଏକ ତଦାରଖ କମିଟି ଗଠନ କରିଥିଲେ। ଉକ୍ତ କମିଟି ଦାଖଲ କରିଥିବା ରିପୋର୍ଟରେ ୨୦୨୦ ଏପ୍ରିଲ ୧ରୁ ୨୦୨୨ ମାର୍ଚ୍ଚ ୩୧ ମଧ୍ୟରେ ହୋଇଥିବା ପ୍ରଦୂଷଣ ପାଇଁ ୨୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ସ୍ଥିର କରିଥିଲା। ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ମାସକ ମଧ୍ୟରେ ଜରିମାନା ରାଶି ପଇଠ କରିବାକୁ ଗତ ଜୁଲାଇ ୧୩ରେ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିକୁ ନିର୍ଦ୍ଦେଶ ଦିଆଯାଇଥିଲା।



ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କୁ ଉକ୍ତ ଆବେଦନ ଉପରେ ଜବାବ ମାଗିଛନ୍ତି। ଏଥିସହ କୋଲକାତାସ୍ଥିତ ଏନ୍‌ଜିଟିଙ୍କ ଇଷ୍ଟର୍ନ ଜୋନ୍ ବେଞ୍ଚ ପକ୍ଷରୁ ଦିଆଯାଇଥିବା ପରିବେଶଗତ କ୍ଷତିପୂରଣ ଜରିମାନା ନିର୍ଦ୍ଦେଶ ଉପରେ ପରବର୍ତ୍ତୀ ଶୁଣାଣି ତାରିଖ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଛନ୍ତି। ୨୦୨୩ ଫେବୃୟାରୀ ତୃତୀୟ ସପ୍ତାହରେ ଏହାର ଶୁଣାଣି କରାଯିବ।

# ଝାରସୁଗୁଡ଼ା, ବରଗଡ଼ରୁ ଜବତ ନକଲି ଔଷଧ ୟୁପିରୁ ଆସିଛି

- ବାରାଣସୀସ୍ଥିତ ୩ ଫାର୍ମର ଲାଇସେନ୍ସ ରଦ୍ଦ କଲେ ସ୍ଥାନୀୟ ସରକାର
- ଓଡ଼ିଶାର ଅନ୍ୟ ଅଞ୍ଚଳରେ ନକଲି ଔଷଧ ବିକ୍ରି ହେଉଥିବା ସନ୍ଦେହ

**ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)**

ବାହାର ରାଜ୍ୟରୁ ଓଡ଼ିଶାକୁ ବ୍ୟାପିଛି ନକଲି ଔଷଧ ର୍ୟାକେଟ। ବ୍ୟବସାୟୀମାନେ ଅଧିକ ଲାଭ ପାଇଁ ଏସବୁ ଔଷଧ ଆମଦାନୀ କରି ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ପୂର୍ବରୁ ଭୁବନେଶ୍ୱର, କଟକ, ରାଉରକେଲାରୁ ବିପୁଳ ନକଲି ଔଷଧ ଜବତ ହେବା ସହ ଏସବୁ ମାମଲାରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ତେବେ ନିକଟରେ ଝାରସୁଗୁଡ଼ା ଓ ବରଗଡ଼ରୁ ଜବତ ହୋଇଥିବା ନକଲି ଔଷଧ ଉତ୍ତରପ୍ରଦେଶରୁ ଆସିଥିବା ଜଣାପଡିଛି। ସେଠାରେ ଏକାଧିକ ଫାର୍ମା କମ୍ପାନୀ ନକଲି ଔଷଧ ତିଆରି କରୁଥିବାବେଳେ ବଡ଼ ବଡ଼ ଗୋଦାମ ମଧ୍ୟ ରହିଛି। ଓଡ଼ିଶା ସରକାରଙ୍କ ସୂଚନା ଆଧାରରେ ଉତ୍ତରପ୍ରଦେଶ ସରକାର ମଧ୍ୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବା ସୂଚନା ମିଳିଛି। ଝାରସୁଗୁଡ଼ାର ଅମିତ ମେଡିକାଲ ଏଜେନ୍ସି ଏବଂ ବରଗଡ଼ର ବିକାଶ ଆଣ୍ଡ୍ କୋରୁ ୧ଲକ୍ଷ ୭୦ ହଜାର ଟଙ୍କାର ନକଲି ମେଡିସିନ୍ ଜବତ ହୋଇଥିଲା। ଜବତ ସମସ୍ତ ମେଡିସିନ୍ ଉତ୍ତର ପ୍ରଦେଶ ବାରାଣସୀର ୩ଟି ଫାର୍ମରୁ ପ୍ରସ୍ତୁତ ହୋଇଥିବା ମୁଖ୍ୟ କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ମେଡ଼ିସିନ ପ୍ରସ୍ତୁତ କରୁଥିବା ସମ୍ପୃକ୍ତ ଫାର୍ମର ଡ୍ରଗ୍ ଲାଇସେନ୍ସ ରଦ୍ଦ ହୋଇଥିବା ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଏସବୁ



ନକଲି ଔଷଧ ରାଜ୍ୟର ଅନ୍ୟ ଅଞ୍ଚଳରେ ବିକ୍ରି ହେଉଥିବା ଆଶଙ୍କା କରାଯାଉଥିବାରୁ ସେସବୁକୁ ଜବତ ସହ ରାଜ୍ୟରୁ ଏହି ବେଆଇନ କାରବାରକୁ ବନ୍ଦ କରିବା ପାଇଁ ଚଢ଼ାଉକୁ ଜୋର୍‌ଦାର କରାଯିବାକୁ ପ୍ରସ୍ତୁତି ଚାଲିଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ କଟକ ଓ ବରଗଡ଼ର ଦୁଇଟି ଗୋଦାମରୁ ନକଲି ଔଷଧ ଜବତ କରାଯାଇଥିଲା। କଟକ ପୁରୀଘାଟସ୍ଥିତ ଏମ୍‌ଏଚ୍ ଫାର୍ମାସ୍ୟୁଟିକାଲ୍ ଷ୍ଟୋର୍‌ରୁ ୧୧ ପ୍ରକାରର ସନ୍ଦେହାତ୍ମକ ଔଷଧ ଜବତ କରାଯାଇଥିଲା। ଏସବୁର ମୂଲ୍ୟ ପ୍ରାୟ ୨୩.୨୩ଲକ୍ଷ ଟଙ୍କା ହେବ। ଏହି ନକଲି ଔଷଧଗୁଡ଼ିକ ମଧ୍ୟ ଉତ୍ତର ପ୍ରଦେଶରୁ ଆସିଥିବା ଜଣାପଡ଼ିଥିଲା। ତେଣୁ ନକଲି ଔଷଧ ଆମଦାନୀରେ ଉତ୍ତରପ୍ରଦେଶ ରାଜ୍ୟର ଏକ ବଡ଼ ର୍ୟାକେଟ ସକ୍ରିୟ ଥିବା ସନ୍ଦେହ କରାଯାଉଛି। ନକଲି ଔଷଧର ଆମଦାନୀ ଏବଂ ଯୋଗାଣକୁ ବନ୍ଦ କରିବା ଏବଂ ଧରାପଡ଼ିଥିବା ନକଲି ଔଷଧ ପ୍ରସ୍ତୁତକାରୀଙ୍କ ବିରୋଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

# ଡେପୁଟି କଲେକ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

- ୯ ଠିକଣାରେ ଏକସଙ୍ଗେ ଚଢ଼ାଉ
- ୪ ଫ୍ଲାଟ୍, ୬ ପ୍ଲଟ୍ ଓ ୨ ତାଲା କୋଠା ଠାବ

**ଜଗତ୍‌ସିଂହପୁର ଅଫିସ/ବାଲେଶ୍ୱର ଅଫିସ୍ ୨୭।୧୨**

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ରାଜସ୍ୱ ବିଭାଗରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଚିତ୍ତରଞ୍ଜନ ପିଳାଙ୍କ ଘର ସମେତ ୯ ଠିକଣାରେ ମଙ୍ଗଳବାର ଅତର୍କିତ ଭାବେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ ସମୟରେ ଚିତ୍ତରଞ୍ଜନଙ୍କ ଘରୁ ନଗଦ ୮୭,୭୮୫ ଟଙ୍କା ମିଳିଛି। ଏଥିସହ ୨ ଚାରି ଚକିଆ ଓ ୩ଟି ଦୁଇଚକିଆ ଗାଡ଼ି ଠାବ କରାଯାଇଛି। ଏହାବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ୪ ଫ୍ଲାଟ୍, ୬ଟି ପ୍ଲଟ୍ ଓ ବିଲ୍ଡିଂ ଆଦି ଥିବା ଜଣାପଡ଼ିଛି।



ଚିତ୍ତରଞ୍ଜନ ପିଳା

୧ରେ ଗୋଟିଏ ୨ ମହଲା ବିଶିଷ୍ଟ କୋଠା ଚିତ୍ତରଞ୍ଜନଙ୍କ ପରିବାର ନାମରେ ଥିବା ସୂଚନା ମିଳିଛି। ଏହାଛଡ଼ା ସୁବର୍ଣ୍ଣପୁର ଖଟାପଲ୍ଲୀରୁ ୧ ଓ ବୀରମହାରାଜପୁରରୁ ୨ ସମେତ ଭୁବନେଶ୍ୱରର ଆଇଗିଣିଆରୁ ୧ ଏବଂ ବାଲେଶ୍ୱରର ବାଲିଆପାଳ ଅଞ୍ଚଳରୁ ୨ଟି ପ୍ଲଟ ଚିହ୍ନଟ କରାଯାଇଛି। ଅଧିକ ତଥ୍ୟ ପାଇଁ ଅନୁସନ୍ଧାନ ଜାରି ରହିଛି। ଏହି ଚଢାଉରେ ଭିଜିଲାନ୍ସ ବିଭାଗର ୨ ଡିଏସ୍‌ପି, ୧୪

ସେଥିରୁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ସ୍ପେସ୍ ଟାଉନ ଆପାର୍ଟମେଣ୍ଟ ଓ ରଙ୍ଗମାଟିଆସ୍ଥିତ ହର୍ଷପ୍ରିୟା ଏନକ୍ଲେଭ୍ (ସରସ୍ୱତୀ)ରେ ଗୋଟିଏ ଲେଖାଏ ଫ୍ଲାଟ୍ ରହିଥିବାବେଳେ ବାଲେଶ୍ୱର ସୁନାହାଟସ୍ଥିତ ଏକ ଆପାର୍ଟମେଣ୍ଟରେ ୨ଟି ଫ୍ଲାଟ୍ ରହିଛି। ସେହିପରି ସୋନପୁର ଟାଉନ ଥାନାର ୟୁନିଟ୍- ଇନ୍ସପେକ୍ଟର, ୬ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଖବର ଲେଖା ହେବାବେଳକୁ ଭିଜିଲାନ୍ସ ଟିମ୍ ପକ୍ଷରୁ ଯାଞ୍ଚ ଚାଲିଥିବାବେଳେ ମୋଟ୍ ସମ୍ପତ୍ତି ଓ ଏହାର ମୂଲ୍ୟ ଆକଳନ ହୋଇ ନ ଥିଲା। ଏ ନେଇ ବିଭାଗର ଟେକ୍ନିକାଲ ୱିଙ୍ଗ୍ ପକ୍ଷରୁ ମୂଲ୍ୟାଙ୍କନ ଜାରି ରହିଥିବା ସୂଚନା ଦିଆଯାଇଛି।

# ଶୀତ ଗାଏବ: ପାରଦ ଉପରମୁହାଁ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ରାଜ୍ୟରୁ ହଠାତ୍ ଶୀତ ଗାଏବ ହୋଇଯାଇଛି। ରାତ୍ରିର ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଏଥିସହିତ ଦିନର ସର୍ବୋଚ୍ଚ ତାପମାତ୍ରା ମଧ୍ୟ ୩୨ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୨, ସୋନପୁର ୧୫.୫, ଅନୁଗୋଳ ୧୫, ଭୁବନେଶ୍ୱର ୧୯.୮, କଟକ ୨୦ ଏବଂ ପୁରୀରେ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଗୁରୁଚାପ ଯୋଗୁ ରାଜ୍ୟ ଭିତରକୁ ପ୍ରଚୁର ପରିମାଣରେ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଏଥିଯୋଗୁ ତାପମାତ୍ରା ବଢ଼ିବା ସହ ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ଭାଗରେ କୁହୁଡ଼ି ବଢ଼ିଯାଇଛି। ଆସନ୍ତା ୨/୩ ଦିନ ଯାଏ କୁହୁଡ଼ି ପରିମାଣ ବଢ଼ିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ଭଦ୍ରକ, କଳାହାଣ୍ଡି, ଯାଜପୁର ଓ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏଥିସହିତ ଢେଙ୍କାନାଳ, କନ୍ଧମାଳ, ଅନୁଗୋଳ, କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା କୁହୁଡ଼ି ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ବର୍ଷକରେ ୨୨ ମାମଲା, ୬୦ ଗିରଫ

### ଇଓଡବ୍ଲ୍ୟୁର ବାର୍ଷିକ ରିପୋର୍ଟ

- ଡିଜିଟାଲ ଲୋନ ଆପ୍ ଠକେଇରେ ଦେଶରେ ୧୦୮ ଆତ୍ମହତ୍ୟା କରିଛନ୍ତି

**ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)**

କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ମଙ୍ଗଳବାର ୨୦୨୨ର ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ବର୍ଷକରେ ଘର, ଜମି ଯୋଗାଣ, ଇନ୍‌କମ୍ ଟ୍ୟାକ୍ସ, ସାଇବର, ଚାକିରି, ଡିଜିଟାଲ ଲୋନ୍ ଠକେଇ ଆଦି ବଡ଼ ବଡ଼ ଘଟଣାକୁ ନେଇ ୨୨ଟି ମାମଲା ରୁଜୁ ହୋଇଥିବାବେଳେ ଏଥିରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି। ଏସବୁ ମାମଲାରେ ୬୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉପରୋକ୍ତ ମାମଲାରେ ଚାଇନା, ହଂକଂ, ଥାଇଲାଣ୍ଡ, ମାଲେସିୟା, ସିଙ୍ଗାପୁର, ନେପାଳ, ଶ୍ରୀଲଙ୍କା ଆଦି ଦେଶରେ ଅଭିଯୁକ୍ତମାନେ ରହି ରାକେଟ ଚଳାଉଛନ୍ତି। ଇଓଡବ୍ଲ୍ୟୁ ଏସବୁ ମାମଲାରେ ତଦନ୍ତ କରିବା ସହ ବିଭିନ୍ନ ଲ' ଏନ୍‌ଫୋର୍ସମେଣ୍ଟ




ଏଜେନ୍ସି , ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଇନ୍‌କମ୍ ଟ୍ୟାକ୍ସ, ଏଫ୍‌ଆଇୟୁ (ଫାଇନାନ୍‌ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ), ଆର୍‌ବିଆଇ, ଇଣ୍ଟେଲିଜେନ୍ସ ବ୍ୟୁରୋ, ବ୍ୟୁରୋ ଅଫ୍ ଇମିଗ୍ରେସନ୍, ସିବିଆଇ, ସିଆଇଏସ୍‌ଏଫ୍, ଏକାଧିକ ବ୍ୟାଙ୍କ, ଜିଏସ୍‌ଟି କର୍ତ୍ତୃପକ୍ଷ, ମୁମ୍ବାଇ ପୋଲିସ, ଦିଲ୍ଲୀ ପୋଲିସ, କୋଲାକାତା ପୋଲିସ, ବାଙ୍ଗାଲୋର ପୋଲିସର ସହଯୋଗରେ କାର୍ଯ୍ୟ କରୁଛି। ଏଥିସହ ଗୁଗଲ, ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଗୋ-ଡାଡି ଆଦି ସହଯୋଗରେ କିଛି ମାମଲାରେ ତଦନ୍ତ ମଧ୍ୟ କରାଯାଉଛି। ତେବେ ସବୁଠୁ ବଡ଼ କଥା ହେଲା, ଡିଜିଟାଲ ଲୋନ ଆପ୍ ଠକେଇ ମାମଲାରେ ସାରା ଦେଶରେ ୧୦୮ଜଣ ଆତ୍ମହତ୍ୟା କରିଛନ୍ତି। ହେଲେ ଓଡ଼ିଶାରେ କେହି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେବେ ଇଓଡବ୍ଲ୍ୟୁ ପକ୍ଷରୁ ତଦନ୍ତ ସହ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଠକେଇର ଶିକାର ପୀଡ଼ିତଙ୍କ ଜୀବନ ବଞ୍ଚିଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।






**ଆଜିର ମନ୍ତବ୍ୟ**

"ଶିକ୍ଷାର ପ୍ରକୃତ ମୂଲ୍ୟକୁ ପାଠ୍ୟକ୍ରମରେ ସାମିଲ କରାଯିବା ଆବଶ୍ୟକ। ଏହା ଏକ ଉତ୍ତମ ସମାଜ ଗଠନରେ ସହାୟକ ହେବ।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ମାରୁଥାଏ ବୋହୂକୁ**
**ବୋହୂ ଛାର ହୋଇ କାହାକୁ ମାରିବ**
**ମାରୁଥାଏ ଚୁଲି ମୁହଁକୁ।**

ବଡ଼ମାନେ ସାନ ଉପରେ ଅକାରଣରେ ମାଡ଼ଗାଳି ବର୍ଷଣ କଲେ ସାନମାନେ ମୁହଁ ଉପରେ କିଛି କହି ନ ପାରି ତାଙ୍କଠାରୁ ସାନ ଉପରେ ରାଗ କରିଥାନ୍ତି। ଏପରିକି ସାନ କେହି ନ ଥିଲେ ଜଡ ପଦାର୍ଥ ଉପରେ ନିଜର ରାଗ ଶୁଝାଇ ମନର କ୍ରୋଧକୁ ପ୍ରଶମିତ କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶାଶୁ କାଣୀ ବୋହୂ କାଣୀ**
**ନଣନ୍ଦ ଆଖିରେ ଫୁଲା**
**ଘର ଚାରିଆଡ଼ ଖୋଜି ଆଇଲେ**
**ନ ପାଇଲେ କାହିଁ ଚୁଲା।**

ସାଧାରଣତଃ ପ୍ରତ୍ୟେକ ଜିନିଷକୁ ଦେଖିବା ଲାଗି ଦୃଷ୍ଟିଶକ୍ତି ରହିବା ଜରୁରୀ ହୋଇଥିବା ବେଳେ ଦୃଷ୍ଟିହୀନ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ନିଜକୁ ଅସହାୟ ମନେକରୁଥିବା ବେଳେ ସର୍ବଦା ପର ଉପରେ ନିର୍ଭର କରିଥାନ୍ତି। ଆଖି ଦୋଷରୁ ଜିନିଷ ଦେଖା ନ ଯିବାର ପରିଣତିକୁ ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ପୁଟିନ୍...

ସାଂସଦ ଏବଂ ଜଣେ ଧନୀ ବ୍ୟବସାୟୀ। ସେ ଭ୍ଲାଡିମିର୍ସ୍କି ଷ୍ଟାଣ୍ଡାର୍ଡ କମ୍ପାନୀ ଉପସଭାପତି ମଧ୍ୟ। ରୁଷିଆରୁ ଆସି ସୁଦୂର ରାୟଗଡ଼ାରେ ତାଙ୍କର ଏହିଭଳି ମୃତ୍ୟୁକୁ ସାଧାରଣ ଭାବେ ଗ୍ରହଣ କରାଯାଇପାରୁ ନାହିଁ। ରୁଷିଆ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭାରତ ସରକାରଙ୍କୁ ବିଦାନୋଭ ଏବଂ ପାଭେଲଙ୍କ ମୃତ୍ୟୁର ସବିଶେଷ ତଥ୍ୟ ମଗାଯିବା ପରେ ପୋଲିସ ତନାଘନା ଜୋର ଧରିଛି।

ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ମଙ୍ଗଳବାର ରାୟଗଡ଼ା ଆସି ହୋଟେଲ ସାଇ ଇଣ୍ଟରନ୍ୟାଶନାଲକୁ ଯାଇଥିଲେ। ରୁମ୍ ନଂ. ୨୦୩ରେ ୨୨ତାରିଖରେ ମୃତ୍ୟୁବରଣ କରିଥିବା ବିଦାନୋଭଙ୍କ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଛାତରୁ ପଡ଼ି ମୃତ୍ୟୁବରଣ କରିଥିବା ରୁଷୀୟ ସାଂସଦ ପାଭେଲଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ କରିଥିଲେ। ଏହି ସମୟରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଏସ୍‌ଡିପିଓ ଦେବଜ୍ୟୋତି ଦାସ, ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ଡିଆଇଜି ପୋଲିସ କାର୍ଯ୍ୟାଳୟରେ ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଅନୁଧ୍ୟାନ କରିଥିଲେ। ୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ରାୟଗଡ଼ା ଟାଉନ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏହାର ତଦନ୍ତ ଚାଲିଛି। ବିଦାନୋଭଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଥିବାବେଳେ ପାଭେଲଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଡିଆଇଜି କହିଛନ୍ତି। ଅପରପକ୍ଷରେ ବିଦାନୋଭ ଏବଂ ପାଭେଲଙ୍କ ସହିତ ଆସିଥିବା ଅନ୍ୟ ୨ଜଣ ରୁଷୀୟ ପର୍ଯ୍ୟଟକ ମଙ୍ଗଳବାର ରାୟଗଡ଼ା ଛାଡ଼ିଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପର୍ଯ୍ୟଟକ ତୁରଭ ଏବଂ ପାନାସାଙ୍କୋ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ଭୁବନେଶ୍ୱରରେ ରହିବା ପରେ ଉଭୟେ ରୁଷିଆ ଯିବେ ବୋଲି ସୂଚନା ମିଳିଛି। ତେବେ ପାଭେଲ ଏବଂ ବିଦାନୋଭଙ୍କ ମୃତ୍ୟୁ ଘଟଣାରେ ଗଣମାଧ୍ୟମକୁ ସୂଚନା ଦେଉଥିବା ଗାଇଡ୍ ଜିତେନ୍ଦ୍ର ସିଂଙ୍କୁ ମଧ୍ୟ ପୋଲିସ ଭୁବନେଶ୍ୱର ପଠାଇଦେଇଛି। ପ୍ରଥମେ ଗଣମାଧ୍ୟମକୁ ସମସ୍ତ ସୂଚନା ଦେଉଥିବା ଜିତେନ୍ଦ୍ର ମଙ୍ଗଳବାର କୌଣସି ସୂଚନା ଦେବାକୁ ମନା କରିଦେଇଥିଲେ, ଯାହାକି ସନ୍ଦେହ ସୃଷ୍ଟି କରିଛି। ବୁଧବାର କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ପାଇଁ ରାୟଗଡ଼ାରେ ପହଞ୍ଚିବ ବୋଲି ସୂଚନା ମିଳିଛି।

## ଏମ୍‌ଏସ୍‌ଏମ୍‌ଇ ପଲିସି...

ଅଟୋମୋବାଇଲ ଓ ଅଟୋକମ୍ପୋନେଣ୍ଟ, ପ୍ଲାଷ୍ଟିକ, ପଲିମର୍ସ, ଷ୍ଟିଲ୍, ପ୍ରତିରକ୍ଷା ଉପକରଣ, ଆଲୁମିନିୟମ, ଫାର୍ମାସ୍ୟୁଟିକାଲ୍ସ, ମେଡିକାଲ ଉପକରଣ, ବୟନ ଶିଳ୍ପ ଆଦି ୮ଟି ଫୋକସ କ୍ଷେତ୍ରର ଉଦ୍ୟୋଗ, ଶିଳ୍ପାୟନ କ୍ଷେତ୍ରରେ ପଛୁଆ ଥିବା ଜିଲା କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, ଗଜପତି ଓ ମୟୂରଭଞ୍ଜ ଆଦି ଜିଲା, ବିଜୁ ଏକ୍ସପ୍ରେସ ରାଜପଥ କରିଡର ପାର୍ଶ୍ୱବର୍ତ୍ତୀ ଶିଳ୍ପାଞ୍ଚଳଗୁଡ଼ିକ ପାଇଁ ପୁଞ୍ଜିବିନିଯୋଗରେ ଅତିରିକ୍ତ ୫% ଅନୁଦାନ ସର୍ବାଧିକ ୨୦ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ନୂଆ ଓ ପୂର୍ବରୁ ଥିବା ଆଙ୍କର ଉଦ୍ୟୋଗଗୁଡ଼ିକରେ କଳକବ୍‌ଜା ସ୍ଥାପନ ପାଇଁ ହୋଇଥିବା ପୁଞ୍ଜିନିବେଶ ଉପରେ ୩୦ ପ୍ରତିଶତ ହାରରେ ସର୍ବାଧିକ ୪ କୋଟି ଟଙ୍କା ରିହାତି ଦିଆଯିବ। ଅଣ ପ୍ରଦୂଷଣକାରୀ ପଦକ୍ଷେପ ଗ୍ରହଣ କରୁଥିବା ଉଦ୍ୟୋଗଗୁଡ଼ିକ ପାଇଁ ଅଣପ୍ରଦୂଷିତ ଯନ୍ତ୍ରପାତି ଓ କଳକବ୍‌ଜା ସ୍ଥାପନରେ ହୋଇଥିବା ପୁଞ୍ଜିନିବେଶ ଉପରେ ସର୍ବାଧିକ ୨୫ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ପୂର୍ବରୁ ଥିବା ଓ ନୂତନ ଉଦ୍ୟୋଗକୁ ୭୫ରୁ ୧୦୦ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯିବ। ଶିଳ୍ପ ଉଦ୍ଦେଶ୍ୟରେ ଜମି ପରିବର୍ତ୍ତନ ଉପରେ ପ୍ରିମିୟମ ଦେୟ ଛାଡ଼ ସହ ମିଆଦି ଋଣ ସୁଧର ଶତକଡ଼ା ୫୦ ପ୍ରତିଶତର ପରିପୂରଣ ସର୍ବାଧିକ ୧କୋଟି ଟଙ୍କା ୫ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ଏପରି କି ୫ବର୍ଷ ପାଇଁ ବିଦ୍ୟୁତ୍ ଚୁକ୍ତିନାମା ୭୫୦ କେଭିଏ ପର୍ଯ୍ୟନ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯିବ।

ସେହିପରି ଭାରତ ସରକାରଙ୍କଠାରୁ ତ୍ରୁଟି ଶୂନ୍ୟ ପ୍ରଭାବ(ଜେଡଇଡି) ପ୍ରମାଣ ପତ୍ର ଉପରେ କାଂସ୍ୟ ପତ୍ର ପାଇଁ ସର୍ବାଧିକ ୨ ଲକ୍ଷ ଟଙ୍କା , ରୌପ୍ୟ ପତ୍ର ପାଇଁ ସର୍ବାଧିକ ୩ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ପତ୍ର ପାଇଁ ସର୍ବାଧିକ ୫ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। କର୍ମଚାରୀ ଭବିଷ୍ୟନିଧି ଓ କର୍ମଚାରୀ ବୀମା ବାବଦ ପୈଠ ରାଶିର ଶତକଡ଼ା ୭୫ପ୍ରତିଶତରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଜଳ ସଂରକ୍ଷଣ ପାଇଁ ସର୍ବାଧିକ ୧ ଲକ୍ଷ, ଶକ୍ତି ସଂରକ୍ଷଣ ପାଇଁ ୫ ଲକ୍ଷ, ଦେଶ ଓ ବିଦେଶରେ ପେଟେଣ୍ଟ ପଞ୍ଜୀକରଣ ପାଇଁ ୫ ଲକ୍ଷ, ଟ୍ରେଡମାର୍କ ପାଇଁ ୩ ଲକ୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଏହି ନୀତିରେ ବ୍ୟବସ୍ଥା ରହିଛି। ଏଥିସହିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶରେ ଅବଦାନକୁ ସ୍ୱୀକୃତି ଦେବାକୁ ରାଜ୍ୟ ସରକାର ପୁରସ୍କାର ବ୍ୟବସ୍ଥା କରିଛନ୍ତି। ପ୍ରଥମ ପୁରସ୍କାର ଭାବେ ୧ ଲକ୍ଷ ୫୧ ହଜାର, ଦ୍ୱିତୀୟ ପୁରସ୍କାର ୧ ଲକ୍ଷ ଓ ତୃତୀୟ ପୁରସ୍କାର ଭାବେ ଉଦ୍ୟୋଗୀମାନଙ୍କୁ ୫୧ ହଜାର ଟଙ୍କା ପ୍ରଦାନ କରାଯିବ। ୨୦୨୧ ଡିସେମ୍ବର ୩୧ ସୁଦ୍ଧା ୧୦୦ ପ୍ରତିଶତ ଅନୁଦାନ ପାଉଥିବା ଅଣ ସରକାରୀ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ସ୍କୁଲ ଓ ମଦ୍ରାସାର ଯୋଗ୍ୟ କର୍ମଚାରୀଙ୍କୁ ଓଡିଶା ସଂଶୋଧିତ ବେତନ ନିୟମ-୨୦୧୭ ଆଧାରରେ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ। ଏଥିପାଇଁ ବର୍ଷିକ ୨୮୦.୪୮ କୋଟି ଟଙ୍କା ରାଜ୍ୟ ସରକାର ଅତିରିକ୍ତ ଖର୍ଚ୍ଚ ବହନ କରିବେ। ଏଥିରେ ୨୬,୧୬୪ ଶିକ୍ଷକ ଓ କର୍ମଚାରୀ ଉପକୃତ ହେବେ।

କୃଷିରେ ମହିଳା ସଶକ୍ତୀକରଣ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଉଦ୍ୟୋଗ ପ୍ରୋତ୍ସାହନ ଓ କୃଷକମାନଙ୍କ ଆୟ ବୃଦ୍ଧି କରିବା ଯୋଜନାରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ପାଇଁ ୧,୫୦୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଆକାରରେ ଖର୍ଚ୍ଚ କରିବେ।

କୃଷିରେମହିଳାସଶକ୍ତୀକରଣଓମହିଳାସ୍ୱୟଂସହାୟିକାଗୋଷ୍ଠୀ(ଏସ୍‌ଏଚ୍‌ଜି) ଉଦ୍ୟୋଗ ପ୍ରୋତ୍ସାହନ ଯୋଜନାରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ (୨୦୨୨-୨୩ରୁ ୨୦୨୬-୨୭) ନିମନ୍ତେ ୩୬୭.୧୯ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହା ମହିଳା ହିତାଧିକାରୀଙ୍କ ଦ୍ୱାରା ରାଜ୍ୟରେ ହେଉଥିବା ଛତୁ ଚାଷକୁ ଦ୍ୱିଗୁଣିତ କରିବା ସହ ଝୁରାଫୁଲ ଉତ୍ପାଦନରେ ରାଜ୍ୟକୁ ଆତ୍ମ ନିର୍ଭରଶୀଳ କରିବାରେ ସହାୟକ ହୋଇପାରିବ।

ସେହିପରି ଆଳୁ, ପନିପରିବା ଏବଂ ମସଲା ଉନ୍ନୟନ ଯୋଜନା ତଥା ଗ୍ରାମାଞ୍ଚଳର ଚାଷୀଙ୍କ ରୋଜଗାର ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଆସନ୍ତା ୪ ବର୍ଷ (୨୦୨୨-୨୩ରୁ ୨୦୨୫-୨୭) ନିମନ୍ତେ ୧୧୪୨.୨୪ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହା ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ/କୃଷକ ଉତ୍ପାଦକ ସଂଗଠନ ତଥା ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି। ଏହି ଯୋଜନାରେ ଚାଷୀମାନଙ୍କୁ ରିହାତି ପ୍ରଦାନ କରାଯିବ। ରାଜ୍ୟକୁ ଆଳୁ, ପିଆଜ, ପନିପରିବା ଏବଂ ମସଲା ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ଏବଂ ଚାଷୀମାନଙ୍କ ରୋଜଗାର ବୃଦ୍ଧି କରିବା ଲକ୍ଷ୍ୟରେ ଉକ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି।

# ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାର ଆବଶ୍ୟକତା ରହିଛି: ମୁଖ୍ୟମନ୍ତ୍ରୀ



ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିପିୟୁଟିର ଏକାଡେମିକ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଏକବିଂଶ ଶତାବ୍ଦୀରେ ପରିବର୍ତ୍ତନ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ପ୍ରଯୁକ୍ତିବିଦ୍ୟା ଆମ ସମାଜର ପ୍ରତ୍ୟେକ ଅଂଶ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି। ସଭ୍ୟତାର ଭବିଷ୍ୟତ ହିଁ ଶିକ୍ଷାର ଦିଗ ଓ ଗୁଣବତ୍ତା ଉପରେ ନିର୍ଭର କରେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି)ର ଏକାଡେମିକ ମିଟ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ 'ନୂତନ ଶିକ୍ଷାନୀତି ୨୦୨୦ରେ ବୈଷୟିକ ତଥା ବୃତ୍ତିଗତ ଶିକ୍ଷାର ରୂପାନ୍ତର' ଉପରେ ମତ ରଖିଥିଲେ। ସେ କହିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ଅର୍ଥପୂର୍ଣ୍ଣ ପ୍ରୟାସ ଏବଂ ଶିକ୍ଷାର ସମସ୍ତ ସ୍ତରରେ ଦିଗ ସ୍ଥିର କରିଛି। ବିଶିଷ୍ଟ ବୈଜ୍ଞାନିକ କେ. କସ୍ତୁରୀରଙ୍ଗାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ନୀତି ଆମର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ବୈଠକ ଶିକ୍ଷା ନୀତି ମଧ୍ୟରେ ନୂତନ ନୀତି ଉପରେ ସଚେତନତା ଆଣିବାରେ ସାହାଯ୍ୟ କରିବ। ବୈଷୟିକ ଶିକ୍ଷାର ରୂପାନ୍ତର ପ୍ରୟାସରେ ରାଜ୍ୟ ସରକାର ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଯୋଗଦେଇ ୫-ଟି ପ୍ରୟୋଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ହୋଇଥିବା ପରିବର୍ତ୍ତନ ବିଷୟରେ କହିଥିଲେ। ବିପିୟୁଟି କୁଳପତି ପ୍ରଫେସର ବଂଶୀଧର ମାଝି ସ୍ୱାଗତ ଭାଷଣ ଓ ରେଜିଷ୍ଟ୍ରାର ଧନ୍ୟବାଦ ଦେଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ମୁଖ୍ୟ ସଚିବ ଉଷା ପାଢ଼ୀ, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲ୍‌କର, ଆଇଆଇଏସ୍‌ସି ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏନ୍.ସି. ଶିବପ୍ରକାଶ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏସ୍.କେ. ନାୟକ ଏବଂ ପେରି ଏଣ୍ଟରପ୍ରାଇଜେସ୍‌ର ସିଇଓ ଆର୍.ଆର୍. ମହାପାତ୍ର ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବିଶ୍ୱବିଦ୍ୟାଳୟର ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ କରିବା ଏବଂ ଏହାର ବିଭିନ୍ନ ଦିଗ ଯେପରିକି ବହୁ-ଶୃଙ୍ଖଳିତ ପାଠ୍ୟକ୍ରମର ପ୍ରବର୍ତ୍ତନ, ଅନୁସନ୍ଧାନ, ଇନୋଭେଶନ ଏବଂ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବା, ଦକ୍ଷତା ବୃଦ୍ଧି, ବୈଷୟିକ ପାଇଁ ବ୍ୟାପକ ଢାଞ୍ଚା ସୃଷ୍ଟି ପାଇଁ ଯୋଜନା ରହିଛି। ବୈଷୟିକ ଶିକ୍ଷାରେ ସ୍ଥାନୀୟ ଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ବିପିୟୁଟି ପକ୍ଷରୁ ସୂଚନା ଦିଆଯାଇଛି।

# ରଥକାଠ ଅନୁକୂଳ ପାଇଁ ମା'ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା

**ଗଣିଆ,୨୭।୧୨(ଡି.ଏନ୍.ଏ.)**

## ଆସନ୍ତାବର୍ଷ ଆବଶ୍ୟକ ୭୪୭ ଖଣ୍ଡ କାଠ



ରଥକାଠ ଅନୁକୂଳ ପାଇଁ ମା'ବଡ଼ରାଉଳ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବଡ଼ମୂଳ ନିକଟସ୍ଥ ମା'ବଡରାଉଳ ଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଇଛି। ରଥକାଠ ବରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ମଙ୍ଗଳବାର ସକାଳୁ ମା'ବଡ଼ରାଉଳ ପୀଠରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ବେଠିଆସାହିସ୍ଥିତ ଶ୍ରୀ ଦଧିବାମନଜୀଉ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ୩ ଜଣିଆ ଟିମ୍ ମହାପ୍ରଭୁଙ୍କ ଆଜ୍ଞାମାଳ, ଖଣ୍ଡୁଆ, ମହାପ୍ରସାଦ, ପାଟପଟନୀ ଓ ମହାର୍ଦ୍ଧ ଧରି ନୟାଗଡ଼ ବନବିଭାଗ ନେତୃତ୍ୱରେ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରେ ପହଞ୍ଚିବା ପରେ ବୌଦ୍ଧ ଓ ଦଶପଲ୍ଲା ଅଞ୍ଚଳରୁ ଆସିଥିବା ନାମ ସଂକୀର୍ତ୍ତନ ଦଳ ସେମାନଙ୍କୁ ବଡ଼ରାଉଳ ପୀଠକୁ ପାଛୋଟିନେଇଥିଲେ। ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ନରେ ମା' ବଡ଼ରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଢୋଲ ଓ ତୂରୀ ବାଦ୍ୟ ସହ ଠାକୁରାଣୀଙ୍କ ପୀଠରେ ପାରମ୍ପରିକ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ଅସନ, ଧଉରା , ଫାସି ଓ ସିମିଳି କାଠ ବୁଧବାରଠାରୁ ଛେଦନ ଆରମ୍ଭ ହେବ ବୋଲି ବନବିଭାଗ ତରଫରୁ ସୂଚନା ମିଳିଛି।

ଆସନ୍ତା ବର୍ଷ ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ରହିଛି। ହେଲେ ୧୧୮ ଖଣ୍ଡ କାଠ ରଥଖଳାରେ ଗଚ୍ଛିତ ଅଛି। ଅବଶିଷ୍ଟ ୭୪୭ଖଣ୍ଡ ରଥକାଠ ନୟାଗଡ଼ ବନଖଣ୍ଡ ତରଫରୁ ଯୋଗାଇ ଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା ହୋଇଛି। ୭୪୭ଖଣ୍ଡ କାଠ ମଧ୍ୟରୁ ୨୯୬ ଖଣ୍ଡ ଅସନ, ୩୭୬ ଖଣ୍ଡ ଧଉରା, ୭୨ଖଣ୍ଡ ଫାସି ଓ ୩ ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୩୪୧ଖଣ୍ଡ କାଠ ରଥଖଳାକୁ ଓ ୪୦୬ଖଣ୍ଡ କାଠ କଟକସ୍ଥିତ ଖପୁରିଆ କରତକଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ,୧୬୫୩ ମସିହାରେ ଦଶପଲ୍ଲା ଗଡ଼ଜାତ ରାଜା ଚକ୍ରଧର ଭଞ୍ଜ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଦଶପଲ୍ଲା ଅଞ୍ଚଳରୁ କାଠ ଯୋଗାଇଦେବାର ବିଧି ଆରମ୍ଭ କରିଥିଲେ। ସେଦିନଠାରୁ ଦଶପଲ୍ଲା ଜଙ୍ଗଲରୁ ରଥକାଠ ଯୋଗାଇଦେବା ପରମ୍ପରା ରହିଆସିଛି। ନୟାଗଡ଼ ବନଖଣ୍ଡରୁ ଧୀରେ ଧୀରେ ରଥ କାଠ ଅଭାବ ଦେଖାଦେବା ଦ୍ୱାରା ଗତ କିଛି ବର୍ଷ ହେବ ଉଭୟ ନୟାଗଡ଼ ଓ ବୌଦ୍ଧ ବନଖଣ୍ଡରୁ ରଥକାଠ ସଂଗ୍ରହ କରାଯାଉଥିବା ବନବିଭାଗ ତରଫରୁ ସୂଚନା ମିଳିଛି।

# ଦାରୁଦିଅଁଙ୍କ ଦର୍ଶନ ପାଇଁ ଚାଲି ଚାଲି ରାଜସ୍ଥାନରୁ ପୁରୀ



**ଗଣିଆ,୨୭।୧୨(ଡି.ଏନ.ଏ.):** ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ରାଜସ୍ଥାନରୁ ୫ଜଣିଆ ତିର୍ଥଯାତ୍ରୀ ଦଳ ଚାଲି ଚାଲି ପୁରୀ ଅଭିମୁଖେ ଯାଉଛନ୍ତି। ଏହି ଯାତ୍ରୀ ଦଳ ମଙ୍ଗଳବାର ନୟାଗଡ଼ ଜିଲା ଗଣିଆ ବ୍ଲକର ଛାମୁଣ୍ଡିଆଠାରେ ପହଞ୍ଚିଛନ୍ତି। ସେମାନେ ହେଲେ ରାଜସ୍ଥାନର ସୁବାଇମାଧପୁର ଜିଲାରୁ ଦାମୋଦର ପୁତ୍ର(୬୭), ଭାଗବତ ଚନ୍ଦନ ଗୁଜର(୭୩), ରାମସା ଗୁଜର(୬୫), କରୋଲି ଜିଲାର ଭଗବାନ ସିଂ (୫୫) ଓ ହରି ସିଂ (୭୦)। ପରିଣତ ବୟସରେ ସମସ୍ତେ ପଦାର୍ପଣ କରିଥିଲେ ମଧ୍ୟ ଜଗନ୍ନାଥଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ଯୋଗୁ ସେମାନେ ଆସିବା ପଥରେ ଅସୁସ୍ଥ ଅନୁଭବ କରିନାହାନ୍ତି କି ଥକି ପଡିନାହାନ୍ତି। ଗତ ନଭେମ୍ବର ୧୦ରୁ ରାଜସ୍ଥାନରୁ ବାହାରି ଥିବା ଏହି ଦଳ ୫୦ ଦିନ ହେବ ପାଦରେ ଚାଲିଚାଲି ପୁରୁଣା ଜଗନ୍ନାଥ ସଡ଼କ ଦେଇ ପୁରୀ ଅଭିମୁଖେ ଯାଉଛନ୍ତି। ଶୀତ ଓ ପାଦର କଷ୍ଟ ପାଇଁ କେତେଜଣ ପାଦରେ କପଡ଼ା ବାନ୍ଧିଥିବା ଦେଖିବାକୁ ମିଳିଛି। ସେମାନେ ଖାଦ୍ୟ ପାଇଁ କାହା ଉପରେ ନିର୍ଭର ନ କରି ନିଜର ରାଶନ ସାମଗ୍ରୀ, ବସ୍ତ୍ର ମୁଣ୍ଡରେ ବୋହିବା ସହ ହାତରେ ବାଡ଼ି ଓ ଝଣ୍ଡା ଧରି ଜୟ ଜଗନ୍ନାଥ ଧ୍ୱନି ଦେଇ ଚାଲିଛନ୍ତି। ପୁରୀରେ ପହଞ୍ଚି ଜଗା ଦର୍ଶନ କରିବା ସହ କିଛି ଦିନ ବିଶ୍ରାମ ନେଇ ଟ୍ରେନ ଯୋଗେ ଘରକୁ ଫେରିବା ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ତିର୍ଥଯାତ୍ରୀ ଦଳ ପ୍ରଥମ ଥର ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଅଭିମୁଖେ ବାହାରିଥିବାରୁ ସେମାନଙ୍କ ମନରେ ପ୍ରବଳ ଉତ୍କଣ୍ଠା ଭରି ରହିଥିବା ଦେଖିବାକୁ ମିଳିଛି।

# ମଙ୍ଗଳାଯୋଡ଼ିରେ ଭିତ୍ତିଭୂମି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଟାଙ୍ଗୀ(ଖୋର୍ଦ୍ଧା),୨୭।୧୨(ଡି.ଏନ୍.ଏ.)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗସ୍ତରେ ଯାଇ ପକ୍ଷୀ ବିହାର ବୁଲିବା ସହ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ମଙ୍ଗଳାଯୋଡ଼ି ପକ୍ଷୀ ବିହାର ଜେଟିରେ ମହାପାତ୍ର ପହଞ୍ଚିବା ପରେ ଡଙ୍ଗାରେ ଯାଇ ପକ୍ଷୀ ଅଭୟାରଣ୍ୟ ବୁଲି ଦେଖିଥିଲେ। ଶୀତଦିନେ ପକ୍ଷୀ ଦେଖିବା ପାଇଁ ମଙ୍ଗଳାଯୋଡିକୁ ଶତାଧିକ ପର୍ଯ୍ୟଟକ ଆସୁଥିବାରୁ ପର୍ଯ୍ୟଟକଙ୍କ ପାଇଁ ଥିବା ସୁବିଧା ସୁଯୋଗର ସମୀକ୍ଷା କରିଥିଲେ। ମଙ୍ଗଳାଯୋଡ଼ି ଲେଭଲ କ୍ରସିଂଠାରୁ ପକ୍ଷୀ ବିହାର ଜେଟି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ଉନ୍ନତୀକରଣ, ଜେଟିଠାରେ ପର୍ଯ୍ୟଟକଙ୍କ ଗାଡି ପାର୍କିଂ ବ୍ୟବସ୍ଥାକୁ ଉନ୍ନତ କରିବା, ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମଙ୍ଗଳାଯୋଡିର କିଭଳି ଉନ୍ନତି ହୋଇପାରିବ ସେନେଇ ମୁଖ୍ୟ ଶାସନ ସଚିବ ମହାପାତ୍ର ସ୍ଥାନୀୟ ଗାଇଡ୍, ପକ୍ଷୀ ସୁରକ୍ଷା ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ, ବାଲୁଗାଁ ବନ୍ୟପ୍ରାଣୀ ଡିଏଫଓ ରାମସ୍ୱାମୀ, ଏସିଏଫ୍ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକଙ୍କ ୧୦୨ ପିଲା...

ଆଉ ସମ୍ଭବ ହେଉ ନାହିଁ। ବୟସ ବୃଦ୍ଧି ସାଙ୍ଗକୁ ଶରୀରକୁ ନାନା ପ୍ରକାର ରୋଗ ଗ୍ରାସ କରିବାରେ ଲାଗିଛି। ଉଗାଣ୍ଡାର ଲୁସାକାରେ ମୁସା ତାଙ୍କ ପରିବାର ସହ ରୁହନ୍ତି। ସେଠାରେ ବହୁପତ୍ନୀ ପ୍ରଥା ପ୍ରଚଳିତ ଥିବାବେଳେ ମୁସାଙ୍କର ମୋଟ ୧୨ ସ୍ତ୍ରୀ। ରୋଜଗାର ଭଲ ହେଉଥିବାବେଳେ ମୁସା ଗୋଟିଏ ପରେ ଗୋଟିଏ ବିବାହ କରିଥିଲେ। ଗୋଟିଏ ରୋଜଗାରରେ ଏତେବଡ଼ ପରିବାର ଚଳାଇବା ଲାଗି ବହୁ ଅସୁବିଧା ଦେଖାଦେବା ପରେ ତାଙ୍କର ୨ ଜଣ ସ୍ତ୍ରୀ ମୁସାଙ୍କୁ ଛାଡ଼ି ଚାଲିଯାଇଛନ୍ତି। ବର୍ତ୍ତମାନ ସେ ପରିବାରରେ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ତାଙ୍କ ସ୍ତ୍ରୀ ମଧ୍ୟ ରାଜି । ମୁସାଙ୍କ ୧୨ତମ ସ୍ତ୍ରୀ ଜୁଲାଇକା ୧୧ ସନ୍ତାନଙ୍କ ମା'। ଅର୍ଥାଭାବ ଯୋଗୁ ଘର ଚଳାଇବାରେ ବହୁ ସମସ୍ୟା ଦେଖାଯାଉଛି। ପିଲା ଜନ୍ମ ନ କରିବା ଲାଗି ସେ ଏଣିକି ଗର୍ଭ ନିରୋଧକ ବଟିକା ନେଉଥିବା ଜୁଲାଇକା କହିଛନ୍ତି। ମାତ୍ର ୧୬ ବର୍ଷ ବୟସରେ ମୁସା ପ୍ରଥମ ବିବାହ କରିଥିଲେ। ତାଙ୍କର ଏକତୃତୀୟାଂଶ ପିଲାଙ୍କ ବୟସ ୬ ବର୍ଷରୁ ୫୧ ବର୍ଷ ମଧ୍ୟରେ ହୋଇଥିବାବେଳେ ମୁସାଙ୍କ ବଡ଼ ପୁଅ ଜୁଲାଇକାଙ୍କଠାରୁ ୨୧ ବର୍ଷ ବଡ଼।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନିଜର ସମ୍ପର୍କୀୟମାନଙ୍କ ଦ୍ୱାରା କୌଣସି ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଦ୍ୱିଜା ନକ୍ଷତ୍ର ବ୍ୟକ୍ତିବିଶେଷଙ୍କର ପରିବହନରେ ସମସ୍ୟା ଦୂର ହେବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** ଆଜି ଆର୍ଥିକ ଦିଗଟି ଭଲ ରହିବ, ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପ୍ୟାୟିତ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ମୃଗଶିରା ସକାଶେ କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇ ପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମିଥୁନ** ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି ମଧୁର କଥାକହି କୌଣସି ନୂତନ କାମ ଆରମ୍ଭ କରି ଖୁସି ରହିବେ। ଆରଦ୍ରା ନକ୍ଷତ୍ର କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। କେତେକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କିନ୍ତୁ ଅଶ୍ଳେଷା ନକ୍ଷତ୍ର ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। କାର୍ଯ୍ୟ ହାସଲ କରିବା ସକାଶେ ଅନ୍ୟ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ସିଂହ** ପୂର୍ବାଫାଲଗୁନୀ ନକ୍ଷତ୍ର ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ, କିନ୍ତୁ କ୍ଷତି ମଧ୍ୟ ହେବନି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ହସ୍ତା ନକ୍ଷତ୍ର ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ପ୍ରବାସୀମାନେ ପରିବାରକୁ ମନେ ପକାଇ ନିଃସଙ୍ଗତା ବୋଧ କରିପାରନ୍ତି। ସମସ୍ୟା ମଧ୍ୟରେ ସମୟ ଅତିବାହିତ କରିବେ।

**ତୁଳା** ଆପଣ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହିଁ ହେବ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ଚିତ୍ରା ନକ୍ଷତ୍ର ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବନ୍ଧୁଙ୍କ ସାମ୍ନାରେ ମନର କଥାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା** ପୂର୍ବପରିକଳ୍ପିତ ଯୋଜନାଗୁଡ଼ିକ ବିଗିଡ଼ି ଯିବାରୁ ମନ ଦୁଃଖ ହୋଇପାରେ। ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ହେଉଥିବା ଯୋଗୁ ମନ ଅଶାନ୍ତ ରହିବ। ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ** ଅପରିଣାମଦର୍ଶିତା କାରଣରୁ କେତେକ ଗୋପନୀୟ କଥାକୁ ନେଇ ମନ ଅସ୍ଥିର ରହିବ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର** ଆକସ୍ମିକଭାବରେ ଥଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। ଘରୋଇ କ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ,ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଶ୍ରବଣା ନକ୍ଷତ୍ର ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟଦେଇ ଗତି କରୁଥିବାରୁ ପ୍ରଗତିର ପଥରୋଧ ହୋଇପାରେ। ପରିବାରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ରର କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ।

**ମୀନ** ହାତକୁ ନେଇଥିବା କାମଗୁଡ଼ିକ ସୁବିଧାରେ ହାସଲ କରିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ରେବତୀ ନକ୍ଷତ୍ର ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଲାନ୍ତିବୋଧ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ଡିସେମ୍ବର ୨୮ ତାରିଖ, ପୌଷ ଶୁକ୍ଳ ଷଷ୍ଠୀ ବୁଧବାର, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୩ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୪୩ମି. ଗତେ ଘ.୧୧.୪୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୧୧.୪୧ମି. ଗତେ ଘ.୦୧.୦୯ମି. ମଧ୍ୟେ ରାହୁକାଳ।

# କଂସ ରାଜୁତି ଆରମ୍ଭ



ଅତିଥିମାନେ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

## ବରଗଡ଼ ଧନୁଯାତ୍ରା ଉଦ୍‌ଘାଟିତ

ମଥୁରାନଗରୀ,୨୭।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ମୋନିଷା ବାନାର୍ଜୀ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ସ୍ମିତ୍ ପି. ପରମାର, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ସାଂସ୍କୃତିକ କମିଟି ଆବାହକ ଗୋପାଳକୃଷ୍ଣ ଦାଶ, କଳାକାର ଉପଦେଷ୍ଟା ସମନ୍ୱୟ ସମିତି ସହ ଆବାହକ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ବରଗଡ଼ ସହର ମଥୁରାନଗରୀ ପାଲଟିଥିବାବେଳେ କଂସଙ୍କ ରାଜୁତି ଆରମ୍ଭ ହୋଇଛି ।

ମହୋତ୍ସବ ଉଦ୍‌ଘାଟିତ ହେବା ପରେ ନାଟ୍ୟାଭିନୟରେ ମହାରାଜା ଉଗ୍ରସେନଙ୍କ ଉପସ୍ଥିତିରେ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ କଂସଙ୍କ ମୃତ୍ୟୁର କାରଣ ହେବ ବୋଲି ଶୂନ୍ୟବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଦୈବବାଣୀ ପରେ ଯୁବରାଜ କଂସ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରିବା ସହିତ ମଥୁରା ଶାସନ ନିଜ ହାତକୁ ନେଇଥିଲେ ଏବଂ ଦେବକୀ ଓ ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ)କୁ ପଠାଇ ଦେଇଥିଲେ। କଂସଙ୍କ ଏଭଳି ରାଜୁତି ପରେ ସମଗ୍ର ମଥୁରାନଗରୀ ଅଶାନ୍ତ ହୋଇପଡ଼ିଛି। ସେହିପରି ଶୂନ୍ୟବାଣୀ ପରଠାରୁ ମହାରାଜ କଂସ ମଧ୍ୟ ବିଚଳିତ ହୋଇପଡ଼ିଛନ୍ତି। ମନକୁ ଶାନ୍ତ କରିବା ପାଇଁ କଂସଙ୍କ ନିର୍ଦ୍ଦେଶରେ ରାଜ ଦରବାରରେ ନୃତ୍ୟ ପରିବେଷିତ ହୋଇଥିଲା।

ଏହି ଉପଲକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଟୁଇଟ୍ କରି କହିଛନ୍ତି ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ଭାବରେ ଜଣାଶୁଣା ଓଡ଼ିଶାର ଧନୁଯାତ୍ରା ଏକ ଅନନ୍ୟ ପରମ୍ପରା। ପିଢ଼ି ପରେ ପିଢ଼ି ଧନୁଯାତ୍ରାର ବାର୍ତ୍ତା ଓ ପରମ୍ପରାରୁ ଅନୁପ୍ରାଣୀତ ହେବେ ବୋଲି ସେ ବିଶ୍ୱାସ କରନ୍ତି। ଏହି ଯାତ୍ରା ଅବସରରେ ଓଡ଼ିଶାବାସୀଙ୍କୁ ସେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

# ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସନ୍ଦେହ

## କିଆ ମୋଟର୍ସର ଡାଟା ଚୋରି ଘଟଣା

- ହ୍ୱାଟ୍ସଆପ୍‌କୁ ରିପୋର୍ଟ ମାଗିଛି ପୋଲିସ
- ଗିରଫ ହୋଇଛନ୍ତି ପୂର୍ବତନ କର୍ମଚାରୀ

ଭୁବନେଶ୍ୱର, ୨୭।୧୨ (ବ୍ୟୁରୋ)

ପାହାଳ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କିଆ ମୋଟର୍ସ ଶୋ'ରୁମ୍‌ର ଡାଟା ଚୋରି ଘଟଣାରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଏହି ମାମଲାରେ ଶୋ'ରୁମ୍‌ର ପିଡିପି ପୋଷ୍ଟରେ କାମ କରୁଥିବା ପୂର୍ବତନ କର୍ମଚାରୀ ଶୁଭାଶିଷ ମହାନ୍ତି ବୁଧବାରଠାରୁ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ତେବେ ଏହି ଘଟଣାରେ ଆହୁରି ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଏପରିକି ଶୋ'ରୁମ୍‌ର ବହୁ ଗ୍ରାହକଙ୍କ ଡାଟାକୁ ଅନ୍ୟ ଶୋ'ରୁମ୍‌କୁ ବିକ୍ରି କରାଯାଇଥିବା 'କିଆ ମୋଟର୍ସ' ପକ୍ଷରୁ ଅଭିଯୋଗ କରାଯାଇଛି। ଡାଟା ଚୋରି ଯୋଗୁ କିଆ ମୋଟର୍ସର ୪ କୋଟି ଟଙ୍କାର କ୍ଷତି ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ଶୁଭାଶିଷ ବେଲ୍‌ରେ ଆସିବା ଘଟଣାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନାଧିକାରିଣୀ ରଶ୍ମିତା ବେହେରା କହିଛନ୍ତି, ମାମଲାରେ ଅନ୍ୟ ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ। ଅଭିଯୁକ୍ତ ଚୋରି କରିଥିବା ଡାଟାକୁ କାହାକୁ ଦେଉଥିଲେ ତାହା ଜାଣିବାକୁ ହ୍ୱାଟ୍‌ସଆପ୍‌କୁ ଚିଠି ଲେଖାଯାଇଛି। ହ୍ୱାଟ୍‌ସଆପ୍ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ଆସି ନ ଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, କିଆ କମ୍ପାନୀର 'ଡିଲର ମ୍ୟାନେଜମେଣ୍ଟ ସିଷ୍ଟମ୍' ନାମରେ ଏକ ପୋର୍ଟାଲ ରହିଛି। ଯାଞ୍ଚ, ବୁକିଂ ଓ କାର୍ କିଣିବାକୁ ଆଗ୍ରହ ରଖୁଥିବା ଗ୍ରାହକଙ୍କ ତଥ୍ୟ ଉକ୍ତ ପୋର୍ଟାଲରେ ସମସ୍ତ ଡିଲର୍‌ମାନେ ଅପ୍‌ଲୋଡ୍ କରିଥାନ୍ତି। କିଆ ମୋଟର୍ସ ପକ୍ଷରୁ ମଧ୍ୟ ବହୁ ଗ୍ରାହକଙ୍କ ତଥ୍ୟ ସେଠାରେ ଅପ୍‌ଲୋଡ୍ ହୋଇଥିଲା। ତେବେ ଶୋ'ରୁମ୍‌ରେ କାମ କରୁଥିବା ୨୫ଜଣ କର୍ମଚାରୀ ଗତ ଅଗଷ୍ଟ ୨୨ରେ ଚାକିରି ଛାଡ଼ି ଦେଇଥିଲେ। ଏହାପରେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଅଭିଯୁକ୍ତ ଶୁଭାଶିଷ 'କିଆ ମୋଟର୍ସ' ଛାଡ଼ି ଗଜପତିନଗରସ୍ଥିତ ତୋଷି ମୋଟର୍ସ ଶୋ'ରୁମ୍‌ରେ କାର୍ଯ୍ୟ କରିଥିଲେ। କିଆ ମୋଟର୍ସ 'ଡିଲର ମ୍ୟାନେଜମେଣ୍ଟ ସିଷ୍ଟମ୍' ପୋର୍ଟାଲକୁ ପାହାଳସ୍ଥିତ ଶୋ'ରୁମ୍ କର୍ତ୍ତୃପକ୍ଷ ଲଗ୍‌ଇନ୍ କରିବାପାଇଁ ଚେଷ୍ଟା କରିବାରୁ ତାହା ଲକ୍ ହୋଇଥିବା ଦେଖାଯାଇଥିଲା। ଅସଫଳ ହେବାରୁ ମାଷ୍ଟର ଆଇଡି ବ୍ୟବହାର କରି ୱେବ୍‌ସାଇଟ୍‌ରେ ପ୍ରବେଶ କରାଯାଇଥିଲା। ସନ୍ଦେହ କରାଯାଉଛି କେହି ବ୍ୟକ୍ତି ଶୋ'ରୁମ୍ ଆଇଡିରୁ ଉକ୍ତ ପୋର୍ଟାଲକୁ ଖୋଲି ସେଲ୍‌ସ, ଇନ୍‌କ୍ୱାରି ଓ ଇନ୍‌ସ୍ୟୁରାନ୍ସ ରିପୋର୍ଟ ଡାଉନ୍‌ଲୋଡ୍ କରିଛନ୍ତି। ଡିସେମ୍ବର ୬ରେ ଶୋ'ରୁମ୍‌ର ଜେନେରାଲ ମ୍ୟାନେଜର ଦୀପକ କୁମାର ଡାଉନଲୋଡ୍‌ର ଆଇପି ଆଡ୍ରେସ୍ ସହ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୦/୨୦୨୨) ରୁଜୁ କରି ତଦନ୍ତ ଓ ଯାଞ୍ଚ କରିବା ପରେ ବରମୁଣ୍ଡା ଅଞ୍ଚଳରେ ରହି ଶୁଭାଶିଷ ହିଁ ଏଭଳି କରୁଥିବା ଜଣାପଡ଼ିଥିଲା। ବୁଧବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ସେ ଜାମିନରେ ମୁକୁଳି ଯାଇଛନ୍ତି। ଗୋଟିଏ ପଟେ ପୋଲିସ ପ୍ରଶାସନ ଓଡ଼ିଶାରେ ସାଇବର ଅପରାଧ ହ୍ରାସ କରାଇବା ଲାଗି ଉଦ୍ୟମ କରୁଛି ବୋଲି କହୁଥିବାବେଳେ ଅନ୍ୟପଟେ ସେହି ଅତ୍ୟାଧୁନିକ ଅପରାଧ ଘଟାଉଥିବା ଅପରାଧୀମାନେ ଜାମିନ ହାସଲ କରିପାରୁଥିବାରୁ ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ସହ ଭୟ ମଧ୍ୟ ତୁଟି ଯାଉଛି।

# ଶୁଲିଆ ପୀଠ ରକ୍ତରଞ୍ଜିତ

ଦେଓଗାଁ, ୨୭।୧୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖଇରଗୁରାସ୍ଥିତ ବଡ଼ଖଳା ଓ କୁମୁରିଆ ସାନଖଳାରେ ପାରମ୍ପରିକ ରୀତିନୀତି ଅନୁସାରେ ମଙ୍ଗଳବାର ପାଳିତ ହୋଇଛି ଶଲିଆ ଯାତ୍ରା । ସୋମବାର ବିଳମ୍ବିତ ରାତିରେ ନିଶିପୂଜା ହୋଇଥିଲା । ମଙ୍ଗଳବାର ପ୍ରାତଃରେ ଛତ୍ର ବୈରଖ ଓ ପାଟବୁଦା ଧରି ପାରମ୍ପରିକ ବାଦ୍ୟ ସହ ବରୁଆ ଓ ଦେହୁରିଆମାନେ ଶୋଭାଯାତ୍ରାରେ ଶୁଲିଆ ପୀଠରେ ପହଞ୍ଚିଥିଲେ । ଶୁଲିଆ ବୁଢାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଉଭୟ ଖଳାରେ ଶତାଧିକ ସଂଖ୍ୟାରେ ପୋଢ଼, ବୋଦା, ମେଣ୍ଢା, କୁକୁଡା ଆଦି ବଳି ପଡିଥିଲା। ଫଳରେ ରକ୍ତରଞ୍ଜିତ ହୋଇପଡ଼ିଥିଲା ଶୁଲିଆ ପୀଠ । ଖଇରଗୁରା ବଡଖଳା ପୀଠରେ ମୁଖ୍ୟ ପୂଜକ ସୋମନାଥ ଦେହୁରିଆଙ୍କ ସହ ବରୁଆ ଅନନ୍ତ କୁଅଁର, ମଧୁବନ ଭୋଇ, ଜଗଦୀଶ କୁଅଁର, ନିରଞ୍ଜନ କୁଅଁର, ସ୍ୱପ୍ନ ମାଝି ଓ ସାନଖଳାରେ ମୁଖ୍ୟ ପୂଜକ ହରିହର ଝାଙ୍କର, ମାନଧାତା କୁଅଁର, ବରୁଆ ସମାରୁ ମାଝି ସହଯୋଗ କରିଥିଲେ। ଦୁଇବର୍ଷ ବ୍ୟବଧାନ ପରେ ବିନା କଟକଣାରେ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବଡ଼ଖଳାରେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଓ କୁମୁରିଆ ସାନଖଳାରେ ତୁଷୁରା ତହସିଲଦାର ରବୀନ୍ଦ୍ର କୁମାର ପଟେଲ, ଟିଟିଲାଗଡ ଅତିରିକ୍ତ ଜିଲାପାଳ ଡ. ଲଳିତ ବାଗ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ଏସ୍‌ଡିପିଓ ତୋଫାନ ବାଗଙ୍କ ତତ୍ତ୍ୱାବଧାନରେ ତିନି ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଶୁଲିଆ ପରିଚାଳନା କମିଟି ସଭାପତି ମୟ ପ୍ରଧାନୀ, ସମ୍ପାଦକ ତପନ କୁଅଁର, ସହସମ୍ପାଦକ ମଙ୍ଗଲୁ ପାଣି, ଯୁବନେତା ବିଶ୍ୱଜିତ ପାତ୍ର, କାଳିନ୍ଦ୍ରୀ ମାଝି, ରବିଚନ୍ଦ୍ର ଭୋଇ, କେଶବ କୁଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୁମୁରିଆ ବଡଖଳା ପୀଠରେ ପୂଜାର୍ଚ୍ଚନା ଚାଲିଛି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

କଣ୍ଟାବାଞ୍ଜି, ୨୭।୧୨(ଡି.ଏନ୍.ଏ.)

ସ୍ତ୍ରୀ ହତ୍ୟା ଅଭିଯୋଗରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନାଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଧାମନଡଙ୍ଗାର ଜୟରାମ ମାଝି (୩୫)। ସୂଚନା ଅନୁସାରେ ଜୟରାମ ଯୌତୁକ ଦାବି କରି ବିଭିନ୍ନ ସମୟରେ ସ୍ତ୍ରୀ ଉର୍ମିଳାଙ୍କୁ ନିର୍ଯାତନା ଦେଉଥିଲେ। ୨୦୨୧ ଜୁନ ୧୬ତାରିଖରେ ଅଧିକ କ୍ରୋଧିତ ହୋଇ ତାଙ୍କ ତଣ୍ଟିଚିପି ମାରିଦେବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ବେକରେ ବିଦ୍ୟୁତ୍ ତାର ଗୁଡାଇ ଝୁଲାଇ ଦେଇଥିଲେ ଜୟରାମ। ମୃତାଙ୍କ ପରିବାର ଲୋକେ ଯୌତୁକ ପାଇଁ ଜୟରାମ ଉର୍ମିଳାଙ୍କୁ ମାରିଦେଇଥିବା ଅଭିଯୋଗ କରି କଣ୍ଟାବାଞ୍ଜି ଥାନାରେ ଏତଲା ଦେଇଥିଲେ।


**ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଉପଲକ୍ଷେ**

**ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ**

ଭାରତର ପ୍ରମୁଖ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ପ୍ରଦର୍ଶନୀ

**ସ୍ଥାନ**

ନୂତନ ପ୍ରଦର୍ଶନୀ ପଡ଼ିଆ, ଜୀରାନଦୀକୂଳ, ନଦୀପଡ଼ା, ବରଗଡ଼

**ତାରିଖ**

ତା.୨୮.୧୨.୨୦୨୨ ଠାରୁ ତା. ୦୬.୦୧.୨୦୨୩

**ଶୁଭ ଉଦ୍‌ଘାଟକ**

ମାନନୀୟା ଶ୍ରୀମତୀ ମୋନିଷା ବାନାର୍ଜୀ, ଭା.ପ୍ର.ସେ,
ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ବରଗଡ଼

ଉକ୍ତ ପ୍ରଦର୍ଶନୀକୁ ତା.୨୮.୧୨.୨୦୨୨ରିଖ ସନ୍ଧ୍ୟା ଘ.୬.୦୦ରେ ଉଦ୍‌ଘାଟନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି । ବହୁସଂଖ୍ୟାରେ ପରିବାର ଓ ବନ୍ଧୁ ପରିଜନମାନଙ୍କ ସହ ଉପସ୍ଥିତ ରହି ପ୍ରଦର୍ଶନୀ ଉପଭୋଗ କରିବା ନିମନ୍ତେ ଅନୁରୋଧ ।

**ପ୍ରାୟୋଜକ**

ଭାରତ ସରକାର, ବସ୍ତ୍ର ମନ୍ତ୍ରାଳୟ, ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ବିଭାଗ, ନୂଆଦିଲ୍ଲୀ

**ଆୟୋଜକ :** ଡ୍ରୋଭ୍, ଅନୁଗୋଳ, ଓଡ଼ିଶା



6th Death Anniversary

In Loving Memory

"We remember you with Pride and Gratitude. Your presence remains with us like a Blessing. We miss your Love, Affection and Guidance. Your path of Righteousness will continue to inspire us."



V Gopal Chandra Mohanty
Ex- Principal Secretary, Law Department, Govt. of Odisha.
Ex- Chairman, State Law Revision Committee.

Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty, Sanjib & Ashru Mohanty
Samikhya, Samyantaka, Anwesha
Staffs and Management of Xpose Advertising



Azadi Ka Amrit Mahotsav | G20 भारत 2023 INDIA

**ଜିଏସ୍‌ଟି ଟିକସଦାତାଗଣ ଧ୍ୟାନ ଦିଅନ୍ତୁ!**

ଆର୍ଥିକ ବର୍ଷ ୨୦୨୧-୨୦୨୨ ପାଇଁ ଦୟାକରି ଫର୍ମ ଜିଏସ୍‌ଟିଆର୍-୯* ଏବଂ ଫର୍ମ ଜିଏସ୍‌ଟିଆର୍-୯ସି#ରେ ଆପଣଙ୍କର ବାର୍ଷିକ ରିଟର୍ନ ଫାଇଲ କରନ୍ତୁ

ଧାର୍ଯ୍ୟ ତାରିଖ ପୂର୍ବରୁ




***ନିମ୍ନଲିଖିତ ଟିକସଦାତା ଫର୍ମ ଜିଏସ୍‌ଟିଆର୍-୯ ଫାଇଲ୍ କରିବେ**

କେବଳ ନିମ୍ନଲିଖିତଙ୍କୁ ଛାଡ଼ି ବାର୍ଷିକ ₹୨ କୋଟିରୁ ଅଧିକ (ଆର୍ଥିକବର୍ଷ ୨୦୨୧-୨୨ ଅବଧିରେ) ସର୍ବମୋଟ ବାର୍ଷିକ କାରବାରଧାରୀ ସମସ୍ତ ଜିଏସ୍‌ଟି ଟିକସଦାତା:
(i) ଇନ୍‌ପୁଟ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର (ii) ଟିଡିଏସ୍ ଡିଡକ୍ଟର (iii) ଟିସିଏସ୍ କଲେକ୍ଟର
(iv) କାଜୁଆଲ ଟିକସଯୋଗ୍ୟ ବ୍ୟକ୍ତି (v) ଅଣ-ନିବାସୀ ଟିକସଯୋଗ୍ୟ ବ୍ୟକ୍ତିବିଶେଷ

**#ନିମ୍ନଲିଖିତ ଟିକସଦାତା ଫର୍ମ ଜିଏସ୍‌ଟିଆର୍-୯ସି ଫାଇଲ୍ କରିବେ**

ସର୍ବମୋଟ ବାର୍ଷିକ କାରବାର ₹୫ କୋଟିରୁ ଅଧିକ ରହିଥିବା (ଆର୍ଥିକବର୍ଷ ୨୦୨୧-୨୨ ଅବଧିରେ) ଟିକସଦାତାଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର-୯ସିରେ ଏକ ଆତ୍ମ-ପ୍ରମାଣିତ ରିକନ୍‌ସିଲିଏସନ୍ ଷ୍ଟେଟମେଣ୍ଟ ସହିତ ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ଦାଏର କରାଯିବ।

ଜିଏସ୍‌ଟି ବାର୍ଷିକ ରିଟର୍ନ ଉପରେ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

ଫର୍ମ ଜିଏସ୍‌ଟିଆର୍-୯ ଏବଂ ଫର୍ମ ଜିଏସ୍‌ଟିଆର୍-୯ସିର ବିଳମ୍ବିତ ଫାଇଲିଂ ଜରିମାନା ଆକର୍ଷିତ କରିବ

cbc 15502/13/0018/2223

Central Board of Indirect Taxes and Customs
@cbic_india @cbicindia @cbicindia @CBIC INDIA @cbic www.cbic.gov.in

# ଉଲଗ୍ନ ଲୋଭ

ଭାରତୀୟ ଚିନ୍ତାଧାରାରେ ମଣିଷ ଜୀବନର ୪ ଅବସ୍ଥା ବିଷୟରେ କୁହାଯାଇଛି। ସେଗୁଡ଼ିକ ହେଲା–ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଏବଂ ସନ୍ନ୍ୟାସ। ଏଥିରୁ ପ୍ରଥମ ବ୍ରହ୍ମଚର୍ଯ୍ୟ ଓ ଶେଷ ତଥା ଚତୁର୍ଥ ସନ୍ନ୍ୟାସ ସ୍ଥିତିରେ ମଣିଷ ତା'ର ଲୋଭ ଓ ଅହଂଭାବ ପରିତ୍ୟାଗ କରିବା ପାଇଁ ସୁଯୋଗ ପାଇଥାଏ। ସେହି ସୁଯୋଗର ସଦୁପଯୋଗ କଲେ ଜୀବନର ବାକିଅଂଶ ସୁଖ ଓ ଶାନ୍ତିରେ ବିତିଥାଏ। 'ଅତ୍ୟଧିକ ଲୋଭ ଆଣିଦିଏ ଅତ୍ୟଧିକ ଅଶାନ୍ତି' ବୋଲି ବିଭିନ୍ନ ଧର୍ମଗୁରୁମାନେ କହିଥାଆନ୍ତି। ମଣିଷର ଲୋଭ ଅସରନ୍ତି ବୋଲି ସମସ୍ତେ ଜାଣିଛନ୍ତି। ତେବେ 'ସଭ୍ୟ' ସମାଜରେ ବଞ୍ଚୁଥିବା ବ୍ୟକ୍ତି ସେହି ଲୋଭକୁ ସଫଳତାର ସହିତ ଘୋଡ଼ାଇ ଦେଇପାରେ ବୋଲି ତାଙ୍କୁ 'ଭଦ୍ର' ଆଖ୍ୟା ଦିଆଯାଏ। ଯେବେ ଲୋଭ ଉଲଗ୍ନ ହୋଇ କୌଣସି କାର୍ଯ୍ୟ କରେ ସେତେବେଳେ ତାହା ଅପରାଧ ଆଡ଼କୁ ଢଳିଯାଇଥାଏ ବୋଲି ବୁଝାପଡ଼େ। ଅର୍ଥ ଲୋଭ, ସମ୍ପତ୍ତି ଲୋଭ, କାମ ଲୋଭ କୌଣସି ବ୍ୟକ୍ତିବିଶେଷ ପାଖରେ ସୀମିତ ନୁହେଁ। କେତେକ ବ୍ୟକ୍ତି ଏହି ଲୋଭକୁ ସଚେତନତାର ସହିତ କାର୍ଯ୍ୟକାରୀ କରାନ୍ତି। ସେଥିପାଇଁ ସେମାନେ ଆଇନକୁ ଭାଙ୍ଗନ୍ତି ନାହିଁ। ଆହୁରି ଅନେକେ ଏଭଳି ଅଛନ୍ତି, ଯେଉଁମାନେ ଲୋଭ ଦ୍ୱାରା ପରିଚାଳିତ ହୋଇ କୌଣସି ଚିନ୍ତା କରନ୍ତି ନାହିଁ। ସେହି ଗୋଷ୍ଠୀ ବା ମଣିଷଜାତିର ଉକ୍ତ ବର୍ଗ ଲୋଭରେ ହତ୍ୟା, ବଳାତ୍କାର ଭଳି ଅନେକ ଅପରାଧ କିମ୍ବା ଅସାମାଜିକ କାର୍ଯ୍ୟ ବାରମ୍ବାର କରିଥାଆନ୍ତି।

ନିକଟରେ ମିଳିଥିବା ଖବର ଅନୁଯାୟୀ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ୮ ନଭେମ୍ବର ୨୦୨୨ରେ ଅବସର ନେଇଥିବା ଉଦୟ ଉମେଶ ଲଳିତଙ୍କ ବାସଭବନରେ ୨୮ ଜଣ ପିଅନ ଓ ସହାୟକ ଏବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ରାଷ୍ଟ୍ରପତି ଭବନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ କୌଣସି ସାମ୍ବିଧାନିକ ପଦବୀରେ ଏତେ ସଂଖ୍ୟକ ପିଅନ ଓ ସହାୟକ ବାସଭବନରେ ରହିବାର ବ୍ୟବସ୍ଥା ନାହିଁ। ଲଳିତ ୪୯ତମ ପ୍ରଧାନ ବିଚାରପତି ଭାବେ ଅଗଷ୍ଟ ୨୭ରୁ ନଭେମ୍ବର ୮ ପର୍ଯ୍ୟନ୍ତ ମାତ୍ର ୭୪ ଦିନ ପାଇଁ ଦାୟିତ୍ୱରେ ଥିଲେ। ସେତେବେଳେ ତାଙ୍କ ୧୯ ଆକବର ରୋଡ୍ ସରକାରୀ ବାସଭବନରେ ୪୦ ଜଣ ତଳିଆ କର୍ମଚାରୀ କାର୍ଯ୍ୟ କରୁଥିଲେ। ନିୟମ ଦେଖିଲେ ଜଣେ ପ୍ରଧାନ ବିଚାରପତି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୧୨ରୁ ୧୫ ଜଣ ପିଅନ ଓ ସହାୟକଙ୍କୁ ରଖିପାରିବେ ଏବଂ ଅବସର ପରେ ସେମାନଙ୍କ ସଂଖ୍ୟା ୨ରୁ ୩ ରହିବା କଥା।

ଚଳିତବର୍ଷ ଅଗଷ୍ଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟ ବିଚାରପତି ନିୟମ, ୧୯୫୯ରେ ସଂଶୋଧନ ଆଣିଥିଲେ। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଅବସରପ୍ରାପ୍ତ ସିଜେଆଇଙ୍କୁ ୬ ମାସ ସକାଶେ ଭଡ଼ାମୁକ୍ତ ଟାଇପ୍-୭ ବାସଭବନ ଯୋଗାଇ ଦିଆଯାଇପାରିବ। ସେହି ଅନୁଯାୟୀ ଦେଖିଲେ ଶାହାଜାହାନ ରୋଡ୍‌ର ଏକ ବଙ୍ଗଳା ଲଳିତଙ୍କୁ ଯଚାଯାଇଥିଲା। କିନ୍ତୁ ସମ୍ପୃକ୍ତ କୋଠା ଖରାପ ଅବସ୍ଥାରେ ରହିଥିବା ଦର୍ଶାଇ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଲଳିତଙ୍କ ପରେ ସିଜେଆଇ ଡି. ୱାଇ. ଚନ୍ଦ୍ରଚୂଡ଼ ୧୯ ଆକବର ରୋଡ୍ ବାସଭବନରେ ରହିବେ ବୋଲି ସରକାରୀ ଭାବେ କୁହାଯାଇଥିଲା। ତେଣୁ ଲଳିତଙ୍କୁ ୧୭ ସଫଦରଜଙ୍ଗ ରୋଡ୍‌ରେ ଏକ ଘର ଦିଆଯାଇଛି। ଏବେ ତାହା ମରାମତି କରାଯାଉଥିବାରୁ ସେ ଆସନ୍ତା ନୂଆବର୍ଷରେ ଘର ବଦଳାଇବେ ବୋଲି ଜଣାପଡ଼ିଛି।

> **ବହୁ ଦୃଷ୍ଟାନ୍ତ ରହିଛି ଯେଉଁଥିରେ ଦେଖିବାକୁ ମିଳେ ଯେ, ପଦବୀ ଯିବା ପରେ ସରକାରୀ ବାସଭବନକୁ ଅକ୍ତିଆର କରିଥିବା ବ୍ୟକ୍ତିଙ୍କ ବିରୋଧରେ କରଦାତାଙ୍କ ଅର୍ଥ ବ୍ୟବହାର କରାଯିବା ସହିତ ପୋଲିସ ଲଗାଇ ସେମାନଙ୍କୁ ବିଦା କରିବାକୁ ପଡ଼ିଥାଏ। ଏଭଳି ବେଲଜ୍ଜା ଲୋକଙ୍କ ତାଲିକା ଅତ୍ୟନ୍ତ ଲମ୍ବା।**

ଉପରଲିଖିତ ଘଟଣାକୁ ଦେଖିଲେ ସମ୍ଭ୍ରାନ୍ତ ବର୍ଗଙ୍କ ଲାଗି ସରକାରୀ ସ୍ତରରେ ସବୁ ନିୟମକୁ ଜଳାଞ୍ଜଳି ଦିଆଯାଉଛି। ଜଣେ ପ୍ରଧାନ ବିଚାରପତି ହୋଇଥିବା ବ୍ୟକ୍ତି ଚାକିରିକାଳ ମଧ୍ୟରେ ଅନେକ ମାମଲାର ସମାଧାନ କରିଥାଆନ୍ତି। ତାଙ୍କୁ ନ୍ୟାୟମୂର୍ତ୍ତି କୁହାଯାଉଥିବାରୁ ତାଙ୍କର ସାମାଜିକ ଦାୟିତ୍ୱବୋଧ ଅଧିକ ରହିବା କଥା। କିନ୍ତୁ ଅବସର ପରେ ବଙ୍ଗଳାକୁ ମାଡ଼ିବସିବା ଓ ତଳିଆ କର୍ମଚାରୀଙ୍କୁ ବ୍ୟକ୍ତିଗତ ଚାକର ଭାବେ ଖଟାଇବାର ଚରିତ୍ର କେବଳ ଲଳିତଙ୍କ ପାଖରେ ସୀମିତ ନୁହେଁ। ସେହି ମିଥ୍ୟା ଜଗତରେ ଅଧିକ କିଛିଦିନ ରହିବାର ଲୋଭ ଅନେକ ଉଚ୍ଚପାହ୍ୟା ଅବସରପ୍ରାପ୍ତ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କ ସମେତ ପୂର୍ବତନ ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କୁ ଗ୍ରାସ କରିଥାଏ। କେତେକେ ଚାକିରି ଯିବାର ଦୀର୍ଘ ମାସ ଯାଏ ସରକାରୀ ବାସଭବନ ଛାଡ଼ି ନ ଥାଆନ୍ତି। ବହୁ ଦୃଷ୍ଟାନ୍ତ ରହିଛି ଯେଉଁଥିରେ ଦେଖିବାକୁ ମିଳେ ଯେ, ପଦବୀ ଯିବା ପରେ ସରକାରୀ ବାସଭବନକୁ ଅକ୍ତିଆର କରିଥିବା ବ୍ୟକ୍ତିଙ୍କ ବିରୋଧରେ କରଦାତାଙ୍କ ଅର୍ଥ ବ୍ୟବହାର କରାଯିବା ସହିତ ପୋଲିସ ଲଗାଇ ସେମାନଙ୍କୁ ବିଦା କରିବାକୁ ପଡ଼ିଥାଏ। ଏଭଳି ବେଲଜ୍ଜା ଲୋକଙ୍କ ତାଲିକା ଅତ୍ୟନ୍ତ ଲମ୍ବା।

ଭାରତ ସରକାରଙ୍କ ଦୁର୍ବଳ ଅର୍ଥନୈତିକ ନୀତି ଯୋଗୁ ଦେଶ ଏବେ ଘୋର ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ବିଗତ ୬ ମାସରେ ୫ ଥର ରେପୋ ରେଟ୍ ବଢ଼ାଇ ଗୃହଋଣ ନେଇଥିବା ବ୍ୟକ୍ତିଙ୍କ ଉପରେ ବାରମ୍ବାର ସୁଧ କଷି ଚାଲିଛି। ଏହାଦ୍ୱାରା ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ବର୍ଗ ଶୋଷିତ ହେଉଛନ୍ତି। ଏଥିସହିତ ଆୟକରଦାତା ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଦେଉଥିବା ପ୍ରତ୍ୟେକ ନାଗରିକଙ୍କ ଅର୍ଥ ସରକାରୀ କାର୍ଯ୍ୟରେ ବ୍ୟୟ କରାଯାଉଛି। ଏହାର ଅନେକ ଭାଗ ଚାକିରିଆଙ୍କ ଦରମା ଓ ସୁବିଧା ବାବଦକୁ ମଧ୍ୟ ବ୍ୟୟ ହେଉଛି। ଏହା ସତ୍ତ୍ୱେ ଅବସର ପରେ ସେମାନଙ୍କ ଲାଗି ଅଧିକ ସୁବିଧା ଦିଆଯିବା ରାଷ୍ଟ୍ର କଲ୍ୟାଣର ପରିପନ୍ଥୀ ବୋଲି ଅଭିହିତ ହେବା ଉଚିତ। ହେଲେ କ୍ୱଚିତ୍ ବ୍ୟକ୍ତି ଏହି ବିଷୟକୁ ଆଲୋଚନା ଭିତରକୁ ଆଣୁଥିବାରୁ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରୁ ନାହିଁ। ଏଥିପାଇଁ ବିଧିବଦ୍ଧ ପ୍ରତିବାଦ ଲୋଡ଼ା ପଡ଼ିଲାଣି।

# ମୂଳ ଭାରତୀୟଙ୍କୁ ସମ୍ବିଧାନରେ ଉପେକ୍ଷା



ସହଦେବ ସାହୁ

ଆମ ସମ୍ବିଧାନର ପ୍ରଣେତାମାନଙ୍କ ଜନ୍ମ ସିନା ଭାରତରେ, ସମ୍ବିଧାନ ପ୍ରଣୟନ ବେଳେ ସେମାନଙ୍କ ମନ ଥିଲା ବିଲାତି (ଗୋରା) ସାହେବଙ୍କ ପରି! ଏମିତି କହିବାର ବେଳ ଆସିଯାଇଛି ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳୁଥିବା ବେଳେ ଭାବିବାର ବେଳ ଆସିଛି – ବ୍ରିଟିଶ ରାଜତ୍ୱର ବିଷ କିପରି ଆମ ସମ୍ବିଧାନରେ ମିଶିରହିଲା? କ'ଣ ଆମ ସ୍ୱାଧୀନତା ସଂଗ୍ରାମୀମାନେ ବିଲାତି ଶିକ୍ଷାଦୀକ୍ଷାରେ ଏତେ ଉଦ୍‌ବୁଦ୍ଧ ହୋଇଯାଇଥିଲେ ଯେ 'ଅଭାରତୀୟ' ଚିନ୍ତାଧାରାକୁ ସମ୍ବିଧାନରେ ଭର୍ତ୍ତି କରିଦେଲେ? ସମ୍ବିଧାନର ୨୧ଶ ଅଧ୍ୟାୟ (ପାର୍ଟ ଏକ୍ସଏକ୍ସଆଇ) ସବୁ ବ୍ରିଟିଶ ଅମଳୀୟ ଆଇନକୁ ଚାଲୁ ରଖିଲା। 'ଟେମ୍ପରାରି, ଟ୍ରାଞ୍ଜିଶନାଲ ଆଣ୍ଡ ସ୍ପେଶାଲ ପ୍ରୋଭିଜନ୍ସ' ଶିରୋନାମା ତଳେ ଅଛି ଆର୍ଟିକଲ୍ ୩୭୨ ଯାହା କହିଛି ସମ୍ବିଧାନ ପୂର୍ବରୁ ଚାଲିଆସିଥିବା ସବୁ ଆଇନ ପୂର୍ବବତ୍ ଚାଲୁ ରହିବ। ତାହା ସବୁ ଯେ ଦମନକାରୀ ବ୍ୟବସ୍ଥାର ଭିତ୍ତି ଥିଲା ତା' ଲକ୍, ହବ୍‌ସ,ରୁଷୋଙ୍କ ଭଳି ସମତା-ଚିନ୍ତକଙ୍କ ଲେଖା ଓ ରାଜୁଡ଼ାର ନିର୍ଯାତନା ରୋକିଥିବା ମାଗ୍‌ନା କାର୍ଟା କଥା ମନେପକାଇଲେ ନାହିଁ। ଫଳରେ ଭାରତୀୟମାନଙ୍କ ଭିତରୁ ୨୦% ଅପରାଧୀ ଅସଭ୍ୟ ସମ୍ପ୍ରଦାୟ ଭାବେ ଓ ଆଉ ୪୦% ଭାରତୀୟ ଦଳିତ ନିର୍ଯାତିତ ହୋଇ ରହିଗଲେ। ସମ୍ବିଧାନ ତିଆରି କରିଦେଇ ସେମାନେ ଆମ ସମସ୍ତଙ୍କୁ ଡିମୋକ୍ରାସିରୁ ରିପବ୍ଲିକ୍‌କୁ ଉତ୍ତୀର୍ଣ୍ଣ କରିଦେଲେ ବୋଲି ବାହାବା ନେଲେ। ଫଳରେ ଆମ ଦେଶଟା ଗୋରା ସାହେବଙ୍କ ସ୍ଥାନରେ ଇଂରେଜୀପଢ଼ା କଳା ସାହେବଙ୍କ ଉପନିବେଶ ହୋଇଗଲା।

ଏଭଳି ଚିନ୍ତାଧାରା ଏବେ କାହିଁକି ଆସୁଛି ବୋଲି କେହି ପଚାରିଲେ ମୁଁ ଅଙ୍ଗୁଳି ନିର୍ଦ୍ଦେଶ କରିବି ଡିସେମ୍ବର ୨୨ରେ ଲୋକ ସଭାରେ ପେସ୍ ହୋଇଥିବା 'ଜନବିଶ୍ୱାସ ବିଲ୍'କୁ। ଏ ବିଲ୍ ଉପସ୍ଥାପନ କରି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଲେ – ଅର୍ଥ, ବାଣିଜ୍ୟ, ପରିବେଶ, ସଡ଼କ ନିର୍ମାଣ, ରାଜପଥ, ବନ୍ଦର, ଓ ଇଲେକ୍ଟ୍ରୋନିକ୍ସ ଭଳି ୧୯ ମନ୍ତ୍ରଣାଳୟର ୪୨ଟି ଆକ୍ଟର ୧୮୩ଟି ବ୍ୟବସ୍ଥାକୁ ସଂଶୋଧନ କରାଯିବ। ଏହା ଆଗରୁ ୧୫୦୦ଟି ପୁରୁଣା ଆଇନକୁ ରଦ୍ଦ ଏବଂ ୩୫୦୦ ନୂଆ ନିୟମ ତିଆରି କରାଯାଇଛି। ଏହାଦ୍ୱାରା କୋର୍ଟ କଚେରିର କାମ କମିବ ଓ 'ଇଜ୍ ଅଫ୍ ବିଜ୍‌ନେସ୍' ବଢ଼ିବ ବୋଲି ଗୋୟଲ କହିବା ସାଙ୍ଗେ ସାଙ୍ଗେ ସେ ସତ କଥା କହିଛନ୍ତି ଯେ ଆଗରୁ ଯେପରି ସାଧାରଣ ଲୋକଙ୍କ ଉପରେ ଆସ୍ଥା ରଖାଯାଉ ନ ଥିଲା ଏବଂ ଛୋଟ ଛୋଟ ଭୁଲ୍ ପାଇଁ ଲୋକଙ୍କୁ ଦଣ୍ଡିତ କରାଯାଉଥିଲା ତାହା ଉଚିତ ନୁହେଁ।

ସମ୍ବିଧାନ ପ୍ରଣେତାମାନେ ବ୍ରିଟିଶ ଅମଳର ଆଇନଗୁଡ଼ିକୁ ଯେମିତି ସେମିତି ରଖିବା ଭଳି ଅନୁଚିତ ବ୍ୟବସ୍ଥା କଲେ କାହିଁକି? ସମ୍ବିଧାନ ପ୍ରଣେତାମାନଙ୍କ ଭିତରେ ସଂଖ୍ୟାଗରିଷ୍ଠ ବ୍ୟକ୍ତି ଥିଲେ ବ୍ରିଟିଶ ଢାଞ୍ଚାରେ ଉଚ୍ଚଶିକ୍ଷା ପାଇଥିବା ଉଚ୍ଚବର୍ଗର; ସେମାନଙ୍କ ମାନସିକତାରେ ଥିଲା ଅସଭ୍ୟଙ୍କୁ ସଭ୍ୟ କରିବା (ଯାହାକୁ ୟୁରୋପୀୟମାନେ କହୁଥିଲେ 'ହ୍ୱାଇଟ୍‌ମାନ୍‌ସ ବର୍ଡନ')। ଭାରତ ଭୂଖଣ୍ଡର ମୂଳ ଅଧିବାସୀମାନେ ଅସଲ ଭାରତୀୟ; ଆଦିମ ଅଧିବାସୀ ଅପଭ୍ରଂଶ ହୋଇ 'ଆଦିବାସୀ' ହୋଇଗଲା – ଏକ ତିରସ୍କାରସୂଚକ ଶବ୍ଦ। ସହରୀ ସଭ୍ୟତାର ଦ୍ୟୋତକ, କାସ୍ପିଆନ୍ ହ୍ରଦ ଆଡୁ ଆସିଥିବା, ନିଜକୁ ଆର୍ଯ୍ୟ ବୋଲାଉଥିବା ମଣିଷମାନେ ଆଦିମ ଭାରତୀୟମାନଙ୍କୁ ଅନାର୍ଯ୍ୟ କହି ସେମାନଙ୍କୁ ଆକ୍ରମଣ କଲେ। ପ୍ରକୃତି ସହ ମିଳିମିଶି ଚଳୁଥିବା ସେହି ଲୋକେ ଅଭ୍ୟନ୍ତର ବଣଜଙ୍ଗଲରେ ଲୁଚିବାକୁ ବାଧ୍ୟ ହେଲେ। ଅପହଞ୍ଚ ଇଲାକାରେ ଥିବା ଏହି ଭାରତୀୟମାନେ ପ୍ରକୃତି କୋଳରେ ବଢୁଥିଲେ ଓ ବଢ଼ିଲେ; ଉଦ୍ଭିଦ, ପ୍ରାଣୀ, ଶିଳା ଓ ଆକାଶର ବଜ୍ର ଆଦି ପ୍ରାକୃତିକ ଜିନିଷକୁ ସହଚର ଭାବିଲେ ଏବଂ ସେମାନଙ୍କର ଆତ୍ମା ଅଛି ଓ ସେମାନେ ମଣିଷର ସବୁ ଘଟଣାକୁ ପ୍ରଭାବିତ କରନ୍ତି ବୋଲି ସେମାନଙ୍କର ବିଶ୍ୱାସ ଆସିଲା। ବ୍ରିଟିଶ ଲୋକେ ସେମାନଙ୍କ ପାଠ ପଢ଼ାଇଲେ ଯେ ଏହି ମୂଳ ଭାରତୀୟମାନେ ଆନିମିଷ୍ଟ: ହିନ୍ଦୁ, ଖିରସ୍ତାନ ବା ମୁସଲିମ୍ ଭଳି ସଙ୍ଗଠିତ ଧର୍ମାନୁଗତମାନଙ୍କଠାରୁ ନ୍ୟୂନ। ଏବେ ଏକବିଂଶ ଶତାବ୍ଦୀରେ ସିନା ଆମର ହୃଦ୍‌ବୋଧ ହେଲାଣି ଆମେ ଯାହାଙ୍କୁ ଆଦିବାସୀ କହୁଛୁ ସେମାନେ ମାନବ ଜାତିର ଅକ୍ଷୟ (ସଷ୍ଟେନ୍‌ବ୍ଲ) ସ୍ଥିତିର ମାର୍ଗ ଦର୍ଶାଇଛନ୍ତି। ତଡ଼ାଖାଇ ଜଙ୍ଗଲ ଭିତରେ ଥିବା ଲୋକେ ବାହାରର କାହାରିକୁ ଜଙ୍ଗଲ ପାଖ ଦେଇ ଯିବାର ଦେଖିଲେ ବିପଦ ମଣିଲେ, ସେମାନଙ୍କୁ ଆକ୍ରମଣ କଲେ।



ଏହା ଦେଖି ବ୍ରିଟିଶ ଶାସକମାନେ ୧୮୭୧ ରେ ୧୫୦ ଟ୍ରାଇବ୍‌କୁ କ୍ରିମିନାଲ (ଜନ୍ମଗତ ଅପରାଧୀ) ଟ୍ରାଇବ୍ ଆଖ୍ୟା ଦେଇ ଆଇନ କଲେ। ଖୋଦ୍ ବ୍ରିଟିଶ ଔପନିବେଶିକମାନେ କ୍ରିମିନାଲ ଟ୍ରାଇବ୍ ଭଳି ଆମକୁ ପରାସ୍ତକରି ଭାରତକୁ ଲୁଟ୍ କରିଛନ୍ତି ବୋଲି ଭୁଲିଗଲେ। ଯେମିତି ଭ୍ରଷ୍ଟାଚାରକୁ ଦଣ୍ଡନୀୟ ଅପରାଧ ବୋଲି ଆଇନ କରିଥିବା ସାଂସଦମାନେ (ବିଧାୟକମାନେ ବି) ନିଜେ ଭ୍ରଷ୍ଟାଚାରରେ ଲିପ୍ତହେବା ସେମାନଙ୍କ ପ୍ରିଭିଲେଜ୍ ବୋଲି ଧରିନେଇଛନ୍ତି। ବ୍ରିଟିଶ ଶାସକମାନେ ଯେଉଁ କ୍ରିମିନାଲ ଟ୍ରାଇବ୍ସ ଆକ୍ଟ ପାସ୍ କରିନେଲେ ତାହା ବଳବତ୍ତର ରହିଲା ସମ୍ବିଧାନର ଧାରା ୩୭୨ ରେ। ତେଣୁ ଅସଲ ଭାରତୀୟମାନେ ଅପରାଧୀ ସମ୍ପ୍ରଦାୟ ହିସାବରେ ଗଣାଗଲେ। ୧୯୫୨ ଅଗଷ୍ଟ ୩୧ରେ ସରକାର ଟ୍ରାଇବ୍ସମାନଙ୍କୁ କ୍ରିମିନାଲ କୁହାଯିବ ନାହିଁ ବୋଲି ନୋଟିଫିକେଶନ କଲେ। କିନ୍ତୁ ଦାଗ ରହିଗଲା: ସୁବର୍ଣ୍ଣରେଖା ପାରହୋଇ ଝାଡ଼ଖଣ୍ଡ (ଆଗର ବିହାର)ରେ ପ୍ରବେଶ କଲେ। ଆମେ ଦେଖୁଥିଲୁ ଏକ ରାସ୍ତାକଡ଼ ବିଜ୍ଞାପନ: ''ସାବଧାନ! ଲୋଧାମାନଙ୍କ ଲୁଟ୍‌ର ଶିକାର ହୋଇପାରନ୍ତି!'' ସ୍ୱାଧୀନତାର ଅମୃତ ମହୋତ୍ସବ କାଳରେ ଆମକୁ ଲଜ୍ଜା ଲାଗିବା କଥା ଯେ ମୂଳ ଭାରତୀୟମାନଙ୍କୁ ସାଙ୍ଗରେ ନ ନେଇ ଏବେ ବି ଆମେ ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଛୁ!

ସେତିକିରେ ଆମ ସମ୍ବିଧାନ ପ୍ରଣେତାମାନେ ଚୁପ୍ ନ ଥିଲେ। ଇଂରେଜ ଶାସକମାନେ ଜାତିପ୍ରଥାକୁ ଘୃଣ୍ୟ ଆକାରରେ ଉପସ୍ଥାପନ କଲେ। ଆବହମାନ କାଳରୁ ନୀଚତର କାମ କରିଆସିଛନ୍ତି ଓ ସେମାନଙ୍କୁ ଉଚ୍ଚଜାତିର ଲୋକଙ୍କଠାରୁ ଭିନ୍ନ କରି ତାଲିକାଭୁକ୍ତ ଜାତି (ସିଡ୍ୟୁଲ୍ଡ କାଷ୍ଟ) ନାମ ଦେଲେ, ସୋସିଆଲ ମୋବିଲିଟି ରହିଲା ନାହିଁ, ସେମାନେ ଉଚ୍ଚଜାତିର କାମ ବା ପେସା କରିବାର ସୁଯୋଗ ପାଇଲେ ନାହିଁ। ସାମାଜିକ ଜୀବନ ଓ ଚଳଣିକୁ ସହଜ କରିବା ଲାଗି ତଥାକଥିତ ଆର୍ଯ୍ୟମାନେ କର୍ମଭିତ୍ତିକ ଶ୍ରେଣୀ ତିଆରି କରିଥିଲେ, ଯାହା କାଳକ୍ରମେ ପିତାଠାରୁ ପୁତ୍ରକୁ ଗଡ଼ିଆସିଲା(ମାତାର ଭୂମିକା ଗୃହବାହାରେ ନ ଥିଲା), ତହିଁରୁ ସୃଷ୍ଟି ହେଲା ଜାତିପ୍ରଥା। ଜନ୍ମରୁ ପିଲା ଉପରେ ଲଦିଦିଆଗଲା ବାପାର ବୃତ୍ତି, ଯଥା ମେହେନ୍ତର କାମ କରୁଥିବା ଲୋକର ପିଲାମାନେ ମେହେନ୍ତର ହୋଇ ରହିଲେ। କେତେକ କାମ ଘୃଣ୍ୟ ମନେକରି ଉଚ୍ଚ ଶ୍ରେଣୀର ଲୋକେ ସେପରି କାମ କରୁଥିବା ପରିବାରର ଲୋକଙ୍କୁ ଅସ୍ପୃଶ୍ୟ କରିଦେଲେ। ଏବେ ଭଦ୍ରଲୋକି ଦେଖାଇ ଆମେ ସେମାନଙ୍କୁ ଦଳିତ କହୁଛୁ। ତଥାପି କେତେକ ଜାତିର ଲୋକେ ସାଧାରଣ ନ୍ୟାୟ ପାଉନାହାନ୍ତି। ଓଡ଼ିଶା କଥା ତ ଜଳଜଳ ଦିଶୁଛି। ବିହାରର ନାଟ ସମ୍ପ୍ରଦାୟ ଓ ମଧ୍ୟପ୍ରଦେଶର ପାର୍ଦ୍ଧି ସମ୍ପ୍ରଦାୟ ପୋଲିସ ହାତରେ ଏତେ ହଇରାଣ ହୁଅନ୍ତି ଯେ ଅଧିକାଂଶ ଆତ୍ମହତ୍ୟା କରନ୍ତି, ସେମାନଙ୍କୁ ସୁଧାରିବା ପାଇଁ ସରକାର କୌଣସି କାମ କରିନାହାନ୍ତି। ଆମ ସରକାର ଏବେ ବି ବ୍ୟାକ୍‌ୱାର୍ଡ୍ କ୍ଲାସେସ୍, ସିଡ୍ୟୁଲ୍ଡ କାଷ୍ଟ, ସିଡ୍ୟୁଲ୍ଡ ଟ୍ରାଇବ୍ ଆଦି ନାମ ଦେଇ କେତେକ ଲୋକଙ୍କୁ ସାଧାରଣ ନାଗରିକ ବୋଲି ଧରୁନାହାନ୍ତି। ସେମାନେ ସ୍କୁଲକୁ ଗଲେ ଉପଯୁକ୍ତ ଶିକ୍ଷା ପାଉନାହାନ୍ତି ଓ ଚିକିତ୍ସାଳୟକୁ ଗଲେ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି। ସାମାନ୍ୟତମ ଅପରାଧ କଲେ ଜେଲଦଣ୍ଡ ସାଙ୍ଗକୁ ଜରିମାନା ଭୋଗୁଛନ୍ତି। ଗରିବ ହୋଇଥିବାରୁ ଜରିମାନା ଦେଇ ନ ପାରି ଅଧିକକାଳ ଜେଲଦଣ୍ଡ ଭୋଗୁଛନ୍ତି।

–sahadevas@yahoo.com

# ଚାକିରି କ୍ଷେତ୍ରରେ ନାରୀ



ଡ. ମୌସୁମୀ ପରିଡ଼ା

ଭାରତ ପରି ପୁରୁଷପ୍ରଧାନ ଦେଶରେ ଯୁଗଯୁଗ ଧରି ନାରୀ ବହୁମୁଖୀ ସମସ୍ୟାରେ ପୀଡ଼ିତା ହୋଇଆସିଛି। ଏକବିଂଶ ଶତାବ୍ଦୀରେ କର୍ମଜୀବୀ ନାରୀଟିଏ ଯେତେ ନିପୁଣା ହେଲେ ମଧ୍ୟ ହୀନମନ୍ୟତାର ଶିକାର ହେଉଛି। ଦେଶର ଅଗ୍ରଗତିରେ ନାରୀର ଭୂମିକା ବହୁତ ଅଥଚ ସେ ହିଁ ଉପେକ୍ଷିତା। କହିବାବାହୁଲ୍ୟ ନାରୀର ସାମାଜିକ ଅଭିବୃଦ୍ଧି, ପ୍ରତିଷ୍ଠା, ସମ୍ମାନ ଓ କ୍ଷମତାକୁ ବିଭିନ୍ନ ସମୟରେ ଗୌଣ କରିଦିଆଯାଇଛି। ପରିବାର, ଚାକିରିକ୍ଷେତ୍ର ଓ ସମାଜରେ ଆଜିମଧ୍ୟ ସେ ବିଦ୍ୱେଷର ସମ୍ମୁଖୀନା। ପୁରୁଷର ସାମର୍ଥ୍ୟ ସହିତ ସମକକ୍ଷ ହେବାର କ୍ଷମତା ରଖିଥିବା ମହିଳାମାନେ ଲୋକଲଜ୍ଜା ଭୟରେ ଅକଥନୀୟ ଦୁର୍ଦ୍ଦଶାର ଶିକାର ହୋଇ ମଧ୍ୟ ନୀରବ ରହୁଛନ୍ତି। କେବେ ଉପରିସ୍ଥ ଅଫିସର ତ କେବେ ସହକର୍ମୀମାନଙ୍କ ଅସହିଷ୍ଣୁତା ତା' ଜୀବନଯାତ୍ରାରେ ସଦାସର୍ବଦା ଅନ୍ତରାୟ ସୃଷ୍ଟି କରିଆସିଛି।

ଆକାଶରେ ଉଡ଼ିବାଠାରୁ ଆରମ୍ଭ କରି ପାଠଶାଠ, ରାଜନୀତି ସବୁଠାରେ ସେ ନିଜକୁ ପ୍ରମାଣିତ କରିଆସିଥିଲେ ମଧ୍ୟ ପରିବାର ଓ କାର୍ଯ୍ୟସ୍ଥଳୀରେ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ତୁଲାଇବାର ସଂଘର୍ଷ ଭିତରେ ସେ ନିଜ ଆତ୍ମବିଶ୍ୱାସ ହରାଉଛି। ସହକର୍ମୀମାନଙ୍କ ଦୁର୍ବ୍ୟବହାର, ହୀନମନ୍ୟତା ପାଇଁ କର୍ମଜୀବୀ ମହିଳାମାନେ ମାନସିକ ଚାପଗ୍ରସ୍ତ ହୋଇ ଚାକିରି ଛାଡୁଛନ୍ତି ନ ହେଲେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ପରିସଂଖ୍ୟାନରୁ ଜଣାଯାଇଛି ଯେ, ପ୍ରାଇଭେଟ୍ ସଂସ୍ଥାନରେ ଉପରିସ୍ଥ ଅଫିସରଙ୍କ ଦୁର୍ବ୍ୟବହାର ଓ କୁଶାସନ ପାଇଁ କର୍ମଜୀବୀମାନେ ଚାକିରି ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଜାଣନ୍ତି ଅଭିଯୋଗ କଲେ ମଧ୍ୟ ସେସବୁରୁ ନିସ୍ତାର ମିଳିବ ନାହିଁ। ହୁଏତ ନୂଆ ପ୍ରକାରର ପ୍ରତିଶୋଧ ନିଆଯିବ। ଓଡ଼ିଆରେ ଢଗଟିଏ ଅଛି– ବାଡ଼ ଯଦି ଫସଲ ଖାଏ... ତେବେ କାହାକୁ କହିବା। ଉପରିସ୍ଥ ଅଫିସର ଯଦି ସହକର୍ମୀଙ୍କ ବାଧକ ସାଜନ୍ତି କିମ୍ବା ବିଭିନ୍ନ ଆଳରେ ମାନସିକ ନିର୍ଯାତନା ଦିଅନ୍ତି, ତେବେ ଅଭିଯୋଗ କଲେ ଚାକିରି ପ୍ରତି ବିପଦ ଆସିପାରେ। ଖଚ ମିଛ କହି, କାଗଜରେ ଭୁଲ୍ ପ୍ରମାଣିତ କରି ଚାକିରିରୁ ବିଦା କରାଯାଇପାରେ। ଏଭଳି କ୍ଷେତ୍ରରେ ଯଦି ସାମ୍ନା ଲୋକଟି ମହିଳା ହୋଇଥାଏ, ତେବେ ପ୍ରତିକଥାରେ ସେ ମୁଣ୍ଡ ନୁଆଁଇବାକୁ ବାଧ୍ୟ। ବିଭିନ୍ନ ଭୟଭ୍ରାନ୍ତି ଦ୍ୱାରା ତାର ମାନସିକତାକୁ ସଙ୍କୁଚିତ କରିଦିଆଯାଏ। ଏମିତିରେ ଘର ପରିବାର ଓ କର୍ମସ୍ଥଳୀ ଚାପରେ ସେମାନେ ସ୍ୱାଭାବିକ ଜୀବନଟେ ବଞ୍ଚିପାରନ୍ତି ନାହିଁ। ପୁନଶ୍ଚ କର୍ମକ୍ଷେତ୍ରରେ ଶୋଷଣର ଶିକାର ହେବା ଦ୍ୱାରା ସେମାନଙ୍କ ମାନସିକ ଓ ଶାରୀରିକ କ୍ଷମତା ଧରାଶାୟୀ ହୁଏ।

ନିର୍ଯାତନା ବିଭିନ୍ନ ପ୍ରକାରର, ଯାହା ଅନ୍ୟକୁ କ୍ଷତିଗ୍ରସ୍ତ କରାଏ। ଶାରୀରିକ (ଅନ୍ୟର ଶରୀରକୁ କ୍ଷତି ପହଞ୍ଚାଇବା), ମାନସିକ (କାହାକୁ ମାନସିକ ସ୍ତରରେ ନିର୍ବୋଧ ବା ମୂଲ୍ୟହୀନ ଦର୍ଶାଇ ଅପମାନିତ କରିବା), ମନସ୍ତାତ୍ତ୍ୱିକ (ଧମକଚମକରେ ଭୟଭୀତ କରିବା), ଧାର୍ମିକ (ଅନ୍ୟର ଧର୍ମୀୟ ଭାବନାକୁ ନିଜ



ଇଚ୍ଛାରେ ଏପଟସେପଟ କରି ଆୟତ୍ତରେ ରଖିବା), ସାଂସ୍କୃତିକ (ସଂସ୍କୃତି ଓ ପରମ୍ପରାକୁ ଭିତ୍ତି କରି କ୍ଷତି ଘଟାଇବା), ମୌଖିକ (ଗାଳିମନ୍ଦ ଦ୍ୱାରା ଅପମାନିତ କରିବା), ଆର୍ଥିକ (ବିନା ଅନୁମତିରେ ଆର୍ଥିକ କ୍ଷତିର କାରଣ ବନିବା), ଅବହେଳାଜନିତ (ନିଜ କର୍ତ୍ତବ୍ୟରେ ଅବହେଳା) ଓ ଯୌନଭିତ୍ତିକ ଏଭଳି ନଅ ପ୍ରକାରର ନିର୍ଯାତନା ଭିତରୁ ମାନସିକ ନିର୍ଯାତନା ପ୍ରାୟତଃ ସବୁଠାରେ ଅଳ୍ପବେଶି ପରିଲକ୍ଷିତ। କଥାବାର୍ତ୍ତା, କାର୍ଯ୍ୟକଳାପ ବା ଅଙ୍ଗଭଙ୍ଗୀ ଦ୍ୱାରା ଗାଳି କରିବା, ଧମକାଇବା, ରଗାଇବା, ଅପମାନିତ କରିବା, ଭୟଭୀତ କରିବା, ଲଜ୍ଜିତ କରାଇବା, ଅସୁବିଧାରେ ପକାଇବା ଇତ୍ୟାଦି ମାନସିକ ନିର୍ଯାତନା ଅନ୍ତର୍ଭୁକ୍ତ। ଏଭଳି କ୍ଷେତ୍ରରେ ଯଦି ଜଣେ କର୍ମଜୀବୀ ନିଜକୁ ଅସୁରକ୍ଷିତ ମନେକରେ, ସେ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ଦାଖଲ କରିପାରିବ। ଏଥିପାଇଁ ତିନିବର୍ଷ ପର୍ଯ୍ୟନ୍ତ ଦଣ୍ଡବିଧାନ ରହିଛି।

କେରଳ ମହିଳା କମିଶନର ବିଭାଗୀୟ ମୁଖ୍ୟ ଏମ୍‌ସି ଯୋଶେଫାଇନ୍‌ଙ୍କ ମତରେ, ଏସ୍.ଇ.ଜେଡ୍. (ସ୍ପେଶାଲ ଇକୋନୋମିକ ଜୋନ୍) କୋଚିର ମହିଳା କର୍ମଚାରୀମାନେ ଶାରୀରିକ ଓ ମାନସିକ ନୃଶଂସତା ଭୋଗ କରୁଛନ୍ତି। କମିଶନ୍ କମ୍ପାନୀଗୁଡ଼ିକୁ ଯାଇ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ଅବଗତ ହେବେ। ପ୍ରତ୍ୟେକଙ୍କ ଅଧିକାର ସମାନ, ସମାଜ ସମ୍ବିଧାନର ଏହି ନିୟମକୁ ସମ୍ମାନ ଦେବା ଉଚିତ୍। (ଇଣ୍ଡିଆନ୍ ଏକ୍ସପ୍ରେସ୍, ୧୨ ଡିସେମ୍ବର ୨୦୧୯)। କାନାଡ଼ାର ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ନିୟମାନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ସ୍ୱାସ୍ଥ୍ୟ ଓ ନିରାପତ୍ତା ସମ୍ବନ୍ଧୀୟ ସୂଚନା ପାଇବା ଆବଶ୍ୟକ। ଏହି ସମ୍ପର୍କିତ ଯେକୌଣସି ନିଷ୍ପତ୍ତିରେ ଅଂଶଗ୍ରହଣ କରିବା ଓ ଆବଶ୍ୟକ ସ୍ଥଳେ ନିଜ ହିତଦୃଷ୍ଟିରୁ ମନା କରିଦେବାର ମଧ୍ୟ ଅଧିକାର ରହିଛି।

ଭାରତୀୟ ଦଣ୍ଡସଂହିତା, ୧୮୬୦ ସ୍ପଷ୍ଟ ଭାବେ ଅଭିହିତ ନ କରିଥିଲେ ମଧ୍ୟ ହଇରାଣ ହରକତ କରିବା ମନୋଭାବକୁ ନିର୍ଯାତନା ନା ଶୋଷଣର ଆଖ୍ୟା ଦିଆଯାଇପାରେ। ଧାରା ୫୦୯ ଅନୁସାରେ କାର୍ଯ୍ୟଶୈଳୀ, କଥାବାର୍ତ୍ତା, ଅଙ୍ଗଭଙ୍ଗୀ ଯଦି ମହିଳାଟି ପ୍ରତି ଅଶାଳୀନ ହୋଇଥାଏ, ତେବେ ଏହାକୁ ମାନସିକ ନିର୍ଯାତନା ବୋଲି ଧରାନିଆଯାଏ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଦଣ୍ଡବିଧାନର ବ୍ୟବସ୍ଥା ଥିଲେ ମଧ୍ୟ ଭାରତର ମହିଳାମାନେ ବିଶେଷ ସଚେତନ ନୁହନ୍ତି। ଉଚ୍ଚଶିକ୍ଷିତା ହୋଇ ମଧ୍ୟ ଲଜ୍ଜା, ଅପମାନ ଓ ପରିବାରର ସମ୍ମାନକୁ ଦୃଷ୍ଟିରେ ରଖି ଚୁପ୍ ରହନ୍ତି। ଚାକିରି ପାଇଁ ସାଲିସ୍ ଜରୁରୀ ଭାବି ସେମାନେ ନୀରବ ରହନ୍ତି ସିନା ନା ସ୍ୱାଭିମାନ ବଜାୟ ରଖିପାରନ୍ତି ନା ମାନସିକ ଶାନ୍ତି। ଅନ୍ୟମାନଙ୍କ ଅହଂକାରରେ ନିଜ ସ୍ୱାଭିମାନ ପେଷି ହେଉଥିଲେ ମଧ୍ୟ ସହିବାକୁ ବାଧ୍ୟ, ଯାହା ସମାଜ ପ୍ରତି ଶୁଭଙ୍କର ନୁହେଁ। ଶାରୀରିକ ଆବଶ୍ୟକତା ଦୃଷ୍ଟିରୁ ମହିଳାଙ୍କ ପାଇଁ କିଛି ଅବକାଶ ସମୟ ଜରୁରୀ। ସେଥିପାଇଁ ମହିଳାମାନଙ୍କୁ ଚାକିରିରେ ସମୟର ରିହାତି ମିଳୁ। ଫଳରେ ପରିବାରର ଶାନ୍ତି ବଜାୟ ରହିବା ସହିତ ସେମାନେ ଆନୁଷଙ୍ଗିକ କାର୍ଯ୍ୟ କରିବାକୁ ଉତ୍ସାହିତ ହେବେ। ମନୋବଳ ସହିତ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଏକବିଂଶ ଶତାବ୍ଦୀରେ ନାରୀ ବେଶପୋଷାକ ଓ ବିଦ୍ୟାବୁଦ୍ଧିରେ ଯେତେ ନିପୁଣା ହେଲେ ମଧ୍ୟ କର୍ମକ୍ଷେତ୍ରରେ ସେ ଯେ ଚାପଗ୍ରସ୍ତା ଏକଥା ଅନସ୍ୱୀକାର୍ଯ୍ୟ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଭାରତରେ ଏମିତି ଏକ ପରିବାର ଅଛି, ଯାହା ୭ ପିଢ଼ି ଧରି ଅର୍ଥାତ୍ ଅଷ୍ଟାଦଶ ଶତାବ୍ଦୀରୁ ଏଯାବତ୍ ଶ୍ରେଷ୍ଠ କଳାକାରଙ୍କୁ ସିତାର, ତାନପୁରା ଏବଂ ବୀଣା ଯୋଗାଇ ଆସୁଛି। ମହାରାଷ୍ଟ୍ରର ପୁରାତନ ଐତିହାସିକ ସହର ମିରାଜ୍‌ରେ ବାସ କରନ୍ତି ଏହି ପରିବାର। ଭାରତର ଅଧିକାଂଶ ପ୍ରତିଷ୍ଠିତ ମ୍ୟୁଜିସିଆନ ଏହି ପରିବାରଠାରୁ ବାଦ୍ୟଯନ୍ତ୍ର କ୍ରୟ କରିଥାନ୍ତି। ମରାଠା ସାମ୍ରାଜ୍ୟରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଥିଲେ ଶିକାଲଗାର ସମ୍ପ୍ରଦାୟ। ଅସ୍ତ୍ରଶସ୍ତ୍ର ଚାହିଦା କମିବା ପରେ ଏମାନେ ବାଦ୍ୟଯନ୍ତ୍ର ନିର୍ମାଣ ଆରମ୍ଭ କରିଥିଲେ। ଏବେ ବି ସେମାନେ ହାତରେ ବାଦ୍ୟଯନ୍ତ୍ର ନିର୍ମାଣ କରୁଛନ୍ତି। ଗୋଟିଏ ତାନପୁରା ନିର୍ମାଣ କରିବା ପାଇଁ ୭/୮ ଜଣଙ୍କୁ ମାସେ ଲାଗିଯାଏ। ଉକ୍ତ ସମ୍ପ୍ରଦାୟର ପରିବାରଗୁଡ଼ିକ ପରସ୍ପର ମଧ୍ୟରେ ବୁଝାମଣା ରଖି କାମ କରୁଛନ୍ତି। ଅଧିକାଂଶ ୱାର୍କଶପ୍ ବର୍ଷକୁ ୧୦୦-୧୨୫ ସିତାର କିମ୍ବା ତାନପୁରା ତିଆରି କରିପାରୁଛନ୍ତି। ତେବେ ବୈଦ୍ୟୁତିକ ବାଦ୍ୟଯନ୍ତ୍ର ବିକାଶ ହେବା ପରେ ଏହି ପରିବାରର ବ୍ୟବସାୟ ପ୍ରଭାବିତ ହୋଇଛି। ଏହି ଶିଳ୍ପରେ ଅନେକ ହଜାର ଲୋକ କାମ କରୁଥିଲେ, କିନ୍ତୁ ଏବେ ଏହା ଅନେକ ଶହରେ ସୀମିତ ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୯୭

- ଦଳରେ ସଙ୍କଟ ଦେଖାଦେବାରୁ ଜାପାନର ସର୍ବବୃହତ୍ ବିରୋଧୀଦଳ 'ଦି ନ୍ୟୁଜ୍ ଫ୍ରଣ୍ଟିୟର ପାର୍ଟି' ସ୍ୱତଃପ୍ରବୃତ୍ତ ଭାବେ ଭାଙ୍ଗିଯିବାକୁ ନିଷ୍ପତ୍ତି ନେଇଛି।
- ଶିଖ-ବିରୋଧୀ ଦଙ୍ଗା ସଂକ୍ରାନ୍ତରେ ୧୨ଟି ମକଦ୍ଦମାର ଫଏସଲା କରି ସ୍ୱତନ୍ତ୍ର କୋର୍ଟ ୫ ଜଣଙ୍କୁ ଫାଶୀଦଣ୍ଡ ଦେବା ସହ ଅନ୍ୟ ୧୦୦ ଜଣଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଛି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | |
| | 4 | | | 8 | 5 | | 1 | |
| | | | 9 | | 6 | 3 | | |
| | | | 2 | | 8 | | 6 | |
| | | 3 | | | | 7 | | |
| 4 | 1 | | | 9 | | | | |
| | | 5 | | | 9 | | | |
| | | | | | | 6 | 3 | |
| | | 6 | | | | | 2 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 6 | 3 | 8 | 2 | 4 | 7 | 9 |
| 2 | 9 | 3 | 7 | 6 | 4 | 5 | 8 | 1 |
| 4 | 8 | 7 | 1 | 5 | 9 | 3 | 6 | 2 |
| 7 | 4 | 2 | 5 | 3 | 8 | 1 | 9 | 6 |
| 8 | 6 | 9 | 4 | 7 | 1 | 2 | 5 | 3 |
| 3 | 5 | 1 | 9 | 2 | 6 | 8 | 4 | 7 |
| 9 | 3 | 5 | 2 | 4 | 7 | 6 | 1 | 8 |
| 6 | 7 | 4 | 8 | 1 | 3 | 9 | 2 | 5 |
| 1 | 2 | 8 | 6 | 9 | 5 | 7 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସେବାୟତମାନଙ୍କ ଶୋଷଣ

ମହାଶୟ,

ଭକ୍ତମାନେ ଭକ୍ତିଭାବ ନେଇ ଦେବୀ ମନ୍ଦିରକୁ ଯାଇଥାନ୍ତି। ମାନସିକଧାରୀମାନେ ଦେବୀଙ୍କୁ ଖୁସିରେ ଶାଢ଼ି ଚଢ଼ାନ୍ତି। ବ୍ରାହ୍ମଣ ରାଉଳମାନେ ଚତୁରତାର ସହିତ ଅଫିସରେ ଦାଖଲ ହେବା ଆଗରୁ ଭକ୍ତଙ୍କ ହାତରୁ ଶାଢ଼ିକୁ ନେଇ ମାଆଙ୍କ ପାଖରେ ଚଢ଼ାନ୍ତି ଏବଂ ଭକ୍ତ ମନ୍ଦିରରୁ ଚାଲିଯିବା ପରେ ତାକୁ ନେଇ ଦୋକାନରେ ବିକ୍ରି କରି ଦିଅନ୍ତି। ମନ୍ଦିର ଅଫିସରେ ଥିବା କର୍ମକର୍ତ୍ତାମାନେ ସବୁ ଜାଣି ମଧ୍ୟ ନୀରବ ରହିଥାନ୍ତି। ପରେ ଭକ୍ତମାନେ ଜାଣିଲେ ଦୁଃଖ କରନ୍ତି। ଏହି ତ୍ରିମୁଖୀ ବ୍ୟବସ୍ଥାକୁ ବନ୍ଦ କରିବା ନିହାତି ଜରୁରୀ। ପୂଜାରୀମାନେ ନିର୍ଦ୍ଦିଷ୍ଟ ଦୋକାନୀମାନଙ୍କ ସହିତ ସମ୍ପର୍କ ରଖି ଏହି ବ୍ୟବସ୍ଥା କରିଥାନ୍ତି। ଭକ୍ତ ଦିଏ, ପୂଜାସାରି ଶାଢ଼ିକୁ ଅଧା ଫୋଲଡ୍ ଭାବରେ ଠାକୁରାଣୀଙ୍କୁ ଚଢ଼ାନ୍ତି ଏବଂ ଭକ୍ତର ଅନୁପସ୍ଥିତିରେ ପୁଣି ତାକୁ ନେଇ ଦୋକାନରେ ବିକିଦିଏ। ମନ୍ଦିର ପ୍ରଶାସନ ଜାଣିଲେ ମଧ୍ୟ ଚୁପ୍ ରହିଥାଏ। ଭକ୍ତମାନେ ଶାଢ଼ିଗୁଡ଼ିକୁ ସିଧାସଳଖ ପୂଜାରୀଙ୍କୁ ନ ଦେଇ କେମିତି ଅଫିସରେ ଦାଖଲ କରିବେ, ସେଥିପାଇଁ ସତର୍କତା ଅବଲମ୍ବନ କରାଯାଉ।

–ଅକ୍ଷୟ ମହାନ୍ତି, ନିର୍ମାଲ୍ୟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ!
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଟୁନା



@ ଲିଙ୍କନ



@ ସୁମନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶୁଲିଆ ମହୋତ୍ସବ ଉଦ୍‌ଯାପିତ

ଦେଓଗାଁ,୨୭।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲତାପଡା ଅନ୍ତର୍ଗତ ଖଇରଗୁଡାସ୍ଥିତ ଶୁଲିଆ ପାହାଡ ପାଦଦେଶରେ ୩ଦିନ ଧରି ଚାଲିଥିବା ୨ୟ ଶୁଲିଆ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ସମ୍ମାନୀତ ଅତିଥିଭାବେ ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ମହାସଚିବ ଶ୍ୟାମ ମୁଣ୍ଡା, ଟିଟିଲାଗଡ ଆଦିବାସୀ କଳା ସଂସ୍କୃତି ଗବେଷକ ଅଜିତ ଭୋଇ, ବଲାଙ୍ଗୀର କନ୍ଧ ଯୁବ ସଂଗଠନ ସଭାପତି ସୁରେଶ ଭୋଇ ଯୋଗଦେଇଥିଲେ । ଶେଷରେ କମିଟି ସହସମ୍ପାଦକ ରାଜେନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକ ପରେ ଅନୀଲ ନାଏକ ଓ ସାଥୀଙ୍କ ଦ୍ୱାରା ରାବଣ ଦରବାର ସମାପନ ହୋଇଥିଲା। ମହୋତ୍ସବକୁ କମିଟି ସଦସ୍ୟ ପ୍ରଫୁଲ୍ଲ ଦାସ, ସତ୍ୟ କାଲସାଏ, ଅନ୍ତ ଚୌହାନ, ମନବୋଧ ହରପାଲ, ମନରଞ୍ଜନ ସାହୁ, ହିମାଂଶୁ ଗଡତ୍ୟା, ସୋମନାଥ ଦେହୁରିଆ ପ୍ରମୁଖ ସହଯୋଗ କରିଥିଲେ।



ରାବଣ ଦରବାରରେ ମଞ୍ଚାସୀନ ଅତିଥି ।

# ୨୯ରେ ରାଜ୍ୟପାଳଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.)

ଆସନ୍ତା ୨୯ ତାରିଖ କଳାହାଣ୍ଡି ଗସ୍ତରେ ଆସୁଛନ୍ତି ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଏହାକୁ ନେଇ କଳାହାଣ୍ଡି ଜିଲା ବେଶ ଚଳଚଞ୍ଚଳ ହୋଇଉଠିଛି। କଳାହାଣ୍ଡିର ସଦର ମହକୁମା ଭବାନୀପାଟଣାରେ ଉକ୍ତ ଦିନ ୧୧.୧୫ରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ନୂତନ ଏକାଡେମୀ କୋଠା, ଲାଇବ୍ରେରୀ କୋଠା ଉଦ୍‌ଘାଟନ କରିବେ। ସେହିପରି ଅପରାହ୍ନ ୩.୧୫ରେ ଟାଉନହଲଠାରେ ସମାଚାର ପକ୍ଷରୁ ଆୟୋଜିତ 'ଚାଲ ଦେଖମା ଆମର କଳାହାଣ୍ଡି' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ରାଜ୍ୟପାଳଙ୍କ ଏହି ଗସ୍ତ ପୂର୍ବରୁ କଳାହାଣ୍ଡି ପୋଲିସ ପକ୍ଷରୁ ସୁରକ୍ଷାକୁ ନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

# ଜିଲାସ୍ତରୀୟ ସଂଯୋଜନା କମିଟି ବୈଠକ

ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.)

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ ହେବାକୁ ଥିବା ୧୧ତମ କୃଷି ଗଣନା ପାଇଁ ଭବାନୀପାଟଣାରେ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ସଂଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। କୃଷି ଗଣନାର ଆଭିମୁଖ୍ୟ ସହିତ ଚଳିତବର୍ଷ ପାଇଁ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୩ଟି ପର୍ଯ୍ୟାୟରେ ସର୍ଭେ କରାଯିବ। ଗଣନା କାର୍ଯ୍ୟରେ ଜମିର ମାଲିକାନା, ଜମିର ଆକାର ପ୍ରକାର, କ୍ଷୁଦ୍ର ନାମମାତ୍ର ଚାଷୀ, ବୃହତ ଚାଷୀ, ବ୍ୟକ୍ତିଗତ କୃଷି, ଯୁଗ୍ମକୃଷି, ଆନୁଷ୍ଠାନିକ କୃଷି, କୃଷି ଯନ୍ତ୍ରପାତି ଉପଯୋଗ, ଜୈବିକ ଓ ରାସାୟନିକ ସାର ଔଷଧ ଆଦିର ବ୍ୟବହାର, ଜମିର ସଂଖ୍ୟା, ବ୍ୟବହୃତ କୃଷି ଜମି, ଫସଲ ପ୍ରଣାଳୀ ଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଜିଲାର ସମସ୍ତ ଗ୍ରାମରେ ଏହି ସର୍ଭେ ହେବ। ଡିଜିଟାଲ ଭାବେ ମୋବାଇଲ ଆପ ଜରିଆରେ ସମସ୍ତ ସର୍ଭେ କାର୍ଯ୍ୟ ହେବ। ଡିଜିଟାଲ ମାଧ୍ୟମରେ ଥିବା ଜମି ରେକର୍ଡକୁ ଏଥିପାଇଁ ବ୍ୟବହାର କରାଯିବ। ସର୍ଭେ ବିଷୟରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ସଂସ୍ଥା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଲାଇ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ସାହୁ, ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡ. ଚୈତନ୍ୟ ଶେଠୀ, ପ୍ରମୋଦ କୁମାର ସାହୁ, ଉଦ୍ୟାନ ବିଭାଗର ଅଧିକାରୀ କେ.କେ. ମହାନ୍ତି, ସୁଜିତ ସୁଜିତ କୁମାର ବିଶ୍ୱାଳ ଓ ଡିଆଇପିଆରଓ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED URGENTLY
Autocad Staff required for a Structural Consultancy Firm. Degree / Diploma Civil, Draftsman Civil and Architectural Diploma Candidates can Contact:
9777247762

Gramin Rojgar Kalyan Sansthan is recruiting for various posts. Applications are being invited for Odisha.
visit: www.grks.org for details, contact -
7058007838

WANTED
LADY RECEPTIONIST BEST FOODING+GOOD ACCOMMODATION WITH ATTACHED BATH, At-Cuttack, Nakhara + 10 to 15000 + Bonus
7809525452

See Career Appointment on every Wednesday & Saturday

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.)

ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ଆସୋସିଏଶନ ପକ୍ଷରୁ ୮ ଦଫା ଦାବି ନେଇ ଭବାନୀପାଟଣାରେ ମଙ୍ଗଳବାର ଗର୍ଜିଛନ୍ତି ଅଙ୍ଗନୱାଡି କର୍ମୀ ଓ ପାଚିକା। ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜିଲାର ୧୩ଟି ବ୍ଲକରେ ଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ଆମରଣ ଅନଶନରେ ବସି ଆନ୍ଦୋଳନ କରିଥିଲେ ଅଙ୍ଗନୱାଡି କର୍ମୀ ଓ ପାଚିକା। ସ୍କିମ ପ୍ରଥାକୁ ଉଚ୍ଛେଦ କରାଯାଇ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବାକୁ ଦାବି ହୋଇଛି। କର୍ମୀଙ୍କୁ ମାସିକ ୨୧ ହଜାର ଟଙ୍କା ଓ ସହାୟିକାମାନଙ୍କୁ ମାସିକ ୧୫ ହଜାର ଟଙ୍କା ଦରମା ପ୍ରଦାନ ସହ ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା ଭଳି ୮ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଥମେ ଭବାନୀପାଟଣା ବଲାଜି ମନ୍ଦିରଠାରୁ ୫ହଜାରରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ, ପାଚିକା ସାମିଲ ହୋଇ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ଯୋଗୁ ସହରରେ ଦୀର୍ଘ ୩ ଘଣ୍ଟା ଧରି ଚକଅଖଜାମ ହୋଇ ପଡ଼ିଥିଲା। ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀଙ୍କ ଦାବିକୁ ପୂରାଣ ନ କଲେ ଆସନ୍ତା ଦିନରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ।

# ଜିଲାସ୍ତରୀୟ ନୌ-ଚାଳନା, ତୀର ଚାଳନା ପ୍ରତିଯୋଗିତା ପ୍ରସ୍ତୁତି





ଥୁଆମୂଳ ରାମପୁର ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ।

**ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.):** କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୨ର ରୌପ୍ୟ ଜୟନ୍ତୀ ଅବସରରେ ଜିଲାସ୍ତରୀୟ ନୌ-ଚାଳନା ଓ ତୀର ଚାଳନା ପ୍ରତିଯୋଗିତା ଇନ୍ଦ୍ରାବତୀ ଜଳଭଣ୍ଡାର ସନ୍ନିକଟ କେନ୍ଦୁମୁଣ୍ଡିଠାରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ଥୁଆମୂଳ ରାମପୁରସ୍ଥିତ ବ୍ଲକ ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ବିରଞ୍ଚି ନାରାୟଣ ଦରୱାନ ସଭାପତିତ୍ୱ କରିଥିଲେ। ଏଥିରେ ସ୍ଥାନୀୟ ତହସିଲଦାର ଈଶ୍ୱର ଚନ୍ଦ୍ର ଦାଶ, ବିଡିଓ ଶୁଭକାନ୍ତ ନାୟକ, ଜିଲା ମତ୍ସ୍ୟ ଅଧିକାରୀ, ସ୍ଥାନୀୟ ମେଡ଼ିକାଲ ଅଫିସର, ଆଦିବାସୀ କଲ୍ୟାଣ ଅଧିକାରୀ ଗଙ୍ଗାଧର ବେହେରା, ପୋଲିସ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମାଝି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ବେହେରା, ଅଗ୍ନିଶମ ଅଧିକାରୀ, କଲେଜ ଅଧ୍ୟକ୍ଷ ଓ ସବକମିଟି ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ପଦ୍ମଲୋଚନ ପୂଝାରୀ, ସୁନୀଲ କୁମାର ବେହେରା, ଚଳାନ ବାବୁ ପ୍ରମୁଖ ଆଲୋଚନା କରିଥିଲେ। ଏଥର ରୌପ୍ୟ ଜୟନ୍ତୀ ଉତ୍ସବ ହେଉଥିବାରୁ ଆହୁରି ଅଧିକ ଆକର୍ଷଣୀୟ ଭାବେ ପାଳନ କରିବା ସହିତ ବହୁ ଯୋଗ୍ୟ ପ୍ରତିଯୋଗୀଙ୍କୁ ମଧ୍ୟ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ପ୍ରତିଯୋଗିତା ସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ପ୍ରତିଯୋଗୀ ଯେଭଳି ଅଂଶ ଗ୍ରହଣ କରି ପାରିବେ ସେ ନେଇ ଆଲୋଚନା କରାଯାଇଥିଲା।

**ପୂର୍ବ ତଟ ରେଳପଥ**

**ଖାଦ୍ୟ ସରବରାହ ୟୁନିଟ୍ ର ଇ-ନିଲାମ**

ସଂ.Comml/SBP/E-auction/Catg./22/5, ତା.26.12.2022ରିଖ

**(1)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ହରିଶଙ୍କର ରୋଡ୍ 'D' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ(Tea Stall)(ଷ୍ଟେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି-ମହିଳା) ବ୍ୟବସ୍ଥା। ଷ୍ଟେସନର ନାମ: ହରିଶଙ୍କର ରୋଡ୍ (HSK), ୟୁନିଟ୍ ସ୍ଥାନ : ପ୍ଲାଟଫର୍ମ ନଂ.01 ।

**(2)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ମହାସମୁନ୍ଦ 'D' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ(Tea Stall)(ଷ୍ଟେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜାତି) ବ୍ୟବସ୍ଥା। ଷ୍ଟେସନର ନାମ: ମହାସମୁନ୍ଦ(MSMD), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.01 ।

**(3)ସମ୍ପତ୍ତିର ବିବରଣୀ:** 05(ପାଞ୍ଚ) ବର୍ଷ ନିମନ୍ତେ ଖରିଆର ରୋଡ୍ 'D' ବର୍ଗ ରେଳ ଷ୍ଟେସନ ଠାରେ ଚା ଦୋକାନ(Tea Stall)(ଷ୍ଟେଶାଲ ମାଇନର ୟୁନିଟ୍-ଅନ୍ୟାନ୍ୟ ପଛୁଆ ବର୍ଗ ମହିଳା) ବ୍ୟବସ୍ଥା। ଷ୍ଟେସନର ନାମ: ଖରିଆର ରୋଡ(KRAR), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.02 ।

**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ:** ତା.09.01.2023 ରିଖ 1200 ଘଟିକା (କ୍ରମ ସଂ.1 ପାଇଁ), ତା.11.01.2023 ରିଖ 1200 ଘଟିକା (କ୍ରମ ସଂ.2 ପାଇଁ) ଏବଂ ତା.12.01.2023 ରିଖ 1200 ଘଟିକା (କ୍ରମ ସଂ.3 ପାଇଁ) ।

**ନିଲାମ ବନ୍ଦ ହେବା ତାରିଖ ଓ ସମୟ:** ତା.09.01.2023 ରିଖ 1230 ଘଟିକା(କ୍ରମ ସଂ.1 ପାଇଁ), ତା.11.01.2023 ରିଖ 1230 ଘଟିକା(କ୍ରମ ସଂ.2 ପାଇଁ) ଏବଂ ତା.12.01.2023 ରିଖ 1230 ଘଟିକା (କ୍ରମ ସଂ.3 ପାଇଁ) ।

ଉପରୋକ୍ତ ଇ-ନିଲାମର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-855/N/22-23

**ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର**

ସାଲିଆ ବଗିଚା, କୁମ୍ଭାରପଡ଼ା,ସମ୍ବଲପୁର-୭୬୮୦୦୧,
ଫୋନ-୭୪୦୧୦୯୮,ଇମେଲ୍-Secretarysdasbp@gmail.com

**ସୂଚନା**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କିର୍ବା ହାଉସିଂ ସ୍କିମ୍, ବୁର୍ଲାରେ ଲିଜ୍ ଘର ନଂ.LIG-4 ଟିକୁ ଦେବାରଚନ ନାୟକ, ପିତା-ସ୍ୱର୍ଗତ ଉପେନ୍ଦ୍ର ନାୟକ, ସ୍ଥାନ-ସଙ୍କରା, ପୋଷ୍ଟ/ଥାନା-ସଙ୍କରା, ଜିଲ୍ଲା-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଦେବାରଚନ ନାୟକଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କର ପୁତ୍ର ଶ୍ରୀ ତିରୁପତି ଦେବଦତ୍ତ ନାୟକ ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି ।

ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./-ସଚିବ,ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

**PHULBANI (KENDULEAVES) DIVISION, PHULBANI**

**TENDER NOTICE**

**Tender Notice No. 01 of 2022**
**Dated, 26th December 2022**

**No.MM-373:** The interested Farms/Agencies/Contractors are invited to express their willingness for "construction of 2 (two) nos. of Permanent Phadi in Phulbani KL Division jurisdiction for the year 2022-23". The application form of the said item along with the detailed terms and conditions shall be available in the office of the undersigned from 28.12.2022 in the office hours of all working days.

| Sl. No. | Item of Service | Last Date of Submission of Tender | Date of Opening of Tender |
|---|---|---|---|
| 1 | 1 : CONSTRUCTION OF 2 (TWO) NOS. OF PERMANENT PHADI IN PHULBANI KL DIVISION JURISDICTION FOR THE YEAR 2022-23 | 4.00 PM of 02.01.2023 | 4.30 PM of 02.01.2023 |

Sd./- Divisional Forest Officer
Phulbani (Kenduleaves) Division
OIPR-08069/11/0003/2223

# ବିଶ୍ୱକପ୍ ହକି ଉପଲକ୍ଷେ ଭଲିବଲ ଟୁର୍ନାମେଣ୍ଟ

କର୍ଲାମୁଣ୍ଡା,୨୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଚିନାବାଡ଼ି ପଡ଼ିଆଠାରେ ହକି ବିଶ୍ୱକପ ଉପଲକ୍ଷେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୮ଟି ଦଳ ଭାଗ ନେଇଥିଲେ। ଅଂଶ ଗ୍ରହଣକାରୀମାନଙ୍କ ମଧ୍ୟରୁ ଉପଯୁକ୍ତ ଖେଳାଳି ଚୟନ କରାଯାଇ ବ୍ଲକ ଟିମ ଗଠନ କରାଯାଇଥିଲା। ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ତହସିଲଦାର ମିଳନ କୁମାର ଝାଙ୍କର, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର, ସମିତି ସଭ୍ୟ ଆନନ୍ଦ ନାଗ, ଗୋଲାପ ଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ କ୍ରୀଡା ଶିକ୍ଷକ ଲଳିତ ସାହୁ, ଲଳିତ ଦାଶ, ରାଜକିଶୋର ରଣା, କୃପାସିନ୍ଧୁ ପଟେଲ ପରିଚାଳନା କରିଥିଲେ। ଭାରତ ଭୁଷଣ ଷଡ଼ଙ୍ଗୀ ସ୍କୋର ବୋର୍ଡ ଦାୟିତ୍ୱରେ ରହିଥିଲେ। ନରୋତ୍ତମ ସେଲମା ଉଦଘାଟନୀ ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲର୍କ ପ୍ରଦୀପ କୁମାର ମାଝି, ସିନିୟର କ୍ଲର୍କ ଯୋଗେଶ୍ୱର ପୋଢ଼, ଅଗ୍ନିଶମ ବିଭାଗ ଅଫିସର ଇନଚାର୍ଜ ଜଗଦୀଶ ମେହେର ସହଯୋଗ କରିଥିଲେ।



ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା କୁନି ସାହୁ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
Central Workshop, Rasulgarh,Bhubaneswar-751010 (Odisha)
Tel-0674-2580107, E-mail: gmocclcws@gmail.com,(GSTIN-21AAAC02571K2ZM)

**"e"- Procurement Notice No.31/OCCL/CWS/2022-23 (on-line)**

**No.CAD-4282:** Type of work: Fabrication of embedded parts, gates, gate components, hoist supporting structures etc. (labour only) inside premises of Central Workshop, OCCL, Rasulgarh, Bhubaneswar, 751010, Total No. of work: 01 (One), Period of Work: 180 (One hundred eighty) days.

| Procurement Officer | Bid Identification No. | Cost of Tender document (including GST) through online transfer system | Availability of tender (Online) | Submission of Bid (Online) |
|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL- MECH/ CWS/08/ 2022-23 | Rs.11,800/- (Non-refundable) | 28.12.2022 10.00 AM to 12.01.2023 5.00 P.M. | 28.12.2022 10.00 AM to 12.01.2023 5.00 PM |

Date of Opening of Technical Bid: 13.01.2023 at 11.30 AM.
Further details can be seen from the Govt. website (www.tendersodisha.gov.in.)
Amendment/Corrigendum/Cancellation, if any shall be posted online only.

OIPR-34163/11/0011/2223 **Sd./- General Manager (Mech.)**

No.O-1523

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
Ph.No. 0674-2301787, Fax No.0674- 2300965
Email ID: eerw_bbsr@yahoo.co.in

No.: Tender- Online-BBSR Divn.-45 Date: 23.12.2022

**e-Procurement NOTICE**

1. Name of the work: Construction / Special Repair of Building work. 2. Total No. of Projects: 2 Nos. individuals projects. 3. Class of contractor: (As per Works Deptt. Office memorandum No.12586 dt. 09.09.2022) (a) Above Rs.20 lakh and upto 3 crore: 'B' Class (of Odisha PWD) or equivalent class of other licencing authorities. (b) Upto Rs.40.00 lakh: 'C' Class (of Odisha PWD) or equivalent class of other licencing auhorities. (c) Upto Rs.20.00 lakh: 'D' Class (of Odisha PWD) or equivalent class of other licencing authorities. 4. Estimated cost of individual projects: Rs.60.00 lakh to 61.00 lakh. 5. Time for completion: 6(Six) calendar months. 6. Other details.

| Procurement Officer | Bid Identification No. | Availability of tender online for bidding | | Date & time of opening of tender | |
|---|---|---|---|---|---|
| | | From | To | Technical bid | Financial bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-45 | 30.12.2022 at 11.00 A.M. | 10.01.2023 upto 5.00 P.M. | 11.01.2023 at 11.00 A.M. | 16.01.2023 at 11.00 A.M. |

7. Further details can be seen from the website www.tendersorissa.gov.in.
8. Corrigendum if any / shall only be published in the above website.

Sd./- Superintending Engineer, Rural Works Division, BBSR
OIPR-25189/11/0007/2223

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.II**
**BHUBANESWAR**
eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**
Bid Identification No. C.C. (R&B)-02
**e-Procurement Notice No.58 of 2022-23**

No. Bhubaneswar the - 2022

No.B-1050:- The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for One Number of Compound wall work & One Number Building work to be received in online bidding, single cover system as detailed in: https://tendersorissa.gov.in. The details of bid documents will be available in the above website from 02.01.2023 to 5.00 P.M. of 16.01.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 17.01.2023 in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / corrigendum, if required, will be available only in the website.

Sd./- Superintending Engineer, BBSR (R&B) Division No. II, BBSR
OIPR-34088/11/0027/2223

**O/o. MEDICAL SUPERINTENDENT**
**BLOCK PROGRAMME MANAGEMENT UNIT**
**NATIONAL HEALTH MISSION**
**C.H.C., PAPADAHANDI**
e-mail:bpo.papadahandi@gmail.com

**No.E-764:** Sealed tenders are invited from registered, reputed and experienced Agencies /Firms/ Individuals for providing the 1) Supply of Food for Trainings and Meetings at CHC Level as well as for Sector Level meetings and trainings. Interested bidders may send their complete bid in double cover system (Technical & Financial). Category of supply must be superscribed in the top of the Bid envelope and addressing clearly to the Medical Superintendent, CHC Papadahandi. Detailed tender requirements may be downloaded from the district website www.nabarangpur.nic.in. Last date of for receipt of Tender Paper is 11/01/2023 latest by 5.00 PM only through **Speed post/Regd. Post only and the bids so received will be opened on 13/01/2023 at 11.30 AM in the official chamber of the Medical Superintendent, CHC PAPADAHANDI, Nabarangpur**. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.

Sd./- Medical Superintendent
OIPR-10198/11/0001/2223 CHC, Papadahandi, Nabarangpur

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଟୁନା


@ ଲିଙ୍କନ


@ ସୁମନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିମଡିହିରେ ବାର୍ଷିକ ହକି ଚାମ୍ପିୟନଶିପ ଉଦ୍‌ଘାଟିତ

ସୁନ୍ଦରଗଡ,୨୭।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ନିମଡିହିଠାରେ ରାଜ କ୍ଲବ ଆନୁକୂଲ୍ୟରେ ବାର୍ଷିକ ହକି ଚାମ୍ପିୟନଶିପ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଦିବସରେ କ୍ରିଷ୍ଣା ମୋହନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଧୂଡି ନୂଆଗାଁ ଏବଂ ମଗର କୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଧୂଡି ନୂଆଗାଁ ୧-୦ ଗୋଲରେ ବିଜୟୀ ହୋଇଛି। କ୍ଲବର ସଭାପତି ପ୍ରମୋଦ ମିଞ୍ଜ, ସମ୍ପାଦକ ନୋଏଲ ତିର୍କୀ, ସଞ୍ଜିତ କିଣ୍ଡୋଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ ସମେତ ପଡୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟର ୬୪ଟି ଦଳ ଭାଗ ନେଉଛନ୍ତି।


ଉଦ୍‌ଘାଟନୀ ଦିବସରେ ଖେଳାଳି ଓ ଅତିଥି।

## ଶିଶୁବିକାଶ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଝାରସୁଗୁଡ଼ା ଅଫିସ,୨୭।୧୨

ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିରର ତୃତୀୟ ବାର୍ଷିକ କ୍ରୀଡା ସୋମବାର ପାଳିତ ହୋଇଯାଇଛି। ୯ନଂ କାଉନସିଲର ପ୍ରତିମା ଭୈସାଲ ଓ ୮ନଂ କାଉନସିଲର ବୀଣା ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଞ୍ଚପଡା ସିଆର୍‌ସିସି ସୁରଜ ପଟେଲ, ଯୁଗ୍ମ ସମ୍ପାଦକ ଗିରିଧାରୀ ଝା, କ୍ରୀଡ଼ା ସଂଯୋଜକ କ୍ଷମାଶୀଳ ଭୈଷାଲ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡ଼ା ପୌରପରିଷଦର ନଗରପାଳିକା ରାନୀ ହାତୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝି ଅତିଥିଙ୍କ ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପଞ୍ଚପଡା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପଙ୍କଜିନୀ ପଟେଲ, ରେଲୱେ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରକାଶ ପ୍ରଧାନ ଖେଳ ପରିଚାଳନା କରିଥିଲେ।

# ବନ କର୍ମଚାରୀ ଜିଲା ଶାଖାର କର୍ମକର୍ତ୍ତା ଚୟନ

ଝାରସୁଗୁଡ଼ା ଅଫିସ,୨୭।୧୨

ଓଡ଼ିଶା ଅଣଗେଜେଟେଡ୍ ବନ କର୍ମଚାରୀ ସଂଘ ଝାରସୁଗୁଡ଼ା ଜିଲା ଶାଖା ତରଫରୁ ରବିବାର ସ୍ଥାନୀୟ ରେଞ୍ଜ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା କେନ୍ଦୁଲିପି ଡିଭିଜନ ଓ ଝାରସୁଗୁଡ଼ା ବନଖଣ୍ଡର ଶତାଧିକ କର୍ମଚାରୀ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ଶାଖାର ଏକ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ପ୍ରଶାନ୍ତ କୁମାର ବାଗ୍, ଉପସଭାପତି ସୁଦେଷ୍ଣା ପ୍ରଧାନ, ସମ୍ପାଦକ ବୀରମଣି ଜୟପୁରିଆ, ଯୁଗ୍ମ ସମ୍ପାଦକ ଅମିର ପଟେଲ, ସହସମ୍ପାଦକ ସଞ୍ଜୟ ଅଟି, ଜୋନ୍ କୋଷାଧ୍ୟକ୍ଷ କନ୍ଦର୍ପ ସାହୁ, ଜୋନ୍ ସଙ୍ଗଠନ ସମ୍ପାଦକ ପ୍ରଦୀପ ବେସନ, ଉପେନ୍ଦ୍ର ବେସନ ଓ ଶାନ୍ତନୁ ପଟେଲ, ଉପଦେଷ୍ଟା ମଣ୍ଡଳୀରେ ପ୍ରଦୀପ କୁମାର ନାୟକ, ମୁରାରୀ ପ୍ରସାଦ ସାହୁ, ସଞ୍ଜିତ କୁମାର ଚୌଧୁରୀ ଓ ଗୌରାଙ୍ଗ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ତେଜସ୍ୱିନୀ ସା, ସଙ୍ଗିତା ସାମନ୍ତରାୟ, ଡିଭିଜନ ସଭାପତି ବୁଦ୍ଧୁରାମ ରୋହିଦାସ, ଗଗନ କୁମାର ନାୟକ, ଡିଭିଜନ ସମ୍ପାଦକ ଉଦୟନ୍ତ ସାହୁ, ପ୍ରଶାନ୍ତ କୁମାର ଖମାରୀ ପ୍ରମୁଖ ଚୟନ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ରାଜ୍ୟ ସଭାପତି ପାତ୍ର ଶପଥ ପାଠ କରାଇବା ସହ ଅଭିନନ୍ଦନ ଜଣାଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ବୈଦିକ ଇଣ୍ଟର ନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୨୭।୧୨(ବ୍ୟୁରୋ)

ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଶାସନସ୍ଥିତ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବାଲେଶ୍ୱର ଲୋକ ସଭା ସଦସ୍ୟ ପ୍ରତାପଚନ୍ଦ୍ର ଷଡଙ୍ଗୀ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ଓ ବୈଦିକ ଗ୍ରୁପ ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ମନିଶ କୁମାର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସ୍କୁଲରେ ପାଠପଢ଼ା ସହ ଚରିତ୍ର ଗଠନକୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ସେହିପରି ଶିକ୍ଷାର ଉନ୍ନତି ନିମନ୍ତେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଫେସର ଦାସମହାପାତ୍ର କହିଥିଲେ। ବୈଦିକ ସ୍କୁଲ ଡିନ ପାର୍ଥ ମୁଖାର୍ଜି, ଜୁନିୟର କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ପ୍ରଧାନ, ଡିଗ୍ରୀ କଲେଜ ଅଧ୍ୟକ୍ଷା ଶ୍ୱେତା ମିଶ୍ର ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

WANTED URGENTLY
Autocad Staff required for a Structural Consultancy Firm. Degree / Diploma Civil, Draftsman Civil and Architectural Diploma Candidates can Contact:
9777247762

Gramin Rojgar Kalyan Sansthan is recruiting for various posts. Applications are being invited for Odisha.
visit: www.grks.org for details, contact -
7058007838

WANTED
LADY RECEPTIONIST BEST FOODING+GOOD ACCOMMODATION WITH ATTACHED BATH, At-Cuttack, Nakhara + 10 to 15000 + Bonus
7809525452

See Career Appointment on every Wednesday & Saturday

# ୫-୪ ଗୋଲରେ ନୂଆଗାଁ ଦଳ ଚାମ୍ପିୟନ ଘୋଷିତ

କୁଆଁରମୁଣ୍ଡା,୨୭।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ହେଉଛି କ୍ରୀଡାର ଏକ୍ସୁଡ଼ିଶାଳ। ଏହି ଜିଲାରୁ ଜାତୀୟ ଓ ଅର୍ନ୍ତଜାତୀୟ କ୍ରୀଡାବିତ୍ ଜନ୍ମ ନେଇ ରାଜ୍ୟ ଓ ଦେଶର ଗୌରବ ବଜାୟ ରଖିଛନ୍ତି । କୁଆଁରମୁଣ୍ଡା ବ୍ଲକ କଚରୁ ପଞ୍ଚାୟତ ସିଆଲଯୋର ଖେଳପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଏହି ଶେଷ ପର୍ଯ୍ୟାୟ ଖେଳରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର ଯୋଗଦେଇଥିଲେ । ଅତିଥିମାନେ ୫-୪ ଗୋଲରେ ଚାମ୍ପିୟନ ଘୋଷିତ ଲାଠିକଟା ବ୍ଲକ ନୂଆଗାଁ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ରର୍ନସ ଅପ୍ ଘୋଷିତ କୁଆଁରମୁଣ୍ଡା ବ୍ଲକର ଡୁମେରଯୋର ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ସର୍ବମୋଟ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ । ଆୟୋଜକମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ ।


ସିଆଲଯୋରରେ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତାର ଶେଷ ଦିବସରେ ଉପସ୍ଥିତ ଅତିଥି ଓ ଖେଳାଳି।

## କନକସର୍ପା ଜଙ୍ଗଲରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଲାଞ୍ଜିଗଡ଼,୨୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମାଲିଯୁବାଙ୍ଗ ଗ୍ରାମପଞ୍ଚାୟତ ବଙ୍କାକୁଣ୍ଡୁ ଗାଁର ନିଖୋଜ ପୀନା ସାହୁଙ୍କ ମୃତଦେହ କନକସର୍ପା ଜଙ୍ଗଲରୁ ମଙ୍ଗଳବାର ପୋଲିସ ଜବତ କରିଛି। ସେ ଗତ ରବିବାରରୁ ନିଖୋଜ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ, ବଙ୍କାକୁଣ୍ଡୁ ଗାଁର ପୀନା ରବିବାର ସନ୍ଧ୍ୟାରେ ଘରୁ କୁଆଡେ ବାହାରି ଯାଇ ଆଉ ଫେରି ନ ଥିଲେ।

ପୂର୍ବ ତଟ ରେଳପଥ
ଖାଦ୍ୟ ସରବରାହ ୟୁନିଟ୍ ର ଇ-ନିଲାମ
ସଂ.Comml/SBP/E-auction/Catg./22/5, ତା.26.12.2022ରିଖ
(1)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ହରିଶଙ୍କର ରୋଡ୍ 'D' ବର୍ଗ ରେଳ ଷ୍ଟେସନ ଠାରେ ଛ ଦୋକାନ(Tea Stall)(ଷ୍ଟେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି-ମହିଳା) ବ୍ୟବସ୍ଥା। ଷ୍ଟେସନର ନାମ: ହରିଶଙ୍କର ରୋଡ୍ (HSK), ୟୁନିଟ୍ ସ୍ଥାନ : ପ୍ଲାଟଫର୍ମ ନଂ.01।
(2)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ମହାସମୁନ୍ଦ 'D' ବର୍ଗ ରେଳ ଷ୍ଟେସନ ଠାରେ ଛ ଦୋକାନ(Tea Stall)(ଷ୍ଟେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜାତି) ବ୍ୟବସ୍ଥା। ଷ୍ଟେସନର ନାମ: ମହାସମୁନ୍ଦ(MSMD), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.01।
(3)ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଖରିଆର ରୋଡ୍ 'D' ବର୍ଗ ରେଳ ଷ୍ଟେସନ ଠାରେ ଛ ଦୋକାନ(Tea Stall)(ଷ୍ଟେଶାଲ ମାଇନର ୟୁନିଟ୍-ଅନ୍ୟାନ୍ୟ ପଛୁଆ ବର୍ଗ ମହିଳା) ବ୍ୟବସ୍ଥା। ଷ୍ଟେସନର ନାମ: ଖରିଆର ରୋଡ(KRAR), ୟୁନିଟ୍ ସ୍ଥାନ: ପ୍ଲାଟଫର୍ମ ନଂ.02।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.09.01.2023 ରିଖ 1200 ଘଟିକା (କ୍ରମ ସଂ.1 ପାଇଁ), ତା.11.01.2023 ରିଖ 1200 ଘଟିକା (କ୍ରମ ସଂ.2 ପାଇଁ) ଏବଂ ତା.12.01.2023 ରିଖ 1200 ଘଟିକା (କ୍ରମ ସଂ.3 ପାଇଁ)।
ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.09.01.2023 ରିଖ 1230 ଘଟିକା(କ୍ରମ ସଂ.1 ପାଇଁ), ତା.11.01.2023 ରିଖ 1230 ଘଟିକା(କ୍ରମ ସଂ.2 ପାଇଁ) ଏବଂ ତା.12.01.2023 ରିଖ 1230 ଘଟିକା (କ୍ରମ ସଂ.3 ପାଇଁ)।
ଉପରୋକ୍ତ ଇ-ନିଲାମର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-855/N/22-23

# ଜାନୁୟାରୀ ପ୍ରଥମ ସପ୍ତାହରୁ ମୋ ବସ୍ ସେବା

ରାଉରକେଲା ଅଫିସ,୨୭।୧୨

୨୦୨୩ ଜାନୁଆରୀ ୧୩ରେ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ହକି ବିଶ୍ୱକପ୍ ମ୍ୟାଚ୍ ଆରମ୍ଭ ହେବ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡାପ୍ରେମୀଙ୍କ ଯାତାୟାତରେ ସୁବିଧା ପାଇଁ ପ୍ରଥମ ପର୍ଯ୍ୟାୟରେ ୨୫ଟି ମୋ ବସ୍ ରାଉରକେଲା ସହରରେ ପହଞ୍ଚିଛି। ଏହି ବସ ରାଉରକେଲା କୁଲୁଙ୍ଗା ସାଇଡିଂ ଅଞ୍ଚଳରେ ରହିଥିବାବେଳେ ଜାନୁଆରୀ ପ୍ରଥମ ସପ୍ତାହରୁ ଏହି ସେବା ସହରର ଜନସାଧାରଣଙ୍କୁ ମିଳିବ ବୋଲି ଜଣାପଡିଛି। ବସ୍ ଚଳାଚଳ ପାଇଁ ରାଉରକେଲାରେ ପାନପୋଷ ଛକ, ଏସ୍‌ଟିଆଇ ଛକ, ରଘୁନାଥପାଲି ଛକ, ଉଦିତନଗର ଆମ୍ବେଦକର ଛକ, ବିଶ୍ରା ଛକ ଭଳି ୧୭ଟି ସ୍ଥାନରେ ମୋ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ବସ୍ ରାଉରକେଲାର ହନୁମାନ ବାଟିକା ଛକ ହୋଇ ଛେଣ୍ଡ, ବାସନ୍ତୀ କଲୋନୀ, ଉଦିତନଗର, ଏସ୍‌ଟିଆଇ, ଖିରପାଣି, କୋଏଲନଗର ଅଞ୍ଚଳ ଦେଇ ଯାତ୍ରା କରିବ। ଏ ନେଇ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ଯେଉଁ ଅଞ୍ଚଳକୁ ବସ୍ ସେବା ନାହିଁ, ସେହି ଅଞ୍ଚଳକୁ ପ୍ରଥମେ ପ୍ରାଧାନ୍ୟ ଦିଆଯିବ। ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ୨୫ଟି ବସ୍ ଚଳାଚଳ କରାଯାଉଛି। ଚାହିଦା ଦେଖିଲା ପରେ ଆଗାମୀ ଦିନରେ ଏହି ବସ୍ ଅଧିକ ସଂଖ୍ୟାରେ ଚଳାଚଳ କରିବ ବୋଲି ସେ କହିଥିଲେ।

ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର
ସାଲିଆ ବଗିଚା, କୁମ୍ଭାରପଡ଼ା,ସମ୍ବଲପୁର-୭୬୮୦୦୧,
ଫୋନ-୭୪୦୧୦୯୮,ଇମେଲ୍-Secretarysdasbp@gmail.com
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କିର୍ବା ହାଉସିଂ ସ୍କିମ୍, ବୁର୍ଲାରେ ଲିଜ୍ ଘର ନଂ.LIG-4 ଟିକୁ ଦେବାରଚନ ନାୟକ, ପିତା-ସ୍ୱର୍ଗତ ଉପେନ୍ଦ୍ର ନାୟକ, ସ୍ଥାନ-ସଙ୍କରା, ପୋଷ୍ଟ/ଥାନା-ସଙ୍କରା, ଜିଲ୍ଲା-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଦେବାରଚନ ନାୟକଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କର ପୁତ୍ର ଶ୍ରୀ ତିରୁପତି ଦେବଦତ୍ତ ନାୟକ ଉକ୍ତ ପ୍ଲଟ୍‌ଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି ।
ଉକ୍ତ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ପ୍ଲଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସ୍ୱା./-ସଚିବ,ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

# ଯୁଗ୍ମ ଜନଶୁଣାଣି :୪୬ ଅଭିଯୋଗରୁ ୧୨ ସମାଧାନ



ଜନଶୁଣାଣିରେ ଜିଲାପାଳ ଓ ବିଭିନ୍ନ ବିଭାଗର ପଦାଧିକାରୀ

ବଡ଼ଗାଁ,୨୭।୧୨(ଡି.ଏନ.ଏ.)

**ବଡ଼ଗାଁ ବ୍ଲକ**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଫିସ ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଜିଲାପାଳ ପରାଗ ହର୍ଷଦ ଗାଭାଲି ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥଲେ। ଜନଶୁଣାଣିରେ ୪୬ ଅଭିଯୋଗ ମଧ୍ୟରୁ ୧୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟସବୁ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଜିଲାପାଳ ଗାଭାଲି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଅଭିଯୋଗ ମଧ୍ୟରେ ବଡ଼ଗାଁରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ସହିତ କଲେଜ ସମ୍ମୁଖ ରାସ୍ତାର ମରାମତି, ବିଦ୍ୟୁତ ଯୋଗାଣ, ଜମିବାଡ଼ି ସମସ୍ୟା ଆଦି ଉପରେ ଲୋକେ ଜିଲାପାଳଙ୍କୁ ଜଣାଇଥିଲେ। ଏହାଛଡା ବଡ଼ଗାଁ କଲ୍ୟାଣ ମଣ୍ଡପ, ବଡ଼ଗାଁ-କିଞ୍ଜିରକେଲା ରାସ୍ତା ମରାମତି, ଚଳନାମୁଣ୍ଡା ରୁନୁଆରମାଲ ରାସ୍ତା ମରାମତି, ବରିଷ୍ଠ ନାଗରିକଙ୍କ ପାଇଁ ସରକାରୀ ଜମି ଦେବା ସମେତ ଅନ୍ୟ କେତେକ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨ ଜଣ ହିତାଧିକାରୀଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜନଶୁଣାଣିରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମନୋଜ ସତ୍ୟବାନ ମହାଜନ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ମାଝୀ, ଉପ ଜିଲାପାଳ ଦାଶରଥି ସାରବୁ, ଡେପୁଟି କଲେକ୍ଟର କୁନ୍ତୀରାଣୀ ନାଏକ, ସିଡିଏମଓ ଡା. ସରୋଜ କୁମାର ମିଶ୍ର, ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବିଡିଓ କ୍ଷମାନିଧି ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

PHULBANI (KENDULEAVES) DIVISION, PHULBANI
TENDER NOTICE
Tender Notice No. 01 of 2022
Dated, 26th December 2022
No.MM-373:The interested Farms/Agencies/Contractors are invited to express their willingness for "construction of 2 (two) nos. of Permanent Phadi in Phulbani KL Division jurisdiction for the year 2022-23". The application form of the said item along with the detailed terms and conditions shall be available in the office of the undersigned from 28.12.2022 in the office hours of all working days.

| Sl. No. | Item of Service | Last Date of Submission of Tender | Date of Opening of Tender |
|---|---|---|---|
| 1 | 1 : CONSTRUCTION OF 2 (TWO) NOS. OF PERMANENT PHADI IN PHULBANI KL DIVISION JURISDICTION FOR THE YEAR 2022-23 | 4.00 PM of 02.01.2023 | 4.30 PM of 02.01.2023 |

Sd./- Divisional Forest Officer
Phulbani (Kenduleaves) Division
OIPR-08069/11/0003/2223

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO.II
BHUBANESWAR
eerb2_bbsr@yahoo.com
INVITATIONS FOR BIDS THROUGH e-Procurement
Bid Identification No. C.C. (R&B)-02
e-Procurement Notice No.58 of 2022-23
No. Bhubaneswar the - 2022
No.B-1050:- The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for One Number of Compound wall work & One Number Building work to be received in online bidding, single cover system as detailed in: https://tendersorissa.gov.in. The details of bid documents will be available in the above website from 02.01.2023 to 5.00 P.M. of 16.01.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 17.01.2023 in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / corrigendum, if required, will be available only in the website.
Sd./- Superintending Engineer, BBSR (R&B) Division No. II, BBSR
OIPR-34088/11/0027/2223

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
Central Workshop, Rasulgarh,Bhubaneswar-751010 (Odisha)
Tel-0674-2580107, E-mail: gmocclcws@gmail.com,(GSTIN-21AAAC02571K2ZM)
"e"- Procurement Notice No.31/OCCL/CWS/2022-23 (on-line)
No.CAD-4282:Type of work: Fabrication of embedded parts, gates, gate components, hoist supporting structures etc. (labour only) inside premises of Central Workshop, OCCL, Rasulgarh, Bhubaneswar, 751010, Total No. of work: 01 (One), Period of Work: 180 (One hundred eighty) days.

| Procurement Officer | Bid Identification No. | Cost of Tender document (including GST) through online transfer system | Availability of tender (Online) | Submission of Bid (Online) |
|---|---|---|---|---|
| General Manager (Mech.), OCC Ltd., Central Workshop, Rasulgarh, Bhubaneswar | OCCL- MECH/ CWS/08/ 2022-23 | Rs.11,800/- (Non-refundable) | 28.12.2022 10.00 AM to 12.01.2023 5.00 P.M. | 28.12.2022 10.00 AM to 12.01.2023 5.00 PM |

Date of Opening of Technical Bid: 13.01.2023 at 11.30 AM.
Further details can be seen from the Govt. website (www.tendersodisha.gov.in.)
Amendment/Corrigendum/Cancellation, if any shall be posted online only.
OIPR-34163/11/0011/2223
Sd./- General Manager (Mech.)

O/o. MEDICAL SUPERINTENDENT
BLOCK PROGRAMME MANAGEMENT UNIT
NATIONAL HEALTH MISSION
C.H.C., PAPADAHANDI
e-mail:bpo.papadahandi@gmail.com
No.E-764:Sealed tenders are invited from registered, reputed and experienced Agencies /Firms/ Individuals for providing the 1) Supply of Food for Trainings and Meetings at CHC Level as well as for Sector Level meetings and trainings. Interested bidders may send their complete bid in double cover system (Technical & Financial). Category of supply must be superscribed in the top of the Bid envelope and addressing clearly to the Medical Superintendent, CHC Papadahandi. Detailed tender requirements may be downloaded from the district website www.nabarangpur.nic.in. Last date of for receipt of Tender Paper is 11/01/2023 latest by 5.00 PM only through **Speed post/Regd. Post only and the bids so received will be opened on 13/01/2023 at 11.30 AM in the official chamber of the Medical Superintendent, CHC PAPADAHANDI, Nabarangpur**. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof.
Sd./- Medical Superintendent
CHC, Papadahandi, Nabarangpur
OIPR-10198/11/0001/2223

No.O-1523
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
Ph.No. 0674-2301787, Fax No.0674- 2300965
Email ID: eerw_bbsr@yahoo.co.in
No.: Tender- Online-BBSR Divn.-45
Date: 23.12.2022
e-Procurement NOTICE
1. Name of the work: Construction / Special Repair of Building work. 2. Total No. of Projects: 2 Nos. individuals projects. 3. Class of contractor: (As per Works Deptt. Office memorandum No.12586 dt. 09.09.2022) (a) Above Rs.20 lakh and upto 3 crore: 'B' Class (of Odisha PWD) or equivalent class of other licencing authorities. (b) Upto Rs.40.00 lakh: 'C' Class (of Odisha PWD) or equivalent class of other licencing auhorities. (c) Upto Rs.20.00 lakh: 'D' Class (of Odisha PWD) or equivalent class of other licencing authorities. 4. Estimated cost of individual projects: Rs.60.00 lakh to 61.00 lakh. 5. Time for completion: 6(Six) calendar months. 6. Other details.

| Procurement Officer | Bid Identification No. | Availability of tender online for bidding | | Date & time of opening of tender | |
|---|---|---|---|---|---|
| | | From | To | Technical bid | Financial bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-45 | 30.12.2022 at 11.00 A.M. | 10.01.2023 upto 5.00 P.M. | 11.01.2023 at 11.00 A.M. | 16.01.2023 at 11.00 A.M. |

7. Further details can be seen from the website www.tendersorissa.gov.in.
8. Corrigendum if any / shall only be published in the above website.
Sd./- Superintending Engineer, Rural Works Division, BBSR
OIPR-25189/11/0007/2223

## ଚଳନ୍ତା ଗାଡ଼ିରେ ଲାଗିଲା ନିଆଁ



ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଧର୍ମଗଡ ବିଜୁ ଏକ୍ସପ୍ରେସ ରାସ୍ତାର ଗଡିଆଜୋର ନିକଟରେ ମଙ୍ଗଳବାର ବାଲି ବୋଝେଇ ହୋଇଆସୁଥିବା ଏକ ହାଇୱାରେ ନିଆଁ ଲାଗିଛି। ଗାଡିରେ ଥିବା ଡ୍ରାଇଭର ଗାଡିରୁ ଡେଇଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଧର୍ମଗଡ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଗାଡି ୨୦ ମିନିଟ ମଧ୍ୟରେ ହୁହୁ ହୋଇ ଜଳି ୪୦ ଭାଗ ପୋଡି ଯାଇଛି। ନିଆଁ ଲାଗିବା କାରଣ ଜଣାପଡିନାହିଁ।

## ସଂକ୍ଷେପରେ

### ସିବିଏସଇ ଜାତୀୟ ତିରନ୍ଦାଜ ପ୍ରତିଯୋଗିତା

## କଳାହାଣ୍ଡିର ୨ ଛାତ୍ରୀଙ୍କ ମହାରାଷ୍ଟ୍ର ଗସ୍ତ

**ଲାଞ୍ଜିଗଡ,୨୭।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତିକ ବିଦ୍ୟାଳୟର ୨ ଛାତ୍ରୀ କଳ୍ପିତା ପଧାନ ଓ ପି.ଭି. ପୁଜିତା ମହାରାଷ୍ଟ୍ର ରାଜ୍ୟ ପଞ୍ଚଗାନିଠାରେ ଆସନ୍ତା ୨୮ରୁ ଦୁଇଦିନ ଧରି ହେବାକୁ ଥିବା ସିବିଏସଇ ଜାତୀୟ ତିରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗସ୍ତ କରିଛନ୍ତି। ଏହି ଛାତ୍ରୀମାନେ ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ରାୟପୁର ଅନ୍ତର୍ଗତ ସାଇନାଥପୁରମ ମଞ୍ଜିତହସତସ୍ଥିତ ଗ୍ରେଟ ଇଣ୍ଡିଆ ସ୍କୁଲଠାରେ ସିବିଏସଇ ଜୋନାଲ ରାଜ୍ୟସ୍ତରୀୟ ତିରନ୍ଦାଜ ପ୍ରତିଯୋଗୀତାରେ ଭାଗ ନେଇ ୧୪ ବର୍ଷରୁ କମ ବାଳିକା ବିଭାଗରେ କଳ୍ପିତା ପଧାନ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିବା ବେଳେ ୧୭ ବର୍ଷରୁ କମ ବାଳିକା ବିଭାଗରେ ପି.ଭି ପୂଜିତା ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରି ଜାତୀୟ ସିବିଏସଇ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। କୋଚ ସୀମାଞ୍ଚଳ କାଡ଼ରକାଙ୍କଠାରୁ ଏମାନେ ତାଲିମ ପ୍ରାପ୍ତ କରି ସ୍କୁଲ, ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେମାନେ ସିବିଏସଇ ଜାତୀୟସ୍ତରୀୟ ପ୍ରତିଯୋଗୀ ପାଇଁ ଗସ୍ତ କରିଛନ୍ତି। ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି. ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଡିଏଭି ବେଦାନ୍ତ ଅନ୍ତର୍ଜାତିକ ବିଦ୍ୟାଳୟର ଅଧକ୍ଷ ସଦାନନ୍ଦ ହୋତା, ବେଦାନ୍ତ ସିଏସଆର ଦିଲୀପ ପ୍ରଜାପତି ଓ ଅବିନଭ ପ୍ରତାପ, ଲାଞ୍ଜିଗଡ଼ କରାଟେ କୋଚ କ୍ଷମାନିଧି ମହାଖୁଡ, ତିରନ୍ଦାଜ କୋଚ ସୀମାଞ୍ଚଳ କାଡ଼ରକା ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

## ବରିଷ୍ଠ କଳାକାର ମନୁ ତାଣ୍ଡିଙ୍କ ବିୟୋଗରେ ଶୋକସଭା

**ଖଡ଼ିଆଳ,୨୭।୧୨(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳର ଜଣେ ବିଶିଷ୍ଟ କଳାକାର ମନୁ ତାଣ୍ଡିଙ୍କ ବିୟୋଗରେ ବ୍ଲକ ସଭାଗୃହରେଠାରେ ଜିଲା କଳା ସଂସ୍କୃତି ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଅର୍ଜ୍ଜୁନ ଛତ୍ରିଆଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ସ୍ୱର୍ଗତ ତାଣ୍ଡିଙ୍କ ଜୀବନଯାପନ, ଅମାୟିକ କଳାକାର ଜୀବନ ଉପରେ ସ୍ମୃତିଚାରଣ କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତ୍ରିମନ ମାଝି, ଅଶୋକ ନାଏକ, ଜଗତ ରାମ ନାଗ, ନବୀନ ନାଗ, ଉପେନ୍ଦ୍ର ସଲମା, ଦିନେଶ ମାଝି, ଡୋଳାମଣି ଦଣ୍ଡସେନା, ଅମର ପଟେଲଙ୍କ ସମେତ ଜିଲାର ସମସ୍ତ ବ୍ଲକରୁ ପ୍ରାୟ ୮୦ଜଣ କଳାକାର ଉପସ୍ଥିତ ରହିଥିଲେ।

## ଖବରକାଗଜ ବିତରକଙ୍କ ଅକାଳ ବିୟୋଗ

**କର୍ଲାମୁଣ୍ଡା,୨୭।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା



ଅଞ୍ଚଳର ଖବରକାଗଜ ବିତରକ (ହକର) ଗୟାଧର ନାଏକଙ୍କ ମଙ୍ଗଳବାର ଅକାଳ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୬ ବର୍ଷ ହେଉଥିଲା। ସେ ଜଣେ ଲୋକପ୍ରିୟ ଯୁବକ ଥିଲେ। ଗ୍ରାମର ପ୍ରତ୍ୟେକ ସଭାସମିତି ନୋଟିସ ବୁଲାଇବା, ନିମନ୍ତ୍ରଣ କାର୍ଡ ବାଣ୍ଟିବା, ଲୋକଙ୍କୁ ବିଭିନ୍ନ ଖବର ଦେବା କାର୍ଯ୍ୟରେ ସେ ଆଗ ଖୋଜା ପଡୁଥିଲେ। ରିଷିଡା ଗାନ୍ଧୀନଗର ପଡାର କବିରାଜ ନାଏକଙ୍କ ଏକମାତ୍ର ପୁତ୍ର ଗୟାଧରଙ୍କ ୧୨ବର୍ଷର ଝିଅ ଅଛି। ପୁଅଙ୍କୁ ଅକାଳରେ ହରାଇ ବୃଦ୍ଧ ବାପା, ମା' ଶୋକରେ ବୁଡ଼ିଯାଇଛନ୍ତି। ତାଙ୍କ ଶବଧାରରେ ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା, ଖବରଦାତା କମ୍ବୁପାଣି ସାହୁ, ସତ୍ୟନାରାୟଣ କୁମାର, ରିଞ୍ଚା ହାଇସ୍କୁଲ ଶିକ୍ଷକ ବେଲାର ପୁଟେଲଙ୍କ ସହ ବହୁଲୋକ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ପ୍ରେସ କ୍ଲବ ସମ୍ପାଦକ ପ୍ରଦୀପ ସାହୁ, ଭଜଶ୍ୟାମ ସାହୁ, ଯୁବରାଜ ସାହୁ, ସମିତି ସଭ୍ୟ ସିନୁ ବେହେରା, ପୂର୍ବତନ ସରପଞ୍ଚ ନାରାୟଣ ରଣା, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, ଅନ୍ତର୍ଯ୍ୟାମୀ ସାହୁ, ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ଶୋକପ୍ରକାଶ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସେ ଜଣେ ସ୍ୱୀକୃତିପ୍ରାପ୍ତ ହକର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରେସ କ୍ଲବ ପକ୍ଷରୁ ନିବେଦନ କରାଯାଇଛି।

# ୮ ଦିନ ହେଲା ଜଳଯୋଗାଣ ବନ୍ଦ

- ଜଳଯୋଗାଣ ପ୍ରକଳ୍ପରୁ ତାର ଚୋରି
- ନଦୀରୁ ବାଲି ଚୁଆ ପାଣି ବ୍ୟବହାର

**ଗୋଲାମୁଣ୍ଡା,୨୭।୧୨(ଡି.ଏନ.ଏ.)**



ମହିଳାମାନେ ନଦୀରୁ ବାଲି ଚୁଆ ପାଣି ସଂଗ୍ରହ କରୁଛନ୍ତି।

ସରକାର ଗ୍ରାମାଞ୍ଚଳରେ ପିଇବା ପାଣି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିଛି ଅଧିକାରୀଙ୍କ ପାଇଁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପିଇବା ପାଣି ସମସ୍ୟା ସମ୍ମୁଖୀନ ହେଉଛି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମର ଲୋକେ। ମହାଲିଙ୍ଗ ଗ୍ରାମରେ ବସୁଧା ଯୋଜନାରେ ପିଇବା ପାଣି ଯୋଗାଇ ଦେବାକୁ ୩ଟି ପ୍ରକଳ୍ପ ଓ ପାଣିଟାଙ୍କି ନିର୍ମାଣ ହୋଇଛି। ହେଲେ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେଇପାରୁନି ଗ୍ରାମପଞ୍ଚାୟତ। ଗତ ୧୭ ତାରିଖ ରାତିରେ ମହାଲିଙ୍ଗ ଗ୍ରାମର ଉଦନ୍ତୀ ନଦୀ ତଟରେ ଥିବା ଜଳଯୋଗାଣ ପ୍ରକଳ୍ପରୁ ଦୁର୍ବୃତ୍ତ ତାର ଚୋରି ନେଇଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ଚୋରଙ୍କୁ ଧରିବାରେ ବିଫଳ ହୋଇଛି। ଇତିମଧ୍ୟରେ ୮ଦିନରୁ ଉର୍ଦ୍ଧ୍ୱ ସମୟ ହେବ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ସବୁଠୁ ଆଶ୍ଚର୍ଯ୍ୟ କଥା ଯେ ମହାଲିଙ୍ଗ ପଞ୍ଚାୟତରେ ପ୍ରତିବର୍ଷ ନୂତନ ମୋଟର କିଣାଯାଉଛି, ହେଲେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବର୍ତ୍ତମାନ ଗୋଟିଏ ବି ମୋଟର ନ ଥିବା ପଞ୍ଚାୟତ କର୍ମଚାରୀ ପ୍ରକାଶ କରିଛନ୍ତି। ପ୍ରତିବର୍ଷ କିଣା ଯାଉଥିବା ମୋଟର ଏବେ କେଉଁଠି ଅଛି ନା ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ମିଶି ଆତ୍ମସାତ କରିଛନ୍ତି, ତାହା ଏବେ ତଦନ୍ତ ସାପେକ୍ଷ। ଇତିମଧ୍ୟରେ ୮ ଦିନରୁ ଉର୍ଦ୍ଧ୍ୱ ସମୟ ହେଲା ଲୋକେ ନଦୀରୁ ବାଲି ଚୁଆରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ଓ ବିଭାଗୀୟ ଅଧିକାରୀମାନେ ଚୁପ ବସିଥିବାରୁ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କ ଏଭଳି ଖାମଖିଆଲି ନୀତି ଯୋଗୁ ସାଧାରଣରେ ଆନ୍ଦୋଳନ ଦାନାବାନ୍ଧୁଛି। ଏ ଦିଗରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷଙ୍କ ସମେତ ଜୁନାଗଡ ବିଧାୟକ ତୁରନ୍ତ ଧ୍ୟାନ ଦେଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## କନକସର୍ପା ଜଙ୍ଗଲରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଲାଞ୍ଜିଗଡ଼,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମାଳିଯୁବାଙ୍ଗ ଗ୍ରାମପଞ୍ଚାୟତ ବଙ୍କାକୁଣ୍ଡୁ ଗାଁର ନିଖୋଜ ପୀନା ସାହୁଙ୍କ ମୃତଦେହ କନକସର୍ପା ଜଙ୍ଗଲରୁ ମଙ୍ଗଳବାର ପୋଲିସ ଜବତ କରିଛି। ସେ ଗତ ରବିବାରରୁ ନିଖୋଜ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ, ବଙ୍କାକୁଣ୍ଡୁ ଗାଁର ପୀନା ରବିବାର ସନ୍ଧ୍ୟାରେ ଘରୁ କୁଆଡେ ବାହାରି ଯାଇ ଆଉ ଫେରି ନ ଥିଲେ। ରାତିରେ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ସୋମବାର ପରିବାର ଲୋକେ ଖୋଜାଖୋଜି କରିବାବେଳେ ସନ୍ଧ୍ୟାରେ କନକସର୍ପା ଜଙ୍ଗଲ ନିକଟରେ ପୀନାଙ୍କ ବାଇକ୍ ଦେଖିବାକୁ ପାଇଥିଲେ। ପରିବାର ଲୋକେ ଜଙ୍ଗଲରେ ପୀନାଙ୍କୁ ଠାବ କରିବାକୁ ଉଦ୍ୟମ କରିଥିଲେ ହେଁ ରାତି ହୋଇଯିବାରୁ ଫେରି ଆସିଥିଲେ। ମଙ୍ଗଳବାର ସକାଳୁ ପରିବାର ଲୋକେ କନକସର୍ପା ଜଙ୍ଗଲରେ ଖୋଜିବା

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବେଳେ ଏକ ବରଗଛ ତଳେ ପୀନାଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ବିଜେପୁର ଥାନାରେ ଅଭିଯୋଗ କରିଥିଲେ। ବିଜେପୁର ଥାନା ଦାୟିତ୍ୱରେ ଥିବା ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର, ବିଜେପୁର ଏଏସଆଇ ଲିଙ୍ଗରାଜ ସେଠୀଙ୍କ ନେତୃତ୍ୱରେ ପୋଲିସ, ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହିତ ତଦନ୍ତ ଆରମ୍ଭ କରିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେସିଙ୍ଗା ଏସ୍‌ଡିପିଓ ଅଭିନବ ସୋନକର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୦/୨୨) ରୁଜୁ ହୋଇଛି। ଲାଞ୍ଜିଗଡରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକେ ପୀନାଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ଆଣିବା ସହିତ ତଦନ୍ତ ଦାବି କରିଛନ୍ତି।

## ବାଗମୁଣ୍ଡା ଆଞ୍ଚଳିକ ଧନୁଯାତ୍ରା: ପୁତନା ପ୍ରେରଣ



ମହାରାଜ କଂସଙ୍କ ଗହଣରେ ଅତିଥି ବୃନ୍ଦ।

**ନୂଆପଡ଼ା ଅଫିସ,୨୭।୧୨**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖଳପଡିଆରେ ଚାଲିଥିବା ଚତୁର୍ଥ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଚତୁର୍ଥ ରଜନୀରେ ନାଟ୍ୟ ମଣ୍ଡପରେ ମଞ୍ଚସ୍ଥ ନାଟକ ପୁତନା ପ୍ରେରଣ ସହିତ ଜରାସନ୍ଧ ଦରବାର ପରିବେଷଣ ହୋଇଥିଲା। ଏହି ନାଟକ ମା' ମଙ୍ଗଳା କଳା ପରିଷଦ ଲଠୋର ପରିବେଷଣ କରିଥିଲେ। କଂସ ଭୂମିକାରେ ସୁଶାନ୍ତ ମେହେର ଅଭିନୟ କରୁଥିବା ବେଳେ ମନ୍ତ୍ରୀ ଧନେଶ୍ୱର ବାଗ, ପୁତନା ହିମାଂଶୁ ମେହେର, ଜରାସନ୍ଧ କିଶୋର ସାହୁ ପ୍ରମୁଖ ସଦସ୍ୟମାନେ ନିଜର ନିଖୁଣ ଅଭିନୟ କରି ଦର୍ଶକଙ୍କ ମନକୁ ମୋହି ନେଉଛନ୍ତି। ସମ୍ବଲପୁରୀ ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠୁଛନ୍ତି। ଏହି ଅବସରରେ କଂସ ଦରବାରରେ ମୁଖ୍ୟଅତିଥି ଭାବେ ନୂଆପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରଶ୍ୱେରୀ ସାହୁ ଯୋଗଦାନ କରିଥିବା ବେଳେ ଜିଲା କ୍ରିକେଟ ସଂଘ ସମ୍ପାଦକ ଭୈରବ ସାହୁ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ନୂଆପଡା ଗରିବ ସେନା ସଭାପତି ରବି ମଙ୍ଗରାଜ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧରକାରୀ ସଂଘ ସଭାପତି ଭାନୁ ଦଣ୍ଡସେନା, ଧରବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ସାମାଜିକ କର୍ମୀ କୁମୁଦ ସାହୁ, ଭୁବନେଶ୍ୱର ସାହୁ, ତ୍ରିଲୋଚନ କଟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆୟୋଜକ କମିଟି ସଭାପତି ଶାନ୍ତିଲାଲ ମଟାରୀଙ୍କ ସମେତ ସମ୍ପାଦକ ଭୂବନ ସତନାମୀ, ସହସମ୍ପାଦକ ଦେଓଲାଲ ବାଗ, କୋଷାଧ୍ୟକ୍ଷ ମିଟୁ ମଟାରୀ, କାନ୍ତୁସ ମଟାରୀ, ରିଖିରାମ ସତନାମୀ, ଓସରାମ ସାହୁ, ପ୍ରେମଲାଲ ସତନାମୀ, ଗଜିନ୍ଦ୍ର ମଟାରୀ, ଅନାଦି ବଢେଇ, ଶଙ୍କର ସାହୁ, ଲକ୍ଷ୍ମଣ ଦୁରିଆ, ପଞ୍ଚାନନ ମଟାରୀ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରକ୍-ବୋଲେରୋ ଧକ୍କା, ୬ ଗୁରୁତର

**ରୁପ୍ରାରୋଡ/ନର୍ଲା,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ଭାୟା ମ. ରାମପୁର ଦେଇ ଯାଇଥିବା ରାଜ୍ୟ ରାଜପଥ ବାଗପୁର ତାରିଣୀ ମନ୍ଦିର ଛକ ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୫ଜଣଙ୍କ ସମେତ ୬ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ତାରିଣୀ ମନ୍ଦିର ଛକ ନିକଟରେ ଟ୍ରକ୍ (ନଂ.ଟିଏସ୍‌୦୭ୟୁଇ-୬୪୭୯) ନର୍ଲା ପଟୁ ଆସୁଥିଲା। ମ. ରାମପୁର ପଟରୁ ଆସୁଥିବା ବୋଲେରୋ (ନଂ.ଓଆର୍‌୦୮ଏଚ୍-୧୪୭୯) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋରେ ବସିଥିବା ଗୋଟିଏ ପରିବାରର ଜଣେ ଛୋଟ ଶିଶୁଙ୍କ ସମେତ ୬ଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ବୋଲେରୋ ଡ୍ରାଇଭରଙ୍କ ସମେତ ବାପା, ମା' ଓ ତାଙ୍କ ଦୁଇ ଝିଅ (ଜଣେ ବିବାହିତ) ଓ ଛୋଟ ଶିଶୁ ଥିଲେ। ବିବାହିତ ଝିଅକୁ ଧର୍ମଗଡ଼ ଅଞ୍ଚଳରେ ଥିବା ଶାଶୁ ଘରକୁ ଛାଡ଼ିବାକୁ ଯାଉଥିଲେ। ଗ୍ରାମବାସୀଙ୍କ ସହଯୋଗକ୍ରମେ ବୋଲେରୋରୁ ଉଦ୍ଧାର କରି ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବୋଲେରୋ ମଦନପୁର ରାମପୁର ପଟରୁ ଆସୁଥିବା ବେଳେ ଟ୍ରକ ନର୍ଲା ପଟୁ ଆସୁଥିଲା। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଥିବା ଜଣାପଡ଼ିଛି।

## ଲୋଇସିଂହା ନାଗରିକ କମିଟିର ନୂତନ କର୍ମକର୍ତ୍ତା

**ଲୋଇସିଂହା,୨୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଜମିଦାରଙ୍କ ରାଜବାଟିରେ ବିଶ୍ୱକଲ୍ୟାଣ ନାଗରିକ କମିଟିର ଏକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଶ୍ୟାମସୁନ୍ଦର ଭୋଇ ବୈଠକରେ ଅଧ୍ୟକ୍ଷତାରେ କରିଥିଲେ। ଏହାପରେ ପୂର୍ବ କମିଟି ଭାଙ୍ଗି ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଜମିଦାର ଜୟକୃଷ୍ଣ ସିଂ ରାଏଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ପ୍ରେମ କୁମାର ଅଗ୍ରୱାଲ କାର୍ଯ୍ୟକାରୀ ସଭାପତି, ଗୋପାଳ ପଧାନ ଉପସଭାପତି, ପ୍ରଶାନ୍ତ କୁମାର ବେହେରା ସମ୍ପାଦକ, ତୀର୍ଥ ବିଶ୍ୱାଳ ସହ ସମ୍ପାଦକ, ରାଜନାରାୟଣ ଅଗ୍ରୱାଲ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ଏହାବ୍ୟତୀତ ୬ ଜଣିଆ ଉପଦେଷ୍ଟା ମଣ୍ଡଳ ବଛାଯାଇଛି। ନୂତନ କମିଟି ଅଧିକରୁ ଅଧିକ ଜନହିତକର କାର୍ଯ୍ୟ ହାତକୁ ନେବାକୁ ସିଦ୍ଧାନ୍ତ ହୋଇଛି।

## ଭାଜପାର ଜିଲା ସାଧାରଣ ବୈଠକ



ଭାଜପାରେ ସାମିଲ ହୋଇଥିବା କର୍ମକର୍ତ୍ତା।

**ଜୁନାଗଡ,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସଂସ୍କୃତି ଭବନଠାରେ ମଙ୍ଗଳବାର ଭାଜପାର ଜିଲା ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଅଜୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ପୂର୍ବତନ ଜିଲା ସଭାପତି ଧନଞ୍ଜୟ ପାତ୍ର, ଜିଲା ସାଧାରଣ ସମ୍ପାଦକ ଯୁଗୋଳ କିଶୋର ପୋଢ, ସୁଧିର ପଟ୍ଟଯୋଷୀ, ଜୟ ଶଙ୍କର ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେର, ରମେଶ ମାଝି, ଅନିରୁଦ୍ଧ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବୁଥ୍ ରରେ ସଙ୍ଗଠନକୁ ମଜଭୁତ କରିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନିତୀ ପ୍ରସ୍ତୁତ କରାଯାଇଥିଲା।

### ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ

୨୫ବର୍ଷର ବିଜେଡି ସରକାରଙ୍କ ବିଭିନ୍ନ ବିଫଳତା ନେଇ ଦଳୀୟ ନେତା ବର୍ଷିଥିଲେ। ସେହିପରି ମୋଦି ସରକାରଙ୍କ ୮ ବର୍ଷ ଶାସନରେ ଜନହିତକର କାର୍ଯ୍ୟଗୁଡିକ କିପରି ସାଧାରଣ ଲୋକଙ୍କୁ ଛୁଇଁ ପାରିଛି ତାହା ଉପରେ କହିଥିଲେ। ତେଣୁ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଗଢିବାକୁ ଦଳୀୟ ନେତାଙ୍କ ଲୋକଙ୍କ ଉର୍ଦ୍ଦେଶ୍ୟରେ ନିବେଦନ କରିଥିଲେ। ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଜୁନାଗଡ କୋପରଟିଭ ପୂର୍ବତନ ବ୍ୟାଙ୍କ ପରିଚାଳକ ସହଦେବ ପଣ୍ଡାଙ୍କ ସମେତ ଅନେକ ଯୁବଗୋଷ୍ଠୀ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

## ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପାଇଁ ଯିବେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ

**ନୂଆପଡ଼ା ଅଫିସ,୨୭।୧୨**

୨୦୨୩ ଜାନୁୟାରୀ ୧୩ରୁ ୨୩ ପର୍ଯ୍ୟନ୍ତ ରାଉରକେଲା ଓ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପରେ ଭାରତର ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଉଛି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେଲଟଙ୍କୁ ମୁଖ୍ୟମନ୍ତ୍ରୀଙ୍କ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂଚନା ଦେଉଛନ୍ତି।

ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ନିମନ୍ତ୍ରଣ ଦେବା ପାଇଁ ଆଦେଶ ହୋଇଥିବାରୁ ବୁଧବାର ମନ୍ତ୍ରୀ ଢୋଲକିଆ ଯାଇ ନିମନ୍ତ୍ରଣ ଦେବେ। ନୂଆପଡା ଜିଲା ଯୋଜନା ବୋର୍ଡ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଏହି ସମୟରେ ବରିଷ୍ଠ ଆଇନଜୀବୀ ଅଶୋକ କ୍ଷୀତିଶ ବୋଧନକର, ଧନୀରାମ ସାହୁ, ନୀଳକମଲ ଚନ୍ଦ୍ରକାର, ରାମଲାଲ ହଂସ, ଚନ୍ଦନ ବଞ୍ଜାରା ପ୍ରମୁଖ ଉପସ୍ଥିତ ଥିଲେ।

## ଜୀବନ ସହ ସଂଗ୍ରାମ କରୁଛନ୍ତି ମହିମା

**ଭବାନୀପାଟଣା,୨୭।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ମସିଗାଁ ଗ୍ରାମର ମହିମା ନାଗ (୩୮)। ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ରକ୍ତଭାବ ସହ କିଡ୍‌ନୀ ଖରାପ ଯୋଗୁ ସେ ଗୁରୁତର ହୋଇ ସୋମବାରଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ପରିବାରର ଜଣେ ମାତ୍ର ରୋଜଗାର କ୍ଷମ ସେ ହୋଇଥିବାବେଳେ ଏପରି ଅବସ୍ଥା ପରେ ତାଙ୍କ ପରିବାର ଏବେ ଅସହାୟ ହୋଇପଡିଛି। ଯେଉଁଠି ପେଟକୁ ଖଣ୍ଡେ ଦାନା ଯୋଗାଡ କରିବାକୁ ପ୍ରତିଦିନ ସଂଘର୍ଷ କରିବାକୁ ପଡୁଥିବାବେଳେ ଅର୍ଥାଭାବରୁ ସ୍ୱାମୀଙ୍କ ଚିକିତ୍ସା କଥା କିଏ ପଚାରେ ବୋଲି ମହିମାଙ୍କ ସ୍ତ୍ରୀ କସ୍ତୁରୀ ଅତି ଦୁଃଖର ସହ କହନ୍ତି। ମହିମାଙ୍କ ୪ ଝିଅ ଓ ୨ ପୁଅ



ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ମହିମା।

ରହିଛନ୍ତି। ସେମାନେ ହେଲେ ଅନିତା (୧୮), ବନିତା(୧୬), ସୁନୀତା (୧୫), ପ୍ରମୋଦ (୧୩), ସୁନେଲି (୧୦) ଓ ସାନ ପୁଅ ଦେବ (୮)। ମହିମାଙ୍କ ଘର ଅବସ୍ଥା ମଧ୍ୟ ଦୟନୀୟ ଥିବାବେଳେ ଜମିବାଡି ମଧ୍ୟ କିଛି ନ ଥିବା ଜଣାପଡିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହି ଅସହାୟ ପରିବାରକୁ ସହାୟତା କରିବା ସହ ମହିମାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଘର ଭାଙ୍ଗିଲେ, ଧାନ, ଚାଉଳ ନଷ୍ଟ କଲେ

**ଲାଞ୍ଜିଗଡ଼,୨୭।୧୨(ଡି.ଏନ.ଏ.)**

### ଖଜୁରପଦରରେ ହାତୀ ଉପଦ୍ରବ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳରେ ଦୀର୍ଘଦିନ ହେଲା ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଛି। ସୋମବାର ବିଳମ୍ବିତ ରାତିରେ ଏକ ୭ଟିକିଆ ହାତୀପଲ ଲାଞ୍ଜିଗଡ଼ ବନ ବିଭାଗ ଅଧୀନ ଖଜୁରପଦର ଗାଁରେ ପଶି ବ୍ୟାପକ ଉପଦ୍ରବ କରିଛନ୍ତି। ହାତୀପଲ ଦୁଇ ଘର ଭାଙ୍ଗିବା ସହ ଘରେ ଥିବା କପା, ଧାନ, ଚାଉଳ, ଆବାସପତ୍ର ନଷ୍ଟ କରିଥିବା ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଲାଞ୍ଜିଗଡ ସେକ୍ସନ ଛତ୍ରପୁର ପଞ୍ଚାୟତ ଖଜୁରପଦର ଗାଁରେ ବିଳମ୍ବିତ ରାତିରେ ଏକ ୭ ଟିକିଆ ହାତୀପଲ ନିକଟସ୍ଥ ହାତୀଶାଳ ସଂରକ୍ଷିତ ଜଙ୍ଗଲରୁ ବାହାରି ପ୍ରଥମେ ଟାକ୍ରି ମାଝିଙ୍କ ଘର ଭାଙ୍ଗି କପା, ଧାନ, ଚାଉଳ ନଷ୍ଟ କରିଥିବା ବେଳେ



ହାତୀ ଭାଙ୍ଗି ଦେଇଥିବା ଘର।

ଲାକସା ମାଝିଙ୍କ ମଧ୍ୟ ଘର ଭାଙ୍ଗିବା ସହ ଆବାସପତ୍ର ନଷ୍ଟ କରିଛନ୍ତି। ଏହା ପରେ ନିକଟସ୍ଥ ମସ୍କାପଦର ଗାଁ ମୁଣ୍ଡରେ ଆସି ଗର୍ଜନ କରି କାଶିବାଡି ଗାଁରେ କଦଳି ଗଛ ନଷ୍ଟ କରିଥିବା ସୂଚନା ମିଳିଛି। ରାତି ସାରା ଏଲିଫାଣ୍ଟ ସ୍କ୍ୱାଡର ସାଣ୍ଡରୁ ମାଝି, ସୁଶାନ୍ତ ହରିଜନ ଓ ଅନ୍ୟମାନେ ହାତୀର ଗତି ନିଧିକୁ ଲକ୍ଷ୍ୟ କରି ଖଜୁରପଦର ଗାଁକୁ ପସିବା ମାତ୍ରେ ହାତୀପଲ ଘଉଡାଇବା ପରେ ବୋରି ଜଙ୍ଗଲ ପଟେ ଚାଲି ଯାଇଥିଲେ। ଗାଁ ନିକଟସ୍ଥ ଜଙ୍ଗଲରେ ରହିଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏ ନେଇ ଲାଞ୍ଜିଗଡ଼ ଫରେଷ୍ଟର ଜଗନ୍ନାଥ ନାଗଙ୍କୁ ପଚାରିବାରୁ ଖବର ପାଇ ମଙ୍ଗଳବାର ଖଜୁରପଦର ଗାଁକୁ ଯାଇ କ୍ଷତିଗ୍ରସ୍ତ ଲୋକଙ୍କୁ ସାକ୍ଷାତ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ହାତୀପଲ ଗତିବିଧି ଉପରେ ନଜର ରଖିବା ସହିତ ଅଞ୍ଚଳରେ ଏଲିଫାଣ୍ଟ ସ୍କ୍ୱାର୍ଡ ସଜାଗ ରଖାଯାଇଛି ବୋଲି ଫରେଷ୍ଟର ନାଗ ପ୍ରକାଶ କରିଛନ୍ତି।

# ଜୁନିୟର କ୍ଲର୍କରୁ ଡେପୁଟି କଲେକ୍ଟର

ସୋନପୁର,୨୭।୧୨(ନି.ପ୍ର.)

ଜଗତସିଂହପୁରରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଳାଙ୍କ ଆୟ ବହିର୍ଭୁତ ସମ୍ପତ୍ତି ଠାବ ହୋଇଛି। କମ୍ ସମୟର ଚାକିରି ମଧ୍ୟରେ ସେ କିଭଳି ଏତେ ପରିମାଣର ଚାଷ ଜମି, ଘର, ପ୍ଲଟ ଓ ଫ୍ଲାଟ ଭଳି ସମ୍ପତ୍ତି କରି ପାରିଲେ ସେ ନେଇ ଚର୍ଚ୍ଚା ଜୋର ଧରିଛି। ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ଚିତ୍ତରଞ୍ଜନ ସରକାରଙ୍କ ଥଇଥାନ ଯୋଜନାରେ ପାଟଣାଗଡରେ କନିଷ୍ଠ କିରାଣି ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ସୁବର୍ଣ୍ଣପୁର ଜିଲାର ରାମପୁର ତହସିଲରେ କିଛି ବର୍ଷ ଚାକିରି କରିବା ପରେ ଡିଆରଡିଏକୁ ବଦଳି ହୋଇ ଆସିଥିଲେ। ଡିଆରଡିଏରେ ବରିଷ୍ଠ କିରାଣି ଭାବେ କାମ କରିବା ସମୟରେ ସେ ଚର୍ଚ୍ଚାକୁ ଆସିଥିଲେ। ସେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନିକଟତର ହୋଇ ପାରିଥିଲେ। ଡିଆରଡିଏ ଏକ କାର୍ଯ୍ୟ ନିର୍ବାହୀ ସଂସ୍ଥା ହୋଇ ନ ଥିଲେ ମଧ୍ୟ ସୁବର୍ଣ୍ଣପୁରରେ ସେ ସମୟରେ ସଂସ୍ଥା ପକ୍ଷରୁ ଡିପାର୍ଟମେଣ୍ଟାଲ ଭାବେ ନିର୍ମାଣ କାମ କରାଯାଉଥିଲା । ଏପରିକି ପିଳାଙ୍କ କଥାରେ ଠିକାଦାର ଚୟନ କରାଯାଉଥିବା ଅଭିଯୋଗ ହେଉଥିଲା। ୨୦୧୦ ପରେ ପ୍ଲାନିଂ ଅଫିସ ଓ ପରେ ବିନିକା ବ୍ଲକକୁ ତାଙ୍କର ବଦଳି ହୋଇଥିଲେ। ସେଠାରେ ସେ ବ୍ଲକ କ୍ୟାଶିଅର ଦାୟିତ୍ୱରେ ଥିଲେ।

### ଚିତ୍ତରଞ୍ଜନଙ୍କୁ ମିଳିଥିଲା ଆଉଟ ଷ୍ଟାଣ୍ଡିଂ ସିସିଆର୍


ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଳା।

ଏହି ସମୟରେ ରାମପୁରରେ ଚାଷ ଜମି ଓ ସୋନପୁର ସହରରେ ଏକାଧିକ ପ୍ଲଟ କିଣିବା ସହ ଗୋକର୍ଣ୍ଣେଶ୍ୱର ପଡାରେ ଦ୍ୱିତଳ କୋଠା ନିର୍ମାଣ କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ବରିଷ୍ଠ କିରାଣୀ ପିଳାଙ୍କୁ ୫ଟି ଆଉଟ ଷ୍ଟାଣ୍ଡିଂ ସିସିଆର(ଗୁପ୍ତ ଚରିତ୍ର ପଞ୍ଜିକା) ମିଳିଥିଲା। ଫଳରେ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କୁ ୨୦୧୮ରେ ଓଆରଏସ ଭାବେ ପଦୋନ୍ନତି ମିଳିଥିଲା। ସେ ବୌଦ୍ଧ ସବ୍ କଲେକ୍ଟର ଅଫିସରେ ସହକାରୀ ଜିଲାପାଳଭାବେ ଯୋଗ ଦେଇଥିଲେ। ମାତ୍ର କିଛି ମାସ ପରେ ସେ ପୁଣି ଭୁବନେଶ୍ୱର ଅତିରିକ୍ତ ତହସିଲଦାର ଭାବେ ବଦଳି ହୋଇଥିଲେ । ନିକଟରେ ସେ ଓଏଏସ୍ ଭାବେ ପଦୋନ୍ନତି ପାଇ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ ଯୋଗଦାନ କରିଥିଲେ। ତେବେ ବହୁ ଭଲ କିରାଣୀଙ୍କୁ ଉପରିସ୍ଥ ଅଧିକାରୀମାନେ ଆଉଟ ଷ୍ଟାଣ୍ଡିଂ ସିସିଆର ପ୍ରଦାନ କରୁ ନ ଥିବା ବେଳେ ଚିତ୍ତରଞ୍ଜନଙ୍କ ଭଳି ବ୍ୟକ୍ତିଙ୍କୁ କିଭଳି ପ୍ରଦାନ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ତେଣୁ ଆଉଟ ଷ୍ଟାଣ୍ଡିଂ ସିସିଆର ପ୍ରଦାନ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ସୋନପୁରରେ ୨୯ ଲକ୍ଷ ମୂଲ୍ୟର ଦ୍ୱିତଳ କୋଠା ଠାବ

ସୋନପୁର,୨୭।୧୨(ନି.ପ୍ର.)

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜଗତସିଂହପୁରର ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ପିଳାଙ୍କ ଘର ସମେତ ୯ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର, ବାଲେଶ୍ୱର, ବାଲିଆପାଳ, ସୋନପୁର ଓ ଜଗତସିଂହପୁରରେ ଅଫିସ ସମେତ ପୈତୃକ ଘର, ବାସଭବନ ଓ ସମ୍ପର୍କୀୟଙ୍କ ଘରେ ଚଢାଉ କରିଛି। ଭୁବନେଶ୍ୱରର ସ୍ୱତନ୍ତ୍ର ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ କ୍ରମେ ଏହି ଚଢାଉ ଚାଲିଛି। ଏହିକ୍ରମରେ ସୋନପୁର ସହର ଗୋକର୍ଣ୍ଣେଶ୍ୱର ପଡାରେ ଥିବା ପିଳାଙ୍କ ଦ୍ୱିତଳ କୋଠାରେ ଚଢାଉ ହୋଇଛି। ଭିଜିଲାନ୍ସ ଇନ୍ସପେକ୍ଟର ଅଶୋକ ବିରୁଆ ଓ ବୈଭବୀ ମାଳା ସ୍ୱାଇଁଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ସୋନପୁରରେ ଚଢାଉ ଜାରି ରଖିଛନ୍ତି। ସୋନପୁର କୋଠାର ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କାର ହେବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ପିଳାଙ୍କର ସହରର ସାନଝିଙ୍କିଠାରେ ଏକ ଦ୍ୱିତଳ କୋଠା ନିର୍ମାଣଧୀନ ରହିଛି। ସେହିପରି ଜିଲାର ରାମପୁରଠାରେ ଦ୍ୱିଫସଲି ଚାଷଜମି କିଣିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦିଆଯିବ ଓ ପିଳାଙ୍କୁ ମୁହାଁମୁହିଁ ଜେରା ସମୟରେ ସବୁ ଜଣାପଡିବ ବୋଲି ଭିଜିଲାନ୍ସ ଇନ୍ସପେକ୍ଟର ବିରୁଆ ସୂଚନା ଦେଇଛନ୍ତି।


ଚିତ୍ତରଞ୍ଜନଙ୍କ ସୋନପୁର ଗୋକର୍ଣ୍ଣେଶ୍ୱର ପଡା ସ୍ଥିତ ଦ୍ୱିତଳ କୋଠା ।

## ଘୁଡୁଘୁଡୁ ପଟି ସାଙ୍ଗକୁ ନିଶା କାରବାର

ସୋନପୁର,୨୭।୧୨(ନି.ପ୍ର.)

ସୋନପୁର ବ୍ଲକର ଲଛିପୁର ଅଞ୍ଚଳରେ ଗତ କିଛି ମାସ ହେଲା ନିଶା ଓ ସଟ୍ଟା କାରବାର ବ୍ୟାପକ ଭାବେ ଚାଲିଛି। ଜନୈକ ଅସାଧୁ ପୋଲିସ ଅଧିକାରୀଙ୍କ ପ୍ରୋତ୍ସାହନରେ ଏହି କାରବାର ବ୍ୟାପକ ଭାବେ ଚାଲିଥିବା ଅଭିଯୋଗ ହେଉଛି। ଲଛିପୁର ଫାଣ୍ଡି ଅଞ୍ଚଳରେ ବେଆଇନ ନିଶା କାରବାରରେ ପୋଲିସର କୌଣସି ଅଙ୍କୁଶ ରହୁ ନାହିଁ। ନିଶା କାରବାର ସହିତ ଅଞ୍ଚଳରେ ବ୍ୟାପକ ଜୁଆ କାରବାର ଚାଲିଛି। ଡାବପାଲିରେ ସୋମବାର ଓ ମଙ୍ଗଳବାର ଅପେରା ଆଳରେ ଘୁଡୁ ଘୁଡୁ ପଟି ପଡିଥିଲା। କେତେକ ଲୋକ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ଉକ୍ତ ଜୁଆ ଆଡ୍ଡା ବନ୍ଦ କରିବା ପରିବର୍ତ୍ତେ ଯେଉଁମାନେ ଜୁଆ ଖେଳାଉ ଥିଲେ ସେମାନଙ୍କୁ ସମର୍ଥନ କରିଥିଲା। ଏବେ ବିନିକା ଓ ଛତିଶଗଡରୁ ଲୋକ ଆସି ଏହି ସବୁ ସ୍ଥାନରେ ଜୁଆ ଖେଳ କରୁଛନ୍ତି। ପୋଲିସର ସହଯୋଗ ପାଇଁ ଜୁଆଡିଙ୍କ ମନୋବଳ ବଢାଉଛି। ତେଣୁ ଜୁଆ ଖେଳ ବନ୍ଦ କରିବା ପାଇଁ ଲଛିପୁର ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଲଛିପୁର ଫାଣ୍ଡିକୁ ସରକାର ନୂତନ ଥାନା ଘୋଷଣା କରିଥିଲେ ହେଁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି।

## ଯୁବକଙ୍କ ମୁଣ୍ଡକୁ ଛେଚି ହତ୍ୟା ଘଟଣା: ଜେଲଗଲେ ଅଭିଯୁକ୍ତ

ବିନିକା,୨୭।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୱାର୍ଡ ନଂ ୨ ଗୁଲାପଡାଠାରେ ତୁଳସୀ ଗଛ ଉପାଡି ଫିଙ୍ଗି ଦେବା ଜଣେ ଘଟଣାକୁ କେନ୍ଦ୍ର କରି ପ୍ରକାଶ ସେବକ(୪୦)ଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ମଙ୍ଗଳବାର ପୋଲିସ ଅଭିଯୁକ୍ତ ପାଣ୍ଡୁ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୋନପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ ବାପ ଛେଉଣ୍ଡ ମାନସିକ ବିକାରଗ୍ରସ୍ତ ଯୁବକ ପ୍ରକାଶ ସେହି ଗ୍ରାମର ଜଣଙ୍କର ତୁଳସୀ ଗଛକୁ ଉପାଡି ଫିଙ୍ଗି ଦେଇଥିଲେ। ଏହା ଜାଣି ଗ୍ରାମର ପାଣ୍ଡୁ ବେହେରା ରବିବାର ତାଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବି ବୋଲି ଧମକ ଦେଇଥିଲେ। ସେହିଦିନ ପ୍ରକାଶ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣ୍ଡୁ ଇଟାରେ ତାଙ୍କ ମୁହଁ ଓ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ତାଙ୍କୁ ଘୋଷାରି ଆଣି ଘର ସାମ୍ନାରେ ପକାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ହେଲେ ବିଳମ୍ବିତ ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ପ୍ରକାଶଙ୍କ ମା'ସନ୍ଧ୍ୟାସନୀ ସେବକ ବିନିକା ଥାନାରେ ତାଙ୍କ ପୁଅକୁ ମାରି ଦିଆଯାଇଛି ବୋଲି ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୨୮୮/୨୨) ରୁଜୁ କରିଥିଲା।

## ଶହୀଦ ଦିବସ ପାଳନ

ପାଇକମାଳ,୨୭।୧୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଟେମରୀ ସ୍ଥିତ ଶହୀଦ ସ୍ତମ୍ଭ ନିକଟରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୨ଜଣ କର୍ମୀଙ୍କୁ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଆବାହକ ଭୀଷ୍ମଦେବ ପଟେଲ, ସୁରେଶ ଚନ୍ଦ୍ର ପ୍ରଧାନ, ଧୀରେନ ମହାନ୍ତି, ରଘୁବୀର ସିଂ ବରିହା, ସରପଞ୍ଚ ଦିଲୀପ ବେହେରା, ଧବଳେଶ୍ୱର ବରିହା, କୈଳାସ ଚନ୍ଦ୍ର ଦିଶ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ରାହାସ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୨୦୧୦ ଡିସେମ୍ବର ୨୭ରେ ମାଧବ ସିଂ ଓ ରମେଶ ସାହୁ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ। ଝାରବନ୍ଧଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୨୬ତମ ବାର୍ଷିକ ସମାବେଶରେ ମାଧବ ଓ ରମେଶଙ୍କୁ ଶହୀଦ ଘୋଷଣା କରାଯାଇଥିଲା। ଜାନୁୟାରୀ ୧ରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ୩୮ତମ ବାର୍ଷିକ ସମାବେଶ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗୌଡପାଲି ତାରିଣୀ ମନ୍ଦିର ପୀଠରେ କରିବା ପାଇଁ ସ୍ଥିରୀକୃତ ହୋଇଛି ବୋଲି ଆବାହକ ପୁଟା ସୂଚନା ଦେଇଛନ୍ତି।

## ଉଗ୍ରସେନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ


ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବକୁ ଉଦଘାଟନ କରାଯାଉଛି।

ଅମରପାଲି,୨୭।୧୨(ଡି.ଏନ.ଏ.)

### ବୀରମହାରାଜପୁର ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ହାଇକୋର୍ଟର ବିଚାରପତି ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଞ୍ଚଳିକ ଧନୁଯାତ୍ରା କମିଟି ସଭାପତି ସତ୍ୟଞ୍ଜିବ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା, ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ, ବୀରମହାରାଜପୁର ଓକିଲ ସଂଘ ସଭାପତି ଜତୀନ ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଦ୍ୱିତିକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କମିଟି ସମ୍ପାଦକ ବିଷ୍ଣୁଚରଣ ପଣ୍ଡା ବିବରଣୀ ପ୍ରଦାନ କରିଥିଲେ। ଶେଷରେ କମିଟି କୋଷାଧ୍ୟକ୍ଷ ମହେନ୍ଦ୍ର ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସଭାପରେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମରେ ଧନୁଯାତ୍ରା ଲୀଳା ନାଟକ ପରିବେଷଣ କରାଯାଇଥିଲା। ନାଟ୍ୟାଭିକ୍ରମରେ ଦେବକୀ ବସୁଦେବ ବିବାହ, ଉଗ୍ରସେନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ ଆଦି ଦୃଶ୍ୟ ପରିବେଷଣ ହୋଇଥିଲା। ରଙ୍ଗସଭାରେ ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

## ସଉତୁଣୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ପଦ୍ମପୁର,୨୭।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧୀନ ଧୁମାଭଟା ଗ୍ରାମରେ ଗତ ତା୨୮।୮।୨୦୧୭ରିଖରେ ଜଣେ ମହିଳାଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଦାଲତ ଅଭିଯୁକ୍ତ ମୃତା ମହିଳାଙ୍କ ସଉତୁଣୀଙ୍କୁ ଆଜୀବନ ଜେଲଦଣ୍ଡ ଓ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ଏକ ବର୍ଷ ଜେଲଦଣ୍ଡ ଆଦେଶ ରହିଛି। ସୂଚନା ଅନୁସାରେ, ୨୦୦୩ରେ ଧୁମାଭଟା ଗ୍ରାମର ମୋତିଲାଲ ସାହୁ ସୋହେଲା ଥାନା ଅଧୀନ ଜଟଲା ଗ୍ରାମର ପଦ୍ମିନୀ ସାହୁଙ୍କୁ ବିବାହ କରିଥିଲେ। ଉଭୟଙ୍କର ଏକ ଶିଶୁପୁତ୍ର ଅଛି। ୨୦୦୫ରେ ଉକ୍ତ ଦମ୍ପତିଙ୍କ ମଧ୍ୟରେ କଳହ ହେବାରୁ ପଦ୍ମିନୀ ଶିଶୁପୁତ୍ରକୁ ଧରି ଜଟଲା ସ୍ଥିତ ବାପଘରକୁ ଚାଲିଆସିଥିଲେ। ୨୦୧୦ରେ ମୋତିଲାଲ ବରିକେଲ ଗ୍ରାମର ରୀନା ସାହୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପରେ ମୋତିଲାଲ ଆପୋଷ ବୁଝାମଣାରେ ପଦ୍ମିନୀଙ୍କୁ ଘରକୁ ଆଣି ସମସ୍ତେ ଏକ ହୋଇ ରହୁଥିଲେ। କିନ୍ତୁ ପ୍ରତ୍ୟେକ ଦିନ ପଦ୍ମିନୀ ଓ ରୀନାଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ୨୦୧୭ ଅଗଷ୍ଟ ୨୮ତାରିଖରେ ଘରେ କେହି ନ ଥିଲେ ଏବଂ ପଦ୍ମିନୀ ଘର ଭିତର ବାରଣ୍ଡାରେ ଏକ ଖଟ ଉପରେ ଶୋଇଥିଲେ। ଏହି ସୁଯୋଗରେ ରୀନା ଏକ ଟାଙ୍ଗିଆରେ ପଦ୍ମିନୀଙ୍କ ବେକକୁ ହାଣି ଫେରାର ହୋଇ ତାଙ୍କ ସମ୍ପର୍କୀୟ ଭେଉଁରିଆ ଗ୍ରାମରେ ଆତ୍ମଗୋପନ କରିଥିଲେ। ଫଳରେ ଘଟଣାସ୍ଥଳରେ ପଦ୍ମିନୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଜଗଦଲପୁର ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ରୀନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ରଥ ସାକ୍ଷ୍ୟ ପ୍ରମାଣ ଓ ପୋଲିସ ଚାର୍ଜସିଟ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ସୋମବାର ଦଣ୍ଡାଦେଶ କରିଛନ୍ତି। ସରକାରୀ ଓକିଲ ରଜନୀକାନ୍ତ ଦାସ ମାମଲା ପରିଚାଳନା କରୁଥିଲେ।

## ଝାରବନ୍ଧ ଶିକ୍ଷକ ଏକାଦଶ ଚାମ୍ପିୟନ

### ଶିକ୍ଷକ ଏକାଦଶ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ପଦ୍ମପୁର,୨୭।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସାପଲହର ଖେଳ ପଡିଆରେ ୫ମ ଶିକ୍ଷକ ଏକାଦଶ ପ୍ରିମିୟମ ଲିଗ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରାଧେଶ୍ୟାମ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପଦ୍ମପୁର ଶିକ୍ଷକ ଏକାଦଶ 'ବି' ଓ ଝାରବନ୍ଧ ଶିକ୍ଷକ ଏକାଦଶ ମଧ୍ୟରେ ହୋଇଥିଲା। ଝାରବନ୍ଧ ଶିକ୍ଷକ ଏକାଦଶ ଚାମ୍ପିୟନ ହୋଇଥିଲା। ସନାତନ ମେହେର, ସୁଶାନ୍ତ ମହାନନ୍ଦ ଖେଳ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କିଶୋର ପାତ୍ର ପୁରସ୍କାର ବିତରଣୀ ସଭା ସଂଯୋଜନା କରିଥିଲେ। ବୀରେନ୍ଦ୍ର ପ୍ରଧାନ, ସୁଦାମ ସାହୁ, ସମୀର ସାହୁ, ମନୀଷ ସାହୁ, ପାଣ୍ଡବ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

## ବିଏସ୍‌ଏସ୍ ଫୁଟ୍‌ବଲ କ୍ଲବ ଭଦ୍ରକ ଫାଇନାଲରେ

ବୌଦ୍ଧ,୨୭।୧୨(ସ୍ୱ.ପ୍ର.)

### ୨୦ ତମ ରାଜ୍ୟସ୍ତରୀୟ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଳେଶ୍ୱର ଫକିରଚରଣ ଖେଳପଡିଆରେ ଫ୍ରେଣ୍ଡସ୍ ଆସୋସିଏଶନ ଆନୁକୂଲ୍ୟରେ ୨୦ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଥିଲା ଗ୍ରୁପ ବିର ଦ୍ୱିତୀୟ ସେମିଫାଇନାଲ ଖେଳ। ଦ୍ୱିତୀୟ ସେମିଫାଇନାଲ ଖେଳ ସାଇ ସ୍ପୋର୍ଟିଂ ଫୁଟବଲ କ୍ଲବ ବଲାଙ୍ଗୀର ଓ ବିଏସଏସ ଫୁଟବଲ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଭଦ୍ରକ ଦଳ ଦୁଇଟି ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବଲାଙ୍ଗୀର ଦଳ ଗୋଟିଏ ଗୋଲ ଦେଇଥିଲା। ଖେଳରେ ଭଦ୍ରକ ଦଳ ୨-୧ ଗୋଲରେ ବଲାଙ୍ଗୀର ଦଳକୁ ହରାଇ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ସୂଚନା ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲ , କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ବିଶ୍ୱଜିତ ପ୍ରଧାନ ଓ ଆସୋସିଏଶନର ସଭାପତି ଝୁନୁ ବେହେରା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ରେଫରି ପ୍ରଦୀପ୍ତ ମହାନ୍ତି, ଜ୍ୟୋତିରଞ୍ଜନ ସ୍ୱାଇଁ,ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ଦିଲିପ ରାଉତ ଓ ମ୍ୟାଚ କମିଶନର ଭାବେ ରଞ୍ଜନ କୁମାର ଯୋଷୀ କାର୍ଯ୍ୟ ତୁଲାଇଥିଲେ । ଫ୍ରେଣ୍ଡସ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ସୁଶିଲ କୁମାର ଦେହୁରୀ, ଉପସଭାପତି ଦେବରାଜ ପ୍ରଧାନ, ସାଧାରଣ ସମ୍ପାଦକ ରମେଶ ସାମଲ, କାର୍ଯ୍ୟକାରୀ ସମ୍ପାଦକ ପ୍ରସନ୍ନ କୁମାର ଭୋକ୍ତା, ସମ୍ପାଦକ ଅରୁଣ ପ୍ରଧାନ, ସହସମ୍ପାଦକ ସୁଜ୍ଞାନ କର୍ଣ୍ଣ ଓ ନିକୁଞ୍ଜକୁମାର ବେହେରାଙ୍କ ସହଯୋଗରେ ଖେଳ ଆୟୋଜିତ ହେଉଛି। ବୁଧବାର ଦିନ ଟୁର୍ନାମେଣ୍ଟର ଫାଇନାଲ ଖେଳ ବିଏସଏସ ଫୁଟବଲ କ୍ଲବ ଭଦ୍ରକ ଓ ଜଗା ୟୁନାଇଟେଡ ଫୁଟବଲ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଖେଳର ଧାରା ବିବରଣୀ ଭୈରବୀ କନିଷ୍ଠ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋଜ ପାଠୀ ପ୍ରଦାନ କରିଥିଲେ।


ଅତିଥି ଓ ଖେଳାଳି।

## ସେମିରେ ଫରେଷ୍ଟ କ୍ଲବ ଛତିଶଗଡ଼

ଅମରପାଲି,୨୭।୧୨(ଡି.ଏନ.ଏ.)

### ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ସ୍ଥିତ ହାଇସ୍କୁଲ ପଡିଆରେ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ମଙ୍ଗଳବାର ଫରେଷ୍ଟ କ୍ରିକେଟ କ୍ଲବ ଛତିଶଗଡ ଦଳ ସେରସା ରାଞ୍ଚିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ଟି-୨୦ ଫର୍ମାଟରେ ରାଞ୍ଚି ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୧୪୩ରନ କରିଥିଲା। ଦଳର ଅମର ଜ୍ୟୋତି ୩୫, ଋଷଭ ରାଜ ୨୮ ଓ ହାୟତ ହୁସେନ ୨୩ରନ କରିଥିଲେ। ବିପକ୍ଷ ଛତିଶଗଡର ହମିଦ ରାଜା ଓ ଅମ୍ରିତ ପଲ ସିଂ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଛତିଶଗଡ ଦଳ ଆବଶ୍ୟକ ୧୪୪ରନକୁ ଶଶାଙ୍କ ଚନ୍ଦ୍ରକରଙ୍କ ୩୨ବଲରୁ ୬୬ରନ ଓ ଚନ୍ଦ୍ରହାସ ୩୧ରନ ସହାୟତାରେ ୧୩.୫ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରିଥିଲା। ରାଞ୍ଚିର ହର୍ଷ ରାଜ, ଶୁଭମ ଦୁବେ, ପ୍ରଶାନ୍ତ ଓ ଋଷଭ ରାଜ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ରାଞ୍ଚି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୩ଉଇକେଟ ହରାଇ ୯୫ରନ କରିଥିଲା। ଦଳର ସୟଦ ସୈଫୁଲ୪୬, ହିମାଂଶୁ ଗୁପ୍ତା ୩୫ରନ କରିଥିଲେ। ଛତିଶଗଡର ହମିଦ ରାଜା ୩ଟି ଉଇକେଟ ନେଇଥିଲେ। ଜବାବରେ ଛତିଶଗଡ ଦଳ ୯ଓଭରରେ ସମସ୍ତ ଉଇକେଟ ହରାଇ ୫୯ରନ କରିଥିଲା। ରାଞ୍ଚିର ହର୍ଷ ରାଜ ୩ଟି , ସନ୍ନି ତିୱାରୀ ଓ ଋଷଭ ରାଜ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପର-୨ ଓଭର ଖେଳାଯାଇଥିଲା। ଏଥିରେ ରାଞ୍ଚି ୧୮ରନ କରିଥିବା ବେଳେ ଛତିଶଗଡ ୧୯ରନ କରି ବିଜୟୀ ହୋଇଥିଲା। ଫଳରେ ଛତିଶଗଡ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ବୁଧବାର ଛତିଶଗଡ ଓ ଆହ୍ଲାହାବାଦ ମଧ୍ୟରେ ଅନ୍ତିମ ସେମିଫାଇନାଲ ଖେଳାଯିବ।

ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭାଜପା ନେତା ଇଂ.ରଘୁନାଥ ଜଗଦଲା, ବଲାଙ୍ଗୀର ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା, ଜିଲା ଭାଜପା ସାଧାରଣ ସମ୍ପାଦକ ବେଣୁଧର ଦାଶ, କ୍ରୀଡାବିତ ରାଧାକାନ୍ତ ପଣ୍ଡା ଅତିଥିଭାବେ ଯୋଗଦେଇ ଛତିଶଗଡ ର ହମିଦ ରାଜାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଚୁଡାମଣୀ ପାଢୀ ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ବାଙ୍କା ବିହାରୀ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନଲାଇନ ସ୍କୋରିଂ ଏବଂ ଅଶିଷ ଦେଓ, ମ୍ୟାକମିଲନ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।



ଛତିଶଗଡର ହମିଦ ରାଜାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୮ ଡିସେମ୍ବର, ୨୦୨୨



# ହକି ବିଶ୍ୱକପ୍ ପାଇଁ ସାଇକ୍ଲୋଥନ୍

ରାଉରକେଲା ଅଫିସ,୨୭।୧୨

ଷ୍ଟିଲସିଟି ରାଉରକେଲାକୁ ହକିମୟ କରିବା ପାଇଁ ରାଉରକେଲା ସାଇକେଲିଂ ଆସୋସିଏଶନ ଓ ଆରଏମ୍‌ସିର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସାଇକ୍ଲୋଥନ ଆରମ୍ଭ ହୋଇଛି। ଏହି ମାରାଥନକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଉରକେଲା ଉଦିତନଗର ମିନିଷ୍ଟାଡିୟମରୁ ଏହି ସାଇକ୍ଲୋଥନ ବାହାରି ରାଉରକେଲା ରିଂରୋଡ ଦେଇ ପୁଣି ଉଦିତନଗର ଷ୍ଟାଡିୟମରେ ପହଞ୍ଚିଥିଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସାଇକେଲିଷ୍ଟ ପ୍ରଦୀପ ଦାସ, ଗୋପୀନାଥ ପଣ୍ଡା, ପ୍ରମୋଦ କୁମାର ବେହେରା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ରାଉରକେଲା ସାଇକେଲିଂ ଆସୋସିଏଶନ ସଭାପତି ଆରତୀ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗକୁ ବିଶ୍ୱକପ୍ ପୁରୁଷ ହକି ମ୍ୟାଚ୍ ହେବାକୁ ଥିବାବେଳେ ସହରକୁ ହକିମୟ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଭଳି ବିଭିନ୍ନ ପ୍ରତିଯୋଗିତା ବିଭିନ୍ନ ସ୍ଥାନରେ ଚାଲୁରହିବ ବୋଲି ବିଧାୟକ ନାୟକ ସୂଚନା ଦେଇଛନ୍ତି। ରାଉରକେଲା ସାଇକେଲିଂ ଆସୋସିଏଶନ ଓ ଆରଏମ୍‌ସିର ଅଧିକାରୀମାନେ ସହଯୋଗ କରିଥିଲେ।


ରାଉରକେଲା ସହରବାସୀ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ

ହେମଗିର,୨୭।୧୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ବରପାଲି ଛକଠାରେ ମଙ୍ଗଳବାର ଏକ ୧୨ ଚକିଆ ଟ୍ରକ ଧକ୍କାରେ ଦୁଇ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଶାନ୍ତ ବାଗ(୩୦) ଓ ଗଣକେଶ୍ୱର ଭୋଇ। ସୂଚନା ଅନୁଯାୟୀ, ଅପରାହ୍ନ ୫ଟା ସମୟରେ ବନପାଲି ଗ୍ରାମର ପ୍ରଶାନ୍ତ ଓ ଗଣକେଶ୍ୱର ଏକ ସାଇକେଲ ଯୋଗେ ଘରକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାରଚକିଆ ଟ୍ରକ (ନଂ ଓଡି ୧୪ ଡବ୍ଲ୍ୟୁ- ୫୦୪୩) ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରାସ୍ତାରୋକୋ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଆନ୍ଦୋଳନ ଜାରି ରହିଛି। ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ ଜବତ କରି ତଦନ୍ତ ଚଳାଇଛି।

### ଆରାଧ୍ୟାର ବାର୍ଷିକୋତ୍ସବ ପାଳିତ

ରାଉରକେଲା ଅଫିସ,୨୭।୧୨: ଜଗଦା ସ୍ଥିତ ମହିଳା ସମିତି ଆରଧ୍ୟାର ପଞ୍ଚମ ବାର୍ଷିକୋତ୍ସବ ସଭାପତି ହରପ୍ରିୟା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଭାଜପାର ରାଷ୍ଟ୍ରୀୟ ଉପସଭାପତି ସୁକେଶୀ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଆରତୀ ଚୌଧୁରୀ ଯୋଗଦେଇ ସମାଜ ବିକାଶ ଦିଗରେ ମହିଳାଙ୍କ ଭୂମିକା ସମ୍ପର୍କରେ ମତପ୍ରକାଶ କରିଥିଲେ। ରାଉରକେଲା ମହିଳା ଥାନାଧିକାରୀ ସୋମବାରୀ ହାଂସଦା, ସଙ୍ଗୀତା ଜେନା, ପ୍ର. କେ. ବି. ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦିକା ପ୍ରେମଲତା ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସଙ୍ଗୀତକାର ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଗୀତ ତଥା ଗ୍ଲୋବାଲ ଡ୍ୟାନ୍ସର ଶାଶ୍ୱତୀ ଯୋଶୀଙ୍କ ଦ୍ୱାରା ରିକ୍ରିଏଟ 'ଯାରେ ଭାସି ଭାସି ଯା' ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବକୁ ସବିତା ମହାରଣା ସଂଯୋଜନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉପସଭାନେତ୍ରୀ କ୍ଷୀରୋଦ ବାଲା ଧନ୍ୟବାଦ ଅର୍ପଣ କରିଥିଲେ।

### ଝାରବନ୍ଧ ଶିକ୍ଷକ ଏକାଦଶ ଚାମ୍ପିୟନ

ପଦ୍ମପୁର,୨୭।୧୨(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ସାପଲହର ଖେଳ ପଡିଆରେ ୫ମ ଶିକ୍ଷକ ଏକାଦଶ ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରାଧେଶ୍ୟାମ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ପଦ୍ମପୁର ଶିକ୍ଷକ ଏକାଦଶ 'ବି' ଓ ଝାରବନ୍ଧ ଶିକ୍ଷକ ଏକାଦଶ ମଧ୍ୟରେ ହୋଇଥିଲା। ଝାରବନ୍ଧ ଶିକ୍ଷକ ଏକାଦଶ ଚାମ୍ପିୟନ ହୋଇଥିଲା।

# ସଉତୁଣୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ପଦ୍ମପୁର,୨୭।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଧୀନ ଧୁମାଭଟା ଗ୍ରାମରେ ଗତ ତା୨୮।୮।୨୦୧୭ରିଖରେ ଜଣେ ମହିଳାଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଦାଲତ ଅଭିଯୁକ୍ତ ମୃତା ମହିଳାଙ୍କ ସଉତୁଣୀଙ୍କୁ ଆଜୀବନ ଜେଲଦଣ୍ଡ ଓ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ଏକ ବର୍ଷ ଜେଲଦଣ୍ଡ ଆଦେଶ ରହିଛି। ସୂଚନା ଅନୁସାରେ, ୨୦୦୩ରେ ଧୁମାଭଟା ଗ୍ରାମର ମୋତିଲାଲ ସାହୁ ସୋହେଲା ଥାନା ଅଧୀନ ଜଟଲା ଗ୍ରାମର ପଦ୍ମିନୀ ସାହୁଙ୍କୁ ବିବାହ କରିଥିଲେ। ଉଭୟଙ୍କର ଏକ ଶିଶୁପୁତ୍ର ଅଛି। ୨୦୦୫ରେ ଉକ୍ତ ଦମ୍ପତିଙ୍କ ମଧ୍ୟରେ କଳହ ହେବାରୁ ପଦ୍ମିନୀ ଶିଶୁପୁତ୍ରକୁ ଧରି ଜଟଲା ସ୍ଥିତ ବାପଘରକୁ ଚାଲିଆସିଥିଲେ। ୨୦୧୦ରେ ମୋତିଲାଲ ବରିକେଲ ଗ୍ରାମର ରୀନା ସାହୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପରେ ମୋତିଲାଲ ଆପୋଷ ବୁଝାମଣାରେ ପଦ୍ମିନୀଙ୍କୁ ଘରକୁ ଆଣି ସମସ୍ତେ ଏକ ହୋଇ ରହୁଥିଲେ। କିନ୍ତୁ ପ୍ରତ୍ୟେକ ଦିନ ପଦ୍ମିନୀ ଓ ରୀନାଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ୨୦୧୭ ଅଗଷ୍ଟ ୨୮ତାରିଖରେ ଘରେ କେହି ନ ଥିଲେ ଏବଂ ପଦ୍ମିନୀ ଘର ଭିତର ବାରଣ୍ଡାରେ ଏକ ଖଟ ଉପରେ ଶୋଇଥିଲେ। ଏହି ସୁଯୋଗରେ ରୀନା ଏକ ଟାଙ୍ଗିଆରେ ପଦ୍ମିନୀଙ୍କ ବେକକୁ ହାଣି ଫେରାର ହୋଇ ତାଙ୍କ ସମ୍ପର୍କୀୟ ଭେଉଁରିଆ ଗ୍ରାମରେ ଆତ୍ମଗୋପନ କରିଥିଲେ। ଫଳରେ ଘଟଣାସ୍ଥଳରେ ପଦ୍ମିନୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଜଗଦଲପୁର ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ରୀନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ରଥ ସାକ୍ଷ୍ୟ ପ୍ରମାଣ ଓ ପୋଲିସ ଚାର୍ଜସିଟ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ସୋମବାର ଦଣ୍ଡାଦେଶ କରିଛନ୍ତି। ସରକାରୀ ଓକିଲ ରଜନୀକାନ୍ତ ଦାସ ମାମଲା ପରିଚାଳନା କରୁଥିଲେ।

# ଆତ୍ମରକ୍ଷା ତାଲିମ ନେଲେ ୩୦୦ ଛାତ୍ରୀ

**ବୀରାଙ୍ଗନା ଉଦ୍‌ଯାପିତ**

ଦେବଗଡ,୨୭।୧୨(ଡି.ଏନ.ଏ.)

ଦେବଗଡ ଇଣ୍ଡୋର ଷ୍ଟାଡିୟମରେ ୧୫ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର 'ବୀରାଙ୍ଗନା' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା କ୍ରୀଡା ଅଧିକାରୀ କୈବଲ୍ୟ କିଶୋର କର, ଅତୁଲ୍ୟ କୁମାର ପୂଜାରୀ, ଆଇନଜୀବୀ ଦିଲୀପ ଗୁରୁ, ମନୋଜ କୁମାର ପାଢୀ ଓ ସେମ୍ ହେମ୍ବ୍ରମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରକ୍ଷା ଅଧିକାରୀ ଚିନ୍ମୟ କୁମାର ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ ବୃନ୍ଦ, ୟୁନିସେଫ୍‌ର ଜିଲା ପରାମର୍ଶଦାତା ପୀତବାସ ବେହେରା, ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ, କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ସୁଧୀର କୁମାର ଦାସ, ପ୍ରଦୀପ କୁମାର ଛତ୍ରିଆ, କିଶୋର କୁମାର ରାୟ, କିଶୋର କୁମାର ବେହେରା, ଡିଲେଶ୍ୱର ପ୍ରଧାନ, ପ୍ରଦୀପ ବେହେରା, ଆନନ୍ଦ ବେହେରା, ମୁକୁନ୍ଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ଦେବଗଡ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀମାନଙ୍କୁ ଓଡିଶା ଜୁଡୋ ଆସୋସିଏଶନ ତରଫରୁ ଟ୍ରେନିଂ ଦିଆଯାଇଥିଲା। ଟ୍ରେନିଂ ପରେ ଛାତ୍ରୀମାନଙ୍କୁ ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ଭାବେ ରାଜ୍ୟ ଜୁଡୋ ଆସୋସିଏଶନ ସାଧାରଣ ସମ୍ପାଦକ ନିତାଇ ଶଙ୍କର ଗୁଇଁ, ନର୍ମଦା ଗୁଇଁ, ମୁକେଶ ନାୟକ, ଖୁସି ମୁଣ୍ଡା, ଲିଙ୍ଗରାଜ ପାତ୍ର ଓ ଅନୀଲ ବାର୍ଲା ପ୍ରମୁଖ ଯୋଗଦେଇ ଆତ୍ମସୁରକ୍ଷା କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ।


ଆତ୍ମସୁରକ୍ଷା ତାଲିମ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ୨୦୩୦ ଯୋଜନା କାର୍ଯ୍ୟ ଖସଡ଼ା ପ୍ରଶିକ୍ଷଣ ଶିବିର

ଦେବଗଡ଼, ୨୭।୧୨(ଡି.ଏନ.ଏ)

ଓଡ଼ିଶାର ନିରନ୍ତର ବିକାଶ ଲକ୍ଷ୍ୟରେ ୨୦୩୦ କାର୍ଯ୍ୟସୂଚୀ ରୂପାୟନ ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲା ପ୍ରଶାସନ ଏବଂ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାମାଜିକ, ଅର୍ଥନୀତିକ ଭିତ୍ତିଭୂମିର ସୁଦୃଢ଼ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ପ୍ରଗତି, ସାମାଜିକ ଅସମାନତା ଦୂରୀକରଣ ଓ ଆର୍ଥିକ ପ୍ରଗତି ଆଦି ଦିଗରେ ଯୋଜନା ମାନ ପ୍ରସ୍ତୁତି କରି ୨୦୩୦ ଭିଜନ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ପଡିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଯୋଜନା ଓ ସଂଯୋଜନ ବିଭାଗର ସହକାରୀ ନିର୍ଦ୍ଦେଶିକା ଅର୍ଚ୍ଚିତା ଦାସ, ସ୍ୱାସ୍ଥ୍ୟ ପାରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଅର୍ଘ୍ୟ ପ୍ରଧାନ, ଯୋଜନା ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ରାମ ସେବକ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।


ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# କଳାହାଣ୍ଡିର ୨ ଛାତ୍ରୀଙ୍କ ମହାରାଷ୍ଟ୍ର ଗସ୍ତ

**ସିବିଏସ୍‌ଇ ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତା**

ଲାଞ୍ଜିଗଡ,୨୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତିକ ବିଦ୍ୟାଳୟର ୨ ଛାତ୍ରୀ କଳ୍ପିତା ପଧାନ ଓ ପି.ଭି. ପୁଜିତା ମହାରାଷ୍ଟ୍ର ରାଜ୍ୟ ପଞ୍ଚଗାନିଠାରେ ଆସନ୍ତା ୨୮ରୁ ଦୁଇଦିନ ଧରି ହେବାକୁ ଥିବା ସିବିଏସଇ ଜାତୀୟ ତିରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗସ୍ତ କରିଛନ୍ତି। ଏହି ଛାତ୍ରୀମାନେ ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ରାୟପୁର ଅନ୍ତର୍ଗତ ସାଇନାଥପୁରମ ମଞ୍ଜିତହସତସ୍ଥିତ ଗ୍ରେଟ ଇଣ୍ଡିଆ ସ୍କୁଲଠାରେ ସିବିଏସଇ ଜୋନାଲ ରାଜ୍ୟସ୍ତରୀୟ ତିରନ୍ଦାଜ ପ୍ରତିଯୋଗୀତାରେ ଭାଗ ନେଇ ୧୪ ବର୍ଷରୁ କମ ବାଳିକା ବିଭାଗରେ କଳ୍ପିତା ପଧାନ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିବା ବେଳେ ୧୭ ବର୍ଷରୁ କମ ବାଳିକା ବିଭାଗରେ ପି.ଭି ପୂଜିତା ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରି ଜାତୀୟ ସିବିଏସଇ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। କୋଚ ସୀମାଞ୍ଚଳ କାଡ଼ରକାଙ୍କଠାରୁ ଏମାନେ ତାଲିମ ପ୍ରାପ୍ତ କରି ସ୍କୁଲ, ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେମାନେ ସିବିଏସଇ ଜାତୀୟସ୍ତରୀୟ ପ୍ରତିଯୋଗୀ ପାଇଁ ଗସ୍ତ କରିଛନ୍ତି। ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି. ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଡିଏଭି ବେଦାନ୍ତ ଅନ୍ତର୍ଜାତିକ ବିଦ୍ୟାଳୟର ଅଧ୍ୟକ୍ଷ ସଦାନନ୍ଦ ହୋତା, ବେଦାନ୍ତ ସିଏସଆର ଦିଲୀପ ପ୍ରଜାପତି ଓ ଅବିନଭ ପ୍ରତାପ, ଲାଞ୍ଜିଗଡ଼ କରାଟେ କୋଚ କ୍ଷମାନିଧି ମହାଖୁଡ, ତିରନ୍ଦାଜ କୋଚ ସୀମାଞ୍ଚଳ କାଡ଼ରକା ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

# ହକି ଷ୍ଟାଡିୟମ ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ବୈଠକ

କୁତ୍ରା,୨୭।୧୨(ଡି.ଏନ.ଏ.)

ଆଗାମୀ ଜାନୁୟାରୀ ମାସରେ ରାଉରକେଲାଠାରେ ହେବାକୁ ଥିବା ହକି ବିଶ୍ୱକପ୍ ପାଇଁ ନିର୍ମାଣ ହୋଇଥିବା ବୀର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଜାନୁୟାରୀ ୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଏକ ହକି ଲିଗ୍ ମ୍ୟାଚ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ପଞ୍ଚାୟତ ସ୍ତରରେ ଅନୁଷ୍ଠିତ ହୋଇଥିବା ହକି ଓ ଫୁଟବଲ ଖେଳର ବିଜେତା ଦଳ ଯୋଗ ଦେବେ। ସେଥିପାଇଁ ମଙ୍ଗଳବାର କୁତ୍ରା ବ୍ଲକ ସଭାଗୃହରେ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୁତ୍ରା ତହସିଲଦାର ମାନସି ନାଏକ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା,ଏବିଡିଓ ଲିଲି ସଙ୍ଗୀତା ଡୁଙ୍ଗଡୁଙ୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହାଛଡା ସମସ୍ତ ସରପଞ୍ଚ,ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ସ୍ତରରେ ବିଜୟ ଲାଭ କରିଥିବା ହକି ଓ ଫୁଟବଲ ଦଳର କ୍ୟାପଟେନ ସମେତ ବ୍ଲକ କର୍ମଚାରୀ ଓ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ବିଡିଓ, ବ୍ଲକ ଚେୟାରମ୍ୟାନ ଓ ଅନ୍ୟମାନେ।

# ଟିଡିସିସିର ଅବସରପ୍ରାପ୍ତ ସୁପରଭାଇଜରଙ୍କୁ ୩ବର୍ଷ ଜେଲ

**ସରକାରୀ ଅର୍ଥ ତୋସରପାତ ମାମଲା**

**୧ଲକ୍ଷ ଟଙ୍କା ଜରିମାନା**

ସୁନ୍ଦରଗଡ,୨୭।୧୨(ଡି.ଏନ.ଏ.)

ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ମଙ୍ଗଳବାର ସରକାରୀ ଅର୍ଥ ତୋସରପାତ ମାମଲାର ଶୁଣାଣି କରି ସୁନ୍ଦରଗଡ ଟିଡିସିସି(ଆଦିବାସୀ ଉନ୍ନୟନ ସମବାୟ ନିଗମ)ର ଅବସରପ୍ରାପ୍ତ ସୁପରଭାଇଜର ଅଶୋକ କୁମାର ପାତ୍ରଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି। ପାତ୍ରଙ୍କ ବିରୋଧରେ ମହୁଲ କିଣାବିକାରେ ୬ଲକ୍ଷ ୧୦ ହଜାର ୮୬୭ଟଙ୍କା ତୋଷରପାତ ହୋଇଥିବା ନେଇ ଭିଜିଲାନ୍ସ ବିଭାଗ ତଦନ୍ତ ପରେ ଜଣା ପଡିଥିଲା। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ତାଙ୍କ ବିରୋଧରେ କେଶ ନଂ ୫୮/ତା-୧୭/୧୨/୧୯୯୫ରିଖରେ ଏକ ମାମଲା ରୁଜୁ ହୋଇଥିଲା।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ:ବଳଦମାଲକୁ ହରାଇ କୁସ୍ତୁନା ଚାମ୍ପିୟନ

ବଡଗାଁ,୨୭।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଭିଖମପୁର ଗ୍ରାମରେ ରବିବାର ଆରମ୍ଭ ହୋଇଥିବା ତ୍ରିଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୮ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ବଳଦମାଲ ଓ କୁସ୍ତୁନା ମଧ୍ୟରେ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ କୁସ୍ତୁନା ଚାମ୍ପିୟନ ହୋଇଥିଲା। କୁସ୍ତୁନା ଟିମ୍‌ର ଚନ୍ଦନ ସାହୁ ୧୫ ବଲରେ ୩୦ ରନ ଓ ୪ ଉଇକେଟ ଦଖଲ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ହେମନ୍ତ କୁମାର ପିଙ୍ଗ ଓ ସଞ୍ଜୟ ପିଙ୍ଗ ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟିର ମୁଖ୍ୟ ସୁନିଲ କିସାନ, ଅକ୍ଲେଶ ହାଁସଦା, ଅନିଶ ହାଁସଦା, ଆନନ୍ଦ ହାଁସଦା, ଆଲୋକ ସାହୁ, ବିବେକାନନ୍ଦ ବେହେରା, ଭୈରବ ଦାସ , ତ୍ରିନାଥ ବେହେରା, ପରୀକ୍ଷିତ ସୁନ୍ୟାନି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥଲେ। ଉଦ୍‌ଘାଟନୀ ଉତ୍ସବରେ ଇତମା ପଞ୍ଚାୟତ ସରପଞ୍ଚ ରଜନୀ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟଅତିଥି ଓ ସତ୍ୟନାରାୟଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କୁସ୍ତୁନା ଟିମ୍‌କୁ ୫ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ବଳଦମାଲ ଟିମ୍‌କୁ ୩ ହଜାର ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବାମଣ୍ଡା କପ୍: ଦେବଗଡ଼ ବିଜୟୀ

ଦେବଗଡ଼,୨୭।୧୨(ଡି.ଏନ.ଏ.)

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୩୨ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ବାମଣ୍ଡା କ୍ରିକେଟ କ୍ଲବ ଦେବଗଡ଼ ବନାମ ଅନୁଗୋଳ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଗ୍ରୁପ୍ 'ବି'ର ପ୍ରଥମ ମ୍ୟାଚ୍‌ରେ ଦେବଗଡ଼ ଦଳ ଅନୁଗୋଳକୁ ୫ ଉଇକେଟରେ ପରାସ୍ତ କରି ବିଜୟୀ ହୋଇଛି। ଅନୁଗୋଳ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୫୧ ରନ କରିଥିଲା। ଦଳ ପକ୍ଷରୁ ତରୁଣ କୁମାର ସ୍ୱାଇଁ ୩୫, ସୌଭାଗ୍ୟ ବେହେରା ୩୫ ଓ ଚନ୍ଦନ ସାହୁ ୨୦ ରନ କରିଥିବା ବେଳେ ଦେବଗଡ଼ ଦଳର ଜିତେନ୍ଦ୍ର ବିଶ୍ୱାଳ ୪ଟି ଓ କିରନ ନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ଦେବଗଡ଼ ଦଳ ବ୍ୟାଟିଂ କରି ୧୮ ଓଭରରେ ୫ ଉଇକେଟ ହରାଇ ୧୫୩ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପ୍ରିୟବ୍ରତ ସାହୁ ଅପରାଜିତ ୬୧ ରନ, କିରନ ନାୟକ ୪୪ ରନ ଓ ପ୍ରକାଶ ସାହୁ ଅପରାଜିତ ୨୦ ରନ୍ କରିଥିବା ଅନଗୋଳ ଦଳର ୫ ଜଣ ଖେଳାଳି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲର ଦେବଗଡ଼ ଦଳର ଜିତେନ୍ଦ୍ର ବିଶ୍ୱାଳ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପ୍ରିୟବ୍ରତ ସାହୁ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କିରଣ ନାୟକ ଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ଉପସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପ ସଭାପତି ପଙ୍କଜ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଅନୁଗୋଳ କ୍ରିକେଟ ସଂଘ ସଭାପତି ପ୍ରତାପ ପ୍ରଧାନ, ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ସମ୍ପାଦକ ସୁନୀଲ ସାହୁ, ଉପ ସଭାପତି ଦୁଲାଲ ପ୍ରଧାନ, ବୌଦ୍ଧ ଜିଲା କ୍ରିକେଟ ସଂଘ ସମ୍ପାଦକ ଯୁଗଳ ସାମଲ ଓ ଝାରସୁଗୁଡା ଜିଲା କ୍ରିକେଟ ସଂଘ ସମ୍ପାଦକ ମେହେତା ଖାନ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲବ ସମ୍ପାଦକ ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ, ଉପ ସଭାପତି ସତ୍ୟନାରାୟଣ ପାଣି ଅତିଥି ପରିଚୟ ଓ ସନ୍ତୋଷ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ପାୟାର ସତ୍ୟ ପ୍ରସାଦ ରଥ, ସଞ୍ଜୟ କୁମାର ନାୟକ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ, ରିତିକ ଦେହୁରୀ ଏବଂ ରମାକାନ୍ତ ପ୍ରଧାନ ଧାରା ବିବରଣୀ ଦେଇଥିଲେ। ବୁଧବାର ଗ୍ରୁପ୍ 'ବି'ର ଦ୍ୱିତୀୟ ମ୍ୟାଚ୍ ବାମଣ୍ଡା କ୍ରିକେଟ କ୍ଲବ ଦେବଗଡ଼ ଓ ପ୍ରୋଗ୍ରେସିଭ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।



ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ୧୯୭୬ ପୃଥ୍ୱୀରାଜ ହାଇସ୍କୁଲ ମାଟ୍ରିକ ବ୍ୟାଚ ବନ୍ଧୁମିଳନ

ବଲାଙ୍ଗୀର ଅଫିସ: ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀ ଠାରେ ୧୯୭୬ ମସିହା ପୃଥ୍ୱୀରାଜ ହାଇସ୍କୁଲ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏହି ବନ୍ଧୁମିଳନ ଅବସରରେ ଏହି ବ୍ୟାଚ୍‌ର ଦିବଙ୍ଗତ ପ୍ରଫେସର ରବିଶଙ୍କର ପାଣ୍ଡିଆ ଏବଂ ବିଶିଷ୍ଟ ଚାଷୀନେତା ଡା. ସୁଧୀର ପରିଚ୍ଛାଙ୍କ ସ୍ମୃତିଚାରଣ କରାଯାଇଥିଲା। ଦିବଙ୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମକୁ କମଳ ଚକ୍ରବର୍ତ୍ତୀ, ଗୋପାଳ କର, ସୁନିଲ ବେହେରା ଓ ସଞ୍ଜୀବ ବହିଦାର ପରିଚାଳନା କରିଥିଲେ।

## ଧର୍ମପ୍ରାଣା ଦେବହୂତି ପାଢ଼ୀଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୨୭ା୧୨:** ବଲାଙ୍ଗୀର ରୁଗୁଡିପଡା ନିବାସୀ ଧର୍ମପ୍ରାଣା ଦେବହୂତି ପାଢ଼ୀ (୮୩)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ରୁଗୁଡିପଡା ଦୁର୍ଗାମଣ୍ଡପ ପର୍ଯ୍ୟନ୍ତ ନିଆଯାଇ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ସେଠାରେ ରୁଗୁଡିପଡା ଦୁର୍ଗାମଣ୍ଡପ ସଭାପତି ଚେତନା ନନ୍ଦ ପଣ୍ଡା, ଶ୍ରୀକାନ୍ତ ରାଉତ, ଡା ବିକ୍ରମ କେଶରୀ ଦାଶ, ବିଭୂତି ମିଶ୍ର,



ହରିନାରାୟଣ ପୂଜାରୀଙ୍କ ସହ ବହୁ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେଠାରୁ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ପୁତ୍ର କୋଶଳ ସାଂସ୍କୃତିକ ସଂଘ ମହାମନ୍ତ୍ରୀ ହିମାଂଶୁ ଶେଖର ପାଢ଼ୀ ମୁଖାଗ୍ନି ଦେଇଥିଲେ।

# ଧରାପଡ଼ିଲା ବେଆଇନ ଧାନ କାରବାର

**ବଲାଙ୍ଗୀର ଅଫିସ, ୨୭ା୧୨**

- ■ନାରାୟଣୀ ପେଡି ପ୍ରୋସିସିଂ ମିଲକୁ ମନାହେଲା ଧାନକିଣା
- ■ପୁଇଁତଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ୍‌ରୁ ୨୨୦.୩୦ କୁଇଣ୍ଟାଲ ଧାନ ଜବତ
- ■ପୁଇଁତଲା ବ୍ଲକର ମିଲର୍ସଙ୍କୁ ଅନୁକମ୍ପା ଅଭିଯୋଗ

ବଲାଙ୍ଗୀର ଜିଲାରେ ଖରିଫ ଧାନକିଣାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଆସିଛି। ସମବାୟ ବିଭାଗ, ରାଇସ ମିଲର୍ସ ଏବଂ ଯୋଗାଣ ବିଭାଗ ପକ୍ଷରୁ ଯୋଜନାବଦ୍ଧଭାବେ ଚାଷୀଙ୍କ କଷ୍ଟୋପାର୍ଜିତ ଧାନକୁ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଗୁରୁତର ଅଭିଯୋଗ ବାରମ୍ବାର କରାଯାଉଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଧାନ ଲୁଟକାରୀମାନେ ଅଧିକ ଉତ୍ସାହିତ ହୋଇଛନ୍ତି। ଏଭଳି ସମୟରେ ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୨୦.୩୦କୁଇଣ୍ଟାଲ ଧାନ ଜବତ ହେବା ପରେ ଚାଲିଥିବା ଧାନଲୁଟ୍ ଅଭିଯାନର ପର୍ଦ୍ଦାଫାଶ ହୋଇଛି।

ମୁରିବାହାଲ ବ୍ଲକ ଲଖନା ପଞ୍ଚାୟତର ନୂଆପଡା ଗ୍ରାମର କିଶୋର ତ୍ରିପାଠୀଙ୍କ ଘରେ ପ୍ରଶାସନିକ ସ୍କ୍ୱାଡ ଅତର୍କିତ ଚଢ଼ାଉ କରିଥିଲେ। ସେଠାରେ ବେଆଇନ ଧାନ ଗଚ୍ଛିତ ଥିବା ଖବର ମିଳିଥିଲା। ସେଠାରୁ ସ୍କ୍ୱାଡ ୨୨.୩୦ କୁଇଣ୍ଟାଲ ଏବଂ ଏକ ପିକ୍‌ଅପ ଭ୍ୟାନ୍ ଜବତ କରାଯାଇଥିଲା। କିଭଳି ପରିସ୍ଥିତିରେ ତାଙ୍କ ଘରେ ଏତେ ପରିମାଣର ଧାନ ଥିଲା ସେ କିଛି ତଥ୍ୟ ଦେଇପାରି ନ ଥିବା ଜଣାପଡିଛି। କମ୍‌ମୂଲ୍ୟରେ ସାଧାରଣ ଚାଷୀଙ୍କଠାରୁ ଧାନ କିଣୁଥିବା ଜଣାପଡିଥିଲା। ସେ କିଭଳି ଏଠାରେ ଖୋଲାଖୋଲି ଧାନ କିଣାବିକା କରୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ, ଯୋଗାଣ ବିଭାଗ ଜାଣିପାରି ନ ଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ପ୍ରଶାସନିକ ସ୍କ୍ୱାଡ ଚଢ଼ାଉ କରି ଏହି ବେଆଇନ ସଂଗ୍ରହକାରୀଙ୍କଠାରୁ ଧାନ ଜବତ କରିବା ପରେ ସ୍ଥାନୀୟ ପ୍ରଶାସନ, ଯୋଗାଣ ବିଭାଗ ଏବଂ ସମବାୟ ବିଭାଗ ସବୁ ଜାଣି ହାତବାନ୍ଧି ବସିଥିବା ସ୍ପଷ୍ଟ ହୋଇଛି।

ସେହିଭଳି ବଙ୍ଗୋମୁଣ୍ଡାର ରଘୁନାଥ ସାହୁଙ୍କ ଘରେ ଅତର୍କିତ ଚଢ଼ାଉ କରାଯାଇ ୧୩୯.୫୩ କୁଇଣ୍ଟାଲ ଜବତ କରାଯାଇଛି। ବଲାଙ୍ଗୀର ସବ୍‌ଡିଭିଜନର ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରାକ୍ଟରରେ ଯାଉଥିବା ୪୧.୦୫ (୧୧୦ବସ୍ତା) କୁଇଣ୍ଟାଲ ଧାନ ଜବତ କରାଯାଇଛି। ଅନ୍ୟ ଏକ ପିକ୍‌ଅପରେ ୧୭.୫୦ କୁଇଣ୍ଟାଲ ଧାନ (୬୦ ବସ୍ତା) ଜବତ କରାଯାଇଥିଲା। ଏହି ଧାନ ଜବତ କରାଯାଇଥିଲେ ମଧ୍ୟ କେଉଁ ରାଇସ ମିଲକୁ ଯାଉଥିଲା ତାହା ଜଣାଇ ନାହାନ୍ତି। ଏହି ରାସ୍ତାରେ ଥିବା ୪ଟି ରାଇସ ମିଲରୁ କେଉଁ ମିଲକୁ ଯାଉଥିଲା ସ୍କ୍ୱାଡ କହିନାହାନ୍ତି। ମିଲର୍ସଙ୍କୁ ବଞ୍ଚାଇବା ପାଇଁ ରାସ୍ତା ମଝିରେ ଧାନଗାଡି ଜବତ କରାଯାଇଛି ଏବଂ ଧାନ ଚାଲାଣ କରୁଥିବା ବ୍ୟକ୍ତିଙ୍କ ନାମ ମଧ୍ୟ ଗଣମାଧ୍ୟମରେ ଦିଆଯାଇନାହିଁ। ଏଥିରୁ ପ୍ରଶାସନିକ ସ୍କ୍ୱାଡର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ ହେଉଛି। ଏହା ସହିତ ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ ଟେବେଡାମୁଣ୍ଡା ଯାଇ ଶ୍ରୀ ନାରାୟଣୀ ପେଡି ପ୍ରୋସେସିଂ ମିଲ ଯାଞ୍ଚ କରିଥିଲେ। ସେଠାରେ ଘୋର ଅନିୟମିତତା ଜାଣିବା ପରେ ଏହି ମିଲକୁ ତୁରନ୍ତ ଧାନକିଣା ପ୍ରକ୍ରିୟାରୁ ବାଦ୍ ଦେବାକୁ ରିପୋର୍ଟ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ମିଲକୁ ଧାନକିଣାରୁ ବାଦ୍ ଦିଆଯାଇଥିବା ଜଣାପଡିଛି। ଏହି ମିଲ ମାଲିକ ଏବଂ ଧାନକିଣା ଅବ୍ୟବସ୍ଥାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ୪ଏକର ଜମିର ଧାନଖରି ଜାଳିଦେଲେ ଦୁର୍ବୃତ୍ତ




**ଲୋଇସିଂହା,୨୭ା୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମାଣ୍ଡିଆପଦର ଗ୍ରାମର ଜଣେ ଚାଷୀଙ୍କ ୪ଏକର ଜମିର ଧାନ ଖରିକୁ ନିଆଁ ଲଗାଇ ଦୁର୍ବୃତ୍ତ ସୋମବାର ରାତିରେ ପୋଡି ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀ ହେଲେ ଚଣ୍ଡାଳ କାଣ୍ଡ। ମଙ୍ଗଳବାର ସକାଳେ ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ହୀରାପୁର ପଞ୍ଚାୟତ ମାଣ୍ଡିଆପଦର ଗ୍ରାମର ଚଣ୍ଡାଳ ତାଙ୍କ ପୈତୃକ ୪ ଏକ ଜମିରେ ଖରିଫ ଧାନ ଚାଷ କରିଥିଲେ। ଅମଳ ଧାନକୁ କାଟି ଜମି ନିକଟରେ ଖରି କରି ରଖିଥିଲେ। ଧାନ ମଡାଇ ଘରକୁ ଆଣିଥାନ୍ତେ। ହେଲେ ଏଥିପୂର୍ବରୁ ସୋମବାର ରାତିରେ କେହି ତାଙ୍କ ଧାନ ଖରିରେ ନିଆଁ ଲଗାଇ ଦେଇଥିଲେ। ମଙ୍ଗଳବାର ସକାଳେ ସେହି ଅଞ୍ଚଳକୁ ଗ୍ରାମବାସୀ ଯାଇଥିବା ବେଳେ ଖରିରେ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଚଣ୍ଡାଳ ପରିବାର ସଦସ୍ୟଙ୍କ ସହ ସେଠାରେ ପହଞ୍ଚିଲା ବେଳକୁ ଧାନ ଖରି ଜଳି ପାଉଁଶ ହୋଇଯାଇଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚଣ୍ଡାଳଙ୍କ ସ୍ତ୍ରୀ ଦାବି କରିଛନ୍ତି।

# କିଶୋରାବସ୍ଥାରେ ସ୍ୱାସ୍ଥ୍ୟ, ବିକାଶ କର୍ମଶାଳା




ଆୟୋଜିତ କର୍ମଶାଳାରେ ଯୋଗଦେଇଥିବା ଅତିଥି।

**ବଲାଙ୍ଗୀର ଅଫିସ, ୨୭ା୧୨**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ଏବଂ ଅଜିମ ପ୍ରେମଜୀ ଫାଉଣ୍ଡେସନ ମିଳିତ ସହଯୋଗରେ କିଶୋରାବସ୍ଥାରେ ସ୍ୱାସ୍ଥ୍ୟ ଓ ବିକାଶ ଅଧିକାର ସମ୍ପର୍କିତ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ଏହି କର୍ମଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ସହକାରୀ ଜିଲା ମଙ୍ଗଳ ଅଧିକାରୀ ଲଳିତ କୁମାର ଶବର, ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଲକ୍ଷ୍ମୀ ସିଂ, ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରଜ୍ଞା ବାରିକ, ବୌଦ୍ଧ ଜିଲା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା, ଆଦ୍ରିଜା ସଂଯୋଜିକା ପ୍ରତିଜ୍ଞା ଦାସ ମଞ୍ଚାସୀନ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ମନୋବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ଭାସ୍ୱତୀ ପଟ୍ଟନାୟକ ଓ ଗବେଷଣା ସହକାରୀ ଶ୍ରୀମନ୍ତ ଖୁଣ୍ଟିଆ ଅନଲାଇନ ଜରିଆରେ ଏହି ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ତିନିବର୍ଷ ଭିତରେ ଏହିକାର୍ଯ୍ୟକ୍ରମ ଆୟୋଜିତ ହୋଇ ୧୦୦ ଗ୍ରାମ, ୩୧୯ଟି ଉଡାନ କ୍ଲବ ମାଧ୍ୟମରେ କିଶୋରୀ, କିଶୋର ଛାତ୍ରୀଛାତ୍ର, ସେମାନଙ୍କ ମାତାପିତା, ଶିକ୍ଷକ ତଥା ଗ୍ରାମବାସୀଙ୍କୁ ସଚେତନ କରାଯାଇଥିବା ସୂଚନା ଦେଇଥିଲେ। ମାସିକ ରକ୍ତଚକ୍ର ସ୍ୱାସ୍ଥ୍ୟ ଓ ଶରୀରର ପରିବର୍ତ୍ତନର ସୂଚନା ତଥା ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କରେ ତିନିବର୍ଷର କାର୍ଯ୍ୟକ୍ରମ ପରେ ବହୁ ପରିବର୍ତ୍ତନ ଆସିଥିବା ତଥା କିଶୋର କିଶୋରୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢୁଥିବା ଓ ଏହା ଆହୁରି ଅଧିକ ବଢିବାରେ ସମ୍ଭାବନା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ସୁରେଶ ପଧାନ କର୍ମଶାଳା ପରିଚାଳନା କରିଥିବା ବେଳେ ଆନନ୍ଦିନୀ ରଥ, ସୁବ୍ରତା ଜେନା ଓ ଆନିଗା ଥୋମାସ ଓ ଲିଜି ମୋଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ ସହଯୋଗୀ ସଂଗଠନ ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କାର୍ଯ୍ୟକ୍ରମ ସଂଯୋଜକ ହୀରାଲାଲ ମିଶ୍ର, ପ୍ରଦୀପ ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଓ ବୌଦ୍ଧ ଜିଲାର ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉଡାନ କ୍ଲବ ତରଫରୁ ସତୁରୀରୁ ଅଧିକ ବାଳିକା, ଆଶା କର୍ମୀ, ଶିକ୍ଷକ ଓ ଅଭିଭାବକ ଅଂଶଗ୍ରହଣ ଗ୍ରହଣ କରିଥିଲେ।

## ସୁସ୍ଥ ହୋଇ ଘରକୁ ଫେରିଲେ ସଦାନନ୍ଦ

**ବଲାଙ୍ଗୀର ଅଫିସ, ୨୭ା୧୨**

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଚାଲିଥିବାବେଳେ ଜଣେ ଛାତ୍ରଙ୍କ ବେକରେ ଏକ ଜାଭେଲିନ୍ ପଶି ଯାଇଥିଲା। ଏଥିରେ ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେର ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଫୋନ୍ କରି ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ଗତ ୧୭ରେ ଭୀମଭୋଇ ମେଡିକାଲ




କଲେଜ ଆଣ୍ଡ ହସ୍ପିଟାଲରେ ଆହତ ଛାତ୍ରଙ୍କୁ ଭର୍ତ୍ତି କରାଯାଇ ଅସ୍ତ୍ରୋପଚାର କରାଯାଇଥିଲା। ଦୀର୍ଘ ୧୧ ଦିନର ଚିକିତ୍ସା ପରେ ସଦାନନ୍ଦ ମଙ୍ଗଳବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଏହି ଅବସରରେ ଘଟଣା ଦିନ ସମ୍ପର୍କରେ ସୂଚନା ଦେଇ ସଦାନନ୍ଦ କହିଥିଲେ ଯେ, ବାର୍ଷିକ କ୍ରୀଡା ଚାଲିଥିବାବେଳେ ଟଣାଯାଇଥିବା ଗାର ଉପରେ ପ୍ରତିଯୋଗୀ ଛାତ୍ରଙ୍କ ସହ ସଦାନନ୍ଦ ଛିଡା ହୋଇଥିଲେ। ଏତିକିବେଳେ ତାଙ୍କ ଘଣ୍ଟାର ଚାବି କୁଆଡେ ତଳେ ପଡିଯାଇଥିଲା। ସେହି ଘଣ୍ଟାଚାବିକୁ ଉଠାଇବାକୁ ସେ ତଳକୁ ଝୁଙ୍କିଥିବାବେଳେ ପାଖରେ ପ୍ରାକ୍ଟିସ କରୁଥିବା ଜଣେ ଛାତ୍ରଙ୍କ ହାତରୁ ଜାଭେଲିନ୍ ଖସି ତାଙ୍କ ବେକରେ ପଶି ଯାଇଥିଲା।

## ଆଜି ବଲାଙ୍ଗୀର ପହଞ୍ଚିବେ ରାଜ୍ୟପାଳ

**ବଲାଙ୍ଗୀର ଅଫିସ, ୨୭ା୧୨**

ବୁଧବାର ବଲାଙ୍ଗୀର ପହଞ୍ଚିବେ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ମଧ୍ୟାହ୍ନ ସାଢ଼େ ୧୨ଟାରେ ସ୍ଥାନୀୟ ଟାଉନ୍ ବାଳକ ହାଇସ୍କୁଲ ପଡିଆରେ ବଲାଙ୍ଗୀର ରୋଟାରୀ କ୍ଲବ୍ ଅଫ୍ ଇଲାଇଟ୍ ପକ୍ଷରୁ ଆୟୋଜିତ ଉଡାନ୍ ମିଟ୍-୨୨ କାର୍ଯ୍ୟକ୍ରମରେ ସେ ମୁଖ୍ୟଅତିଥି ଭାବେ ଯୋଗଦେବେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଚଞ୍ଚଳ ରାଣା ଏବଂ ପ୍ରଫେସର ମଧୁସୂଦନ ପତି ଯୋଗଦେବେ। ସନ୍ଧ୍ୟା ସାଢ଼େ ୬ଟାରେ ଉଡାନ୍ ମିଟ୍ ୨୦୨୨ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗରାଜୁ, ବିଧାୟକ ମିଶ୍ର, ପ୍ରଫେସର ପତି, ଜିଏମ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଯୁଗଳେଶ୍ୱରୀ ଦାଶ, ସୋଆ ବିଶ୍ୱବିଦ୍ୟାଳୟ ପ୍ରଫେସର ନଚିକେତା ଖମାରୀ ଶର୍ମା ଯୋଗଦାନ କରିବେ। ସରକାରୀ ସ୍କୁଲର ମେଧାବୀ ଗରିବ ଶ୍ରେଣୀ ସ୍କୁଲ ଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ, କୋଚିଂ ସହ ଆନୁସଙ୍ଗିକ ସହାୟତା ଦେବା କାର୍ଯ୍ୟକ୍ରମ ଉଡାନ ବିଭିନ୍ନ ମହଲରେ ପ୍ରଶଂସା ସାଉଁଟିଛି।

## ସମ୍ପନ୍ନ ହେଲା କୁମୁଣ୍ଡେ ଶୁଳିଆଯାତ୍ରା



ଶୁଳିଆ ଯାତ୍ରାରେ ପୂଜାର୍ଚ୍ଚନା କରାଯାଉଛି।

**ଲୋଇସିଂହା,୨୭ା୧୨(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଶୁଳିଆ ଛକରେ ଶୁଳିଅଶା ଯାତ୍ରା ମଙ୍ଗଳବାର ପାଳିତ ହୋଇଯାଇଛି। ବୁର୍ଡା-ସୋନପୁର ରାସ୍ତାର ଲୋଇସିଂହା ଥାନା ସୀମାନ୍ତ କ୍ରଶର ନିକଟରେ ରହିଛି କୁମୁଣ୍ଡେ ଶୁଳିଆ ପୀଠ। ଏଠାରେ ଦୀର୍ଘ ବର୍ଷ ହେଲା କନ୍ଧ ସମ୍ପ୍ରଦାୟ ଲୋକଙ୍କ ଦ୍ୱାରା ଏହି ଯାତ୍ରା ଆୟୋଜିତ ହୋଇଆସୁଛି। ସୋମବାର ପୀଠରେ ନିଶି ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳୁ ମୁଖ୍ୟ ଦେହୁରୀ ଜଳ ସାଲମା ଓ ସହଯୋଗୀମାନେ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଏଠାରେ ଦୁଇଟି ପୀଠ ରହିଛି। ଗୋଟିଏ ପୀଠରେ ଶ୍ରଦ୍ଧାଳୁମାନେ ଶ୍ରୀଫଳ, ଧୂପଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ପୀଠ ସଂଲଗ୍ନ ଅନ୍ୟ ଏକ ପୀଠରେ ଅପରାହ୍ନରେ କୁକୁଡା, ବତକ, ବୋଦା ବଳି ଦେଇଥିଲେ ମାନସିକଧାରୀ। ଦୀର୍ଘ ୨ ବର୍ଷ ପରେ ଯାତ୍ରା ହେଉଥିବାରୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା।

## ଚାଣ୍ଟିପଦରରେ ଛୋଟ ଶୁଳିଆଯାତ୍ରା

**ଗୁଡ଼ଭେଲା,୨୭ା୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ଚାଣ୍ଟିପଦର ଖଳାରେ ମଙ୍ଗଳବାର ଛୋଟ ଶୁଳିଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ପୂଜାର୍ଚ୍ଚନା ପରେ ବରୁଆ ଅଶୋକ ପ୍ରଧାନୀଙ୍କ ଦେହରେ ଦେବତା ଆର୍ବିଭାବ ହୋଇଥିଲେ। ଭକ୍ତଙ୍କ ଦୁଃଖ କଷ୍ଟ ବୁଝିଥିଲେ। କମିଟି ସଭାପତି ଧବଳେଶ୍ୱର ରଣା, ସମ୍ପାଦକ ରାକେଶ ବାରିକ, କୋଷାଧ୍ୟକ୍ଷ ବୃନ୍ଦାବନ ପ୍ରଧାନୀ, ଶୁଭନାଥ ବଗର୍ତ୍ତୀ, ଶମ୍ଭୁ ପ୍ରଧାନୀ, ମଧୁ ନନ୍ଦ, ଭୂଏ ମନହିରା, ଶବର ସୁନା, ରାଧେଶ୍ୟାମ ରଣା, ଭୋଜରାଜ ବାଗ,



ଶଳିଆ ଦେବତାଙ୍କ ପୂଜାର୍ଚ୍ଚନା କରାଯାଉଛି।

ଗଜରନ ବାଗ, ରନ୍ଦ୍ର ମାଝୀ, ଶିଦେଶ୍ୱର ରଣା, ଦିନ ରଣା, ନିରଞ୍ଜନ ସେଲମା, କାର୍ତ୍ତିକ ଛତ୍ରିଆ, ରବି ତରିଆ, ଗୋପାଳ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରାଫିକ୍ ଜାମ୍, ନାକେଦମ୍ ପୋଲିସ

**ଦେଓଗାଁ, ୨୭ା୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖଇରଗୁରାସ୍ଥିତ ବଡଖଳା ଓ କୁମୁରିଆ ସାନଖଳାରେ ପାରମ୍ପରିକ ରୀତିନୀତି ଅନୁସାରେ ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି ଶଳିଆ ଯାତ୍ରା। ଶହଶହ ପଶୁପକ୍ଷୀଙ୍କ ବଳିରେ ପୀଠ ହୋଇଛି ରକ୍ତ ରଞ୍ଜିତ। ଦୁଇବର୍ଷ ପରେ ବିନା କରୋନା କଟକଣାରେ ହୋଇଥିବା ଯାତ୍ରାରେ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା।



ସୁଳିଆ ଯାତ୍ରା ଅବସରରେ ଖଇରଗୁଡା ଶୁଳିଆ ପୀଠରେ ବିଧାୟକ ନରସିଂହ ମିଶ୍ର।

### ପୀଠରେ ନେତାଙ୍କ ଭିଡ଼

ଶୁଳିଆ ଯାତ୍ରାରେ ହଜାର ହଜାର ଲୋକଙ୍କ ସମାଗମ। ଏଭଳି ସୁଯୋଗକୁ ହାତଛଡା କରି ନ ଥିଲେ ବିଭିନ୍ନ ରାଜନୈତିକ ଦଳର ନେତା। ଯାତ୍ରା ପ୍ରାରମ୍ଭରେ ଶୁଳିଆ ପୀଠରେ ପହଞ୍ଚି ଥିଲେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ପୀଠରେ ଦର୍ଶନ କରିବାସହ ଶୁଳିଆ କମିଟି ସହ ଆଲୋଚନା କରି ସେ ଫେରି ଯାଇଥିଲେ। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ଦେଓଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଓ ବହୁ ବରିଷ୍ଠ ଆଦିବାସୀ ନେତାଙ୍କୁ ଯାତ୍ରାସ୍ଥଳରେ ଦେଖିବାକୁ ମିଳିଥିଲା।

### ୨ କିଲୋମିଟରକୁ ୨ ଘଣ୍ଟା

ଖଇରଗୁରା ଛକରୁ ଶୁଳିଆ ପୀଠର ଦୂରତ ମାତ୍ର ଦୁଇ କିଲୋମିଟର। ଛକରୁ ଯିବାକୁ ହେଲେ ଲାଗିବ ଦଶ ମିନିଟ। କିନ୍ତୁ ଯାତ୍ରା ଦେଖିବାପାଇଁ ଏତେ ଲୋକଙ୍କ ସମାଗମ ହୋଇଥିଲା ଯେ, ଛକରୁ ଖଇରଗୁରା ଶୁଳିଆ ପୀଠରେ ପହଞ୍ଚିବାକୁ ହେଲେ ଲାଗୁଥିଲା ଦୁଇ ଘଣ୍ଟା। ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ପୋଲିସ ଛାଉଣି। ହେଲେ ଲୋକଙ୍କ ଗହଳି ଦେଖି ଟ୍ରାଫିକ ସମସ୍ୟା ଏ ପରି ହୋଇଥିଲା ଯେ, ଯାହାକୁ ସମ୍ଭାଳିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା।

### ରାସ୍ତାକଡରେ ବସିଲା ହାଟ

ଶୁଳିଆଯାତ୍ରା ପାଇଁ ମୁଣ୍ଡପଲା ଛକରୁ ଯାତ୍ରାସ୍ଥଳୀ ପର୍ଯ୍ୟନ୍ତ ଶହଶହ ଅସ୍ଥାୟୀ ଦୋକାନ ବଜାର ଖୋଲିଥିଲା। ଶୁଳିଆ ପୀଠର ମୁଖ୍ୟଖଳା ଓ ମୁଖ୍ୟ ଖଳା ରାସ୍ତା ମୁହଁରୁ କୁମୁରିଆକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନରେ ଗହଳି ଲାଗିଥିଲା। ଚଳିତବର୍ଷ ପ୍ରବଳ ଜନସାମାଗମ ପାଇଁ ଦୋକାନୀ ଙ୍କ ଉତ୍ସାହ ଜନକ ବେପାର ହୋଇଥିଲା।

### ଯାତ୍ରାରେ ଟାଟୋର ଚାହିଦା

ପ୍ରଥମ କରି ଶୁଳିଆ ଯାତ୍ରା ସ୍ଥଳରେ ଅନେକ ଟାଟୋ ବାଲାଙ୍କ ପସରା ଦେଖିବାକୁ ମିଳିଥିଲା। ବିଶେଷ କରି ଯୁବ ପିଢ଼ି ନିଜ ହାତ ଓ ଶରୀରରେ ବିଭିନ୍ନ ରକମର ଟାଟୋ କାଟିଥିବା ନଜରକୁ ଆସିଥିଲା।

### ଦିନକ ପାଇଁ ପିକନିକ ସ୍ପଟ ହୋଇଥିଲା

ଦୂରଦୂରାନ୍ତରୁ ଯାତ୍ରାସ୍ଥଳକୁ ମାନସିକଧାରୀ ଆସିଥିଲେ। ମାନସିକ ପୂର୍ଣ୍ଣ କରି ସପରିବାର ଆସି ପୀଠରେ ବଳି ଚଢ଼ାଇଥିଲେ। ଏହାପରେ ପୀଠପାର୍ଶ୍ୱ ଓ ରାସ୍ତାକଡରେ ଲୋକେ ଭୋଜିଭାତର ଆସର ଜମାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଦିନକ ପାଇଁ ଶୁଳିଆପଦା ଠୁ ମୁଖ୍ୟରାସ୍ତା ପିକନିକ ସ୍ପଟ ପରି ମନେହେଉଥିଲା।

**ଶୁଳିଆ ଯାତ୍ରାର ଏପାଖ ସେପାଖ**

### ଭିଡ ଭିତରେ ପକେଟ ମାର

ଯାତ୍ରାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ପକେଟମାରଙ୍କଠାରୁ ଦୂରେଇ ରହିବାପାଇଁ କମିଟି ତରଫରୁ ଡକବାଜି ଯନ୍ତ୍ର ଯୋଗେ ବାରମ୍ବାର ଲୋକଙ୍କୁ ସଚେତନ କରାଯାଉଥିଲା। ତଥାପି ଶହେରୁ ଉର୍ଦ୍ଧ୍ୱ ଲୋକଙ୍କ ପକେଟମାର ହୋଇଥିବା ଚର୍ଚ୍ଚା ହୋଇଥିଲା। ଲୋକଙ୍କ ସମାଗମ ଦେଖି ପୋଲିସ ବି ବିଭିନ୍ନ ଦିଗକୁ ନଜର ରଖି ଲୋକଙ୍କୁ ସଚେତନ କରିଥିଲା। ହେଲେ ଅଭ୍ୟାସଗତ ପକେଟମାର ସୁଯୋଗ ବା କେମିତି ଛାଡନ୍ତେ।

**ରିପୋର୍ଟ: କୃଷ୍ଣ ପ୍ରସାଦ ପାଣିଗ୍ରାହୀ**

## ସଂକ୍ଷେପରେ

### କଳାହାଣ୍ଡିର ୨ ଛାତ୍ରୀଙ୍କ ମହାରାଷ୍ଟ୍ର ଗସ୍ତ

**ଲାଞ୍ଜିଗଡ,୨୭।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତିକ ବିଦ୍ୟାଳୟର ୨ ଛାତ୍ରୀ କଳ୍ପିତା ପଧାନ ଓ ପି.ଭି. ପୁଜିତା ମହାରାଷ୍ଟ୍ର ରାଜ୍ୟ ପଞ୍ଚଗାନିଠାରେ ଆସନ୍ତା ୨୮ରୁ ଦୁଇଦିନ ଧରି ହେବାକୁ ଥିବା ସିବିଏସଇ ଜାତୀୟ ତିରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗସ୍ତ କରିଛନ୍ତି। ଏହି ଛାତ୍ରୀମାନେ ଗତ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ ରାୟପୁର ଅନ୍ତର୍ଗତ ସାଇନାଥପୁରମ ମଞ୍ଜିତହସତସ୍ଥିତ ଗ୍ରେଟ ଇଣ୍ଡିଆ ସ୍କୁଲଠାରେ ସିବିଏସଇ ଜୋନାଲ ରାଜ୍ୟସ୍ତରୀୟ ତିରନ୍ଦାଜ ପ୍ରତିଯୋଗୀତାରେ ଭାଗ ନେଇ ୧୪ ବର୍ଷରୁ କମ ବାଳିକା ବିଭାଗରେ କଳ୍ପିତା ପଧାନ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିବା ବେଳେ ୧୭ ବର୍ଷରୁ କମ ବାଳିକା ବିଭାଗରେ ପି.ଭି ପୂଜିତା ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରି ଜାତୀୟ ସିବିଏସଇ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। କୋଚ ସୀମାଞ୍ଚଳ କାଡ଼ରକାଙ୍କଠାରୁ ଏମାନେ ତାଲିମ ପ୍ରାପ୍ତ କରି ସ୍କୁଲ, ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେମାନେ ସିବିଏସଇ ଜାତୀୟସ୍ତରୀୟ ପ୍ରତିଯୋଗୀ ପାଇଁ ଗସ୍ତ କରିଛନ୍ତି। ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି. ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଡିଏଭି ବେଦାନ୍ତ ଅନ୍ତର୍ଜାତିକ ବିଦ୍ୟାଳୟର ଅଧକ୍ଷ ସଦାନନ୍ଦ ହୋତା, ବେଦାନ୍ତ ସିଏସଆର ଦିଲୀପ ପ୍ରଜାପତି ଓ ଅବିନଭ ପ୍ରତାପ, ଲାଞ୍ଜିଗଡ଼ କରାଟେ କୋଚ କ୍ଷମାନିଧି ମହାଖୁଡ, ତିରନ୍ଦାଜ କୋଚ ସୀମାଞ୍ଚଳ କାଡ଼ରକା ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

### ଖବରକାଗଜ ବିତରକଙ୍କ ଅକାଳ ବିୟୋଗ

**କର୍ଲାମୁଣ୍ଡା,୨୭।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳର ଖବରକାଗଜ ବିତରକ (ହକର) ଗୟାଧର ନାଏକଙ୍କ ମଙ୍ଗଳବାର ଅକାଳ ବିୟୋଗ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୬ ବର୍ଷ ହେଉଥିଲା। ସେ ଜଣେ ଲୋକପ୍ରିୟ ଯୁବକ ଥିଲେ। ଗ୍ରାମର ପ୍ରତ୍ୟେକ ସଭାସମିତି ନୋଟିସ ବୁଲାଇବା, ନିମନ୍ତ୍ରଣ କାର୍ଡ ବାଣ୍ଟିବା, ଲୋକଙ୍କୁ ବିଭିନ୍ନ ଖବର ଦେବା କାର୍ଯ୍ୟରେ ସେ ଆଗ ଖୋଜା ପଡୁଥିଲେ। ରିଷିଡା ଗାନ୍ଧୀନଗର ପଡାର କବିରାଜ ନାଏକଙ୍କ ଏକମାତ୍ର ପୁତ୍ର ଗୟାଧରଙ୍କ ୧୨ବର୍ଷର ଝିଅ ଅଛି। ପୁଅଙ୍କୁ ଅକାଳରେ ହରାଇ ବୃଦ୍ଧ ବାପା, ମା’ ଶୋକରେ ବୁଡ଼ିଯାଇଛନ୍ତି। ତାଙ୍କ ଶବଧାରରେ ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା, ଖବରଦାତା କମ୍ବୁପାଣି ସାହୁ, ସତ୍ୟନାରାୟଣ କୁମାର, ରିଞ୍ଜା ହାଇସ୍କୁଲ ଶିକ୍ଷକ ବେଲାର ପୁଟେଲଙ୍କ ସହ ବହୁଲୋକ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ପ୍ରେସ କ୍ଲବ ସମ୍ପାଦକ ପ୍ରଦୀପ ସାହୁ, ଭଜଶ୍ୟାମ ସାହୁ, ଯୁବରାଜ ସାହୁ, ସମିତି ସଭ୍ୟ ସିନୁ ବେହେରା, ପୂର୍ବତନ ସରପଞ୍ଚ ନାରାୟଣ ରଣା, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, ଅନ୍ତର୍ଯ୍ୟାମୀ ସାହୁ, ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ଶୋକପ୍ରକାଶ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସେ ଜଣେ ସ୍ୱୀକୃତିପ୍ରାପ୍ତ ହକର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରେସ କ୍ଲବ ପକ୍ଷରୁ ନିବେଦନ କରାଯାଇଛି।



ବରଗଡ଼ ଧନୁଯାତ୍ରା ଅବସରରେ ଅନୁଷ୍ଠିତ ସାଂସ୍କୃତିକ ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ ।



ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ।

# ସାଂସ୍କୃତିକ ଶୋଭାଯାତ୍ରାରୁ ବରଗଡ଼ ଧନୁଯାତ୍ରାର ଝଲକ୍

**ବରଗଡ଼ ଅଫିସ୍,୨୭।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୧୧ଦିନ ବ୍ୟାପୀ ଏହା ଚାଲିବ। ଧନୁଯାତ୍ରା ମହୋତ୍ସବ ଏଥର ୭୫ ବର୍ଷରେ ପଦାର୍ପଣ କରୁଛି। ଫଳରେ ଧନୁଯାତ୍ରାକୁ ଅନ୍ୟବର୍ଷ ତୁଳନାରେ ଏଥର ଅଧିକ ଆକର୍ଷଣୀୟ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ଏଥର ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ବ୍ୟାପକ କରାଯାଇଛି।

ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଧନୁଯାତ୍ରା ପ୍ରଚାର, ପ୍ରସାର କମିଟି ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଏସ୍‌ପି ସ୍ମିତ୍ ପି. ପରମାର୍ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା ତଥା ଜିଲା ବାହାର ଅନେକ ସାଂସ୍କୃତିକ ଅନୁଷ୍ଠାନ ସାମିଲ ହୋଇଥିଲେ। ସାଂସ୍କୃତିକ ଦଳର ଦୁଲଦୁଲି, ପରଭା, ଢୁଢୁକା, ଆଦିବାସୀ ନୃତ୍ୟ, ସଂକୀର୍ତ୍ତନ ଦଳ ଆଦିର ତାଳେତାଳେ ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିର ଅଭିମୁଖେ ବାହାରିଥିଲା।

ସାଂସ୍କୃତିକ ଶୋଭାଯାତ୍ରାରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିର ଅଭିମୁଖେ ଆଗେଇ ଚାଲିଥିବାବେଳେ ସହର ମୁଖ୍ୟରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ଦ ରହିଥିଲା ଏବଂ ସ୍ଥାନୀୟ ଲୋକେ ମନଭରି ଏହାକୁ ଉପଭୋଗ କରୁଥିଲେ। ପ୍ରକାଶଥାଉକି, କିଛିବର୍ଷ ତଳେ ବରଗଡ଼ ସାମ୍ବାଦିକ ସଂଘ ଧନୁଯାତ୍ରା ପାଇଁ ଏଭଳି ଏକ ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲା ଏବଂ ତାହା ଏବେ ମଧ୍ଯ ଜାରି ରହିଛି।




ଜିଲାପାଳ, ଏସ୍‌ପି ସାଂସ୍କୃତିକ ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

### ଆଜିର ଆକର୍ଷଣ
**୨୮।୧୨।୨୨(ବୁଧବାର)**

**ମଥୁରାନଗରୀ**

ସନ୍ଧ୍ୟା ୬ଟା– ରଙ୍ଗମହଲ ଉଦ୍‌ଘାଟନ (ଲୋକମଣ୍ଡପ ପଡ଼ିଆ), ରାତିରେ ସମଲେଶ୍ୱରୀ ମଣ୍ଡପସ୍ଥିତ କାରାଗାରରେ ଶ୍ରୀକୃଷ୍ଣ ଜନ୍ମ, ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଯାତ୍ରା, ଉଗ୍ରସେନଙ୍କ ସହ ଭେଟ, ବିଜୁଳିକନ୍ୟା ସହ ମଥୁରା ପ୍ରତ୍ୟାବର୍ତ୍ତନ।

**ଗୋପପୁର**

ଶ୍ରୀକୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁରରେ ପ୍ରବେଶ, ବିଜୁଳି କନ୍ୟାଙ୍କ ସହ ମଥୁରା ଗମନ।

## ୩୮୦ ମହିଳା ସଂଘକୁ ୮.୭୮ କୋଟି ଋଣ




ମିଶନ ଶକ୍ତି ଋଣ ମେଳାରେ ମଞ୍ଚାସୀନ ଅତିଥି।

**ଅମରପାଲି,୨୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ବ୍ଲକ ମିଶନ ଶକ୍ତି ବିଭାଗ ତରଫରୁ ମିଶନ ଶକ୍ତି ଋଣମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଋଣ ମେଳାକୁ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ଉଦ୍‌ଘାଟନ କରିଥିଲେ। ବିଡିଓ ମୋତିଲାଲ ସୁଲିଆ, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ମିଶନ ଶକ୍ତି ଜିଲା ସଂଯୋଜକ କାର୍ତ୍ତିକ ନାଏକ, ବିପିଏମ ମନୋଜ ବାଘ, ରମାକାନ୍ତ ହରିପାଲ, ରଞ୍ଜିତ ଖମାରୀ, ସିଡିପିଓ ସୁଦର୍ଶନୀ ରଥ, ବିଥିକା ରାଣୀ ମିଶ୍ର, ପ୍ରଫୁଲ୍ଲ କୁମାର ବାରିକ, ସମସ୍ତ ବ୍ୟାଙ୍କ ଅଧିକାରୀ, ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମେଳାରେ ୩୮୦ ଗ୍ରୁପକୁ ୮ କୋଟି ୭୮ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

## ଟ୍ରକ୍–ବୋଲେରୋ ଧକ୍କା, ୬ ଗୁରୁତର

**ରୁପ୍ରାରୋଡ/ନର୍ଲା,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ଭାୟା ମ. ରାମପୁର ଦେଇ ଯାଇଥିବା ରାଜ୍ୟ ରାଜପଥ ବାଗପୁର ତାରିଣୀ ମନ୍ଦିର ଛକ ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୫ଜଣଙ୍କ ସମେତ ୬ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ତାରିଣୀ ମନ୍ଦିର ଛକ ନିକଟରେ ଟ୍ରକ୍ (ନଂ.ଟିଏସ୍‌୦୭ୟୁଇ–୬୪୭୯) ନର୍ଲା ପଟୁ ଆସୁଥିଲା। ମ. ରାମପୁର ପଟରୁ ଆସୁଥିବା ବୋଲେରୋ (ନଂ.ଓଆର୍‌୦୮ଏଚ୍–୧୪୭୯) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋରେ ବସିଥିବା ଗୋଟିଏ ପରିବାରର ଜଣେ ଛୋଟ ଶିଶୁଙ୍କ ସମେତ ୬ଜଣ ଗୁରୁତର ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ବୋଲେରୋ ଡ୍ରାଇଭରଙ୍କ ସମେତ ବାପା, ମା’ ଓ ତାଙ୍କ ଦୁଇ ଝିଅ (ଜଣେ ବିବାହିତ) ଓ ଛୋଟ ଶିଶୁ ଥିଲେ।

## କନକସର୍ପା ଜଙ୍ଗଲରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଲାଞ୍ଜିଗଡ଼,୨୭।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମାଲିଯୁବାଙ୍ଗ ଗ୍ରାମପଞ୍ଚାୟତ ବଙ୍କାକୁଣ୍ଡ ଗାଁର ନିଖୋଜ ପୀନା ସାହୁଙ୍କ ମୃତଦେହ କନକସର୍ପା ଜଙ୍ଗଲରୁ ମଙ୍ଗଳବାର ପୋଲିସ ଜବତ କରିଛି। ସେ ଗତ ରବିବାରରୁ ନିଖୋଜ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁସାରେ, ବଙ୍କାକୁଣ୍ଡ ଗାଁର ପୀନା ରବିବାର ସନ୍ଧ୍ୟାରେ ଘରୁ କୁଆଡେ ବାହାରି ଯାଇ ଆଉ ଫେରି ନ ଥିଲେ। ରାତିରେ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ସୋମବାର ପରିବାର ଲୋକେ ଖୋଜାଖୋଜି କରିବାବେଳେ ସନ୍ଧ୍ୟାରେ କନକସର୍ପା ଜଙ୍ଗଲ ନିକଟରେ ପୀନାଙ୍କ ବାଇକ୍ ଦେଖିବାକୁ ପାଇଥିଲେ। ପରିବାର

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଲୋକେ ଜଙ୍ଗଲରେ ପୀନାଙ୍କୁ ଠାବ କରିବାକୁ ଉଦ୍ୟମ କରିଥିଲେ ହେଁ ରାତି ହୋଇଯିବାରୁ ଫେରି ଆସିଥିଲେ। ମଙ୍ଗଳବାର ସକାଳୁ ପରିବାର ଲୋକେ କନକସର୍ପା ଜଙ୍ଗଲରେ ଖୋଜିବା ବେଳେ ଏକ ବରଗଛ ତଳେ ପୀନାଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ବିଜେପୁର ଥାନାରେ ଅଭିଯୋଗ କରିଥିଲେ। ବିଜେପୁର ଥାନା ଦାୟିତ୍ୱରେ ଥିବା ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର, ବିଜେପୁର ଏଏସଆଇ ଲିଙ୍ଗରାଜ ସେଠୀଙ୍କ ନେତୃତ୍ୱରେ ପୋଲିସ, ସାଇଣ୍ଟିଫିକ ଦଳ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହିତ ତଦନ୍ତ ଆରମ୍ଭ କରିଥିଲା।

## ବୌଦ୍ଧରେ ଏନ୍‌ଏସି ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ

**ବୌଦ୍ଧ,୨୭।୧୨(ସ୍ୱ.ପ୍ର.)**

ବୌଦ୍ଧଗଡ ଏନଏସି ପକ୍ଷରୁ ଦୁଇଦିନିଆ ଆଥଲେଟିକ୍ ମିଟ୍ ଜିଲା ଷ୍ଟାଡିୟମଠାରେ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କ୍ରୀଡା ମଶାଲ ସ୍ଥାପନ କରିବା ସହିତ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଏନଏସି ଉପାଧକ୍ଷା ସୁଭାଷିନୀ ସେଠୀ,ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ରବିନ୍ଦ୍ର କୁମାର ରାଉତ,ନିର୍ବାହୀ ଅଧିକାରୀ ଏନଏସି ଇ. ମନୋରଞ୍ଜନ ପଣ୍ଡା, ଆନନ୍ଦ ବେହେରା ଓ ୱାର୍ଡ ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ। ଜାତୀୟ ସନ୍ତରଣକାରୀ ମୃତ୍ୟୁଞ୍ଜୟ ମିଶ୍ର ଏନଏସି ଅଧକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଏନଏସି ପକ୍ଷରୁ କ୍ରୀଡାର ବିକାଶକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏନଏସି ପକ୍ଷରୁ ପୂର୍ବରୁ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସାରିଥିବା ବେଳେ ବର୍ତ୍ତମାନ ଆଥଲେଟିକ୍ ମିଟ୍ ଆୟୋଜନ କରାଯାଉଛି। ଫଳରେ ଜିଲାର ଖେଳାଳିମାନେ ପ୍ରୋତ୍ସାହନ ପାଇବା ସହିତ ଜିଲା ପାଇଁ ଗୌରବ ଆଣିବା ସମ୍ଭାବନା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ବୌଦ୍ଧରୁ ୬ ଜଣ ସନ୍ତରଣକାରୀ ଜାତୀୟ ସ୍ତରରେ ରାଜ୍ୟରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହେବା ପରେ ଜିଲାପାଳ ତଥା ଜିଲା କ୍ରୀଡା ସଂଘର ସଭାପତି ସତ୍ୟରଞ୍ଜନ ସାହୁ ଉକ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏନଏସି ପକ୍ଷରୁ ଆୟୋଜିତ ଏହି ଆଥଲେଟିକ୍ ମିଟ୍‌ରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ବିଭିନ୍ନ ବିଦ୍ୟାଳୟର ୨୦ରୁ ଉର୍ଦ୍ଧ୍ୱ କ୍ରିଡା ଶିକ୍ଷକ ଖେଳ ପରିଚାଳନା କରିଥିଲେ।




ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୨୭।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ବର୍ତ୍ତମାନ ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ କାର୍ଯ୍ୟ ଚାଲିଥିବା ବେଳେ ବୌଦ୍ଧ ଜିଲାବାସୀ ରେଢାଖୋଲ ରେଳଷ୍ଟେଶନ ଉପରେ ନିର୍ଭର କରି ଆସୁଛନ୍ତି। ଭାରତୀୟ କିଷାନ ସଂଘ ବୌଦ୍ଧ ଶାଖା ପକ୍ଷରୁ ରେଢାଖୋଲ ରେଳ ଷ୍ଟେଶନରେ ସାର ରଖିବା ପାଇଁ ର୍‍ୟାକ୍ ନିର୍ମାଣ କରିବା ସମେତ ତିନି ଦଫା ଦାବିପତ୍ର ରେଳ ବିଭାଗର ଡିଆରଏମଙ୍କୁ ପ୍ରଦାନ କରାଯାଇଛି । କିଷାନ ସଂଘ ଜିଲା ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଦିନ ସମ୍ବଲପୁର ଡିଆରଏମଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ବୌଦ୍ଧ, ସୋନପୁର ଜିଲା ସମେତ ଅନୁଗୋଳ ଜିଲାର ଆଠମଲ୍ଲିକ ଆଦି ଅଞ୍ଚଳର ଚାଷୀଙ୍କ ପାଇଁ ଉର୍ଦ୍ଦିଷ୍ଟ ସାର ରେଢାଖୋଲ ଷ୍ଟେଶନରେ ର୍‍ୟାକ୍ ନ ଥିବା ହେତୁ ସିଧା ବଲାଙ୍ଗୀର ଚାଲିଯାଉଛି। ଫଳରେ ସାର ପାଇବା ପାଇଁ ବଲାଙ୍ଗୀର ଉପରେ ଅଞ୍ଚଳର ଚାଷୀ ନିର୍ଭର କରୁଛନ୍ତି।




ବୌଦ୍ଧ କିଷାନ ସଂଘ କର୍ମକର୍ତ୍ତା ଡିଆରଏମଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

ବଲାଙ୍ଗୀରରୁ ସାର ଆଣିବା ଦ୍ୱାରା ଅଯଥା ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏଣୁ ରେଢାଖୋଲ ରେଳଷ୍ଟେଶନରେ ସାର ଗଚ୍ଛିତ ରଖିବା ପାଇଁ ତୁରନ୍ତ ଏକ ର୍‍ୟାକ୍ ନିର୍ମାଣ କରାଯାଉ ବୋଲି ଦାବି ହୋଇଛି। ସେହିପରି ଏ ଅଞ୍ଚଳର ଯାତ୍ରୀ ଜାତୀୟ ରାଜପଥରେ ଓହ୍ଲାଇ ପାଦଚଲା ରାସ୍ତାରେ ମାତ୍ର କେଇ ମିଟର ଯାଇ ଷ୍ଟେଶନରେ ପହଞ୍ଚି ପାରୁଥିଲେ। କିନ୍ତୁ ଦୁଇ ନମ୍ବର ପ୍ଲାଟଫର୍ମ ନିର୍ମାଣ ହେବା ପରେ ଉକ୍ତ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ଷ୍ଟେଶନ ଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ସୁଣ୍ଡିମୁଣ୍ଡା ଛକରେ ବସ ସବୁ ରହୁଥିବାରୁ ଯାତ୍ରୀମାନେ ପିଲାଛୁଆ ଓ ଜିନିଷ ପତ୍ର ଧରି ଯାତ୍ରା କରିବା ଦ୍ୱାରା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଯାତ୍ରୀଙ୍କ ସୁବିଧା ପାଇଁ ପାଦଚଲା ରାସ୍ତା ନିର୍ମାଣ କରାଯାଉ। ଏହାଛଡା ଚାଷୀଙ୍କୁ ରେଳରେ ରିହାତି ପ୍ରଦାନ କରିବାକୁ ଦାବି ହେଉଛି । ଦାବିପତ୍ର ପ୍ରଦାନ ସମୟରେ ଦୂତିବାହନ କମ୍ପ,ତପନ ଡାଙ୍ଗ, ସୁଶିଲ ଭୋକ୍ତା, ଆରତ ଧଳ, ସଦାନନ୍ଦ ସାହୁ,ନରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱାମୀଙ୍କ କୁରାଢ଼ି ଚୋଟରେ ସ୍ତ୍ରୀ ଗୁରୁତର

ଝାରସୁଗୁଡ଼ା ଅଫିସ/ବେଲପାହାଡ,୨୭।୧୨: ବେଲପାହାଡ ଥାନା ଅନ୍ତର୍ଗତ ଜୁନାଡ଼ିହି ଅଞ୍ଚଳରେ ସ୍ୱାମୀଙ୍କ କୁରାଢ଼ି ଚୋଟରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ମହିଳା ଜଣଙ୍କ ହେଲେ ରୀନା ପୂଜାରୀ। ଏ ନେଇ ପୋଲିସ ବେଲପାହାଡ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏହି ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ପଦ୍ମଲୋଚନ ପୂଜାରୀ (୩୮)ଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ପାରିବାରିକ କଳହରୁ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପଦ୍ମଲୋଚନ କୁରାଢ଼ିରେ ରୀନାଙ୍କୁ ଆକ୍ରମଣ କରିଥିଲେ।

### ଦୁର୍ଘଟଣା: ୩ ଗାଡ଼ି ଚୂର୍‌ମାର, ଚାଳକ ଆହତ

କୋଲାବିରା,୨୭।୧୨(ଡି.ଏନ.ଏ.): କୋଲାବିରା ଥାନା ଜାତୀୟ ରାଜପଥ ୪୯ କୁଣ୍ଡରୁସିଂହା ବାଲିଜୁରି ନାଳ ନିକଟରେ ମଙ୍ଗଳବାର ତିନୋଟି ଟ୍ରକ ମଧ୍ୟରେ ଧକ୍କା ହୋଇଛି। ଏଥିରେ ଜଣେ ଚାଳକ ଆହତ ହୋଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ସୂଚନାମତେ କେନ୍ଦୁଝରର ପଟୁ ଝାରସୁଗୁଡ଼ା ଅଞ୍ଚଳକୁ ଲୁହାପଥର ବୋଝେଇ ଓଡିଶା୨୫ସି-୨୯୬୪ନଂ. ବିଶିଷ୍ଟ ଟ୍ରକ୍ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ଓଡିଶା୨୫ସି-୯୮୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଟ୍ରକ୍‌ର ସମ୍ମୁଖ ଭାଗ ଚୁର୍‌ମାର ହୋଇଯାଇଛି। ଏହି ସମୟରେ ଅନ୍ୟ ଏକ ଟ୍ରକ୍ (ଓଡି୧୯ପି ୧୧୭୫) ଦୁର୍ଘଟଣାଗ୍ରସ୍ତ ଟ୍ରକ ପଛରେ ବାଡେଇ ହୋଇ ଓଲଟି ପଡିଥିଲା। ଦୁର୍ଘଟଣାରେ ଲୁହାପଥର ବୋଝେଇ ଟ୍ରକ୍ ଚାଳକ ଆହତ ହୋଇଛନ୍ତି। କୋଲାବିରା ପୋଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ୩ ଟ୍ରକ୍‌କୁ ଜବତ କରିଛି।

### ହାଇସ୍କୁଲ ପୁରାତନ ଛାତ୍ରୀଙ୍କ ବନ୍ଧୁ ମିଳନ

ପଡ଼ିଆବାହାଲ, ୨୭।୧୨(ଡି.ଏନ.ଏ.): ଯୁଯୁମୁରା ବ୍ଲକ ପରମାଣପୁର ବାଳିକା ହାଇସ୍କୁଲର ୧୯୮୩ରୁ ୨୦୧୮ ମସିହା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟାଚ୍‌ର ଛାତ୍ରୀମାନଙ୍କୁ ନେଇ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ପଧାନଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ହୋଇଥିଲା। ପରମାଣପୁର ସରପଞ୍ଚ ମହେନ୍ଦ୍ର କୁମାର ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନ କାଳରେ ବନ୍ଧୁତ୍ୱର ମହତ୍ୱ ଉପରେ ଅଭିଭାଷଣ ରଖିଥିଲେ। ସ୍କୁଲର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରୀ ସୌଦାମିନୀ ବାରିକ, ଲିପିକା ନାଥ, ଏଲିଜା ନାଥ, ସୁଷମା ପଧାନ, ଶ୍ରଦ୍ଧାଞ୍ଜଳି ପଧାନ, ସ୍ମିତାରାଣୀ ନାୟକ ଓ ସାଥିମାନଙ୍କ ଆୟୋଜନରେ ବିଭିନ୍ନ ସାଂସ୍କୃତିକ, ପାରମ୍ପରିକ ଭେଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଦୁର୍ଘଟଣା: ୬ ଗୁରୁତର

ରୁପ୍ରାରୋଡ/ନର୍ଲା,୨୭।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ଭାୟା ମ. ରାମପୁର ଦେଇ ଯାଇଥିବା ରାଜ୍ୟ ରାଜପଥ ବାଗପୁର ତାରିଣୀ ମନ୍ଦିର ଛକ ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୫ଜଣଙ୍କ ସମେତ ୬ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଲେଖାଲେଖି ଦ୍ୱାରା ଅନାଲୋଚିତ ପ୍ରସଙ୍ଗ ପଦାକୁ ଆସିବ

**ଆଲୋଚନାଚକ୍ର ଓ ଅଭିଲେଖା ପ୍ରଦର୍ଶନୀ**

ସମ୍ବଲପୁର,୨୭।୧୨(ବ୍ୟୁରୋ)

ଇତିହାସର ଅନେକ ଅନାଲୋଚିତ ପ୍ରସଙ୍ଗ, ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ବିଷୟରେ ତଥ୍ୟ ଏବେ ମଧ୍ୟ ପ୍ରକାଶ ପାଇ ନାହିଁ। ଏହାକୁ ଲୋକଲୋଚନକୁ ଆଣିବା ପାଇଁ ସ୍ଥାନୀୟ ଲୋକଙ୍କୁ ଆଗେଇ ଆସିବାକୁ ହେବ। ମଙ୍ଗଳବାର ସମ୍ବଲପୁର ଆଞ୍ଚଳିକ ଅଭିଲେଖାଗାରଠାରେ ଆୟୋଜିତ ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀରେ ଯୋଗଦେଇ ବକ୍ତାମାନେ ଏହା କହିଛନ୍ତି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଇତିହାସର ମହତ୍ତ୍ୱ ଏବଂ ଏ ସମ୍ପର୍କିତ ତଥ୍ୟକୁ ସାଇତି ରଖିବାରେ ଅଭିଲେଖାଗାରର ଭୂମିକା ବିଷୟରେ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ମୁଖ୍ୟଅତିଥି, ଅବସରପ୍ରାପ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡ. ଅଶୋକ ପଟ୍ଟନାୟକ ଯୋଗଦେଇ ସମ୍ବଲପୁର ଇତିହାସ ଘଟଣାବହୁଳ। ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ହୋଇଥିବା ସଶସ୍ତ୍ର ସଂଗ୍ରାମ ଯେଭଳି ଅନନ୍ୟ, ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ହୋଇଥିବା ସଂଗ୍ରାମର ପ୍ରତିଟି ପର୍ଯ୍ୟାୟରେ ସମ୍ବଲପୁରର ସମ୍ପର୍କ ମଧ୍ୟ ନିଆରା। ତେବେ ବହୁ ପ୍ରସଙ୍ଗ ସାରା ଓଡ଼ିଶାବାସୀଙ୍କୁ ଅଜଣା। ଅଞ୍ଚଳର ଲୋକଙ୍କ ଲେଖାଲେଖି ଦ୍ୱାରା ଏହା ଲୋକଲୋଚନକୁ ଆସିପାରିବ ବୋଲି କହିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ରଘୁମଣି ନାୟକ, ବରଗଡ ଟ୍ରଷ୍ଟଫଣ୍ଡ କଲେଜ ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ଜଗଦୀଶ ମିଶ୍ର, ଐତିହାସିକ ଦୀପକ କୁମାର ପଣ୍ଡା ବକ୍ତା ଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଶେଖ ସୁଲେମାନ ଅଲ୍ଲୀ, ସମ୍ବଲପୁର ଅଭିଲେଖାଗାର ସଂଗ୍ରହାଧ୍ୟକ୍ଷ କିଶୋର ନାଏକ,ପ୍ରଶାନ୍ତ ମହାକୁଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶନୀ ଚାଲିବ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଲୋକଙ୍କ ଅଭିଯୋଗ ବୁଝୁଛନ୍ତି ଜିଲାପାଳ।

ଝାରସୁଗୁଡ଼ା ଅଫିସ,୨୭।୧୨

କିମିରା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୨୪ ଅଭିଯୋଗ ମଧ୍ୟରୁ ୧୪ଟି ବ୍ୟକ୍ତିଗତ ଓ ୧୦ ସାମୂହିକ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ମଧୁବାବୁ ପେନସନ୍, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ଚିକିତ୍ସା ସହାୟତା ଓ ସାମୂହିକରେ ଅଙ୍ଗନୱାଡ଼ି କର୍ମୀଙ୍କ ଆନ୍ଦୋଳନ, ଧୁତୁରା ସ୍ଥିତ ଅଲଟ୍ରାଟେକ ସିମେଣ୍ଟ କାରଖାନାର ବାୟୁପ୍ରଦୂଷଣ ଆଦି ଅଭିଯୋଗ ହୋଇଥିଲା। ୪ ଜଣଙ୍କୁ ଚିକିତ୍ସା ସହାୟତା ବାବଦକୁ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଡୋଲାମଣୀ ପଟେଲ, ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, ବିଡିଓ ସୂର୍ଯ୍ୟ କୁମାର ନାୟକଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆନ୍ତଃ ଜିଲା ଫୁଟବଲ୍: ଖୁଲିଆ ଏଫ୍‌ସି ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଝାରସୁଗୁଡ଼ା ଅଫିସ,୨୭।୧୨

ଲଖନପୁର ବ୍ଲକ୍ ରମ୍ପେଲା ପଞ୍ଚାୟତ ବରକାନୀପାଲି ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଏକ ଦିବସୀୟ ଆନ୍ତଃ ଜିଲା ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଦଳ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ଖୁଲିଆ ଏଫ୍‌ସି ଓ ଝାରସୁଗୁଡ଼ା ଆଦର୍ଶ କ୍ଲବ୍ ମଧ୍ୟରେ ଫାଇନାଲ୍ ମ୍ୟାଚ ଖେଳାଯାଇଥିଲା। ଆଦର୍ଶ କ୍ଲବ୍‌କୁ ୧-୦ଗୋଲ୍‌ରେ ପରାସ୍ତକରି ଖୁଲିଆ ଏଫ୍‌ସି ଚାମ୍ପିୟନ ହୋଇଥିଲା ରେଫରି ଭାବେ କର୍ଣ୍ଣେକେଶ୍ୱର ଦାସ ଓ ନିଳ ନାୟକ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ ହେମନ୍ତ ପ୍ରଧାନ ମୁଖ୍ୟଅତିଥି, ସୌକତୁଲ୍ଲା ଖାନ ମୁଖ୍ୟବକ୍ତା ଓ ମହେନ୍ଦ୍ର ସାହୁ, ଚତୁର୍ଭୁଜ ସାହୁ, କୈଳାସ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୫ହଜାର ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ଯୁବକ ସଂଘ ସଭାପତି ପ୍ରଦୀପ ସାହୁ, ସମ୍ପାଦକ ଅଜୟ ଖମାରୀ, ହେମନ୍ତ ଭୋଇ ସହଯୋଗ କରିଥିଲେ।

# ପିସ୍ତଲ ଦେଖାଇ ଲୁଟିନେଲେ ୧ଲକ୍ଷ

ନାକଟିଦେଉଳ,୨୭।୧୨(ଡ଼ି.ଏନ.ଏ.)

ନାକଟିଦେଉଳ ଥାନା ଅନ୍ତର୍ଗତ ନାକଟିଦେଉଳ-ବାଟଗାଁ ରାସ୍ତାର ଶ୍ରୀଗିଡ଼ା ନାଳଠାରେ ଜଣେ ବାଇକ୍ ଆରୋହୀଙ୍କୁ ୨ଜଣ ବ୍ୟକ୍ତି ପିସ୍ତଲ ଦେଖାଇ ୧ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁସାରେ ବାଟଗାଁ ଛକଠାରେ ଭାଲୁଗାଡ଼ିଆ ଗ୍ରାମର ଅମୂଲ୍ୟ କୁମାର ନାଏକ ଟଙ୍କା ନେଣଦେଣ ପାଇଁ ଏକ ଗ୍ରାହକ ସେବାକେନ୍ଦ୍ର ଖୋଲିଛନ୍ତି। ମଙ୍ଗଳବାର ଅମୂଲ୍ୟ ନାକଟିଦେଉଳ ଏସ୍‌ବିଆଇ ବ୍ୟାଙ୍କରୁ ୧ଲକ୍ଷ ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଯାଉଥିବାବେଳେ ଦୁଇ ଅଜଣା ବ୍ୟକ୍ତି ହେଲମେଟ୍ ପିନ୍ଧି ଏକ ପଲସର ଗାଡ଼ିରେ ତାଙ୍କ ନିକଟକୁ ଆସି ଅଟକାଇଥିଲେ। ସେମାନେ ପିସ୍ତଲ ଓ ଭୁଜାଲି ଦେଖାଇ ସମସ୍ତ ଟଙ୍କା ଲୁଟ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଅମୂଲ୍ୟଙ୍କୁ ପଚରାଉଚୁରା କରିଥିଲେ। ଅମୂଲ୍ୟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଭିଏସ୍‌ଏସ୍ ବିମାନ ବନ୍ଦରରେ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା ଅଫିସ,୨୭।୧୨

ଆସନ୍ତା ୧୩ ତାରିଖରୁ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ବିଶ୍ୱକପ ହକି ଅନୁଷ୍ଠିତ ହେବ। ଭାରତୀୟ ଜୁନିୟର ହକି ଦଳ ରାଉରକେଲାରେ ପହଞ୍ଚି କୋରିଆ ଦଳ ସହିତ ଅଭ୍ୟାସ ମ୍ୟାଚ୍ ଜାରିରଖିଛି। ଅନ୍ୟପକ୍ଷେ ଭାରତୀୟ ସିନିୟର ଦଳର ହକି ଖେଳାଳିମାନେ ମଙ୍ଗଳବାର ଦିଲ୍ଲୀରୁ ବିମାନ ଯୋଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ବିମାନ ଯୋଗେ ଆସି ଅପରାହ୍ନରେ ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଥିଲେ। ଏଥିରେ ଖେଳାଳିଙ୍କ ସହିତ କୋଚ୍ ଗ୍ରାହାମ୍ ଜନ ରିଡ୍, ଅଧିନାୟକ ହରମନପ୍ରୀତ୍ ସିଂହ, ଉପଅଧିନାୟକ ଅମିତ ରୋହିଦାସ ପ୍ରମୁଖ ରହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା କ୍ରୀଡା ଅଧିକାରୀ ସୁଶିଲ ମିଶ୍ର ପ୍ରମୁଖ ବିମାନ ବନ୍ଦରରେ ପହଞ୍ଚି ଖେଳାଳିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏକ ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିମାନେ କଡା ସୁରକ୍ଷା ମଧ୍ୟରେ ରାଉରକେଲା ଅଭିମୁଖେ ଯାତ୍ରା କରିଥିଲେ।



ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ଅତିରିକ୍ତ ଜିଲାପାଳ।

# ଗିରଫଦାରିରେ ଦଳୀୟ ପ୍ରୀତିକୁ ନେଇ ଚର୍ଚ୍ଚା

**ଓକିଲଙ୍କ ଆନ୍ଦୋଳନ ପ୍ରସଙ୍ଗ**

ସମ୍ବଲପୁର,୨୭।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ଡ଼ିସେମ୍ବର ୧୨ରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଆନ୍ଦୋଳନକାରୀ କୋର୍ଟ ଭିତରକୁ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଏହାସହ ବିଚାରପତିମାନଙ୍କୁ ବାହାର କରିଦେଇଥିଲେ। ଏହି ଘଟଣାରେ ମୋଟ ୪ ଗୋଟି ମାମଲା ରୁଜୁ ହୋଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୭ ଓକିଲ, ୮ କିନ୍ନର ଓ ଜଣେ ସାଧାରଣ ଲୋକଙ୍କୁ ଗିରଫ କରିଛି। ଏହାସହ ୩ ଜଣ ଓକିଲ ଆତ୍ମସମର୍ପଣ କରିଥିଲେ। ମୋଟ ୩୯ଜଣ ଏବେ ଜେଲ ଭିତରେ ଅଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦେଶ କ୍ରମେ ଗିରଫ କରାଯାଇଥିବା ପୋଲିସ କହୁଛି। ହେଲେ ପୋଲିସର ଗିରଫଦାରୀ ପଛରେ ରାଜନୀତିର ବାସ୍ନା ଆସୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। କଂଗ୍ରେସ ଓ ଭାଜପା ଦଳରେ ସକ୍ରିୟ ସଦସ୍ୟ ଥିବା କିମ୍ବା ଏହି ଦଳକୁ ସମର୍ଥନ କରୁଥିବା ଓକିଲମାନଙ୍କୁ ଗିରଫ କରାଯାଇଛି। ହେଲେ ଏକ ନିର୍ଦ୍ଦିଷ୍ଟ ଦଳର ଓକିଲମାନଙ୍କୁ ଗିରଫ କରିବାରେ ପୋଲିସ ପଛଘୁଞ୍ଚା ଦେଉଛି। ଗିରଫ ୩୦ ଓକିଲଙ୍କ ମଧ୍ୟରେ ମାତ୍ର ଦୁଇଜଣ ଉକ୍ତ ଦଳର ସଦସ୍ୟ ରହିଛନ୍ତି। ଜଣେ ୧୪୪ ଧାରା ଲାଗୁ ସତ୍ତ୍ୱେ କୋର୍ଟ ଆସିବାରୁ ଗିରଫ କରାଯାଇଥିଲା। ଆନ୍ଦୋଳନ ସମୟର ଭିଡିଓକୁ ପ୍ରମାଣ ଭାବେ ନିଆଯାଏ। ଏହା ହେଲେ ଅନ୍ୟ ଦଳର ନେତା ଓ ଓକିଲମାନେ କୋର୍ଟ ରୁମ ଓ ପରିସରରେ ରହିଥିବା ଜଣାପଡ଼ିଛି। ଉକ୍ତ ଦଳର କେତେଜଣ ଓକିଲ ସଂଘର ବିଭିନ୍ନ ପଦପଦବୀରେ ଅଛନ୍ତି। ତେଣୁ ପୋଲିସ ଗିରଫ କରିବା ପଛରେ ଅନୁକମ୍ପା ରହୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏସ୍‌ପି ବତୁଲା ଗଙ୍ଗାଧର କହିଛନ୍ତି, ପୋଲିସ କାହା ଚାପରେ ନାହିଁ। ସିସିଟିଭି ଆଧାର କରି ଗିରଫ କରାଯାଇଛି। ଆଇନ ଆଗରେ ସମସ୍ତେ ସମାନ। ଗିରଫ ସମୟରେ ଦଳ କାହିଁକି ଦେଖାଯିବ। ଯାହା ଆଲୋଚନା ହେଉଥିବ ତାହାର କୋଣସି ସତ୍ୟତା ନାହିଁ ବୋଲି ସେ କହିଥିଲେ।

# ଏମ୍‌ସିଏଲ୍ କୋଇଲା ଉତ୍ପାଦନରେ ଲକ୍ଷ୍ୟ ହାସଲ କରିଛି

**କୋଲ ଇଣ୍ଡିଆ ଚେୟାରମ୍ୟାନଙ୍କ ପ୍ରଶଂସା**

ସମ୍ବଲପୁର,୨୭।୧୨(ବ୍ୟୁରୋ)

ବାର୍ଷିକ କୋଇଲା ଉତ୍ପାଦନରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) କ୍ରମାଗତ ଭାବେ ଲକ୍ଷ୍ୟ ହାସଲ କରିଚାଲିଛି। ଆସନ୍ତା ଆର୍ଥିକ ବର୍ଷରେ କମ୍ପାନୀ ୭ଶହ ମେଟ୍ରିକ ଟନ୍ କୋଇଲା ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ମଙ୍ଗଳବାର ଭର୍ଚୁଆଲ ଜରିଆରେ ଆୟୋଜିତ ସମ୍ମିଳନୀରେ କୋଲ ଇଣ୍ଡିଆ ଚେୟାରମ୍ୟାନ ପ୍ରମୋଦ ଅଗ୍ରୱାଲ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ, ଅଧିକାରୀ ଓ କର୍ମଚାରୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁ ଏମ୍‌ସିଏଲ୍‌ର ବର୍ଦ୍ଧିତ ଲକ୍ଷ୍ୟ ମଧ୍ୟ ସହଜ ହୋଇଛି। କୋଇଲା ଉତ୍ପାଦନ ଲକ୍ଷ୍ୟରେ ୧୫.୯ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକରଣ କରିଥିବାରୁ ଏମ୍‌ସିଏଲ୍ ଟିମ୍‌କୁ ସେ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ବୋରା, ଅର୍ଥ ନିର୍ଦ୍ଦେଶକ ଅଜିତ କୁମାର ବେହୁରାଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ରେଙ୍ଗାଲି,୨୭।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ କମିଟି ସଭାପତି ରାଜୀବ ମିଶ୍ରଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି, ସାହିତ୍ୟିକ ଡ. ଗୌରିଦାସ ପଧାନ ମୁଖ୍ୟବକ୍ତା, ସତ୍ୟଜିତ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସଞ୍ଜୁଲତା ସାହୁ ବାର୍ଷିକ ବିବରଣୀ ପାଠ ଓ ସମ୍ପାଦକ ସରୋଜ ବିଶୋଇ ସଭା ପରିଚଳନା କରିଥିଲେ। ଏହି ଅବସରରେ ରଙ୍ଗୋଲି ପ୍ରତିଯୋଗିତାର ଜ୍ୟୋତିର୍ମୟୀ ଷଣ୍ଢ, ରୁବି ଦାସ, ଏମ୍ ପ୍ରଦାୟିନୀ ବିଶ୍ୱାଳ ଓ ନିଃଶୁଳ୍କ ଭାବରେ କାର୍ଯ୍ୟରତ ଖେଳଶିକ୍ଷକ ପ୍ରଫୁଲ୍ଲ ଗହୀରଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ଦିଆଯାଇଥିଲା। ବିଦ୍ୟାଳୟର କୋଷାଧ୍ୟକ୍ଷ ଅକ୍ଷୟ ସୁସାରି ଧନ୍ୟବାଦ ଦେଇଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

# ଗାଡ଼ି ଧକ୍କାରେ କଲେଜ ଛାତ୍ରଙ୍କ ମୃତ୍ୟୁ

ଜମନକିରା,୨୭।୧୨(ଡି.ଏନ.ଏ.)

ଜମନକିରା ଥାନା ଆମ୍ବଲାଙ୍ଗ ନିକଟ ୫୩ନଂ. ରାଜପଥରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ବୁର୍ଲା ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ସମ୍ବଲପୁର ପୁଟିବନ୍ଧ ପଡ଼ାର ତୁଷାର ବେହେରା (୨୦) ଓ ସିନ୍ଦୂରପଙ୍କ ଗାଁର ସନ୍ତୋଷ ବରାଳ (୨୦) ବାଇକ୍ ଯୋଗେ ଜମନକିରା କଲେଜ ଯାଇଥିଲେ। ସେମାନେ ଯୁକ୍ତ ୩ ଦ୍ୱିତୀୟ ବାର୍ଷିକ ପରୀକ୍ଷା ଦେଇ ଅପରାହ୍ନ ସାଢ଼େ ୪ଟା ସମୟରେ ଫେରିବା ବେଳେ ଆମ୍ବଲାଙ୍ଗ ବୁଲାଣିରେ ଏକ ଅଜଣା ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତୁଷାରଙ୍କ ମୃତ୍ୟୁ ଘଟିଥିବା ବେଳେ ସନ୍ତୋଷ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇ ଟ୍ରକ୍ ଫେରାର ହୋଇଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି। ଅଗ୍ନିଶମ ବିଭାଗ ଅଧିକାରୀ ପହଞ୍ଚି ସନ୍ତୋଷଙ୍କୁ ବୁର୍ଲା ଡାକ୍ତରଖାନା ନେଇଥିଲେ। ପୋଲିସ ବାଇକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡ଼ାକ୍ତରଖାନା ପଠାଇଛି। ଖବର ପ୍ରସାରିତ ହେବା ପରେ କଲେଜରେ ଶୋକର ଛାୟା ଖେଳିଯାଇଛି।

# ଲିଓ କପ କ୍ରିକେଟ: ସେମିରେ ପେଣ୍ଟର

ଝାରସୁଗଡ଼ା ଅଫିସ/ବେଲପାହାଡ଼, ୨୭।୧୨

ବେଲପାହାଡ଼ ଲିଓ ୟୁଥ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଟିଆର୍‌ଏଲ୍ ଷ୍ଟାଡିୟମରେ ବେଲପାହାଡ଼ ଲିଓ କପ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି। ମଙ୍ଗଳବାର ଷଷ୍ଠ ଦିନର ମ୍ୟାଚ ସାଇନିଂ ଷ୍ଟାର ଝାରସୁଗୁଡ଼ା ଓ ପେଣ୍ଟର କ୍ଲବ ବେଲପାହାଡ଼ ମଧ୍ୟରେ ହୋଇଥିଲା। ଝାରସୁଗୁଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ପେଣ୍ଟର କ୍ଲବ ୧୨.୩ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଦଳର ବିଜୟ କୁମାର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଭୂତି ପାତ୍ର ଓ କମଲେଶ ଶର୍ମା ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ଆୟୋଜକ କମିଟି ସମ୍ପାଦକ ଦିଲୀପ ପଟ୍ଟନାୟକ ଓ ସାଗର ରାଉତ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଚତୁର୍ଥ ରଜନୀରେ ୩ ନାଟକ ମଞ୍ଚସ୍ଥ

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

ସମ୍ବଲପୁର,୨୭।୧୨(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ୨୫ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ମଙ୍ଗଳବାର ଚତୁର୍ଥ ରଜନୀରେ ୩ଟି ନାଟକ ମଞ୍ଚସ୍ଥ ହୋଇଛି। ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ପ୍ରଥମ ନାଟକ ଝାରସୁଗୁଡା ଚିହ୍ନା ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ଉଷତ ଆଁଖଲ ମଞ୍ଚସ୍ଥ କରିଥିଲେ। ନାଟ୍ୟକାର କୀର୍ତ୍ତି ମୋହନ ମହାନ୍ତି ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଦ୍ୱିତୀୟ ନାଟକକୁ ସୁନ୍ଦରଗଡ ନବଜୀବନ କଳାକାରମାନେ ପରିବେଷଣ କରିଥିଲେ। ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ସ୍ୱର୍ଗତ ପ୍ରଦୀପ ଭୋଳ। ଏମିତି କିଛି ଭାବ, ସମ୍ପର୍କକୁ ନେଇ ନାଟକଟି ଗତିଶୀଳ। ନବଜୀବନ କଳାକାରମାନେ ଭାବ ନାଟକଟିକୁ ସ୍ୱର୍ଗତ ପ୍ରଦୀପଙ୍କ ନାମରେ ଉତ୍ସର୍ଗୀକୃତ କରିଥିଲେ। ଶେଷ ନାଟକ ଭରସାକୁ ସମ୍ବଲପୁର ନନ୍ଦପଡା ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ପରିବେଷଣ କରିଥିଲେ। ସନ୍ତୋଷ କୁମାର ମିଶ୍ର ରଚନା ଓ ଶୁଭେନ୍ଦୁ ନନ୍ଦ ନିର୍ଦ୍ଦେଶନା ଦେଇଥିଲେ। ଆୟୋଜକ ଯୁବ ଉଦୟନ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ସଂଯୋଜନାରେ କଳାକାରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ନାଟ୍ୟ ନିର୍ଦ୍ଦେଶକ ଭବାନୀଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଦେଇଥିଲେ।



ଆରଣ୍ୟକ ମଞ୍ଚଠାରେ ଉଷତ ଆଁଖଲ ନାଟକର ଏକ ଦୃଶ୍ୟ।

## ନାଗ୍ଲେରିଆ ଫୋଲେରି ସଂକ୍ରମଣରେ ଜଣେ ମୃତ

ଦକ୍ଷିଣ କୋରିଆରେ ମସ୍ତିଷ୍କ ଖାଦକ ଏମିବା ନାଗ୍ଲେରିଆ ଫୋଲେରି ସଂକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏହି ଏକକୋଷୀୟ ପ୍ରାଣୀ ମସ୍ତିଷ୍କକୁ ସଂକ୍ରମିତ କରିଥାଏ। ଉକ୍ତ ଏମିବା ଉଷ୍ଣମଣ୍ଡଳୀୟ ମଧୁର ଜଳରାଶିରେ ଦେଖାଯାଇଥାନ୍ତି। ଦକ୍ଷିଣ କୋରିଆର ଉକ୍ତ ବ୍ୟକ୍ତି ଜଣକ ଥାଇଲାଣ୍ଡରେ ୪ ମାସ ରହି ଫେରିଥିଲେ ବୋଲି ସେଠାର ରୋଗ ନିୟନ୍ତ୍ରଣ ଓ ପ୍ରତିକାର ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମହିଳାଙ୍କ ଉପରୁ କଟକଣା ହଟାଉ ତାଲିବାନ୍:ଜାତିସଂଘ

**ଜେନେଭା, ୨୭।୧୨:** କଠୋରପନ୍ଥୀ ତାଲିବାନ୍ ଆଫଗାନ ମହିଳା ଓ ଛାତ୍ରୀଙ୍କ ଉପରେ ଲଗାଇଥିବା କଟକଣାକୁ ତୁରନ୍ତ ପ୍ରତ୍ୟାହାର କରୁ ବୋଲି ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ଭୋଲକର ଟର୍କ ମଙ୍ଗଳବାର କହିଛନ୍ତି। ମହିଳାଙ୍କ ଉପରେ ଲାଗୁ କଟକଣା ଯୋଗୁ ଭବିଷ୍ୟତରେ ଆଫଗାନ୍‌କୁ ଏହାର କୁପରିଣାମ ଭୋଗିବାକୁ ପଡ଼ିବ। ରାଜନୈତିକ, ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ରରେ ଅନ୍ୟ ନାଗରିକଙ୍କ ଭଳି ମହିଳା ଓ ଛାତ୍ରୀମାନଙ୍କର ମଧ ସମାନ ଅଧିକାର ରହିଛି। ମହିଳାମାନଙ୍କୁ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ)ରେ କାମ କରିବା ଲାଗି ବାରଣ କରିବା ସହ କିଛିଦିନ ପୂର୍ବରୁ ତାଲିବାନ ସରକାର ଦେଶରେ ଝିଅମାନଙ୍କ ଲାଗି ଉଚ୍ଚଶିକ୍ଷା ନିଷେଧ ଘୋଷଣା କରିଥିଲା। ସରକାରଙ୍କ ଏ ପ୍ରକାର ନିଷ୍ପତ୍ତିକୁ ଭାରତ ସମେତ ବହୁ ରାଷ୍ଟ୍ର ନିନ୍ଦା କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ଭାଇ ଦୁର୍ଘଟଣାରେ ଆହତ



**ମହୀଶୂର, ୨୭।୧୨:** ଏକ ସଡ଼କ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଇ ପ୍ରହ୍ଲାଦ ମୋଦି, ତାଙ୍କ ପୁଅବୋହୂଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସେମାନେ ଏକ କାର୍‌ରେ ଯାଉଥିବାବେଳେ ତାହା ମହୀଶୂର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେମାନଙ୍କୁ ଜେଏସ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରହ୍ଲାଦ ଓ ତାଙ୍କ ପରିବାର ସଦସ୍ୟମାନେ କର୍ଣାଟକର ବନ୍ଦିପୁର ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### କୁଆପଥର ବର୍ଷା: ୨୦୦ ଘର କ୍ଷତିଗ୍ରସ୍ତ

**ଗୁଆହାଟି, ୨୭।୧୨:** ଆସାମ ଦିବ୍ରୁଗଡ଼ ଜିଲାର ଟିଙ୍ଗଖୋଙ୍ଗ, ନହରକଟିଆ ଏବଂ ମୋରାନ ଆଦି ଅଞ୍ଚଳରେ ମଙ୍ଗଳବାର କୁଆପଥର ବର୍ଷା ହୋଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ପକ୍ଷରୁ ପ୍ରକାଶିତ ରିପୋର୍ଟ ମୁତାବକ ୩୭ ଗ୍ରାମର ୨୧୦ ଘର କୁଆପଥର ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ଏଥିରେ କାହାରି ମୃତ୍ୟୁ ଘଟିନାହିଁ। ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ଆସନ୍ତା ଦିନରେ ଜିଲାରେ ବର୍ଷାର ମାତ୍ରା କମିବ ବୋଲି ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୟୁପି ପୌର ନିର୍ବାଚନ
### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଯୋଗୀଙ୍କ ଚ୍ୟାଲେଞ୍ଜ

**ଲକ୍ଷ୍ନୌ, ୨୭।୧୨:** ଉତ୍ତରପ୍ରଦେଶ ପୌର ନିର୍ବାଚନ ଲାଗି ସରକାରଙ୍କ ଚିଠା ବିଜ୍ଞପ୍ତିକୁ ମଙ୍ଗଳବାର ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ବେଞ୍ଚ୍ ଖାରଜ କରିଦେଇଛନ୍ତି। ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ସଂରକ୍ଷଣ ନ ରଖି ନିର୍ବାଚନ କରାଇବାକୁ ଜଷ୍ଟିସ ଡି.କେ. ଉପାଧ୍ୟାୟ ଏବଂ ସୌରଭ ଲାଭାନିଆଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ୟୁପି ପୌର ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ସୁବିଧା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସର୍ଭେ କରାଯିବ। ସର୍ଭେ ଶେଷ ନ ହେବା ଯାଏ ଏବଂ ଓବିସିଙ୍କ ପାଇଁ ବିନା ସଂରକ୍ଷଣରେ ନିର୍ବାଚନ ହେବ ନାହିଁ। ଆବଶ୍ୟକ ହେଲେ ସରକାର ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଯୋଗୀ କହିଛନ୍ତି। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶରେ ପୌର ନିର୍ବାଚନ ଲାଗି ସରକାର ଗତ ୫ ତାରିଖରେ ଚିଠା ବିଜ୍ଞପ୍ତି ଜାରି କରିଥିଲେ, ଯେଉଁଥିରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଆଲିଗଡ଼, ମଥୁରା-ବୃନ୍ଦାବନ, ମିରଟ ଏବଂ ପ୍ରୟାଗରାଜ ପୌର ନିଗମ ମେୟର ଆସନ ଓବିସିଙ୍କ ପାଇଁ ସଂରକ୍ଷଣ ରଖାଯାଇଥିଲା। ସେହିପରି ୨୦୦ ପୌର ପରିଷଦ ଅଧକ୍ଷ ଆସନ ଏବଂ ୧୪୭ ନଗର ପଞ୍ଚାୟତ ଆସନ ଓବିସିଙ୍କ ପାଇଁ ରଖାଯାଇଥିବା ଅସ୍ଥାୟୀ ତାଲିକା ପ୍ରକାଶ ପାଇଥିଲା। ସମାଜବାଦୀ ପାର୍ଟି ଓ ଅନ୍ୟମାନେ ଏହାକୁ ବିରୋଧୀ କରି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।

## ସଙ୍କଟ ବେଳେ ଆର୍ଥିକ ଅସମାନତା

# କେମିତି ବଢ଼ିଲା ଧନୀଙ୍କ ସମ୍ପତ୍ତି

**କୋଭିଡ୍-୧୯ ଭୂତାଣୁ କେବଳ ମୃତ୍ୟୁ ଓ ବିପତ୍ତିର ବିଭୀଷିକାକୁ ନେଇ ମନେରହିବ ତାହା ନୁହେଁ। ଗତ ୩ ବର୍ଷ ମଧ୍ୟରେ ମହାମାରୀ ସାରା ବିଶ୍ୱରେ ଅସମାନତାର ବ୍ୟବଧାନକୁ ବଢ଼ାଇଛି। ପ୍ରତି ୩୦ ଘଣ୍ଟାରେ କରୋନା ଜଣେ ଲେଖାଏ ନୂଆ ବିଲିୟନେୟାରଙ୍କୁ ସୃଷ୍ଟି କରିଥିବାବେଳେ ୧୦ ଲକ୍ଷ ଲୋକ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଛନ୍ତି।**



ନଂ.୧ ବେର୍ନାର୍ଡ ଆର୍ନଲ୍ଟ (୧୫୯ ବିଲିୟନ୍ ଡଲାର)



ନଂ.୨ ଏଲନ୍ ମସ୍କ (୧୩୯ ବିଲିୟନ୍ ଡଲାର)



ନଂ.୩ ଗୌତମ ଆଦାନୀ (୧୧୦ ବିଲିୟନ୍ ଡଲାର)

ୱାଶିଂଟନ, ୨୭।୧୨

ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସ ଅନୁସାରେ ମହାମାରୀ ବେଳେ ୧୩୧ ବିଲିୟନେୟାର ସେମାନଙ୍କ ସମ୍ପତ୍ତିକୁ ଦୁଇଗୁଣରୁ ଅଧିକ ବୃଦ୍ଧି କରିଛନ୍ତି। ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ତଥା ଲୁଇସ୍ ଭୁଇଟୋନ୍ ମୁଖ୍ୟ ବେର୍ନାର୍ଡ ଆର୍ନଲ୍ଟଙ୍କ ସମ୍ପତ୍ତିର ମୂଲ୍ୟର ମଙ୍ଗଳବାର ୧୫୯ ବିଲିୟନ୍ ଆମେରିକୀୟ ଡଲାର ରହିଛି। ୨୦୨୦ ଆଦ୍ୟ ଭାଗ ତୁଳନାରେ ତାଙ୍କ ସମ୍ପତ୍ତି ୬୦ ବିଲିୟନ୍ ଡଲାର ବୃଦ୍ଧି ଘଟିଛି। ପୃଥିବୀର ଦ୍ୱିତୀୟ ବଡ଼ ଧନୀ ତଥା ଟେସ୍‌ଲା-ଟ୍ୱିଟର୍ ମାଲିକ ଏଲନ୍ ମସ୍କ ୧୩୯ ବିଲିୟନ୍ ଡଲାରର ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛନ୍ତି, ଯାହାକି ମହାମାରୀ ପୂର୍ବ ସମୟ ତୁଳନାରେ ୫୦ ବିଲିୟନ୍ ଡଲାର କମ୍। ସେହିପରି ଧନୀ ବ୍ୟକ୍ତିଙ୍କ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଭାରତର ଗୌତମ ଆଦାନୀ ଏହି ଅବଧି ମଧ୍ୟରେ ନିଜ ସମ୍ପତ୍ତିର ପରିମାଣ ୧୦ ଗୁଣା ବଢ଼ାଇପାରିଛନ୍ତି। ୨୦୨୦ରେ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୦ ବିଲିୟନ ଡଲାର ଥିବାବେଳେ ୨୦୨୨ ଶେଷରେ ଏହା ୧୧୦ ବିଲିୟନ୍ ଡଲାର ରହିଛି। ଅନ୍ୟପକ୍ଷେ ୨୦୨୦ରେ ପ୍ରାୟ ୯୭ ନିୟୁତ ଲୋକ (ଯେକୌଣସି ୟୁରୋପୀୟ ରାଷ୍ଟ୍ରର ଜନସଂଖ୍ୟାଠାରୁ ଅଧିକ) ଅତି ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଥିଲେ। ବିଶ୍ୱବ୍ୟାଙ୍କର ଆକଳନ ଅନୁସାରେ ସେମାନଙ୍କ ଦୈନିକ ଆୟ ୧.୯୦ ଡଲାରଠାରୁ କମ୍ ରହିଥିଲା। ବୈଶ୍ୱିକ ଦାରିଦ୍ର୍ୟ ହାର ୭.୮%ରୁ ୨୦୨୧ ଶେଷ ଆଡ଼କୁ ୯.୧%କୁ ବୃଦ୍ଧି ପାଇଥିବା ଆକଳନ କରାଯାଇଛି। ବର୍ତ୍ତମାନ ସବୁ ସାମଗ୍ରୀର ଆକାଶଛୁଆଁ ଦରଦାମ୍ ସାରା ବିଶ୍ୱର ଲୋକଙ୍କ ଆୟକୁ ସଙ୍କୁଚିତ କରି ବାସ୍ତବ ମଜୁରି ଅଭିବୃଦ୍ଧିକୁ ପ୍ରଭାବିତ କରୁଛି। ଦରଦାମ୍ ବୃଦ୍ଧି ଉପରେ ଲଗାମ ଲଗାଇବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧହାର ବଢ଼ାଇ ଓ ବଳକା ନଗଦ ପ୍ରତ୍ୟାହାର କରି ଅର୍ଥନୀତିକୁ ଅର୍ଥର ସ୍ରୋତ ହ୍ରାସ କରିବାରେ ଲାଗିଛନ୍ତି। କିନ୍ତୁ ଏହି ପଦକ୍ଷେପ ଯୋଗୁ ଆମାଜନ, ଟ୍ୱିଟର ଓ ମେଟା ଭଳି ଟେକ୍ କମ୍ପାନୀଠୁ ନେଇ ଗୋଲ୍ଡମ୍ୟାନ୍ ସ୍ୟାଚ୍ ଭଳି ବ୍ୟାଙ୍କଗୁଡ଼ିକରେ ନିୟୋଜିତ କର୍ମଚାରୀଙ୍କ ପାଇଁ ବୁମେରାଂ ହୋଇଛି। ବିଦାୟୀ ବର୍ଷ ଶେଷରେ ଏହି କମ୍ପାନୀଗୁଡ଼ିକ ଛଟେଇ କରିବାରେ ଲାଗିଛନ୍ତି। ଧନୀଙ୍କ ଧନ ବଢ଼ୁଥିବାବେଳେ ଗରିବମାନେ ଆହୁରି ଗରିବ ହେବାରେ ଲାଗିଛନ୍ତି। ମହାମାରୀ ଭଳି ସଙ୍କଟ ବେଳେ ଅନେକ ରାଷ୍ଟ୍ର ଅର୍ଥନୀତିକୁ ମଜଭୁତ କରିବା ପାଇଁ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଟିକସ ରିହାତି ଓ ଆର୍ଥିକ ସୁବିଧା ପ୍ରଦାନ କ୍ଷେତ୍ରରେ ଆପଣାଉଥିବା ନୀତିକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଅର୍ଥନୀତିରେ ସ୍ଥିରତା ଆଣିବା ସକାଶେ ଅର୍ଥାଗମକୁ ସହଜ କରିଥାଆନ୍ତି। ଫଳରେ ବ୍ୟାଙ୍କଗୁଡ଼ିକ ଅଧିକ ଋଣ ଦେଇଥାଆନ୍ତି ଏବଂ ଲୋକେ ମଧ ପୂର୍ବାପେକ୍ଷା ବେଶି ଖର୍ଚ୍ଚ କରିଥାଆନ୍ତି। ଏହା ଧନୀ ବ୍ୟକ୍ତିମାନଙ୍କୁ ଫାଇନାନ୍ସିଆଲ ମାର୍କେଟ ନିବେଶ ଜରିଆରେ ସେମାନଙ୍କ ଅର୍ଥ ବୃଦ୍ଧିରେ ସହାୟକ ହୋଇଥାଏ। କିନ୍ତୁ ଅସମାନତାର ବ୍ୟବଧାନ ବୃଦ୍ଧିକୁ ଏଡ଼ାଇବା ସମ୍ଭବ ହୋଇ ନ ଥାଏ।

### ସ୍ୱଳ୍ପ ଆୟକାରୀ ରାଷ୍ଟ୍ରରେ ମୁଦ୍ରାସ୍ଫୀତି ପ୍ରଭାବ ଅଧିକ

ଦେଶଗୁଡ଼ିକ କୋଭିଡ୍‌ଜନିତ କଟକଣା କୋହଳ କରିବା ଆରମ୍ଭ କରିଥିବାବେଳେ ଉପଭୋକ୍ତାଙ୍କ ଚାହିଦା ବହୁ ପରିମାଣରେ ବୃଦ୍ଧିପାଇଛି। କିନ୍ତୁ ଅନୁରୂପ ଭାବେ ଯୋଗାଣ ହୋଇ ନ ପାରିବାରୁ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବିତ୍ତୀୟ ନୀତିରେ ପରିବର୍ତ୍ତନ ଆଣିବା ସହ ସୁଧହାର ବଢ଼ାଉଛନ୍ତି। ଏହା ପଛର ଉଦ୍ଦେଶ୍ୟ ହେଉଛି ଚାହିଦାକୁ ଯଥାସମ୍ଭବ ହ୍ରାସ କରିବା। ଆମେରିକାର ଫେଡେରାଲ ରିଜର୍ଭ ଏହି କ୍ଷେତ୍ରରେ ସବୁଠୁ ଆଗରେ ରହିଛି। ଏପରି କି ଅନେକ ବୃହତ୍ ଅର୍ଥନୀତି ଛଟେଇ କରି ଖର୍ଚ୍ଚ ହ୍ରାସ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଦୃଷ୍ଟିରୁ ଗରିବଙ୍କ ଆୟ ଦୁର୍ବଳ ହେବାରେ ଲାଗିଛି। ମୁଦ୍ରାସ୍ଫୀତି ବଢ଼ିଥିଲେ ମଧ କମ୍ପାନୀଗୁଡ଼ିକର ପ୍ରଫିଟ୍ ମାର୍ଜିନ (କିଣାମୂଲ୍ୟ ଓ ବିକ୍ରିମୂଲ୍ୟର ବ୍ୟବଧାନ) ଖସିନାହିଁ। ବୃହତ୍ କମ୍ପାନୀଗୁଡ଼ିକ ନିଜ କର୍ମଚାରୀଙ୍କ ଆୟ ବୃଦ୍ଧି କରିବା ପରିବର୍ତ୍ତେ ଶେୟାର ହୋଲ୍ଡର୍ସଙ୍କୁ ଡିଭିଡେଣ୍ଡ (ଲାଭାଂଶ) ଦେବା ପାଇଁ ଏହି ପ୍ରଫିଟ୍‌କୁ ବଜାୟ ରଖୁଛନ୍ତି। ଅନ୍ୟପକ୍ଷେ ସୁଧହାର ବୃଦ୍ଧି ହେତୁ ଋଣଗ୍ରହୀତାମାନେ ଅଧିକ ଇଏମ୍‌ଆଇ ବା ମାସିକ କିସ୍ତି ଦେବାକୁ ବାଧ ହେଉଛନ୍ତି। ଏଥିଲାଗି ସ୍ୱଳ୍ପ ଆୟକାରୀ ରାଷ୍ଟ୍ରଗୁଡ଼ିକ ଅଧିକ ପ୍ରଭାବିତ ହେଉଥିବାବେଳେ ବିକାଶଶୀଳ ଦେଶଗୁଡ଼ିକର ଜନମଙ୍ଗଳକାରୀ ଯୋଜନା ବାବଦ ଖର୍ଚ୍ଚ ସଙ୍କୁଚିତ ହେଉଛି।

ସୌଜନ୍ୟ: ଅଲ୍‌ଜଜିରା

## କୋଭିଡ୍ ନାଜାଲ ଭାକ୍ସିନ୍ ଦାମ୍ ୮୦୦ ଟଙ୍କା

ହାଇଦ୍ରାବାଦ, ୨୭।୧୨

ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭିଡ୍ ଇଣ୍ଟ୍ରାନାଜାଲ ଭାକ୍ସିନ ଇନ୍‌କୋଭାକ୍ ଏବେ କୋୱିନ୍ ପୋର୍ଟାଲରେ ଉପଲବ୍ଧ ହେଉଛି। ଘରୋଇ ବଜାରରେ ଏହି ଟିକା ଦାମ୍ ଜିଏସ୍‌ଟିକୁ ବାଦ୍ ଦେଇ ୮୦୦ ଟଙ୍କା ରହିଛି। ତେବେ ସରକାରଙ୍କୁ ଜିଏସ୍‌ଟି ବାହାରେ ୩୨୫ ଟଙ୍କାରେ ଯୋଗାଇ ଦିଆଯିବ ବୋଲି ଭାରତ ବାୟୋଟେକ୍ ଇଣ୍ଟରନ୍ୟାଶନାଲ ଲିଃ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଆସନ୍ତା ଜାନୁୟାରୀ ଚତୁର୍ଥ ସପ୍ତାହରୁ ଟିକା ଯୋଗାଣ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ସୋସିଆଲ ମିଡିଆ ଷ୍ଟାର୍ ଲୀନାଙ୍କ ଆତ୍ମହତ୍ୟା



**ରାୟପୁର, ୨୭।୧୨:** ଛତିଶଗଡ଼ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଲୀନା ନାଗବଂଶୀ ମଙ୍ଗଳବାର ରାୟଗଡ଼ସ୍ଥିତ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ଘଟଣାର ସୂଚନା ପାଇ ସ୍ଥାନୀୟ ପୋଲିସ ଲୀନାଙ୍କ ଘରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ପୋଷ୍ଟମର୍ଟମ୍ ପାଇଁ ୨୨ ବର୍ଷୀୟା ଲୀନାଙ୍କ ମୃତଦେହକୁ ଜିଲା ହସ୍ପିଟାଲକୁ ପଠାଇ ଦିଆଯାଇଛି।

## କୋଭିଡ୍ ପ୍ରସ୍ତୁତି ଯାଞ୍ଚ ପାଇଁ ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୨୭।୧୨ (ପି.ଟି.)



ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲରେ ମକ୍‌ଡ୍ରିଲବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉପସ୍ଥିତ ଅଛନ୍ତି।

କୋଭିଡ୍ ପ୍ରସ୍ତୁତି ଯାଞ୍ଚ ଲାଗି ମଙ୍ଗଳବାର ସାରା ଦେଶର ବିଭିନ୍ନ ହସ୍ପିଟାଲରେ ମକ୍ ଡ୍ରିଲ୍‌ର ଆୟୋଜନ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ଉପକରଣ ଏବଂ ମାନବ ସମ୍ବଳ ପ୍ରସ୍ତୁତି ଆକଳନ ଲାଗି ମକ୍ ଡ୍ରିଲ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ସଫଦରଜଙ୍ଗ ହସ୍ପିଟାଲରେ ଉପସ୍ଥିତ ରହି ସେ ଏହା ଦେଖୁଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନେ ସମ୍ପୃକ୍ତ ରାଜ୍ୟର ମକ୍ ଡ୍ରିଲ୍‌ର ସମୀକ୍ଷା କରିଥିଲେ। ଚାଇନା ଓ ଅନ୍ୟାନ୍ୟ ଦେଶରେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପ୍ରତିକାର ପଦକ୍ଷେପର ଅଂଶବିଶେଷ ଭାବେ ହସ୍ପିଟାଲରେ ମକ୍ ଡ୍ରିଲ୍ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ।

ମକ୍ ଡ୍ରିଲ୍‌ରେ ଜିଲା ହସ୍ପିଟାଲଗୁଡ଼ିକର ସାମର୍ଥ୍ୟ, ଆଇସୋଲେଶନ ବେଡ୍, ଅକ୍ସିଜେନ୍-ସପୋର୍ଟେଡ ବେଡ୍, ଆଇସିୟୁ ବେଡ୍, ଭେଣ୍ଟିଲେଟର ସୁବିଧା, ଡାକ୍ତର, ନର୍ସ ଏବଂ ପାରାମେଡିକ୍ କର୍ମଚାରୀ, ଆୟୁଷ ଡାକ୍ତର ଓ ଆଗଧାଡ଼ିର କର୍ମଚାରୀମାନଙ୍କ ସଂଖ୍ୟା ଯାଞ୍ଚ କରାଯାଇଥିଲା। ଏଥିସହିତ କୋଭିଡ୍ ପରିଚାଳନା ଲାଗି କେତେଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି, ଭେଣ୍ଟିଲେଟର ପରିଚାଳନା ସମ୍ପର୍କରେ କେତେଜଣ ପ୍ରଶିକ୍ଷଣ ନେଇଛନ୍ତି, ପିଏସ୍‌ଏ ପ୍ଲାଣ୍ଟ ଇତ୍ୟାଦିକୁ ଚଳାଇବା ଲାଗି ସ୍ୱାସ୍ଥ୍ୟକର୍ମୀ ତାଲିମ ନେଇଛନ୍ତି କି ନାହିଁ, ତାହାର ସମୀକ୍ଷା ହୋଇଥିଲା। ସେହିପରି ହସ୍ପିଟାଲରେ ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ, ପରୀକ୍ଷା ଉପକରଣ, ଜରୁରୀ ଔଷଧ କେତେ ଉପଲବ୍ଧ ଅଛି ତାହାର ଅନୁଧ୍ୟାନ କରାଯାଇଥିଲା।

## ଯୁବତୀଙ୍କୁ ୫୧ ଥର ସ୍କୁ ଡ୍ରାଇଭର ଭୁସି ହତ୍ୟା

କୋର୍ବା, ୨୭।୧୨

ଛତିଶଗଡ଼ର କୋର୍ବା ଜିଲାରେ ଜଣେ ଯୁବତୀ କଥା ହେବାକୁ ମନା କରିଦେବାରୁ ତାଙ୍କୁ ଜଣେ ଯୁବକ ସ୍କୁ ଡ୍ରାଇଭରରେ ୫୧ ଥର ଭୁସି ହତ୍ୟା କରିଛନ୍ତି। ସାଉଥଇଷ୍ଟର୍ନ କୋଲ୍‌ଫିଲ୍ଡସ୍ ଲିମିଟେଡ୍‌ର ପମ୍ପହାଉସ କଲୋନିରେ ଶନିବାର ଏହି ହତ୍ୟାକାଣ୍ଡ ଘଟିଛି। ଆକ୍ରମଣକାରୀ ପୂର୍ବରୁ କଣ୍ଡକ୍ଟର ଥିବାବେଳେ ବସ୍‌ରେ ଯୁବତୀଙ୍କ ସହ ସମ୍ପର୍କ ହୋଇଥିଲା। ୩ ବର୍ଷ ପୂର୍ବେ ଯୁବକ ଅହମଦାବାଦ ପଳାଇଯାଇ ସେଠାରେ ଚାକିରି କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ଫୋନ୍‌ରେ ଯୋଗାଯୋଗ ରହିଥିଲା। ତେବେ କିଛିଦିନ ହେଲା ଯୁବତୀ ଫୋନ୍‌ରେ କଥା ହେବା ବନ୍ଦ କରିଦେବାରୁ ସେ ତାଙ୍କୁ ହତ୍ୟା କରିଛନ୍ତି।

## ଉତ୍ତର ଭାରତରେ ଶୀତ ଲହରି

ନୂଆଦିଲ୍ଲୀ/ଶ୍ରୀନଗର, ୨୭।୧୨

ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତରେ ପ୍ରବଳ ଶୀତ ଲହରି ଜାରି ରହିଛି। ଜମ୍ମୁ-କଶ୍ମୀରରେ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଥିବାବେଳେ ଦିଲ୍ଲୀରେ ନୈନିତାଲଠାରୁ ଅଧିକ ଶୀତ ଅନୁଭୂତ ହେଉଛି। ଏଭଳି ଶୀତ ଲହରି ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅଧିକାଂଶ ଭାଗରେ ଅତି ଘନ କୁହୁଡ଼ି ଯୋଗୁ ଟ୍ରେନ୍ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ଜମ୍ମୁ-କଶ୍ମୀରରେ ପ୍ରବଳ ଥଣ୍ଡା ଯୋଗୁ ପାଣି ପାଇପ୍‌ଗୁଡ଼ିକ ବରଫ ହୋଇଯାଇଛି। ସେହିପରି ଡାଲ୍ ହ୍ରଦ ସମେତ ଉପତ୍ୟକାର ଅଧିକାଂଶ ଜଳାଶୟ ବରଫ ପାଲଟିଯାଇଛି। ଶ୍ରୀନଗରର ସର୍ବନିମ୍ନ

### କଶ୍ମୀରରେ ଶୂନ ଡିଗ୍ରୀ ତଳେ ତାପମାତ୍ରା

ତାପମାତ୍ରା ବିୟୁକ୍ତ ୪.୮ ଡିଗ୍ରୀ ଥିବାବେଳେ ପହଲଗାମରେ ବିୟୁକ୍ତ ୬.୭ ଡିଗ୍ରୀ ରେକର୍ଡ କରାଯାଇଛି। ବାରମୁଲ୍ଲା ଜିଲାର ଗୁଲ୍‌ମାର୍ଗରେ ତାପମାତ୍ରା ବିୟୁକ୍ତ ୫.୯ ଡିଗ୍ରୀ ଏବଂ କୁପୱାଡ଼ାରେ ବିୟୁକ୍ତ ୪.୮ ଡିଗ୍ରୀ ସେଲ୍‌ସିୟସ ରହିଛି। ନୈନିତାଲର ତାପମାତ୍ରା ୭.୨ ଡିଗ୍ରୀ ଥିବାବେଳେ ଦିଲ୍ଲୀ ସଫଦରଜଙ୍ଗରେ ତାପମାତ୍ରା ୫.୬ ଡିଗ୍ରୀ ଏବଂ ଆୟାନଗରରେ ୪ ଡିଗ୍ରୀକୁ ଖସିଯାଇଛି। ଘନ କୁହୁଡ଼ି ଯୋଗୁ ପାଲାମ ଏବଂ ସଫଦରଜଙ୍ଗ ବିମାନବନ୍ଦରରେ ମଙ୍ଗଳବାର ସକାଳେ ମାତ୍ର ୫୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିଲା।



ବିଏସ୍‌ଏଫ୍ ମହିଳା ଡେୟାରଡେଭିଲ ମୋଟରସାଇକେଲ ଟିମ୍ 'ସୀମା ଭବାନୀ' ଲିମ୍କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ପରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଫଟୋ ପୋଜ୍ ଦେଉଛନ୍ତି।

## ମହାରାଷ୍ଟ୍ର ବିଧାନସଭାରେ ପ୍ରସ୍ତାବ ଗୃହୀତ

### ସୀମା ବିବାଦ

ମୁମ୍ବାଇ, ୨୭।୧୨

ମହାରାଷ୍ଟ୍ର ଓ କର୍ଣାଟକ ମଧ୍ୟରେ ସୀମା ବିବାଦ ଉଗ୍ର ରୂପ ନେଇଛି। ସୀମା ବିବାଦ ବିରୋଧରେ କର୍ଣାଟକ ବିଧାନସଭାରେ ବାସବରାଜ ବୋମାଇ ସରକାର ସଂକଳ୍ପ ଗୃହୀତ କରାଇବାର ୫ ଦିନ ପରେ ମହାରାଷ୍ଟ୍ର ବିଧାନସଭାରେ ଏକନାଥ ଶିନ୍ଦେ ସରକାର ଅନୁରୂପ ଏକ ପ୍ରସ୍ତାବକୁ ଗୃହୀତ କରାଇଛନ୍ତି। କର୍ଣାଟକର ଆଭିମୁଖ୍ୟ ମରାଠା ବିରୋଧୀ ବୋଲି ଏକନାଥ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ହସ୍ତକ୍ଷେପ ସତ୍ତ୍ୱେ ଦୁଇ ଭାଜପା ଶାସିତ ରାଜ୍ୟ ମଧ୍ୟରେ ସୀମା ବିବାଦର ସମାଧାନ ହୋଇପାରି ନାହିଁ। ଆଗାମୀ ଦିନରେ ବିବାଦ ଆହୁରି ବଢ଼ିବା ଆଶଙ୍କା କରାଯାଉଛି।

ମହାରାଷ୍ଟ୍ର ସରକାର ଆଣିଥିବା ପ୍ରସ୍ତାବରେ କୁହାଯାଇଛି, ୮୬୫ ମରାଠୀ ଭାଷାଭାଷୀ ଗ୍ରାମ ବେଲଗାମ, କରୱାର, ବିଦାର, ନିପାନି ଏବଂ ଭାଲ୍‌କିରେ ରହିଛି। କର୍ଣାଟକ ନିଜର ଆଧିପତ୍ୟ ଦାବି କରୁଥିବା ଉକ୍ତ ଗ୍ରାମଗୁଡ଼ିକର ପ୍ରତ୍ୟେକ ଇଞ୍ଚ ଜାଗାକୁ ମହାରାଷ୍ଟ୍ରକୁ ଫେରାଇ ଅଣାଯିବ।

## ୟୁରୋପରେ ସ୍ୱାମୀଙ୍କ ସହ ହଂସିକା

ବ୍ରସେଲ୍ସ



ତେଲୁଗୁ ଅଭିନେତ୍ରୀ ହଂସିକା ମୋଟୱାନି ସ୍ୱାମୀ ସୋହେଲ କାଥୁରିଆଙ୍କ ସହ ୟୁରୋପରେ ତାଙ୍କ ହନିମୁନ କଟାଉଛନ୍ତି। ସେମାନେ ଭିଏନାରେ ଖ୍ରୀଷ୍ଟମାସ ପାଳନ କରୁଥିବା ନେଇ ଏକ ଫଟୋ ଶେୟାର କରିଥିଲେ। ପରଦିନ ସେ ହଙ୍ଗେରି ରାଜଧାନୀ ବୁଡାପେଷ୍ଟରେ ସ୍ୱାମୀଙ୍କ ସହ ବୁଲୁଥିବାର ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ କି ସେ ଏକ ଇ-ସ୍କୁଟରରେ ବସି ବୁଲୁଥିବା ଦୃଶ୍ୟ ସାମ୍ନା ଆସିଛି। ତେବେ ଚଳିତ ମାସ ୪ ତାରିଖରେ ହଂସିକା ରାଜସ୍ଥାନରେ ସୋହେଲଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ହଂସିକା ପୁରୀ ଜଗନ୍ନାଥଙ୍କ ତେଲୁଗୁ ଚଳଚ୍ଚିତ୍ର 'ଦେଶାମୁଦୁରୁ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ପରେ ସେ ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ୍ ଏବଂ କନ୍ନଡରେ ଅଭିନୟ କରିଥିଲେ। ତେବେ ତାଙ୍କୁ ଶେଷ ଥର ପାଇଁ ତାମିଲ ଥ୍ରୀଲର ଫିଲ୍ମ 'ମାହା'ରେ ଦେଖିବାକୁ ମିଳିଥିଲା।

## ସିଜେଆଇ ଥିବାବେଳେ ୪୦ ପିଅନ ରଖିଥିଲେ

ନୂଆଦିଲ୍ଲୀ, ୨୭।୧୨

### ୭୪ ଦିନିଆ କାର୍ଯ୍ୟକାଳ
### ଅବସର ଗ୍ରହଣ ପରେ ବି ୨୮ କର୍ମଚାରୀ ରଖିଛନ୍ତି ଜଷ୍ଟିସ୍ ୟୁ.ୟୁ.ଲଳିତ



ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ ତାଙ୍କର ୭୪ ଦିନିଆ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ସରକାରୀ ବାସଭବନରେ ସର୍ବାଧିକ ୪୦ ଜଣ ପିଅନ ଓ ସହାୟକ କର୍ମଚାରୀ ରଖିଥିଲେ। ରାଷ୍ଟ୍ରପତି ଭବନ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବାଦ୍ ଦେଲେ ଅନ୍ୟ କୌଣସି ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ଏତେ ସଂଖ୍ୟାରେ ସହାୟକ କର୍ମଚାରୀ ରଖିନାହାନ୍ତି। ଜଷ୍ଟିସ୍ ଲଳିତ ୪୯ତମ ସିଜେଆଇ ଭାବେ ଗତ ଅଗଷ୍ଟ ୨୭ରୁ ନଭେମ୍ବର ୮ ପର୍ଯ୍ୟନ୍ତ ରହିଥିଲେ। ସେ ପିଅନ ଏବଂ ସହାୟକମାନଙ୍କୁ ନିଜ ଘରକାମ ଓ ଆବାସିକ କାର୍ଯ୍ୟାଳୟରେ ନିୟୋଜିତ କରିଥିଲେ। ଅବସର ଗ୍ରହଣ ପରେ ବି ତାଙ୍କ ୧୯, ଆକବର ରୋଡ୍ ବାସଭବନରେ ୨୮ ଜଣ ପିଅନ ଓ ସହାୟକ କର୍ମଚାରୀ ରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ ବିଭିଜି ଇଣ୍ଡିଆ କର୍ମଚାରୀ, ଯାହାଙ୍କୁ ସୁପ୍ରିମକୋର୍ଟ ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ଆଉଟ୍‌ସୋର୍ସିଂ କରିଥାଏ।

ସରକାରୀ ସୂଚନା ଅନୁଯାୟୀ ପୂର୍ବରୁ ସିଜେଆଇମାନଙ୍କ ସରକାରୀ ବାସଭବନରେ ୧୨ରୁ ୧୫ ଜଣ ପିଅନ ଓ ସହାୟକ କର୍ମଚାରୀ ରହୁଥିଲେ। ଅବସର ପରେ ସେମାନଙ୍କୁ ୨ କିମ୍ବା ୩ ଜଣ ସହାୟକ କର୍ମଚାରୀ ଯୋଗାଇଦିଆଯାଇଥାଏ। ଅବସର ପରେ ସିଜେଆଇ ଦିଲ୍ଲୀରେ ରହିଲେ ଏହି କର୍ମଚାରୀଙ୍କୁ ସୁପ୍ରିମକୋର୍ଟ ଯୋଗାଇଥାଏ। ଯଦି ସେ ନିଜ ରାଜ୍ୟକୁ ଫେରିଯାଆନ୍ତି, ତେବେ ତାଙ୍କ ପାଇଁ ସହାୟକ କର୍ମଚାରୀ ବ୍ୟବସ୍ଥା ସମ୍ପୃକ୍ତ ହାଇକୋର୍ଟ କରିଥାନ୍ତି।

ଗତ ଅଗଷ୍ଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟ ବିଚାରପତି ନିୟମାବଳୀ, ୧୯୫୯ରେ ସଂଶୋଧନ କରି ଅବସରପ୍ରାପ୍ତ ସିଜେଆଇଙ୍କୁ ୬ ମାସ ବିନା ଭଡ଼ାରେ ଟାଇପ୍-୭ ବାସଭବନ ଯୋଗାଇଦେବା ବ୍ୟବସ୍ଥା ହୋଇଛି। ପୂର୍ବତନ ସିଜେଆଇ ଏନ୍.ଭି.ରମନାଙ୍କୁ ୨ ତୋଗଲକ୍ ରୋଡ୍‌ରେ ୬ ମାସ ପାଇଁ ଘର ମିଳିଥିବାବେଳେ ଜଷ୍ଟିସ୍ ଲଳିତଙ୍କୁ ଶାହଜାହାନ ରୋଡ୍‌ରେ ବଙ୍ଗଳା ମିଳିଥିଲା। ତେବେ ଉକ୍ତ ବିଲ୍ଡିଂର ଆକୃତି ଭଲ ନ ଥିବା ଦର୍ଶାଇ ଜଷ୍ଟିସ୍ ଲଳିତ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ନୂଆ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ୧୯, ଆକବର ରୋଡ୍‌କୁ ଯିବା ପାଇଁ ନିଷ୍ପତ୍ତି ନେବାରୁ ଜଷ୍ଟିସ୍ ଲଳିତଙ୍କୁ ୧୭ ସଫଦରଜଙ୍ଗ ରୋଡ୍‌ରେ ଏହାର ଏକ ପୁଲ୍ ବଙ୍ଗଳା ଯୋଗାଇ ଦିଆଯାଇଛି। ନୂଆବର୍ଷରେ ସେ ଏହି ବଙ୍ଗଳାକୁ ଯିବେ। ଘର ବଦଳାଇବା ପରେ ବର୍ତ୍ତମାନର ୨୮ ଜଣ କର୍ମଚାରୀଙ୍କ ମଧ୍ୟରୁ ଅନ୍ୟୂନ ୧୨ ଜଣଙ୍କୁ ଯୋଗାଇଦେବା ନିମନ୍ତେ ସେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି।



# ପୁଷ୍ଟି ଶସ୍ୟ ବୁଣା ଯନ୍ତ୍ର

ଆମ ରାଜ୍ୟରେ ବିଭିନ୍ନ ପ୍ରକାର ପୁଷ୍ଟିଶସ୍ୟ ଯଥା ମାଣ୍ଡିଆ, ସୁଆଁ, ବାଜରା, ଜହ୍ନା, ବିଲସୁଆଁ ଆଦି ଚାଷ କରାଯାଇଥାଏ। ଏହି ସବୁ ଫସଲଗୁଡ଼ିକୁ ଧାଡ଼ିରେ ବୁଣି ଅଧିକ ଅମଳ ପାଇବା ପାଇଁ ବିଶ୍ୱବିଦ୍ୟାଳୟର ସର୍ବଭାରତୀୟ ପଶୁଶକ୍ତିର ସଦୁପଯୋଗ ଗବେଷଣା ପ୍ରକଳ୍ପ ଦ୍ୱାରା ଏକ ଚାରିଧାଡ଼ିଆ ପୁଷ୍ଟିଶସ୍ୟ ବୁଣା ଯନ୍ତ୍ର ବିକଶିତ କରାଯାଇ ଚାଷୀମାନଙ୍କୁ ସରକାରୀ ରିହାତି ସହ ଉପଲବ୍ଧ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପାରମ୍ପରିକ ଲଙ୍ଗଳ ପଛରେ ଧାଡ଼ିରେ ବୁଣିଲେ ହେକ୍ଟର ପ୍ରତି ୪୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଯନ୍ତ୍ର ବ୍ୟବହାର କଲେ ୧୨୧୦ ଟଙ୍କା ଖର୍ଚ୍ଚ ହୋଇଥାଏ।





# କଳିଙ୍ଗ ସୁଆଁ ୧୮

୨୦୨୩ ବର୍ଷଟି 'ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟର ବର୍ଷ' ଭାବରେ ପାଳନ ହେବାକୁ ଯାଉଛି। ଏଥିଲାଗି ଚଳିତ ବର୍ଷ ଓୟୁଏଟି ଅଧୀନ ସର୍ବଭାରତୀୟ ସମନ୍ୱିତ ପୁଷ୍ଟିଶସ୍ୟ ଗବେଷଣା ପ୍ରକଳ୍ପରୁ ବିକଶିତ ସୁଆଁ ଫସଲର ଏକ କିସମ 'କଳିଙ୍ଗ ସୁଆଁ ୧୮' କେନ୍ଦ୍ରୀୟ କିସମ (ବିହନ) ସମିତି ଦ୍ୱାରା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ କର୍ନାଟକରେ ଚାଷ କରାଯିବା ପାଇଁ ମଞ୍ଜୁରିପ୍ରାପ୍ତ ହୋଇଛି। ଏହି କିସମଟି ୯୨ ଦିନରେ ଅମଳ ହେଉଥିବା ବେଳେ ହେକ୍ଟର ପ୍ରତି ୧୬୮୮ କେ.ଜି. ହାରାହାରି ଅମଳ ଦେଇଥାଏ। ଏହା ମଧ୍ୟ ପତ୍ରପୋଡ଼ା, ବାଦାମୀ ପତ୍ରଦାଗ ରୋଗ ପ୍ରତିରୋଧୀ ହେବା ସହ ଫଳବିନ୍ଧା ମାଛି ସହଣୀ କ୍ଷମତା ରହିଛି।

# ପ୍ରାଣୀଙ୍କ ଲମ୍ପି ଚର୍ମ ରୋଗ ନିୟନ୍ତ୍ରଣ ଓ ନିରାକରଣ

ଚଳିତ ବର୍ଷ ରାଜ୍ୟରେ ଗୋରୁଙ୍କଠାରେ ଲମ୍ପି ଚର୍ମରୋଗ ବା ଚର୍ମବିଣ୍ଡି ରୋଗ ପ୍ରାଦୁର୍ଭାବ ଦେଖାଦେଇଛି। ଗୋରୁ ଏହି ଭୂତାଣୁଜନିତ ଚର୍ମରୋଗରେ ପୀଡ଼ିତ ହେଲେ ଜ୍ୱର ହେବା, ସର୍ବାଙ୍ଗ ଶରୀରର ଚର୍ମରେ ବସନ୍ତ ପରି କଳା ରଙ୍ଗର ଟାଣ ଫୋଟକମାନ ସୃଷ୍ଟି ହେବା ସହିତ ଯନ୍ତ୍ରଣା ଦେବା, ଦୁଗ୍ଧ ଉତ୍ପାଦନ କମିଯିବା ଇତ୍ୟାଦି ଲକ୍ଷଣ ପ୍ରକାଶପାଏ। ସେଥିପାଇଁ ଆକ୍ରାନ୍ତ ଗୋରୁ ବା ସୁସ୍ଥ ପ୍ରାଣୀଠାରୁ ଅଲଗା ରଖିବା, ମଶା, ଡାଆଁଶ ଓ ଟିଙ୍କ ଦାଉରୁ ନିବୃତ୍ତ ରଖିବା, ଗୁହାଳ ପରିବେଶ ସଫା ରଖିବା, ସୁସ୍ଥ ଗୋରୁଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ତୁରନ୍ତ ପ୍ରତିଷେଧକ ଟିକା ପ୍ରଦାନ କରିବା ନେଇ ବିଭାଗୀୟ ପରାମର୍ଶ ନେବାକୁ ପଡ଼ିଥାଏ। ସେଥିପାଇଁ ବିଭାଗ ତରଫରୁ ବ୍ୟାପକ ଟିକା ପ୍ରଦାନ କରାଯାଉଛି। ରିପୋର୍ଟ ଅନୁସାରେ ଚଳିତ ମାସ ୨୩ ତାରିଖ ସୁଦ୍ଧା ୪୨ଲକ୍ଷ ୩୦ହଜାର ଗୋରୁଙ୍କୁ ପ୍ରତିଷେଧକ ଟିକା ପ୍ରଦାନ କରାଯାଇଛି।

# ଦୃଷ୍ଟାନ୍ତ

ଶେଷ ପାଦରେ ଉପନୀତ ୨୦୨୨। ଚଳିତ ବର୍ଷ କୃଷି, ମତ୍ସ୍ୟ ଏବଂ ପ୍ରାଣୀପାଳନ କ୍ଷେତ୍ରରେ ସଂଘଠିତ ଘଟଣାବଳୀ ସମ୍ପର୍କରେ...





# ମଣ୍ଡା ମଇଁଷିର ପଞ୍ଜୀକରଣ

ଓଡ଼ିଶାର ନିଜ ମାଟିରେ ବିଭିନ୍ନ ପଶୁପକ୍ଷୀଙ୍କର ପଞ୍ଜୀକରଣ କରିବାରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ମୁଖ୍ୟ ଭୂମିକା ରହିଛି। ଏହି ବର୍ଷ କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲାରେ ଦେଖାଯାଉଥିବା ମଣ୍ଡା ମଇଁଷିର ସମଗ୍ର ଭାରତର ୧୯ତମ ପ୍ରଜାତି ଭାବରେ ପଞ୍ଜୀକରଣ କରାଯାଇଛି। ଏହି ମଇଁଷିର ବିଭିନ୍ନ ରୋଗ ପ୍ରତିରୋଧକ ଶକ୍ତି ରହିଥିଲା ବେଳେ ଏହା ଅଧିକ ତାପମାତ୍ରା ମଧ୍ୟ ସହିପାରେ। ଏହା ମଧ୍ୟମ ଆକାରର ମଇଁଷି ହୋଇଥିବା ବେଳେ ହଳ କରିବା ସହ କ୍ଷୀର ମଧ୍ୟ ଦେଇପାରେ। ଏହା ଦୈନିକ ପ୍ରାୟ ୧.୫ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାଏ।

## ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ କୁକୁଡ଼ା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ରଙ୍ଗିନ ମାଂସଳ କୁକୁଡ଼ା 'ପଲ୍ଲିଶ୍ରୀ' ୩ ବର୍ଷ ପରେ ପୁଣି ଥରେ ଉପଲବ୍ଧ ହୋଇଛି। ବାର୍ଡ ଫ୍ଲୁ ଓ କୋଭିଡ୍ ଜନିତ ଅସୁବିଧା ପାଇଁ ସମ୍ପୂର୍ଣ୍ଣ ଭାବରେ ଲୋପପାଇଯାଇଥିବା ଏହି ପ୍ରକାର କୁକୁଡ଼ା ବିଶ୍ୱବିଦ୍ୟାଳୟ ଅଧୀନ ସର୍ବଭାରତୀୟ କୁକ୍କୁଟ ପ୍ରଜନନ ପ୍ରକଳ୍ପର ଗବେଷଣା ମାଧ୍ୟମରେ ପୁଣିଥରେ ବିକଶିତ କରାଯାଇ 'ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀ' ନାମରେ ଚାଷୀମାନଙ୍କୁ ଉପଲବ୍ଧ କରାଯାଇପାରିଛି। ଏହି କୁକୁଡ଼ା ତା'ର ରଙ୍ଗ ଓ ସ୍ୱାଦ ପାଇଁ କୁକୁଡ଼ା ଚାଷୀମାନଙ୍କୁ ଆକର୍ଷିତ କରିଆସିଛି।

# ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର ପ୍ୟାଟେଣ୍ଟ

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ବିକଶିତ 'ଓୟୁଏଟି ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ର'କୁ ୨୦୨୨ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ୟାଟେଣ୍ଟ ମଞ୍ଜୁରୀ ମିଳିଛି। ଆମ ରାଜ୍ୟର ଓଡ଼ିଶା ମିଲେଟ ମିଶନ ଜରିଆରେ ୧୫ଟି ଜିଲାରେ ୮୦୦ଟି ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କ ପାଖରେ ଉପଲବ୍ଧ କରାଯାଇଛି। ଏହି ଯନ୍ତ୍ରରେ ମାଣ୍ଡିଆ ଅମଳ କରି ସଫା କରିବା ପାଇଁ ୧ ଘଣ୍ଟାକୁ ୩୩ ପଇସା ଖର୍ଚ୍ଚ ହେଉଥିବା ବେଳେ ପାରମ୍ପରିକ ପଦ୍ଧତି ବା ମଣିଷ ଦ୍ୱାରା ଏହି କାମ କଲେ ଘଣ୍ଟା ପ୍ରତି ପ୍ରାୟ ୫ ଟଙ୍କା ଖର୍ଚ୍ଚ ହୋଇଥାଏ।






## ପ୍ରାଣୀ ସମ୍ପଦ ସମ୍ପର୍କିତ ୫ ପୁସ୍ତକ

ଚଳିତ ବର୍ଷ ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ବିଶିଷ୍ଟ ପ୍ରାଣୀ ବିଶେଷଜ୍ଞ ଡା. ବୀରକିଶୋର ପରିଡ଼ାଙ୍କ ଦ୍ୱାରା ରଚିତ ପାଞ୍ଚଟି ପୁସ୍ତକ ଏକାଥରେ ଉନ୍ମୋଚିତ ହୋଇ ପାଠକାଦୃତି ଲାଭ କରିବାରେ ସକ୍ଷମ ହୋଇଛି। ପ୍ରାଣୀ ସମ୍ପଦ ସମ୍ପର୍କିତ ବେଶ୍ ଉପାଦେୟ ବିଷୟବସ୍ତୁ ଏହି ପୁସ୍ତକଗୁଡ଼ିକରେ ସ୍ଥାନିତ ହୋଇଛି।

ଡା. ବୀରକିଶୋର ପରିଡ଼ା

# ଜାତୀୟ ଗୋପାଳନ ସମ୍ମିଳନୀ

ଓମ୍‌ଫେଡ୍ ଏବଂ ଜିଲା ପ୍ରଶାସନ, ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ଜାତୀୟ ଗୋପାଳନ ସମ୍ମିଳନୀ–୨୦୨୨କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଦୁଗ୍ଧ ଉତ୍ପାଦନ (ଡେରୀ) କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ଦୁଗ୍ଧ ଚାଷ ଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଛେଳିଠାରେ କୃତ୍ରିମ ପ୍ରଜନନ

ରାଜ୍ୟରେ ଗାଈ ପରି ଛେଳିଠାରେ ଉନ୍ନତ ମାନର ବୋଦାର ବିହନ ଓ ଶୁକ୍ରାଣୁ ବ୍ୟବହାର କରି ରାଜ୍ୟ ସରକାରଙ୍କ ଦ୍ୱାରା କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚଳିତ ବର୍ଷ ପ୍ରାଣୀପାଳନ ସହିତ କୃଷି, ଉଦ୍ୟାନ କୃଷି ଉପରେ ଆର୍ଥିକ ପ୍ରୋତ୍ସାହନ ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାଧ୍ୟମରେ ଏହି ଯୋଜନାରେ ଗୋପାଳନ, ଛେଳି ପାଳନ, ବତକ ପାଳନ, କୁକୁଡ଼ା ପାଳନ, ସମନ୍ୱିତ ମାଛଚାଷ ସହିତ ପ୍ରାଣୀପାଳନ ନିମନ୍ତେ ଋଣ ପ୍ରଦାନ କରାଯାଇଛି। ତା'ସହ ଉଦ୍ୟୋଗୀମାନଙ୍କୁ ନିଜସ୍ୱ ପାଣ୍ଠିରୁ ମଧ୍ୟ ଏହି ଯୋଜନାରେ ସବ୍‌ସିଡ୍ ପ୍ରଦାନ କରାଯାଇଛି। ଉକ୍ତ ଯୋଜନାରେ ସାଧାରଣବର୍ଗଙ୍କ ପାଇଁ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ଥିବା ବେଳେ ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।



## ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ...

ରାଷ୍ଟ୍ରୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଚଳିତବର୍ଷ ଅଗଷ୍ଟ ୧ରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗୋସମ୍ପଦର ବିକାଶ ସହ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ପ୍ରୟାସ କରାଯାଉଛି।

# ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ରାଜ୍ୟରେ ଫାଟୁଆ ରୋଗ ଏବଂ ବ୍ରୁସେଲୋସିସ୍ ରୋଗର ନିୟନ୍ତ୍ରଣ ଏବଂ ନିରାକରଣ ନିମନ୍ତେ 'ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ–୨' ମାଧ୍ୟମରେ ବ୍ୟାପକ ଫାଟୁଆ ଟିକା ଗୋରୁଙ୍କୁ ପ୍ରଦାନ ସହ ୪ରୁ ଊର୍ଦ୍ଧ୍ୱ ମାସର ମାଈ ବାଛୁରୀଙ୍କୁ ବ୍ରୁସେଲା ଟିକା ପ୍ରଦାନ କରାଯାଇପାରିବ।

# କୃତ୍ରିମ ପ୍ରଜନନରେ ଲିଙ୍ଗ ନିରୂପିତ ଶୁକ୍ର ବ୍ୟବହାର

ସାଧାରଣତଃ କୃତ୍ରିମ ପ୍ରଜନନ ଦ୍ୱାରା ୫୦ପ୍ରତିଶତ ଉନ୍ନତ ମାନର ଓ ୫୦ପ୍ରତିଶତ ଅଣ୍ଡିରା ବାଛୁରୀ ଜନ୍ମ ହେବାର ସମ୍ଭାବନା ଥାଏ। ଆଜିକାଲି ଚାଷକାର୍ଯ୍ୟରେ କଳ ଲଙ୍ଗଳର ବହୁଳ ବ୍ୟବହାର ଯୋଗୁ ଅଣ୍ଡିରା ବାଛୁରୀକୁ ବଳଦ କରି ଚାଷ କରି ଫସଲ ଉତ୍ପାଦନ କରିବା ଚାଷୀଙ୍କ ପାଇଁ ବ୍ୟୟବହୁଳ ହୋଇପଡୁଛି। ଫଳରେ ଗୋପାଳକମାନେ ଅଣ୍ଡିରା ବାଛୁରୀକୁ ବାହାରେ ଛାଡ଼ିଦେବାରୁ ବୁଲାଷଣ୍ଢଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ସରକାର କୃତ୍ରିମ ପ୍ରଜନନରେ ଲିଙ୍ଗ ନିରୂପିତ ଶୁକ୍ର ବ୍ୟବହାର ପାଇଁ ପ୍ରତ୍ୟେକ ଜିଲାକୁ ବଣ୍ଟନ କରିଛନ୍ତି। ଫଳରେ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ କେବଳ ଉନ୍ନତ ମାଈ ବାଛୁରୀ ସୃଷ୍ଟି ହେବା ସହିତ ଅଧିକ ଦୁଧିଆଳୀ ଗାଈ ସୃଷ୍ଟିହେବା ସହ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଛି। ସେଥିପାଇଁ ସରକାର ପ୍ରତି ସିମେନ୍ ଡୋଜ୍‌ରେ ୭୫ ପ୍ରତିଶତ ରିହାତି ପ୍ରଦାନ କରୁଛନ୍ତି।

# ସବୁଜ ଗୋଖାଦ୍ୟ ଫସଲ

ରାଜ୍ୟରେ ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ଖରିଫ ଏବଂ ରବିଋତୁରେ ବିଭିନ୍ନ କିସମର ଘାସମଞ୍ଜି ଯଥା–ମକା, ବରଗୁଡ଼ି, ବର୍‌ସିମ୍, ଓଟ୍, ସର୍‌ଗମ୍ ଆଦି ଗୋଚାଷୀମାନଙ୍କୁ ମାଗଣାରେ ବଣ୍ଟନ କରାଯାଇଛି। ଏହାବ୍ୟତୀତ ରାଜ୍ୟ ଯୋଜନା ଅଧୀନରେ ସବୁଦିନିଆ ଘାସଚାଷ ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବା ସହିତ ଆଜୋଲା ଚାଷ, ଶସ୍ୟର ଅବଶିଷ୍ଟାଂଶ ସୁବିନିଯୋଗ ପାଇଁ ଉପଚାର ନିମନ୍ତେ ବିହନ ଉପଚାର, ସରଞ୍ଜାମ ଏବଂ ଘାସକଟା ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି।



# ‘ଘରୋଇ ପରିବେଶରୁ ଫାଇଦା ନେବୁ’



ଭୁବନେଶ୍ୱର ବିମାନବନ୍ଦରରୁ ପ୍ରସ୍ଥାନ ଅବସରରେ ଭାରତୀୟ ଖେଳାଳି।

## ୨୦୨୩ ହକି ବିଶ୍ୱକପ

### ଓଡ଼ିଶାରେ ପହଞ୍ଚିଲା ଭାରତୀୟ ହକି ଦଳ

ଭୁବନେଶ୍ୱର, ୨୭।୧୨ (କ୍ରୀଡ଼ା ପ୍ରତିନିଧି)

୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ହକି ବିଶ୍ୱକପ ଭୁବନେଶ୍ୱର ଏବଂ ରାଉରକେଲାରେ ଅନୁଷ୍ଠିତ ହେବ। ହକିର ଏହି ମହାକୁମ୍ଭରେ ଅଂଶଗ୍ରହଣ କରିବା ପାଇଁ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମଙ୍ଗଳବାର ଓଡ଼ିଶାରେ ପହଞ୍ଚିଛି। ବିଶ୍ୱକପ ପାଇଁ କ୍ୟାମ୍ପ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେଉଥିଲା। ସେଠାରୁ ଦଳ ଆସି ପ୍ରଥମେ ଭୁବନେଶ୍ୱରରେ ଏବଂ ପରେ ଝାରସୁଗୁଡ଼ା ଦେଇ ରାଉରକେଲାରେ ପହଞ୍ଚିଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରେ ରାଜ୍ୟସରକାରଙ୍କ କ୍ରୀଡ଼ା ବିଭାଗ ଓ ହକି ଇଣ୍ଡିଆର କର୍ମକର୍ତ୍ତାମାନେ ଭାରତୀୟ ଖେଳାଳି ଓ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଭାରତୀୟ ଦଳ ଜାନୁୟାରୀ ୧୩ରେ ଏହାର ପ୍ରଥମ ମ୍ୟାଚ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ସ୍ପେନ୍ ବିପକ୍ଷରେ ଖେଳିବ। ଏହାପରେ ସେଠାରେ ୧୫ରେ ଇଂଲଣ୍ଡକୁ ଭେଟିବ ଏବଂ ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ ୧୯ ତାରିଖରେ ୱେଲ୍ସ ବିପକ୍ଷରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳିବ। କ୍ରମାଗତ ଦ୍ୱିତୀୟ ଥର ଘରୋଇ ପରିବେଶରେ ଖେଳବାକୁ ଯାଉଥିବାରୁ ଭାରତ ଏହାର ଫାଇଦା ନେବାକୁ ଚେଷ୍ଟା କରିବ ବୋଲି ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

‘‘କ୍ରମାଗତ ବିଶ୍ୱକପ ଆୟୋଜନ କରିବାକୁ ଯାଉଥିବାରୁ ଓଡ଼ିଶା ସରକାରଙ୍କୁ ପ୍ରଥମେ ଧନ୍ୟବାଦ ଦେବାକୁ ଚାହିଁବି। ଘରୋଇ ପରିବେଶରେ ଆମେ କ୍ରମାଗତ ଦ୍ୱିତୀୟ ଥରପାଇଁ ବିଶ୍ୱକପ ଖେଳିବାକୁ ଯାଉଛୁ। ତେଣୁ ଏହାର ଫାଇଦା ଉଠାଇବା ଆମର ପ୍ରଥମ ଲକ୍ଷ୍ୟ ରହିବ। ବିଶ୍ୱକପ ଏଥର ୨ଟି ସ୍ଥାନ ଭୁବନେଶ୍ୱର ଏବଂ ରାଉରକେଲାରେ ହେବାକୁ ଯାଉଛି। ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମର ନୂଆ ଟର୍ଫ ସହିତ ଅଭ୍ୟସ୍ତ ହେବାକୁ ଟିକେ ସମୟ ଲାଗିବ। ତେବେ ଏଥିପାଇଁ ଆମକୁ ଅଧିକ ସମୟ ମିଳିଥିବାରୁ ଏହାର ସଦୁପଯୋଗ କରିବୁ’’ ବୋଲି ପ୍ରକାଶ କରିଛନ୍ତି ହରମନପ୍ରୀତ। ଘରୋଇ ପରିବେଶରେ ଭାରତ ଖେଳିବାକୁ ଯାଉଥିବାରୁ ଚାପ ରହିବ କି ପ୍ରଶ୍ନର ଉତ୍ତରରେ ହରମନପ୍ରୀତ କହିଲେ ଯେ, ‘‘ଏହା ଏକ ଟିମ୍ ଗେମ୍। ଆମେ ସମସ୍ତଙ୍କୁ ସାହାଯ୍ୟ କରି ଖେଳିବୁ। ମ୍ୟାଚପରେ ମ୍ୟାଚକୁ ଲକ୍ଷ୍ୟ ରଖି ଆଗେଇବୁ। ଯଥା ସମ୍ଭବ ନିଜ ଉପରକୁ ଚାପ ନ ଆସିବା ଉପରେ ଧ୍ୟାନ ଦେବୁ’’। ୨୦୧୮ରେ ଭାରତୀୟ ଦଳ କେବଳ ଭୁବନେଶ୍ୱରରେ ବିଶ୍ୱକପ ଖେଳିଥିଲା। ଏଥର ରାଉରକେଲାରେ ଦେଶର ସର୍ବବୃହତ୍ ଷ୍ଟାଡିୟମରେ ମ୍ୟାଚ ଖେଳିବ। ସେଠାରେ ଖେଳିବା ପାଇଁ ଆମେ ବ୍ୟଗ୍ର ବୋଲି ଅଧିନାୟକ ପ୍ରକାଶ କରିଛନ୍ତି। ‘‘ନବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳିବାକୁ ଆମେ ବ୍ୟଗ୍ର। ବେଙ୍ଗାଲୁରୁ କ୍ୟାମ୍ପରେ ଅଭ୍ୟାସ କରି ଆମେ ଫେରିଛୁ। ଏବେ ଟୁର୍ନାମେଣ୍ଟ ଆରମ୍ଭ ହେବା ପର୍ଯ୍ୟନ୍ତ ରାଉରକେଲାରେ ଅଭ୍ୟାସ ଜାରି ରହିବ। ଆମର ଏପର୍ଯ୍ୟନ୍ତ ପ୍ରସ୍ତୁତି ଭଲ ରହିଛି। ଭରପୂର ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ନିଶ୍ଚିତ ଭିନ୍ନ ଅନୁଭବ ହେବ। ବିଶ୍ୱକପରେ ଆମର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ୍। ଏହାପରେ ଇଂଲଣ୍ଡ ଓ ୱେଲ୍ସ ବିପକ୍ଷରେ ଖେଳିବୁ। ଆମେ ଏହି ଦଳ ଗୁଡ଼ିକ ବିପକ୍ଷରେ ପ୍ରୋ-ଲିଗ୍‌ରେ ଖେଳି ସାରିଛୁ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ଭେଟିଛୁ। ଦଳ ଗୁଡ଼ିକର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଅବଗତ ଅଛୁ। ତେଣୁ ଆଗାମୀ ବିଶ୍ୱକପରେ ଆମେ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ ଅଛୁ’’ ବୋଲି ହରମନପ୍ରୀତ କହିଛନ୍ତି।

## ରାଉରକେଲାରେ ଭବ୍ୟ ସ୍ୱାଗତ

**ରାଉରକେଲା ଅଫିସ,୨୭।୧୨:** ରାଉରକେଲାରେ ପ୍ରଥମ ଥର ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଦର୍ଶକଙ୍କ ମନରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି। ଝାରସୁଗୁଡା ଏୟାରପୋର୍ଟରୁ ବସ୍ ଯୋଗେ ଭାରତୀୟ ହକି ଦଳ ମଙ୍ଗଳବାର ସନ୍ଧ୍ୟା ୭ଟାରେ ରାଉରକେଲାରେ ପହଞ୍ଚିଥିଲା। ବସ୍ ବେଦବ୍ୟାସ ଛକ ହୋଇ ପାନପୋଷ ହକି ଛକ ରିଙ୍ଗ୍‌ରୋଡ ଦେଇ ହନୁମାନ ବାଟିକା ଛକ ରିଙ୍ଗ୍‌ରୋଡ ହୋଇ ବିପିୟୁଟି ପରିସରରେ ଥିବା ବିର୍ସାମୁଣ୍ଡା ଷ୍ଟାଡିୟମରେ ପହଞ୍ଚିଥିଲା । ହକି ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ରାଉରକେଲା ପାନପୋଷ ଛକ, ହନୁମାନ ବାଟିକା ଛକ, ଛେଣ୍ଡ ଛକରେ ବହୁ କ୍ରୀଡାପ୍ରେମୀ ଭାରତୀୟ ଜାତୀୟ ପତାକା ହାତରେ ଧରି ଉପସ୍ଥିତ ଥିଲେ। ଖେଳାଳିମାନେ ଷ୍ଟାଡିୟମରେ ପହଞ୍ଚିବା ପରେ ହକି ଇଣ୍ଡିଆର ମ୍ୟାନେଜମେଣ୍ଟ ଟିମ୍ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସମସ୍ତ ଖେଳାଳିଙ୍କୁ ବିର୍ସାମୁଣ୍ଡା ଷ୍ଟାଡିୟମରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ହୋଟେଲକୁ ପାଛୋଟି ନିଆଯାଇଥିଲା। ଖେଳାଳିଙ୍କୁ ଦେଖିବା ପାଇଁ ଷ୍ଟାଡିୟମ ବାହାରେ ବହୁ ହକି ପ୍ରେମୀ ଉପସ୍ଥିତ ଥିଲେ। ବିଶେଷ କରି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ ଓ ଉପଅଧିନାୟକ ଅମିତ ରୋହିଦାସଙ୍କୁ ବସ୍‌ରେ ଓହ୍ଲାଇବାବେଳେ ବହୁ କ୍ରୀଡାପ୍ରେମୀ ବେଷ୍ଟ ଅଫ ଲକ୍ କହି ଉତ୍ସାହିତ ପ୍ରକାଶ କରିଥିଲେ। ଭାରତୀୟ ଦଳରେ ସୁନ୍ଦରଗଡ ମାଟିର ବାଲିଶଙ୍କରା ବ୍ଲକ ସୋନାମରା ଗ୍ରାମର ପୁଅ ଅମିତ ରୋହିଦାସ ଓ କାଦୋବାହାଲ ଗ୍ରାମର ପୁଅ ନିଲମ ସଞ୍ଜୀପ ଖେସ ସାମିଲ ହୋଇଥିବାରୁ କ୍ରୀଡାପ୍ରେମୀ ଭଲ ଖେଳ ପ୍ରଦର୍ଶନ ନେଇ ଆଶା ରଖିଛନ୍ତି। ବିର୍ସାମୁଣ୍ଡା ଷ୍ଟାଡିୟମରେ ପହଞ୍ଚିବା ପରେ ଅମିତ ରୋହିଦାସ କହିଥିଲେ ଯେ ଭାଗ୍ୟରେ ଥିଲେ ନିଜ ମାଟିରେ ଖେଳିବାର ସୁଯୋଗ ମିଳେ । ନିଜ ମାଟିରୁ ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିବା ସୁଯୋଗ ପାଇଥିବାରୁ ଆମେ ଗର୍ବ ଅନୁଭବ କରୁଛୁ । ଜିଲାର କ୍ରୀଡାପ୍ରେମୀଙ୍କ ସମର୍ଥନ ଆମ ଦଳକୁ ନିଶ୍ଚିତ ମିଳିବ । ବିର୍ସାମୁଣ୍ଡା ଷ୍ଟାଡିୟମର ନୂଆ ଟର୍ଫରେ ନିଜ ମାଟିରେ ଖେଳିବାର ଅନୁଭୂତି ଆମକୁ ନିଶ୍ଚିତ ପ୍ରେରଣା ଦେବ ବୋଲି ଅମିତ ପ୍ରକାଶ କରିଥିଲେ।

## କ୍ୱାର୍ଟର ଫାଇନାଲ ଆମର ପ୍ରଥମ ଲକ୍ଷ୍ୟ

ଆଗାମୀ ହକି ବିଶ୍ୱକପରେ ଭାରତୀୟ ଦଳର ଉପ-ଅଧିନାୟକ ଭାର ଜଣେ ଓଡ଼ିଆଙ୍କ ଉପରେ। ସେ ହେଉଛନ୍ତି ଦକ୍ଷ ଡିଫେଣ୍ଡର ଅମିତ ରୋହିଦାସ। ଜନ୍ମ ମାଟିରେ ଦ୍ୱିତୀୟ ଥରପାଇଁ ବିଶ୍ୱକପ ଖେଳିବାକୁ ଯାଉଥିବାରୁ ସେ ବହୁତ ଉତ୍ସାହିତ ଅଛନ୍ତି। କ୍ୱାର୍ଟର ଫାଇନାଲ ଖେଳିବା ଭାରତୀୟ ଦଳର ପ୍ରଥମ ଟାର୍ଗେଟ ହେବ ବୋଲି ଭୁବନେଶ୍ୱରରେ ପହଞ୍ଚିବାପରେ ଅମିତ ପ୍ରକାଶ କରିଛନ୍ତି। ‘‘ହକିପ୍ରତି ଓଡ଼ିଶା ସରକାରଙ୍କ ଆନ୍ତରିକତା ଯୋଗୁ ରାଜ୍ୟରେ ଦ୍ୱିତୀୟ ଥରପାଇଁ ବିଶ୍ୱକପ ହେବାକୁ ଯାଉଛି। ନିଜ ମାଟିରେ ଦ୍ୱିତୀୟଥର ବିଶ୍ୱକପ ଖେଳିବାକୁ ଯାଉଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ଭୁବନେଶ୍ୱର ସମେତ ରାଉରକେଲାରେ ଏଥର ବିଶ୍ୱକପ ହେଉଥିବାରୁ ବ୍ୟକ୍ତିଗତ ଭାବେ ମୁଁ ବହୁତ ଖୁସି ଅଛି। ଏହା ନିଶ୍ଚିତ ସ୍ମରଣୀୟ ହେବ ବୋଲି ଆଶା ରଖିଛି। ମ୍ୟାଚପରେ ମ୍ୟାଚକୁ ଦୃଷ୍ଟିରେ ରଖି ଆମେ ଖେଳିବୁ। କ୍ୱାର୍ଟର ଫାଇନାଲରେ ପହଞ୍ଚିବା ଆମର ପ୍ରଥମ ଲକ୍ଷ୍ୟ ରହିବ। ଏହା ପୂରଣ ହେବାପରେ ଯାଇ ଆମେ ପରବର୍ତ୍ତୀ ଯୋଜନା ପ୍ରସ୍ତୁତ କରିବୁ’’ ବୋଲି ଅମିତ ପ୍ରକାଶ କରିଛନ୍ତି। ହକିର ଏନ୍ତୁଡ଼ିଶାଳରେ ଏଥର ବିଶ୍ୱକପ ହେବାକୁ ଯାଉଛି। ଏହା ମୋତେ ଉଲ୍ଲସିତ କରିଛି। ତେଣୁ ଦର୍ଶକଙ୍କୁ ମୋର ଅନୁରୋଧ ଯେ ସେମାନେ ଭରପୂର ସଂଖ୍ୟାରେ ଷ୍ଟାଡିୟମରେ ଉପସ୍ଥିତ ରୁହନ୍ତୁ। କେବଳ ଭାରତୀୟ ଦଳ ନୁହେଁ, ଓଡ଼ିଶାର ହକିପ୍ରେମୀମାନେ ସବୁ ଦଳକୁ ଉତ୍ସାହିତ କରନ୍ତୁ। ଗୋଲକିପରଙ୍କଠାରୁ ଆରମ୍ଭ କରି ଫରୱାର୍ଡ ପର୍ଯ୍ୟନ୍ତ ସବୁ ବିଭାଗରେ ଆମେ ଦୃଢ଼ ହୋଇଛୁ। ଏବେ କିଛିଦିନ ଘରୋଇ ପରିବେଶରେ ଅଭ୍ୟାସ କରିବୁ, ଯାହାକି ଆମକୁ ନିଶ୍ଚିତ ଫାଇଦାରେ ରଖିବ। ତେଣୁ ବିଶ୍ୱକପ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଅମିତ ପ୍ରକାଶ କରିଛନ୍ତି।



ଅମିତ ରୋହିଦାସ

## ନ୍ୟୁଜିଲାଣ୍ଡର ଦୃଢ଼ ଜବାବ

**କରାଚୀ, ୨୭।୧୨ (ଏପି):** ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଦୃଢ ଆରମ୍ଭ କରିଛି। ପାକିସ୍ତାନର ୪୩୮ରନ ଜବାବରେ ଦଳ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବିନା କୌଣସି ଉଇକେଟରେ ୧୬୫ ରନ କରିଛି। ଟମ୍ ଲଥାମ ୭୮ ଓ ଡେଭନ କନୱେ ୮୨ରନ କରି ଅପରାଜିତ ରହିଛନ୍ତି। କନୱେ ୧୯ ଇନିଂସରେ ୧,୦୦୦ ଟେଷ୍ଟ ରନ ପୁରଣ କରିଛନ୍ତି। ଏଥି ସହିତ ସେ ପୂର୍ବରୁ ଜନ୍ ଏଫ୍. ରିଡ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ସେ ଭଙ୍ଗ କରିଛନ୍ତି।

ସକାଳେ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୧୭/୫ରୁ ଖେଳ ଆରମ୍ଭ କରିଥିବା ପାକିସ୍ତାନ ଆଉ ୧୨୧ରନ ଯୋଗ କରି ଏହାର ଅବଶିଷ୍ଟ ୫ଟି ଉଇକେଟ ହରାଇଥିଲା। ପୂର୍ବଦିନ ୩ରନ କରି ନଟଆଉଟ ଥିବା ଆଘା ସଲମନ ତାଙ୍କ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ସେ ୧୦୩ ରନ କରିବା ସହ ଶେଷ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ସେ ୧୫୫ ବଲ୍‌ର ସାମ୍ନା କରିଥିବା ବେଳେ ୧୭ ଚୌକା ଲଗାଇଥିଲେ।

## ବେହାର୍ଡିନଙ୍କ ଅବସର

**କେପ୍‌ଟାଉନ୍, ୨୭।୧୨ (ପି.ଟି.):** ଦକ୍ଷିଣ ଆଫ୍ରିକାର ସୀମିତ ଓଭର ସ୍ପେଶାଲିଷ୍ଟ ତଥା ପୂର୍ବତନ ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ଫରହାନ୍ ବେହାର୍ଡିନ ମଙ୍ଗଳବାର ପ୍ରଫେସନାଲ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୩୯ ବର୍ଷୀୟ ଏହି ଖେଳାଳି ୫୯ ଅନ୍ତର୍ଜାତୀୟ ଦିନିକିଆ ଓ ୩୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ୨୦୧୭ରେ ସେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ଅଧିନାୟକତ୍ୱ କରିଥିଲେ। ସୋସିଆଲ ମିଡିଆରେ ସେ ତାଙ୍କ ନିଷ୍ପତ୍ତି ଘୋଷଣା କରିଛନ୍ତି। ଅଲରାଉଣ୍ଡର ଜଣକ କହିଛନ୍ତି, ୧୮ ବର୍ଷରୁ ଅଧିକ ସମୟ ଖେଳିବା ପରେ ପ୍ରଫେସନାଲ କ୍ରିକେଟ ଛାଡ଼ିବା ନିଷ୍ପତ୍ତି ସହଜ ନ ଥିଲା। ବ୍ୟାଟର ବେହାର୍ଡିନ ତାଙ୍କ କ୍ୟାରିୟରରେ ଅନ୍ତର୍ଜାତୀୟ ଦିନିକିଆରେ ୧୦୭୪ ରନ ସଂଗ୍ରହ କରିଥିବା ବେଳେ ଅନ୍ତର୍ଜାତୀୟ ଟି୨୦ରେ ୫୧୮ ରନ ସଂଗ୍ରହ କରିଥିଲେ।

# ସୂର୍ଯ୍ୟକାନ୍ତଙ୍କୁ ୪ ଉଇକେଟ, ନିଶାନ୍ତଙ୍କ ଶତକ



ନିଶାନ୍ତ ସିନ୍ଧୁ

ଭୁବନେଶ୍ୱର, ୨୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କଟକର ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚର ପ୍ରଥମ ଦିନରେ ୫ ଉଇକେଟରେ ୩୦୬ ରନ୍ କରିଛି ହରିୟାଣା। ୧୯ ବର୍ଷରୁ କମ୍ ଭାରତୀୟ ଦଳର ଖେଳାଳି ନିଶାନ୍ତ ସିନ୍ଧୁ ଅପରାଜିତ ୧୪୨ ରନ୍ କରିଛନ୍ତି। ଓଡ଼ିଶା ପକ୍ଷରୁ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୪ ଉଇକେଟ ନେଇଥିଲେ। ଏହି ମ୍ୟାଚରେ ଓଡ଼ିଶା ଏକାଧିକ ସିନିୟର ଖେଳାଳିଙ୍କୁ ବାଦ ଦେଇଥିଲା। ବିପ୍ଳବ ସାମନ୍ତରାୟ, ଦେବବ୍ରତ ପ୍ରଧାନ ଓ ରାଜେଶ ଧୂପରଙ୍କ ବିନା ଦଳ ପଡିଆକୁ ଓହ୍ଲାଇଥିଲା। ଟସ୍ ଜିତି ଶୁଭ୍ରାଂଶୁ ସେନାପତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ।

### ସୂର୍ଯ୍ୟକାନ୍ତଙ୍କୁ ୪ ଉଇକେଟ

ଓଡ଼ିଶା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ଏହାର ଭରପୂର ଫାଇଦା ଉଠାଇଥିଲେ ସୂର୍ଯ୍ୟକାନ୍ତ। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଓପନର ଅଙ୍କିତ କୁମାର(୨୩)ଙ୍କୁ ମ୍ୟାଚର ସପ୍ତମ ଓଭରରେ ସେ ପ୍ୟାଭିଲିୟନ୍ ପଠାଇଥିଲେ। ଅନ୍ୟତମ ଓପନର ଯୁବରାଜ ସିଂ(୨୫) ଓ ହିମାଂଶୁ ରାଣା(୨୩)ଙ୍କ ମଧ୍ୟରେ ଏକ ଭାଗୀଦାରି ହେଉଥିବା ସମୟରେ ଉଭୟଙ୍କୁ ଆଉଟ କରିଥିଲେ ସୂର୍ଯ୍ୟକାନ୍ତ। ପରବର୍ତ୍ତୀ ବ୍ୟାଟର ୟଶୁ ଶର୍ମାଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରି ହରିୟାଣାକୁ ସଙ୍କଟରେ ପକାଇଥିଲେ ସୂର୍ଯ୍ୟକାନ୍ତ। ସୂର୍ଯ୍ୟକାନ୍ତ ଓଡ଼ିଶା ପାଇଁ ଏକ ଦୃଢ ମୂଳଦୁଆ ସ୍ଥାପନ କରିଥିଲେ ହେଁ ଅନ୍ୟ ବୋଲର ମାନେ ଏହାର ଫାଇଦା ଉଠାଇ ପାରିନଥିଲେ।

### ନିଶାନ୍ତ-ରୋହିତଙ୍କ ଶତକୀୟ ଭାଗୀଦାରି

ହରିୟାଣା ୯୧ ରନରେ ୪ ଉଇକେଟ ହରାଇଥିବା ବେଳେ ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଲରାଉଣ୍ଡର ନିଶାନ୍ତ ସିନ୍ଧୁ ଓ ଉଇକେଟ କିପର ରୋହିତ ପ୍ରମୋଦ ଶର୍ମାଙ୍କ ଶତକୀୟ ଭାଗୀଦାରି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ପଞ୍ଚମ ଉଇକେଟରେ ଉଭୟ ୪୬ ଓଭର ବ୍ୟାଟିଂ କରିବା

**ରଣଜୀ ଟ୍ରଫି**

ସହିତ ୧୫୫ ରନ୍ ଯୋଡିଥିଲେ। ସିନ୍ଧୁ ୨୦୯ ବଲର ସମ୍ମୁଖୀନ ହୋଇ ୨୧ ଚୌକା ଓ ଦୁଇ ଛକା ସହିତ ୧୪୨ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ୧୪୫ ବଲରୁ ୫୫ ରନ କରି ଗୋବିନ୍ଦ ପୋଦ୍ଦାରଙ୍କ ବଲରେ ବୋଲ୍ଡ ହୋଇଥିଲେ ରୋହିତ ପ୍ରମୋଦ। ତାଙ୍କ ଇନିଂସରେ ୭ ଚୌକା ସାମିଲ ଥିଲା।

ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ନିଶାନ୍ତ ୧୪୨ ଓ ଜୟନ୍ତ ଯାଦବ ୨୮ ରନରେ ବ୍ୟାଟିଂ କରୁଛନ୍ତି। ଓଡ଼ିଶା ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୪ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର:** ହରିୟାଣା ପ୍ରଥମ ଇନିଂସ: ୯୦ ଓଭରରେ ୩୦୬/୫(ନିଶାନ୍ତ ସିନ୍ଧୁ-୧୪୨*, ରୋହିତ ପ୍ରମୋଦ-୫୫, ଜୟନ୍ତ ଯାଦବ-୨୮*, ସୂର୍ଯ୍ୟକାନ୍ତ ପ୍ରଧାନ-୪/୬୮, ଗୋବିନ୍ଦ ପୋଦ୍ଦାର- ୧/୪୩।

# ଆକର୍ଷଣର କେନ୍ଦ୍ରରେ ଦିଶା, ରଣବୀର

ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ଜାନୁୟାରୀ ୧୩ରୁ ୨୯ ଯାଏ ଅନୁଷ୍ଠିତ ହେବ। କଟକରେ ଅନୁଷ୍ଠିତ ହେବ ଏହାର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବ। ଟୁର୍ନାମେଣ୍ଟ ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ୧୧ ଜାନୁୟାରୀ ୨୦୨୩ରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ବିଭିନ୍ନ ଅତିଥି ରାଷ୍ଟ୍ର ସହିତ ଆୟୋଜକ ରାଷ୍ଟ୍ର ଭାରତର ପ୍ରତିନିଧି ଉପସ୍ଥିତ ରହିବେ। ‘ସେଲିବ୍ରେସନ୍’ ନାମକ ଏହି କାର୍ଯ୍ୟକ୍ରମରେ ଉତ୍ସବ, ଲେଜର ଶୋ ଏବଂ ସଂସ୍କୃତିର ଝଲକ ଦେଖିବାକୁ ମିଳିବ। ଟୁର୍ନାମେଣ୍ଟର ଦୁଇଦିନ ପୂର୍ବରୁ ହେବାକୁ ଥିବା ଏହି କାର୍ଯ୍ୟକ୍ରମଟି ବିଶେଷତଃ ବହୁ ଷ୍ଟାର କଳାକାରଙ୍କୁ ନେଇ ହେବ ବୋଲି ଜଣାପଡିଛି। ଏଥିରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ ଦେଖିବାକୁ ପାଇବେ ୧୫ ଭ୍ରମଣକାରୀ ରାଷ୍ଟ୍ର। ଭାରତ ଓ ଓଡ଼ିଶା କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ସମସ୍ତ ଭ୍ରମଣକାରୀ ରାଷ୍ଟ୍ରଙ୍କ ପାଇଁ ଏକ ଅଦ୍ୱିତୀୟ ଶୋ’ର ଆୟୋଜନ ଲାଗି ପଥ ପ୍ରସ୍ତୁତ ହୋଇ ସାରିଛି। ପାରମ୍ପରିକ ଓଡ଼ିଆ ନାଚଗୀତ ସହିତ ଲେଜର ଲାଇଟ ଶୋ’ରେ ଦର୍ଶକ ଅଭିଭୂତ ହେବେ। କେବଳ ଷ୍ଟାଡିୟମରେ ବସିଥିବା ଦର୍ଶକ ନୁହନ୍ତି ବରଂ ଟିଭିରେ ମଧ୍ୟ ଏହାର ମଜା ନେଇପାରିବେ ସମଗ୍ର ଭାରତର ଦର୍ଶକ। ଏହି ସେଲିବ୍ରେଶନ୍ ଆମ ଦେଶ ଓ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କ୍ରମାଗତ ଦ୍ୱିତୀୟ ଥର ପାଇଁ ଆମେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ଏହି କାର୍ଯ୍ୟକ୍ରମ ଆମ କଳା ଓ ସଂସ୍କୃତିର ପ୍ରତୀକ ରହିବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଓଡ଼ିଶାର ସ୍ଥାନୀୟ କଳାକାର, ବଲିଉଡ୍, ପାରମ୍ପରିକ ଗୀତିକାର ଓ ବିଦେଶୀ ନାଟକକୁ ମଧ୍ୟ ଏହି ତାଲିକାରେ ସ୍ଥାନିତ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ହକିର ସ୍ପିରିଟ୍‌କୁ ଅନୁଭବ କରିବାକୁ ସମସ୍ତଙ୍କୁ ଆମନ୍ତ୍ରଣ କରିଛନ୍ତି ହକି ଇଣ୍ଡିଆ ସଭାପତି। ରଣବୀର ସିଂ ଓ ଦିଶା ପଟାନୀ ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ରହିବେ। ଏହା ବ୍ୟତୀତ ବ୍ଲାକ ସ୍ୱାନ୍ ଏବଂ ଓଡ଼ିଆ ଝିଅ ଶ୍ରୀୟା ଲେଙ୍କାଙ୍କ କେ ପପ୍ ବ୍ୟାଣ୍ଡ ମଧ୍ୟ ଏଥିରେ ପ୍ରଦର୍ଶନ ହେବ। ହକି ବିଶ୍ୱକପ ୨୦୨୩ର ଗୀତ ଓ ସଙ୍ଗୀତ ଲେଖିଥିବା ପ୍ରୀତମଙ୍କ ସହିତ ବେନି ଦୟାଲ, ନୀତି ମୋହନ, ଲିସା ମିଶ୍ର, ଅମିତ ମିଶ୍ର, ଅନ୍ତରା ମିତ୍ର, ଶ୍ରୀରାମ ଚନ୍ଦ୍ରା, ନକାଶ ଅଜିଜ ଓ ସଲମାଲି ଖୋଲଗାଡେଙ୍କ ସହିତ ଓଡ଼ିଶାର ନମିତା ମେଲେକା ଗୀତ ଗାଇବେ। ଗୁରୁ ଅରୁଣା ମହାନ୍ତି ଓ ଜାତୀୟ ପୁରସ୍କାର ବିଜେତା ଶୈମାକ ଦାବର ଏହି କାର୍ଯ୍ୟକ୍ରମର କୋରିଓଗ୍ରାଫ କରିବେ। ଏହା ସହିତ ଅନେକ ସ୍ଥାନୀୟ କଳାକାର ମଧ୍ୟ ଏହି ସନ୍ଧ୍ୟାର ଅଂଶବିଶେଷ ରହିବେ।



ଦିଶା ପଟାନୀ



ରଣବୀର ସିଂ



ଲିସା ମିଶ୍ର



ଶ୍ରେୟା ଲେଙ୍କା

**ହକି ବିଶ୍ୱକପ୍ ଉଦ୍‌ଘାଟନୀ**

**ହକି ବିଶ୍ୱକପ୍**




**ଆଉ ୧୬ ଦିନ**

## କେବଳ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି

**ଭୁବନେଶ୍ୱର, ୨୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହ ପାଇଁ ବୁଧବାରଠାରୁ ଟିକେଟ ବିକ୍ରି ଆରମ୍ଭ ହେବ। କେବଳ ଅନ୍‌ଲାଇନରେ ଏହି ଟିକେଟ ଉପଲବ୍ଧ ଥିବା ବେଳେ ବୁଧବାର ଅପରାହ୍ଣ ୧୨ଟାରୁ ଟିକେଟ ବିକ୍ରି ଆରମ୍ଭ ହେବ। ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ପେଟିଏମ୍ ଇନ୍‌ସାଇଡରରେ ଏହି ଇଭେଣ୍ଟର ଟିକେଟ ଉପଲବ୍ଧ ହେବ।



ସବୁବେଳେ ଲାଇମ୍‌ଲାଇଟ୍‌ରେ ରହିବାକୁ ପସନ୍ଦ କରୁଥିବା ସିନେ କଳାକାର ଅନେକ ସମୟରେ ଏଭଳି କାର୍ଯ୍ୟ କରିଥାଆନ୍ତି, ଯାହା ସେମାନଙ୍କୁ ସ୍ୱତଃ ଚର୍ଚ୍ଚା ଓ ବିବାଦ ଘେରକୁ ଟାଣି ନେଇଥାଏ। ବିଦାୟୀ ବର୍ଷରେ ମଧ ବଲିଉଡ୍ ଓ ହଲିଉଡ୍‌ର ଅନେକ ସେଲିବ୍ରିଟି ନିଜ ନିଜ କାରନାମା ପାଇଁ ଶିରୋନାମା ମଣ୍ଡନ କରିଛନ୍ତି। ଅଭିନେତା ରଣବୀର ସିଂଙ୍କ ଉଲଗ୍ନ ଫଟୋକୁ ବିରୋଧ କରାଯାଇଥିବାବେଳେ ଓସ୍କାର ଭଳି ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପକଙ୍କ ସାମାନ୍ୟ କମେଣ୍ଟକୁ ସହି ନ ପାରି ଆକ୍ଟର ୱିଲ୍ ସ୍ମିଥ୍ ତାଙ୍କୁ ଚାପୁଡ଼ା ମାରିଥିଲେ। ସେହିପରି 'ପଠାନ୍'ରେ ଦୀପିକା ପାଦୁକୋଣଙ୍କ ଗୈରିକ ବସ୍ତ୍ର ଏହି ହାଇବଜେଟ୍ ଫିଲ୍ମକୁ ରିଲିଜ୍ ପୂର୍ବରୁ ବିବାଦୀୟ କରିଛି।

# ଚର୍ଚ୍ଚିତ ସେଲିବ୍ରିଟି



## ଓସ୍କାର ମଞ୍ଚରେ ଚାପୁଡ଼ା

ମାର୍ଚ୍ଚ ୨୭ରେ ଲସ୍ ଏଞ୍ଜେଲସ୍‌ର ଡୋଲଡି ଥିଏଟରରେ ୯୪ତମ ଓସ୍କାର ସମାରୋହରେ କମେଡିଆନ୍ କ୍ରିସ୍ ରକ୍‌ଙ୍କୁ ମଞ୍ଚ ଉପରେ ହଲିଉଡ୍ ସୁପରଷ୍ଟାର ୱିଲ୍ ସ୍ମିଥ୍ ଚାପୁଡ଼ା ମାରିଥିଲେ। ସ୍ମିଥ୍‌ଙ୍କ ସ୍ତ୍ରୀ ଜାଡା ପିନ୍‌କେଟ୍‌ଙ୍କ ଲଣ୍ଡାପଣ ନେଇ କ୍ରିସ୍ ଥଟ୍ଟା କରିବାରୁ ସେ ରାଗିଯାଇଥିଲେ। ସେହିଦିନ ସ୍ମିଥ୍ ଏକାଡେମୀ ଅଫ୍ ମୋଶନ ପିକ୍‌ଚର ଆର୍ଟସ୍ ଆଣ୍ଡ ସାଇନ୍ସକୁ କ୍ଷମା ପ୍ରାର୍ଥନା କରିଥିବାବେଳେ ପରଦିନ ଏକ ଭିଡିଓ ଜାରି କରି କ୍ରିସ୍‌ଙ୍କ ପାଇଁ ସେ ଦୁଃଖିତ ଥିବା କହିଥିଲେ। ପରବର୍ତ୍ତୀ ସମୟରେ ସ୍ମିଥ୍‌ଙ୍କୁ ଏକାଡେମୀ ସଦସ୍ୟତା ଛାଡ଼ିବାକୁ ପଡ଼ିଥିଲା। ଏକାଡେମୀର ନିଷ୍ପତ୍ତିକ୍ରମେ ସ୍ମିଥ୍‌ଙ୍କୁ ୧୦ ବର୍ଷ ଲାଗି ଓସ୍କାର ସମାରୋହରୁ ବାସନ୍ଦ କରାଯାଇଛି।



## ରଣବୀରଙ୍କ ନ୍ୟୁଡ୍ ଫଟୋଶୁଟ୍

ବଲିଉଡ୍‌ର ସବୁଠୁ ଆକ୍ଟିଭ୍ ଅଭିନେତା କୁହାଯାଉଥିବା ରଣବୀର ସିଂ ଜୁଲାଇରେ ବିବାଦରେ ଫସିଯାଇଥିଲେ। ପେପର ମାଗାଜିନ୍ ପାଇଁ ସେ କରିଥିବା ନ୍ୟୁଡ୍ ଫଟୋଶୁଟ୍‌କୁ ନେଇ ବହୁ ଏନ୍‌ଜିଓ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏତଲା ଦିଆଯାଇଥିଲା। ଏନେଇ ରଣବୀରଙ୍କୁ ପୋଲିସ ଜେରା ମଧ କରିଥିଲା। ବିବାଦ ସେତିକିରେ ଥମି ନ ଥିଲା ଅନେକ ସଙ୍ଗଠନ ପୋଷାକ ବଣ୍ଟନର ଅଭିଯାନ ମଧ ଆରମ୍ଭ କରିଦେଲେ। ରଣବୀରଙ୍କ ଉଲଗ୍ନ ଫଟୋକୁ ନେଇ ସୋସିଆଲ ମିଡିଆରେ ମିମ୍ ତିଆରି ଆରମ୍ଭ ହୋଇଥିଲା।



## ଭାଇଜାନ୍‌ଙ୍କୁ ହତ୍ୟା ଧମକ

ହିନ୍ଦୀ ଫିଲ୍ମ ଜଗତର ଅଭିନେତା ସଲମାନ ଖାନ୍‌ଙ୍କୁ ନେଇ ଚର୍ଚ୍ଚା ସୃଷ୍ଟି ହେବା କିଛି ନୂଆ କଥା ନୁହେଁ। ସଲମାନ ଓ ବାପା ସଲିମ ଖାନ୍‌ଙ୍କୁ ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇଙ୍କ ହତ୍ୟା ଧମକକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ଏ ନେଇ ଉଭୟଙ୍କ ଷ୍ଟେଟ୍‌ମେଣ୍ଟ ରେକର୍ଡ କରିଥିଲା ମୁମ୍ବାଇ ପୋଲିସ। ଯେଉଁଥିରେ ସଲମାନ କହିଥିଲେ ଯେ, ତାଙ୍କୁ ସିଧାସଳଖ କୌଣସି ହତ୍ୟା ଧମକ ମିଳିନାହିଁ। ଏହାପରେ ସୁରକ୍ଷା ଦୃଷ୍ଟିରୁ ସଲମାନ ଗନ୍ ଲାଇସେନ୍ସ ଆବେଦନ କରିଥିବାବେଳେ ବୁଲେଟପ୍ରୁଫ୍ କାର୍‌ରେ ବସି ବାହାରକୁ ଯାଉଥିବା ଅନେକ ସମୟରେ ଦେଖାଯାଇଛି।



## ଦୀପିକାଙ୍କ 'ବେସରମ୍ ରଙ୍ଗ୍'

୨୦୨୩ ଜାନୁୟାରୀ ୨୫ରେ ମୁକ୍ତିଲାଭ କରିବାକୁ ଥିବା କିଙ୍ଗ୍ ଖାନ୍ ଶାହାରୁଖଙ୍କ ବିଗ୍ ବଷ୍ଟର ମୁଭି 'ପଠାନ୍' ଏବେଠୁ ବିବାଦ ସୃଷ୍ଟି କରିଛି। ଶାହାରୁଖଙ୍କ ବିପକ୍ଷ ଅଭିନେତ୍ରୀ ଦୀପିକା ପାଦୁକୋଣ 'ବେସରମ୍ ରଙ୍ଗ୍' ଗୀତରେ ପରିଧାନ କରିଥିବା ଗେରୁଆ ରଙ୍ଗର ସ୍ୱଳ୍ପ ବସ୍ତ୍ରକୁ ନେଇ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଫିଲ୍ମର ଟାଇଟଲ୍ ଓ ଗୀତରେ ତାଙ୍କ କାମୋଦ୍ଦିପକ ଅଙ୍ଗଭଙ୍ଗୀକୁ ଅନେକ ଦକ୍ଷିଣପନ୍ଥୀ ସଙ୍ଗଠନ ବିରୋଧ କରିଛନ୍ତି। ଏପରିକି ମଧ୍ୟପ୍ରଦେଶରେ ଫିଲ୍ମ ରିଲିଜ୍ ହେବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ନରୋତ୍ତମ ମିଶ୍ର ଧମକ ଦେଇଛନ୍ତି। ପୂର୍ବରୁ ୨୦୧୮ରେ 'ପଦ୍ମାବତ'କୁ ବିରୋଧ କରି ତୁମୂଳକାଣ୍ଡ ଭିଆଇଥିବା କର୍ଣ୍ଣିସେନା ମଧ ରାଜସ୍ଥାନରେ 'ପଠାନ୍'କୁ ମୁକ୍ତିଲାଭ କରିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛି।

## ସୁସ୍ମିତା-ଲଳିତଙ୍କ ଲଭ୍‌ଷ୍ଟୋରି



ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ପ୍ରତିଷ୍ଠାତା ଅଧ୍ୟକ୍ଷ ଲଳିତ ମୋଦି ଓ ବି.ଟାଉନ୍ ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କ ଲଭଷ୍ଟୋରିକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଲଳିତ ମୋଦି ସୁସ୍ମିତାଙ୍କ ସହ ତାଙ୍କ ଫେଟୋ ସବୁକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ଦୁହେଁ ଜାହାଜରେ ପାର୍ଟି କରିବା ସହ ଅତି ଅନ୍ତରଙ୍ଗ ଭାବେ ପରସ୍ପରକୁ କୋଳାଗ୍ରତ କରି ଧରିଥିବାର ଫଟୋ ମଧ ଦେଖିବାକୁ ମିଳିଥିଲା। ଦୁହେଁ ଖୁବ୍ ଶୀଘ୍ର ବିବାହ କରୁଥିବା କଥା ଲଳିତ କହିଥିଲେ। ତେବେ ତାଙ୍କର ଏ ପ୍ରକାର ବ୍ୟବହାରକୁ ନେଇ ସୁସ୍ମିତା ସିଧାସଳଖ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ପରୋକ୍ଷ ଭାବେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଥିଲେ, 'ମୁଁ ଜାଣିଛି ମୁଁ ଠିକ୍ ରାସ୍ତାରେ ଅଛି। ଯେଉଁମାନେ ମୋତେ ଭରସା କରନ୍ତି ସେମାନେ ସତ ଜାଣିଛନ୍ତି'।





## ସରୋଗେସିରେ ମା' ହେଲେ ନୟନତାରା

ଆଲୋଚ୍ୟ ବର୍ଷ ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ନୟନତାରାଙ୍କ ପାଇଁ ଖୁସି ଓ ବିବାଦ ଭରା ଥିଲା। ଜୁନ୍ ୯ରେ ନୟନତାରା ନିର୍ଦ୍ଦେଶକ ବିଘ୍ନେଶଙ୍କ ହାତ ଧରିଥିଲେ। ବାହାଘରର ମାତ୍ର ୪ ମାସ ପରେ ନୟନତାରା ସରୋଗେସି ଜରିଆରେ ଦୁଇ ପୁତ୍ର ସନ୍ତାନଙ୍କ ମା' ହୋଇଥିବା ଖବର ସୋସିଆଲ ମିଡିଆରେ ଶେୟାର କରିଥିଲେ। ସରୋଗେସି ପଦ୍ଧତି ଉପରେ ରୋକ୍ ଲଗାଯାଇଥିବାବେଳେ ଏହାକୁ ନେଇ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ନାୟିକାଙ୍କୁ ନେଇ ବିବାଦ ମୁଣ୍ଡ ଟେକିଥିଲା । ଏ ନେଇ ରାଜ୍ୟ ସରକାର ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ସେଲିବ୍ରିଟି ଦମ୍ପତି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିଥିଲେ। ଦୁହେଁ ୨୦୧୬ରେ ରେଜିଷ୍ଟ୍ରି ମ୍ୟାରେଜ୍ କରିବା ସହ ୨୦୨୧ରେ ନୟନତାରା ତାଙ୍କ ସମ୍ପର୍କୀୟଙ୍କ ଜରିଆରେ ସରୋଗେସିରେ ଯମଜ ସନ୍ତାନଙ୍କ ମା' ହୋଇଥିଲେ।





## ସେନାକୁ ରିଚାଙ୍କ କଟାକ୍ଷ

ପାକ୍ ଅଧିକୃତ କଶ୍ମୀରକୁ ପାକିସ୍ତାନ କବଳରୁ ଛଡ଼ାଇ ଆଣିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା ନର୍ଦର୍ନ ଆର୍ମି କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିବା ପରେ ବଲିଉଡ୍ ଅଭିନେତ୍ରୀ ରିଚା ଚଡ଼ା ଏହାକୁ କଟାକ୍ଷ କରି ଟୁଇଟରରେ ପୋଷ୍ଟ ଶେୟାର କରିଥିଲେ। ରିଚାଙ୍କ 'ହେଲୋ ଗଲୱାନ୍' ଲେଖାଥିବା ପୋଷ୍ଟକୁ ପଢ଼ିବା ପରେ ବହୁ ନେତା, ମନ୍ତ୍ରୀ ନିନ୍ଦା କରିଥିଲେ। ବଲିଉଡ୍ କଳାକାର ମଧ ଏଥିରୁ ବାଦ୍ ପଡ଼ି ନ ଥିଲେ। ବିବାଦ ଘନେଇବା ଦେଖି ରିଚା ପରବର୍ତ୍ତୀ ମୁହୂର୍ତ୍ତରେ କ୍ଷମା ମାଗିଥିଲେ।

## ଇଡି ଜାଲରେ ଜ୍ୟାକ୍‌ଲିନ୍-ନୋରା

ବିଦାୟୀ ବର୍ଷରେ ବଲିଉଡ୍‌ର ଅନେକ କଳାକାର ମନି ଲଣ୍ଡରିଂ ମାମଲାରେ ଛନ୍ଦି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ଓ ନୋରା ଫତେହି ଅଧିକ ଚର୍ଚ୍ଚାରେ ରହିଛନ୍ତି। ବହୁ ବ୍ୟବସାୟୀଙ୍କଠାରୁ ୨୦୦ କୋଟି ଟଙ୍କା ଠକି ତିହାର ଜେଲରେ ସଜା କାଟୁଥିବା ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କୁ ସହଯୋଗ କରିବା ନେଇ ଏହି ଦୁଇ ବିଦେଶିନୀଙ୍କୁ ତଦନ୍ତ ପରିସରଭୁକ୍ତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଦୁଇ ଅଭିନେତ୍ରୀ ସୁକେଶଙ୍କଠାରୁ ଏକାଧିକ ଦାମୀ ଉପହାର ନେଇଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ, ଏ ମାମଲାକୁ ନେଇ ନୋରା ଓ ଜ୍ୟାକ୍‌ଲିନଙ୍କ ଭିତରେ ଆଉ ଏକ ବିବାଦ ମୁଣ୍ଡ ଟେକିଛି। ଜ୍ୟାକଲିନ୍ ମିଥ୍ୟା ତଥ୍ୟ ଉପସ୍ଥାପନର ଅଭିଯୋଗ ଆଣି ନୋରା ତାଙ୍କ ବିରୋଧରେ କୋର୍ଟରେ ମାନହାନି ମକଦ୍ଦମା କରିଛନ୍ତି। ଜ୍ୟାକ୍‌ଲିନ ଓ ନୋରାଙ୍କୁ ଇଡି ପକ୍ଷରୁ ବହୁବାର ଜେରା କରାଯାଇଛି। ତେବେ ସୁକେଶଙ୍କ କାରବାର ସମ୍ପର୍କରେ ସେମାନେ ଜାଣି ନ ଥିଲେ ଏବଂ ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


MARUTI SUZUKI
NEXA
TOUGH, STYLISH, SPORTY.
AND NOW 2,00,000 CUSTOMERS STRONG.
Ignis, a perfect city car, sets a new milestone.
Join the community of the Tough.
CREATE. INSPIRE.
IGNIS
2 LACS MILESTONE
IGNIS
COMPACT URBAN SUV
17.78 cm Smartplay Studio (Available from Zeta variant onwards)
High Ground Clearance and SUV-lIKE Stance
Auto Gear Shift
Spacious and Comfortable Interiors
1.2L VVT Petrol Engine
NEXA Safety Shield
Standard Across All Variants
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Scan the QR code for more details about the Ignis.
VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
SAMBALPUR: NEXA SAMBALPUR HIGHWAY (ODYSSEY MOTORS PVT. LTD. PH: 7008987669, 8599039994).
SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
Multiple financiers
Digital Document Upload
Live Loan status
Complete transparency (associated fees & charges)
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Offers vary across variants. Maruti Suzuki India Limited reserves the right to discontinue offers without notice. For details on functioning of safety features, kindly refer to the Owner's Manual.